৫১ ধরিত্রী DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 30/2024 Page 16 ₹ 7.00
୫୧ଶ ଭାଗ ୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 7 ମୂଲ୍ୟ₹୭/-



ଭୁବନେଶ୍ୱର ବିମାନ ବନ୍ଦର ପରିସରରେ ଶୁକ୍ରବାର ଅନୁଷ୍ଠିତ ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାପ୍ରଭୁଙ୍କ ଏକ କଳାକୃତି ପ୍ରଦାନ କରୁଛନ୍ତି। ନିକଟରେ ଉପସ୍ଥିତ (ବାମରୁ) କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା।

# ଓଡ଼ିଶାର ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ: ମୋଦି

**ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର)**

ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସମର୍ପିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଡିଜିପି ସମ୍ମିଳନୀରେ ଯୋଗଦେବା ଲାଗି ୩ ଦିନିଆ ଭୁବନେଶ୍ୱର ଗସ୍ତରେ ଆସିଥିବା ମୋଦି ଶୁକ୍ରବାର ବିମାନବନ୍ଦର ନିକଟରେ ଅନୁଷ୍ଠିତ ଜନସଭାରେ ଏହା କହିଛନ୍ତି। ଭାଜପାର ସଫଳତା ପ୍ରଥମେ ଓଡ଼ିଶାରୁ ଆରମ୍ଭ ହେଲା। ଏହା ପରେ ହରିୟାଣା, ମହାରାଷ୍ଟ୍ର ସବୁଠାରେ ଦଳ ଭଲ ପ୍ରଦର୍ଶନ କଲା ବୋଲି ସେ କହିଛନ୍ତି। ଓଡ଼ିଶା ପରେ ମହାରାଷ୍ଟ୍ର, ହରିୟାଣା ଏବଂ ଅନ୍ୟ ଯେଉଁ ସ୍ଥାନରେ ନିର୍ବାଚନ ଫଳାଫଳ ଆସିଛି, ତାହାକୁ ଦେଖିବା ପରେ ସାରା ଦେଶବାସୀଙ୍କ ବିଶ୍ୱାସ କିପରି ଭାଜପା ଉପରେ ବଢ଼ିଛି ତାହା ପରିଲକ୍ଷିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶୁକ୍ରବାର ଅପରାହ୍ଣ ୪ଟା ୨୦ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପହଞ୍ଚିଥିଲେ। ସେଠାରେ ଭାଜପା ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀ 'ଜୟ ଜଗନ୍ନାଥ'ରୁ ତାଙ୍କ ଭାଷଣ ଆରମ୍ଭକରି କହିଥିଲେ,

## ବିରୋଧୀ କ୍ଷମତା ପାଇଁ ଏବେ ଦେଶ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି

ବିମାନବନ୍ଦର ପାଖରେ ଏତେ ସଂଖ୍ୟାରେ ଲୋକଙ୍କ ଆସିବା ହିଁ ଆପଣମାନଙ୍କ ଭଲପାଇବାକୁ ଦର୍ଶାଉଛି। ଆପଣମାନଙ୍କ ମୁହଁର ଖୁସି ଏବଂ ଉର୍ଜା ପରିଲକ୍ଷିତ ହେଉଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାଜପା ସରକାର ବିରୋଧରେ ବିରୋଧୀମାନେ ସକାଳ, ସନ୍ଧ୍ୟାରେ ଅପପ୍ରଚାର କରୁଛନ୍ତି। କିନ୍ତୁ ଜନସାଧାରଣ ଭାଜପା ସରକାରର କାମ ଦେଖି ଆଶୀର୍ବାଦ ଦେବାକୁ ଓହ୍ଲାଇ ଆସୁଛନ୍ତି। ନିର୍ବାଚନର କିଛି ମାସ ପୂର୍ବ ପର୍ଯ୍ୟନ୍ତ ବଡ଼ ବଡ଼ ରାଜନୈତିକ ବିଶାରଦ ଓଡ଼ିଶାରେ ଭାଜପାକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରୁଥିଲେ। ସେମାନେ କହୁଥିଲେ, ଓଡ଼ିଶାରେ ଭାଜପା ଏତେବଡ଼ ଶକ୍ତି ହୋଇପାରିବ ନାହିଁ ଏବଂ ନିଜ ବଳରେ ଏଠାରେ ସରକାର କରିପାରିବ ନାହିଁ। ହେଲେ ଯେତେବେଳେ ଫଳାଫଳ ଆସିଲା, ସେମାନେ ବିଚଳିତ ହୋଇଗଲେ। ଯେତେବେଳେ ରାଜ୍ୟରେ ଆମ ସରକାର ନ ଥିଲା କେନ୍ଦ୍ର ଯୋଜନାର ନାମ ବଦଳାଇ ଦିଆଯାଉଥିଲା। ତଥାପି ସେତେବେଳେ ଓଡ଼ିଶାର ବିକାଶ ପାଇଁ ସମ୍ପୂର୍ଣ୍ଣ ମନୋବୃତ୍ତି ସହକାରେ କେନ୍ଦ୍ର ସରକାର କାର୍ଯ୍ୟ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ସରକାରର ମନ୍ତ୍ରୀ ପରିଷଦରେ ଯେତିକି ଓଡ଼ିଆଙ୍କ ପ୍ରତିନିଧିତ୍ୱ ଗତ ୧୦ ବର୍ଷ ଭିତରେ ରହିଛି ଆଗରୁ ଏହା କେବେ ହେଲେ ନ ଥିଲା। ରାଜ୍ୟରେ ଯେଉଁ ସରକାର ରହିଛି ସେମାନେ କେନ୍ଦ୍ର ସରକାରକୁ ସମର୍ଥନ କରୁଛି ବା ନ କରୁଛି ସେକଥା ଆମେ ଭାବିନାହୁଁ। ଆମ କାର୍ଯ୍ୟକର୍ତ୍ତାଙ୍କୁ ଏହା ଭଲ ଲାଗୁଛି ନ ଲାଗୁଛି ସେକଥା ମଧ୍ୟ ଭାବି ନ ଥିଲୁ। ଓଡ଼ିଶାର ଭଲ କାମ ହେବା କଥା କେବଳ ଚିନ୍ତା କରିଥିଲୁ। ଭାଜପା ଉପରେ ଓଡ଼ିଶା ଲୋକଙ୍କ ବିଶ୍ୱାସ ବଢ଼ିଲା। ଆପଣ ସମସ୍ତେ ୩ୟ ଥର ଲାଗି ଦେଶରେ ଭାଜପା ସରକାରକୁ ଭୋଟ ଦେଲେ। ଦୁନିଆର ☞ପୃଷ୍ଠା-୨

# ଜିଡିପି ଅଭିବୃଦ୍ଧି ୫.୪%କୁ ହ୍ରାସ

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.)**

ଭାରତର ଆର୍ଥିକ ଅଭିବୃଦ୍ଧି ଜୁଲାଇ-ସେପ୍ଟେମ୍ବରରେ ପାଖାପାଖି ୨ ବର୍ଷ ତଳକୁ ଖସି ୫.୪ ପ୍ରତିଶତ ହୋଇଛି। ଉତ୍ପାଦନ ଏବଂ ଖଣି ସେକ୍ଟରରେ ଖରାପ ପ୍ରଦର୍ଶନ ଯୋଗୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ହ୍ରାସ ପାଇଛି। ଆଗାମୀ ୩ ବର୍ଷରେ ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବା ସହ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବା ସହ ୨୦୩୦ ବେଳକୁ ୭ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅଭିବୃଦ୍ଧି ହାର ୫.୪ ପ୍ରତିଶତକୁ ହ୍ରାସ ପାଇବା ଚିନ୍ତାଜନକ ହୋଇଛି। ତଥାପି ଭାରତ ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ରହିଥିବା ଶୁକ୍ରବାର ପ୍ରକାଶିତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟରୁ ଜଣାପଡ଼ିଛି। କାରଣ ଏହି ସମୟରେ ଚାଇନାର ଜିଡିପି ଅଭିବୃଦ୍ଧି ୪.୬% ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି ୮.୧ ପ୍ରତିଶତ ଥିଲା। ଏହା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଅଭିବୃଦ୍ଧି ୪.୩ ପ୍ରତିଶତ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟ ଅନୁଯାୟୀ, କୃଷି ସେକ୍ଟର ଅଭିବୃଦ୍ଧି ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍) ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ବର୍ଷେ ପୂର୍ବରୁ ୧.୭ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ ଏହି ତ୍ରୈମାସିକରେ ଉତ୍ପାଦନ ସେକ୍ଟର ଜିଭିଏ ୨.୨ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ବର୍ଷେ ପୂର୍ବରୁ ୧୪.୩ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହିପରି ଖଣି ଖନନ ଓ ଉତ୍ତୋଳନ ସେକ୍ଟର ଜିଭିଏ ବର୍ଷେ ପୂର୍ବରୁ ୧୧.୧ ପ୍ରତିଶତ ଥିବାବେଳେ ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ତାହା ୦.୦୧ ପ୍ରତିଶତକୁ ହ୍ରାସ ପାଇଛି।

ଆର୍ଥିକ କାରବାର, ରିଅଲ ଇଷ୍ଟେଟ୍ ଏବଂ ପେସାଦାର ସେବା ଜିଭିଏ ୬.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ପୂର୍ବବର୍ଷ ଏହି ସମୟରେ ୬.୨ ପ୍ରତିଶତ ଥିଲା। ବିଦ୍ୟୁତ୍, ଗ୍ୟାସ୍, ପାଣି ଯୋଗାଣ ଓ ଅନ୍ୟାନ୍ୟ ସେବା୩.୩ ପ୍ରତିଶତ ରହିଛି, ଯାହାକି ବର୍ଷେ ପୂର୍ବରୁ ୧୦.୫ ପ୍ରତିଶତ ରହିଥିଲା। ଦ୍ୱିତୀୟ ତ୍ରୈମାସିକରେ ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ୭.୭ ପ୍ରତିଶତକୁ ହ୍ରାସ ପାଇଛି, ଯାହା ବର୍ଷେ ପୂର୍ବରୁ ୧୩.୬ ପ୍ରତିଶତ ଥିଲା।

ଏପ୍ରିଲ-ଜୁଲାଇ ତ୍ରୈମାସିକରେ ଦେଶର ଆର୍ଥିକ ଅଭିବୃଦ୍ଧି ୬.୭ ପ୍ରତିଶତ ରହିଥିଲା। ଦ୍ୱିତୀୟ ତ୍ରୈମାସିକରେ ପ୍ରକୃତ ☞ପୃଷ୍ଠା-୨




## ଜଟଣୀ ଧରିତ୍ରୀ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

**ଖୋର୍ଦ୍ଧା, ୨୯।୧୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ହାଟବଜାର ନିକଟରେ ଶୁକ୍ରବାର ଧରିତ୍ରୀ ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ ହୋଇଛି। ଏପରିକି ମୁଣ୍ଡରେ ବନ୍ଧୁକ ଲଗାଇବା ସହ ତାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ହାଟବଜାର (ଜଟଣୀ ଗ୍ରାମ)ର ଚିନୁ ବସ୍ତିଆ ଏବଂ ତାଙ୍କର ୧୦ଜଣ ସହଯୋଗୀ ଆକ୍ରମଣ କରିଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ☞ପୃଷ୍ଠା-୨



ରବୀନ୍ଦ୍ରନାଥ ମହାକୁଡ଼

## କାର୍‌ରୁ ୭୩ ରୁପା ଇଟା ଜବତ

**ଖଲ୍ଲିକୋଟ, ୨୯।୧୧ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଗୁରାପଲ୍ଲି ଟୋଲ୍‌ଗେଟ୍ ନିକଟରେ ଏକ କାରରୁ ୭୩ଟି ରୁପା ଇଟା ଜବତ ହୋଇଛି। ୮୮ କିଲୋଗ୍ରାମର ଏହି ରୁପା ଇଟା ବ୍ରହ୍ମପୁରରୁ କୋଲକାତା ଚାଲାଣ କରାଯାଉଥିଲା। ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ସେମାନେ ହେଲେ ପ୍ରଦୀପ ସାଙ୍ଖ (୩୨) ଓ ଅରୂପ ଭୂୟାଁ। ଖବରରୁ ଜଣାପଡ଼ିଛି, ଗୁରାପଲ୍ଲି ଟୋଲ୍‌ଗେଟ ନିକଟରେ ଥାନା ଅଧିକାରୀ ରମେଶ ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଆସୁଥିବା ଏକ କାରକୁ ସନ୍ଦେହରେ ଅଟକାଇ ପୋଲିସ କର୍ମଚାରୀମାନେ ଯାଞ୍ଚ କରିଥିଲେ। ସେଥିରେ ରୁପା ଇଟା ବ୍ରହ୍ମପୁରରୁ କୋଲକାତା ଯାଉଥିବା ଏବଂ ତା'ର କୌଣସି ବିଲ୍ କିମ୍ବା ଜିଏସ୍‌ଟି ବିଲ୍ ନ ଥିବା ଯାଞ୍ଚ ବେଳେ ପୋଲିସ ଜାଣିବାକୁ ପାଇଥିଲା। କାରରେ ଥିବା ୨ ବ୍ୟବସାୟୀଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ମାତ୍ର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ କାର (ନଂ. ଓଡି ୩୩ ଏଏ-୭୦୬୨) ସହ ସେଥିରେ ଥିବା ୭୩ଟି ରୁପାଇଟା ଓ ନଗଦ ୫ ଲକ୍ଷ ୪୬ ହଜାର ୬୦୦ ଟଙ୍କା ପୋଲିସ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଠିକଣା ବଦଳିବ**






## ସଂକ୍ଷେପରେ

### ଗାଜାରେ ଇସ୍ରାଏଲ୍‌ର ଆକ୍ରମଣ: ୪୦ ମୃତ

କାଏରୋ,୨୯।୧୧

ଇସ୍ରାଏଲୀ ସେନା ଗୁରୁବାର ରାତିରେ ଗାଜା ଷ୍ଟ୍ରିପ୍‌ରେ ଆକ୍ରମଣ ଜାରି ରଖିବାରୁ ଅନ୍ୟୂନ ୪୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଆକ୍ରମଣରେ ନୁସେଇରାତ୍ ରିଫ୍ୟୁଜି କ୍ୟାମ୍ପ୍‌ରେ ଥିବା ୧୯ ଜଣ ପ୍ରାଣ ହରାଇଛନ୍ତି। ଚଢ଼ାଉ ପରେ ଇସ୍ରାଏଲ୍ ତାହାର କେତେକ ଯୁଦ୍ଧଟ୍ୟାଙ୍କ୍‌କୁ ଫେରାଇ ନେଇଥିବାବେଳେ ପଶ୍ଚିମ ଭାଗରେ ଟ୍ୟାଙ୍କଗୁଡ଼ିକ ସକ୍ରିୟ ରହିଛନ୍ତି। ଅନ୍ୟପକ୍ଷରେ ଗାଜା ଷ୍ଟ୍ରିପ୍‌ର ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟକରି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ ଗୁରୁବାର କହିଥିଲା।

### ଚିନ୍ମୟ ଦାସଙ୍କ ସମେତ ୧୭ ଜଣଙ୍କ ବ୍ୟାଙ୍କ ଖାତା ଅଚଳକଲା ବାଂଲାଦେଶ

ଢାକା, ୨୯।୧୧ (ପି.ଟି.)

ବାଂଲାଦେଶରେ ଇସ୍କନର ପୂର୍ବତନ ମୁଖ୍ୟ ଚିନ୍ମୟ କୃଷ୍ଣ ଦାସ୍‌ଙ୍କ ଗିରଫଦାରି ଏବଂ ହିନ୍ଦୁମାନଙ୍କ ଉପରକୁ ବଢ଼ୁଥିବା ଆକ୍ରମଣ ମଧ୍ୟରେ ଦେଶରେ ଇସ୍କନ ସହ ଜଡ଼ିତ ୧୭ ଜଣଙ୍କର ବ୍ୟାଙ୍କ ଖାତାକୁ ୩୦ ଦିନ ପର୍ଯ୍ୟନ୍ତ ଅଚଳ କରି ଦିଆଯାଇଛି। ଏହି ତାଲିକାରେ ଗିରଫ ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସ୍ ମଧ୍ୟ ରହିଛନ୍ତି। ବାଂଲାଦେଶର ଆର୍ଥିକ କର୍ତ୍ତୃପକ୍ଷ ଏ ସମ୍ପର୍କିତ ନିର୍ଦ୍ଦେଶ ଜାରି କରିଛନ୍ତି। ରିପୋର୍ଟ ଅନୁଯାୟୀ, ଶୁକ୍ରବାର ବାଂଲାଦେଶର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍(ବିଏଫଆଇୟୁ) ଦେଶର ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଇସ୍କନ ସହ ଜଡ଼ିତ ଉକ୍ତ ୧୭ ଜଣ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ୩୦ ଦିନ ଧରି ଅଚଳ କରାଯିବା ସହ ଏଥିରେ ଟଙ୍କା ଦେଣନେଣକୁ ନିଷେଧ କରାଯିବ। ଅନ୍ୟପକ୍ଷରେ, ବାଂଲାଦେଶରେ ଥିବା ସମସ୍ତ ସଂଖ୍ୟାଲଘୁ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ଦେଶର ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ପଡ଼ୋଶୀ ଦେଶରେ ହିନ୍ଦୁ ସମେତ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରକୁ ବଢ଼ୁଥିବା ହିଂସା ମାମଲା ଚିନ୍ତାଜନକ ବୋଲି ସେ କହିଛନ୍ତି।

# ଶାନ୍ତି ବଜାୟ ରଖିବାକୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ

## ସମ୍ଭଲ ମସ୍‌ଜିଦ ବିବାଦ



ନୂଆଦିଲ୍ଲୀ,୨୯।୧୧(ପି.ଟି.)

### ତଳକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ଉତ୍ତରପ୍ରଦେଶର ସମ୍ଭଲରେ ଥିବା ମୋଗଲ ଯୁଗର ଶାହି ଜାମା ମସ୍‌ଜିଦ ମାମଲାରେ ସମସ୍ତ କାର୍ଯ୍ୟାନୁଷ୍ଠାନ ଓ ସର୍ଭେକୁ ସାମୟିକ ଭାବେ ବନ୍ଦ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ସମ୍ଭଲ ଟ୍ରାଏଲ୍ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ହିଂସା ପ୍ରଭାବିତ ସମ୍ଭଲରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମସ୍‌ଜିଦ ସ୍ଥାନରେ ପୂର୍ବରୁ ହରିହର ମନ୍ଦିର ଥିଲା। ମୋଗଲ ସମ୍ରାଟ ବାବର ୧୫୨୬ରେ ଏହାକୁ ଭାଙ୍ଗି ମସ୍‌ଜିଦ ନିର୍ମାଣ କରିଥିବା ହିନ୍ଦୁପକ୍ଷ ଦାବି କରିଥିବାବେଳେ ଗତ ୧୯ରେ ସମ୍ଭଲର ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ କୋର୍ଟ ମସ୍‌ଜିଦର ସର୍ଭେ ପାଇଁ ଆଡଭୋକେଟ କମିଶନରଙ୍କୁ କହିଥିଲେ। ୨୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ କାର୍ଯ୍ୟ ଆରମ୍ଭ ହେବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସଂଘର୍ଷରେ ୪ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ତେବେ ସମ୍ଭଲ ଜିଲାରେ ଶାନ୍ତି ବଜାୟ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଆଡଭୋକେଟ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ସର୍ଭେ ରିପୋର୍ଟକୁ ଜଉମୁଦ ଲଫାପାରେ ରଖିବା ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନ ଖୋଲିବାକୁ ଖଣ୍ଡପୀଠ କହିଛନ୍ତି। ସେହିପରି କୋର୍ଟ ସର୍ଭେ ନିର୍ଦ୍ଦେଶ ବିରୋଧରେ ଶାହି ଜାମା ମସ୍‌ଜିଦ କମିଟି ଦାଏର କରିଥିବା ପିଟିଶନକୁ ୩ କାର୍ଯ୍ୟ ଦିବସ ମଧ୍ୟରେ ଆଲ୍ଲାହାବାଦ ହାଇକୋର୍ଟରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଇବା ନିମନ୍ତେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ଏଥିପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

### ଶାହି ଇଦ୍‌ଗା କମ୍ପ୍ଲେକ୍ସ ବିବାଦ ଶୁଣାଣି ୯ରେ

ମଥୁରାର ଶାହି ଇଦ୍‌ଗା କମ୍ପ୍ଲେକ୍ସ ବିବାଦ ମାମଲାରେ ମସ୍‌ଜିଦ କମିଟି କରିଥିବା ଆବେଦନର ଶୁଣାଣି ଡିସେମ୍ବର ୯ରେ କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଗା ବିବାଦ ସମ୍ପର୍କିତ ହିନ୍ଦୁ ପକ୍ଷର ୧୮ଟି ମାମଲାର ବିଚାରଯୋଗ୍ୟତାକୁ ଚ୍ୟାଲେଞ୍ଜ କରି ମସ୍‌ଜିଦ କମିଟି ଦାଏର କରିଥିବା ପିଟିଶନକୁ ଆଲ୍ଲାହାବାଦ ହାଇକୋର୍ଟ ଅଗଷ୍ଟ ୧ରେ ଖାରଜ କରିଦେଇଥିଲେ। ଏହା ବିରୋଧରେ ମସ୍‌ଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଡିସେମ୍ବର ୯ ଅପରାହ୍ନ ୨ଟାରେ ଏହାର ସବିଶେଷ ଶୁଣାଣି ହେବ ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି।

## ଚତୁର୍ଥ ଦିନ ପାଇଁ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

### ସୋମବାର ଯାଏ ଉଭୟ ଗୃହ ମୁଲତବୀ

ଆଦାନୀ ଗ୍ରୁପ୍ ଲାଞ୍ଚ ପ୍ରସଙ୍ଗ ଏବଂ ଉତ୍ତରପ୍ରଦେଶର ସମ୍ଭଲ ହିଂସାକୁ ନେଇ ବିରୋଧୀ ଏମ୍‌ପିମାନେ ହଟ୍ଟଗୋଳ ଜାରି ରଖିଥିବାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ କ୍ରମାଗତ ଭାବେ ଚତୁର୍ଥ ଦିନ ପାଇଁ ଚାଲିପାରି ନାହିଁ। ଫଳରେ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ଶୁକ୍ରବାର ସକାଳେ ଉଚ୍ଚ ସଦନରେ ଅଧିବେଶନ ଆରମ୍ଭ କରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ, ରୁଲ୍ ୨୬୭ ଅନୁଯାୟୀ, ଗୃହର ଧାର୍ଯ୍ୟ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ ୧୭ଟି ନୋଟିସ ମିଳିଛି। ବିରୋଧୀ ଏମ୍‌ପିମାନେ ଆଦାନୀ ଗ୍ରୁପ୍ ବିରୋଧରେ ଦୁର୍ନୀତି ଅଭିଯୋଗ ଏବଂ ସମ୍ଭଲ ସାମ୍ପ୍ରଦାୟିକ ହିଂସା ପ୍ରସଙ୍ଗ ତଥା ମଣିପୁର ଜାତିଆଣ ସଂଘର୍ଷ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ସମସ୍ତ ନୋଟିସକୁ ଧନ୍‌କର ଖାରଜ କରିଦେବାରୁ ବିରୋଧୀମାନେ ସ୍ଲୋଗାନବାଜି ଦେଇ ଗୃହରେ ହଟ୍ଟଗୋଳ କରିଥିଲେ। ଗୃହରେ ବିଶୃଙ୍ଖଳା ସୃଷ୍ଟି ଲାଗି ରୁଲ୍ ୨୬୭କୁ ଅସ୍ତ୍ର କରାଯାଉଛି ବୋଲି ସେ କହିବାରୁ କଂଗ୍ରେସ ସମେତ ବିରୋଧୀ ଦଳର ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ। ଗୃହକାର୍ଯ୍ୟ ଚାଲି ନ ପାରିବାରୁ ଏହାକୁ ଧନ୍‌କର ଡିସେମ୍ବର ୨ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଆଦାନୀ ବିବାଦ ଓ ସମ୍ଭଲ ହିଂସାକୁ ନେଇ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଏମ୍‌ପିମାନେ ଗୃହ ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଏବେ ପ୍ରଶ୍ନୋତ୍ତର ସମୟ ହୋଇଥିବାରୁ ଗୃହ ଚାଲିବାକୁ ଦେବାକୁ ବାଚସ୍ପତି ଓମ୍ ବିର୍ଲା ଅନୁରୋଧ କରିଥିଲେ। ଏହି ସମୟ ମଧ୍ୟରେ ମାତ୍ର ୨ଟି ପ୍ରଶ୍ନ ଉପରେ ଆଲୋଚନା ପରେ ପୁଣି ହଟ୍ଟଗୋଳ ହୋଇଥିଲା। ଫଳରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ସମାନ ପରିସ୍ଥିତି ଉପୁଜିବାରୁ ଲୋକ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।



ବଙ୍ଗୋପସାଗରରେ ସୃଷ୍ଟ ଡିପ୍ ଡିପ୍ରେଶନ୍ ସାମୁଦ୍ରିକ ବାତ୍ୟା 'ଫେଙ୍ଗାଲ'ରେ ପରିଣତ ହେବାକୁ ଯାଉଥିବାବେଳେ ପାଣିପାଗ ବିଭାଗର ପରାମର୍ଶକ୍ରମେ ତାମିଲନାଡୁର ତିରୁଚିରାପଲ୍ଲୀରେ ମତ୍ସ୍ୟଜୀବୀମାନେ ସେମାନଙ୍କ ବୋଟକୁ ସମୁଦ୍ରରୁ ସ୍ଥଳଭାଗକୁ ନେଇଆସୁଛନ୍ତି।

## ବସ୍ ଦୁର୍ଘଟଣାରେ ୧୨ ମୃତ

ମୁମ୍ବାଇ, ୨୯।୧୧

ମହାରାଷ୍ଟ୍ରର ଭଣ୍ଡାରା ଜିଲା ଗୋନ୍ଦିଆଠାରେ ଏକ ବସ୍ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪ ଜଣ ଆହତ ହୋଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ନାଗପୁରରୁ ଗୋନ୍ଦିଆ ଯାଉଥିବାବେଳେ ଦଭା ଗ୍ରାମ ନିକଟରେ ଏହା ସମ୍ମୁଖକୁ ହଠାତ୍ ଏକ ବାଇକ ଚାଲିଆସିଥିଲା। ଧକ୍କାରୁ ବର୍ତ୍ତିବା ପାଇଁ ଡ୍ରାଇଭର ଜଣକ ବସ୍‌କୁ ବୁଲାଇ ଦେଇଥିବାବେଳେ ଏହା ନିୟନ୍ତ୍ରଣ ହରାଇ ଏକ ଖାଇରେ ଓଲଟି ପଡ଼ିଥିଲା। ଉକ୍ତ ବସ୍‌ରେ ୩୬ ଜଣ ଯାତ୍ରୀ ରହିଥିଲେ। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଜଣକ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରେ ଆମ୍ବୁଲାନ୍ସ ଏବଂ ପୋଲିସ୍ ଟିମ ପହଞ୍ଚି ଆହତ ବ୍ୟକ୍ତିମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତିକରିଛନ୍ତି।

## ମହାଯୁତି ବୈଠକ ସ୍ଥଗିତ

ମୁମ୍ବାଇ,୨୯।୧୧(ପି.ଟି.)

### ମହାରାଷ୍ଟ୍ର ସରକାର ଗଠନ ବିଳମ୍ବିତ ହେବ

ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୬ ଦିନ ବିତିଥିଲେ ମଧ୍ୟ କିଏ ମୁଖ୍ୟମନ୍ତ୍ରୀ ହେବେ ତାକୁ ନେଇ ଉତ୍କଣ୍ଠା ଜାରି ରହିଛି। ମହାଯୁତିର ୩ ନେତା ଦେବେନ୍ଦ୍ର ଫଡ୍‌ନବିସ୍, ଏକନାଥ ଶିନ୍ଦେ ଏବଂ ଅଜିତ ପାୱାର ଗୁରୁବାର ରାତିରେ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ବୈଠକ କରିଥିଲେ। ଏହାପରେ ଶୁକ୍ରବାର ମୁମ୍ବାଇରେ ମେଣ୍ଟ ବୈଠକ ବସି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ହେବାକୁ ଥିବାବେଳେ ଶିନ୍ଦେ ନିଜ ଜନ୍ମସ୍ଥାନ ଯାଇଥିବାରୁ ବୈଠକକୁ ସ୍ଥଗିତ ରଖାଯାଇଛି। ଫଳରେ ମହାରାଷ୍ଟ୍ରରେ ସରକାର ଗଢ଼ିବା ବିଳମ୍ବିତ ହେବ ବୋଲି କୁହାଯାଉଛି।

ତେବେ ଶିନ୍ଦେ ହଠାତ୍ ନିଜ ଗାଁକୁ ଯିବା ଲାଗି ନିଷ୍ପତ୍ତି ନେବାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସରକାର ଗଠନ ଆଲୋଚନାରେ ସେ ସନ୍ତୁଷ୍ଟ ନ ଥିବା କେତେଜଣ କହୁଥିବାବେଳେ ତାଙ୍କ ଦଳ ଏହାକୁ ଖଣ୍ଡନ କରିଛି। ତାଙ୍କର ଗାଁକୁ ଯିବାର ଥିଲା ଏବଂ ସେ ଶନିବାର ଫେରିଆସିବେ ବୋଲି ଶିବସେନା ନେତା ଉଦୟ ସାମନ୍ତ କହିଛନ୍ତି। ଭାଜପାକୁ ରେକର୍ଡ ବିଜୟୀ କରାଇଥିବା ଦେବେନ୍ଦ୍ର ଫଡ୍‌ନବିସ୍ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବିଭିନ୍ନ ସୂତ୍ରରୁ କୁହାଯାଇଛି। ବର୍ତ୍ତମାନର ସୂତ୍ର ଜଣେ ମୁଖ୍ୟମନ୍ତ୍ରୀ ଏବଂ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ପଦ କାଏମ ରହିବ। ତେବେ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ଆଗ୍ରହୀ ନ ଥିବା ଜଣାପଡ଼ିଛି। ସୂତ୍ର ଅନୁଯାୟୀ, ଭାଜପା ନିଜ ପାଖରେ ଗୃହ ବିଭାଗ ରଖିବାକୁ ଥିବାବେଳେ ଅଜିତ ପାୱାରଙ୍କ ଏନ୍‌ସିପିକୁ ଅର୍ଥ ଏବଂ ଶିନ୍ଦେଙ୍କ ସେନାକୁ ସହରାଞ୍ଚଳ ବିକାଶ ଓ ପୂର୍ତ୍ତ ବିଭାଗ ମିଳିପାରେ।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଭାରତୀୟ ଯୁବକ ଗିରଫ

ନୂଆଦିଲ୍ଲୀ, ୨୯।୧୧

ଗୁପ୍ତଚରଗିରି ଅଭିଯୋଗରେ ଭାରତୀୟ ନାଗରିକ ଦିନେଶ ଗୋହିଲଙ୍କୁ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଛି। ଭାରତୀୟ ତଟସୁରକ୍ଷା ଏବଂ ସାମୁଦ୍ରିକ ସୀମା ଅଭିଯାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାକିସ୍ତାନକୁ ପଠାଯାଉଥିବା ନେଇ ଗୋଇନ୍ଦା ଖବର ପାଇବା ପରେ ଏଟିଏସ୍ ପକ୍ଷରୁ ନଜର ରଖାଯାଇଥିଲା। ଓଖା ଅଞ୍ଚଳର ଗୋହିଲ ଉପରେ ଏଟିଏସ୍ ନଜର ରଖିବା ପରେ ତାଙ୍କୁ ଗିରଫ କରିଛି। ସେ ତଟସୁରକ୍ଷା ବାହିନୀ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୂର୍ବରୁ ଶେୟାର କରିଥିବା ତଦନ୍ତରୁ ଜଣାପଡ଼ିଛି। ହ୍ୱାଟ୍ସଆପ୍ ଜରିଆରେ ଗୋହିଲ ପାକିସ୍ତାନୀ ସେନା ଏବଂ ଆଇଏସ୍‌ଆଇ ସହ କିଛିଦିନ ହେଲା ଯୋଗାଯୋଗ ରଖିଥିବା ନେଇ ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ଗୋଇନ୍ଦା ସୂଚନା ମିଳିଥିଲା। ଏଟିଏସ୍ ଏକ ଟିମ୍ ଗଠନ କରିବା ସହ ଗୋହିଲଙ୍କୁ ଜେରା ପାଇଁ ଅହମଦାବାଦ କାର୍ଯ୍ୟାଳୟକୁ ଡାକିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଗୋହିଲ ଓଖା ଜେଟିରେ ୩ ବର୍ଷ ହେଲା ତଟସୁରକ୍ଷା ବୋଟ୍‌ର ରିପେୟାର ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ୭ ମାସ ହେଲା ସେ ପାକିସ୍ତାନ ନୌସେନାରେ କାର୍ଯ୍ୟରତ ସାହିମା ନାମ୍ନୀ ମହିଳାଙ୍କ ଫେସ୍‌ବୁକ୍ ପ୍ରୋଫାଇଲ୍ ସହ ଯୋଗାଯୋଗରେ ଥିଲେ। ସାହିମା ଗୋହିଲଙ୍କୁ ହ୍ୱାଟ୍ସଆପ୍‌ରେ ସଂଯୋଗ କରାଇଥିଲେ। ଓଖା ବନ୍ଦରରେ ରହୁଥିବା ତଟସୁରକ୍ଷା ଜାହାଜ ସମ୍ପର୍କରେ ସୂଚନା ଦେଲେ ପ୍ରତି ସୂଚନା ପାଇଁ ୨୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ସାହିମା ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପ୍ରଲୋଭିତ ହୋଇ ଗୋହିଲ ହ୍ୱାଟ୍ସଆପ୍ ଜରିଆରେ ବୋଟଗୁଡ଼ିକର ନାଁ ଏବଂ ନମ୍ବର ସାହିମାଙ୍କୁ ଜଣାଇଥିଲେ। ଗୋହିଲ ଓ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ସାହିମା ମୋଟ ୪୨ ହଜାର ଟଙ୍କା ଟ୍ରାନ୍ସଫର କରିଥିବା ତଦନ୍ତରୁ ଜଣାପଡ଼ିଛି।

## ସମ୍ପର୍କ ଭାଙ୍ଗିବା ଆତ୍ମହତ୍ୟା ପାଇଁ ଉସ୍‌କାଇବା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୧୧ (ପି.ଟି.)

ସମ୍ପର୍କ ଭାଙ୍ଗିଯିବା କିମ୍ବା ବିବାହ ପାଇଁ ମନା କରିବା ମାନସିକ ପୀଡ଼ାଦାୟକ ହୋଇପାରେ, କିନ୍ତୁ ଏପରି କରିବାକୁ ଆତ୍ମହତ୍ୟା ପାଇଁ ଉସ୍‌କାଯାଇଛି ବୋଲି କୁହାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆପରାଧିକ ଉଦ୍ଦେଶ୍ୟ ରଖି ସମ୍ପର୍କକୁ ଭଙ୍ଗାଗଲେ ଆତ୍ମହତ୍ୟା ପାଇଁ ଉସ୍‌କାଯାଇଛି ବୋଲି କୁହାଯାଇପାରେ। ଜଷ୍ଟିସ୍ ପଙ୍କଜ ମିଥଲ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କର୍ନାଟକ ହାଇକୋର୍ଟଙ୍କ ଏକ ନିଷ୍ପତ୍ତିକୁ ଓଲଟାଇ ଏପରି ଟିପ୍ପଣୀ କରିଛନ୍ତି।

## ସାପକାମୁଡ଼ାକୁ ସୂଚନୀୟ ରୋଗ ଘୋଷଣାକଲା କେନ୍ଦ୍ର

ନୂଆଦିଲ୍ଲୀ,୨୯।୧୧

ଭାରତରେ ସାପକାମୁଡ଼ା ଓ ତତ୍‌ଜନିତ ମୃତ୍ୟୁକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନୀୟ ରୋଗ ଘୋଷଣା କରିଛି। ଦେଶରେ ବର୍ଷକୁ ୩ରୁ ୪ ନିୟୁତ ସାପ କାମୁଡ଼ା ଘଟୁଥିବାବେଳେ ସେଥିରୁ ପ୍ରାୟ ୫୦, ୦୦୦ ଜଣଙ୍କର ମୃତ୍ୟୁ ହେଉଥିବା ଏକ ତଥ୍ୟରୁ ଜଣାପଡ଼ିବା ପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସାରା ବିଶ୍ୱରେ ମୋଟ ଯେତିକି ସାପକାମୁଡ଼ା ମୃତ୍ୟୁ ଘଟୁଛି, ତାହାର ଅଧା ଭାରତରେ। ତେବେ ଏନେଇ ସରକାରଙ୍କ ପାଖରେ ଉପଯୁକ୍ତ ରିପୋର୍ଟ କରାଯାଉ ନ ଥିବାରୁ ବଡ଼ ସମସ୍ୟା ସୃଷ୍ଟି ହୋଇଛି।



କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ସାପକାମୁଡ଼ାକୁ ଗୁରୁତ୍ୱ ଦେଇ ଏହା ଏକ ଉଲ୍ଲେଖନୀୟ ଜନସ୍ୱାସ୍ଥ୍ୟ ସମସ୍ୟା ବୋଲି କହିଛନ୍ତି। ସାପକାମୁଡ଼ା ଯୋଗୁ ଲୋକଙ୍କ ମୃତ୍ୟୁ ଘଟିବା ସହ ରଗ୍ଣ ଏବଂ ବିକଳାଙ୍ଗ କରିଦେଉଛି। କୃଷକ ଓ ଆଦିବାସୀ ଲୋକଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସଚିବମାନଙ୍କୁ ପତ୍ର ଲେଖି ସାପକାମୁଡ଼ା ଓ ମୃତ୍ୟୁକୁ ରାଜ୍ୟ ଜନସ୍ୱାସ୍ଥ୍ୟ ଆଇନ କିମ୍ବା ଅନ୍ୟାନ୍ୟ ଆଇନ ଅନୁଯାୟୀ, ସୂଚିତ ରୋଗ ବିବେଚନା କରିବାକୁ ଶ୍ରୀବାସ୍ତବ କହିଛନ୍ତି। ମେଡିକାଲ କଲେଜ ସମେତ ସମସ୍ତ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟସେବା କେନ୍ଦ୍ର ସମସ୍ତ ସନ୍ଦିଗ୍ଧ ସାପକାମୁଡ଼ା ମାମଲା ଓ ମୃତ୍ୟୁକୁ ରିପୋର୍ଟ କରିବା ଅନିବାର୍ଯ୍ୟ ବୋଲି ପତ୍ରରେ କୁହାଯାଇଛି। ଏହାଦ୍ୱାରା ସାପକାମୁଡ଼ା ସମ୍ପର୍କରେ ମୂଲ୍ୟବାନ୍ ତଥ୍ୟ ମିଳିବା ସହ ଏଥିପାଇଁ ଫଳପ୍ରଦ ହସ୍ତକ୍ଷେପ, ଅଧିକ ବିପଦପୂର୍ଣ୍ଣ ସ୍ଥାନ ଏବଂ ସାପକାମୁଡ଼ା ମୃତ୍ୟୁର କାରଣ ଆଦି ସମ୍ପର୍କରେ ମୂଲ୍ୟାୟନ କରାଯାଇପାରିବା ସହ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରିବ।

## ଫୁର୍‌ସତ୍

# ଭିଆଇପି ପାସ୍ କିଣି କବରସ୍ଥାନ ପରିଦର୍ଶନ

ଲଣ୍ଡନ

କୌଣସି ସ୍ୱପରିଜନ କିମ୍ବା ନିକଟ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଗଲେ, କେବଳ ତାଙ୍କର ସ୍ମୃତି ପରିବାର ଲୋକ ଏବଂ ବନ୍ଧୁବାନ୍ଧବଙ୍କ ସହ ରହିଯାଇଥାଏ। ତେବେ ଯେଉଁ ଧର୍ମରେ ମୃତ ଶରୀରକୁ କବର ଦେବାର ପ୍ରଥା ରହିଛି, ସେଠାରେ ସାଧାରଣତଃ ଲୋକମାନେ ମୃତ୍ୟୁ ପରେ ନିଜ ସମ୍ପର୍କୀୟଙ୍କ କବରର ପରିଦର୍ଶନ କରିଥାନ୍ତି, ସେଠାରେ ଫୁଲ ଅର୍ପଣ କରନ୍ତି, କାନ୍ଦନ୍ତି ଏବଂ ମୃତ ସମ୍ପର୍କୀୟ ନିକଟରେ ଥିବା ନେଇ ଅନୁଭବ କରନ୍ତି।



ବ୍ରିଟେନ୍‌ର ଷ୍ଟୋକ୍-ଅନ୍-ଟ୍ରେଣ୍ଟ ସହରରେ ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ ନାମରେ ଏକ କବରସ୍ଥାନ ରହିଛି। ତେବେ ଖୁବ୍‌ଶୀଘ୍ର ଏହି କବରସ୍ଥାନରେ ନିଜ ସମ୍ପର୍କୀୟଙ୍କ କବରକୁ ପରିଦର୍ଶନ କରିବା ପାଇଁ ଟଙ୍କା ଦେବାକୁ ପଡ଼ିବ। ଏଥିପାଇଁ ଭିଆଇପି ପାସ୍ କିଣିବାକୁ ପଡ଼ିବ। ତେବେ ଏହି ନିୟମକୁ ମାନବିକତା ବିରୋଧୀ ଦର୍ଶାଇ ଅନେକ ଲୋକ ସମାଲୋଚନା କରିଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, 'ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ କବରସ୍ଥାନ'ର ପ୍ରଶାସନ ନିକଟରେ ଏକ ଅଦ୍ଭୁତ ନିୟମ ଜାରି କରିଛି। ଏହି କବରସ୍ଥାନକୁ ପରିଦର୍ଶନ କରିବା ପାଇଁ ଆସୁଥିବା ଲୋକଙ୍କୁ ଭିଆଇପି ପାସ୍ କିଣିବାକୁ ପଡ଼ିବ। ତେବେ ଯାଇ ସେମାନେ ନିଜ ସମ୍ପର୍କୀୟଙ୍କ କବରକୁ ପରିଦର୍ଶନ କରିପାରିବେ। ସେହିପରି ଯେଉଁମାନେ ଏହି ଭିଆଇପି ପାସ୍ କିଣିବେ ନାହିଁ, ସେମାନେ କେବଳ ଅଫିସ୍ ସମୟରେ ହିଁ ଏହି କବରସ୍ଥାନର ପରିଦର୍ଶନ କରିପାରିବେ। ଏହି କବରସ୍ଥାନ ବାହାରେ ଏକ ବିଜ୍ଞପ୍ତି ଜାରି କରାଯାଇ ଲେଖାଯାଇଛି, ଆସନ୍ତା ଜାନୁଆରୀରୁ ଏହି କବରସ୍ଥାନ ବୈଦ୍ୟୁତିକ ଫାଟକ ଦ୍ୱାରା ଆଚ୍ଛାଦିତ ହେବ। ଏହି ଗେଟ୍ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱୟଂଚାଳିତ ଭାବରେ ଖୋଲିବ ଏବଂ ବନ୍ଦ ହେବ। କବରସ୍ଥାନ ମଧ୍ୟରେ ପ୍ରବେଶ ଏକ ଭିଆଇପି ପାସ୍ ସାହାଯ୍ୟରେ ହୋଇପାରିବ। କବରସ୍ଥାନରେ କାର୍ଯ୍ୟରତ କର୍ମଚାରୀ, ମୃତକଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଏହି ନିୟମ ଜାରି କରାଯାଇଛି ବୋଲି 'ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ'ର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଯେଉଁମାନେ ପାସ୍ କରିବେ ନାହିଁ, ସେମାନେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉକ୍ତ କବରସ୍ଥାନ ମଧ୍ୟରେ ପ୍ରବେଶ କରିପାରିବ। ଛୁଟିଦିନ, ବ୍ୟାଙ୍କ ହଲିଡେ କିମ୍ବା ଅଫିସ୍ ବନ୍ଦ ଥିବା ଦିନ ଭିଆଇପି ପାସ୍ କିଣି ନ ଥିବା ବ୍ୟକ୍ତିମାନେ ଏହି କବରସ୍ଥାନରେ ପ୍ରବେଶ କରିପାରିବେ ନାହିଁ।

## ସଲମାନଙ୍କ ଜନ୍ମଦିନରେ 'ସିକନ୍ଦର'ର ପ୍ରଥମ ପୋଷ୍ଟର

ମୁମ୍ବାଇ



ଖୁବ୍‌ଶୀଘ୍ର ବଲିଉଡ୍ ଅଭିନେତା ସଲମାନ ଖାନ୍ ନିଜର ପରବର୍ତ୍ତୀ ବ୍ଲକ୍‌ବଷ୍ଟର ପ୍ରୋଜେକ୍ଟ 'ସିକନ୍ଦର' ସହ ନିଜ ପ୍ରଶଂସକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାକୁ ଯାଉଛନ୍ତି। ଏ. ମୁରୁଗଦାସଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସଲମାନଙ୍କ 'ସିକନ୍ଦର' ଅବତାରକୁ ଦର୍ଶକମାନେ ଉତ୍ସାହର ସହ ଅପେକ୍ଷାକରି ରହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ଡିସେମ୍ବର ୨୭ରେ ସଲମାନ ନିଜ ଜନ୍ମଦିନ ଅବସରରେ 'ସିକନ୍ଦର' ଫିଲ୍ମର ପ୍ରଥମ ପୋଷ୍ଟର ସହ ଫିଲ୍ମରେ ନିଜ ଲୁକ୍ ଉପରୁ ପରଦା ଉଠାଇବେ। ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ ନେଇ ସଲମାନଙ୍କ ଜନ୍ମଦିନ ସର୍ବୋତ୍ତମ ସମୟ ହୋଇଥିବା ଫିଲ୍ମ ନିର୍ମାତାମାନେ ଆକଳନ କରିଛନ୍ତି। ବର୍ତ୍ତମାନ ଫିଲ୍ମରେ ଥିବା ବିଭିନ୍ନ ବିସ୍ଫୋରକ ଆକ୍ସନ୍ ସିନ୍‌ର ଶୁଟିଂ ହାଇଦ୍ରାବାଦରେ ଜାରି ରହିଛି। ଚଳଚ୍ଚିତ୍ରର ଅନ୍ତିମ ପର୍ଯ୍ୟାୟ ଶୁଟି ଆସନ୍ତା ବର୍ଷ ପ୍ରଥମ ଭାଗରେ ମୁମ୍ବାଇରେ ହେବାକୁ ଯାଇଛି। ଫିଲ୍ମରେ ସଲମାନଙ୍କ ବିପକ୍ଷରେ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କୁ ଦେଖିବାକୁ ମିଳିବ। ପ୍ରଥମ ଥର ପାଇଁ ରଶ୍ମିକା ଓ ସଲମାନଙ୍କ କେମେଷ୍ଟ୍ରିକୁ ଦର୍ଶକ ବଡ଼ ପରଦାରେ ଉପଭୋଗ କରିବେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସୁନୀଲ ଶେଟ୍ଟୀ, ଶର୍ମନ ଜୋଷୀ ଏବଂ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ମଧ୍ୟ 'ସିକନ୍ଦର' ଫିଲ୍ମରେ ଦେଖିବାକୁ ମିଳିବ।

୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୨୪ | Bhubaneswar, Saturday, November 30/2024 | ପୃଷ୍ଠା-୧

## ଜଙ୍ଗଲ ସୁରକ୍ଷାରେ ୧୩୯ ଅତ୍ୟାଧୁନିକ ଯାନ ସାମିଲ

### ୧୮ ଜିଲାକୁ ମିଳିଲା ୫୧ ଅଲ୍-ଟେରେନ୍ ଭେହିକିଲ୍



ବାରଙ୍ଗ/ଭୁବନେଶ୍ୱର,୨୯।୧୧ (ଲିଙ୍ଗରାଜ ରାଉତ/ବନ୍ଦନା ସେଠୀ)

ଆହୁରି ଅଧିକ ସୁଦୃଢ଼ ହେବ ଜଙ୍ଗଲ ସୁରକ୍ଷା ଅଭିଯାନ। ଜଙ୍ଗଲ ନିଆଁ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସହ ଶିକାର ଓ ଚୋରା କାରବାର ରୋକିବାକୁ ବଡ଼ ପଦକ୍ଷେପ ନେଇଛନ୍ତି

**■ ଜଙ୍ଗଲରେ ପାଟ୍ରୋଲିଂ ସହ ନିଆଁ ଲିଭାଇବ**

ରାଜ୍ୟ ସରକାର। ଜଙ୍ଗଲ ସୁରକ୍ଷାରେ ଅଲ୍-ଟେରେନ୍ ଭେହିକିଲ୍ (ଏଟିଭି), ଅଗ୍ନି ନିରାକରଣ ସହାୟତା ୟୁନିଟ୍ ସହ ୧୩୯ ଅତ୍ୟାଧୁନିକ ଯାନକୁ ସାମିଲ କରିଛି ଜଙ୍ଗଲ ବିଭାଗ। ଶୁକ୍ରବାର ବଟାନିକାଲ୍ ଗାର୍ଡେନ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିସିସିଏଫ୍ ସୁଶାନ୍ତ ନନ୍ଦ ଏସବୁ ଯାନକୁ ରାଜ୍ୟର ୧୮ଟି ଜିଲାରେ ଥିବା ୧୯ଟି ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ☞ପୃଷ୍ଠା-୨

## ଚାଇନାରେ ବିଶ୍ୱର ବଡ଼ ସୁନାଖଣି ଆବିଷ୍କୃତ

ବେଜିଂ, ୨୯।୧୧

ମଧ୍ୟ ଚାଇନାର ହୁନାନ୍ ରାଜ୍ୟରେ ଏକ ବୃହତ୍ ସୁନାଖଣିର ଆବିଷ୍କାର କରାଯାଇଛି। ଚାଇନାର ସରକାରୀ ଏଜେନ୍ସି ଜିନ୍‌ହୁଆ ଅନୁଯାୟୀ, ୮୨.୮ ବିଲିୟନ ଡଲାର(ପ୍ରାୟ ୭ ଲକ୍ଷ କୋଟି ଟଙ୍କା) ମୂଲ୍ୟର ଏହି ସୁନା ଖଣି ବିଶ୍ୱର ସର୍ବ ବୃହତ୍ ସୁନା ଖଣି ହୋଇପାରିଛି। ହୁନାନ୍ ରାଜ୍ୟର ଉତ୍ତର-ପୂର୍ବବର୍ତ୍ତୀ ପିଙ୍ଗ୍‌ଜିଆଙ୍ଗ୍ କାଉଣ୍ଟିର ୨ ହଜାର ମିଟରରୁ ଅଧିକ ଗଭୀରତାରେ 'ହୁନାନ ଏକେଡେମୀ ଅଫ୍ ଜିଓଲୋଜି'ର



ଭୂବିଜ୍ଞାନୀମାନେ ୪୦ରୁ ଅଧିକ ସୁନା ଶିରାକୁ ଚିହ୍ନଟ କରିଛନ୍ତି। କେବଳ ଏଥିରେ ୩୦୦.୨ ମେଟ୍ରିକ୍ ଟନ୍ ସୁନା ରହିଥିବା ନେଇ ଭୂବିଜ୍ଞାନୀମାନେ ଅନୁମାନ କରିଛନ୍ତି। ଏହି ସୁନା ଖଣିରେ ୩ ହଜାର ମିଟରରୁ ଅଧିକ ଗଭୀରତାରେ ୧ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ସୁନା ରହିଥିବା ଜଣାପଡ଼ିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକାର ସାଉଥ୍ ଡିପ୍ ମାଇନ୍‌ରେ ଅବସ୍ଥିତ ସୁନାଖଣି ୯୩୦ ମେଟ୍ରିକ୍ ଟନ୍ ସୁନା ସହ ବିଶ୍ୱର ସର୍ବବୃହତ୍ ସୁନାଖଣି ଭାବେ ପରିଚିତ ଥିଲା। ପ୍ରକାଶ ଯେ, ବିଶ୍ୱର ସବୁଠୁ ବଡ଼ ସୁନା ଉତ୍ପାଦକ ଦେଶ ଭାବରେ ଚାଇନା ପରିଚିତ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷ ବୈଶ୍ୱିକ ସୁନା ଉତ୍ପାଦନରେ ଚାଇନାର ଯୋଗଦାନ ୧୦% ରହିଥିଲା।

## ଆରମ୍ଭ ହେଲା ୩ ଦିନିଆ ସର୍ବଭାରତୀୟ ଡିଜିପି ସମ୍ମିଳନୀ

ଭୁବନେଶ୍ୱର,୨୯।୧୧(ଅନିଲ ଦାସ)

ପୋଲିସ ମହାନିର୍ଦ୍ଦେଶକ / ମହାନିରୀକ୍ଷକମାନଙ୍କ ସର୍ବଭାରତୀୟ ସମ୍ମିଳନୀ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ଜାତୀୟ ସୁରକ୍ଷା ପରାମର୍ଶଦାତା, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଡିଜିପି ଏବଂ କେନ୍ଦ୍ରୀୟ ପୋଲିସ ସଙ୍ଗଠନର ମୁଖ୍ୟମାନେ ଯୋଗଦେଇଛନ୍ତି। ସମ୍ମିଳନୀରେ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ଦେଶର ଶ୍ରେଷ୍ଠ ଥାନା ଓ ପୋଲିସ ଅଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୈଠକରେ ଯୋଗଦେବେ।

ନଭେମ୍ବର ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ୩ ଦିନିଆ ସମ୍ମିଳନୀରେ ଆତଙ୍କବାଦ ମୁକାବିଲା, ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନୂଆ ଅପରାଧ ଆଇନ, ନାର୍କୋଟିକ୍ସ ସମେତ ଜାତୀୟ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହେବ। ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରାଯିବ।

ଏହି ସମ୍ମିଳନୀ ଦେଶର ବରିଷ୍ଠ



ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରରେ ସର୍ବଭାରତୀୟ ଡିଜିପି ସମ୍ମିଳନୀକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି। ନିକଟରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ଏବଂ ଅନ୍ୟମାନେ।

### ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ

ପୋଲିସ ପେସାଦାର ଏବଂ ସୁରକ୍ଷା ପ୍ରଶାସକମାନଙ୍କୁ ବିଭିନ୍ନ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ତଥା ଭାରତରେ ପୋଲିସ ସମ୍ମୁଖୀନ ହେଉଥିବା ବିଭିନ୍ନ ପରିଚାଳନାଗତ, ଭିତ୍ତିଭୂମି ଏବଂ କଲ୍ୟାଣ ସମ୍ବନ୍ଧୀୟ ସମସ୍ୟା ଉପରେ ମୁକ୍ତ ଭାବରେ ଆଲୋଚନା ଓ ବିତର୍କ କରିବା ପାଇଁ ଏକ ମତ ବିନିମୟ ମଞ୍ଚ ପ୍ରଦାନ କରିବ। ଆଭ୍ୟନ୍ତରୀଣ ନିରାପତ୍ତା ବିପଦ ବ୍ୟତୀତ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ପରିଚାଳନା ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ପାଇଁ ବୃତ୍ତିଗତ ଅଭ୍ୟାସ ଏବଂ ପ୍ରକ୍ରିୟାର ପ୍ରସ୍ତୁତି ଓ ଆପୋସ ବିନିମୟ ଉପରେ ଆଲୋଚନା ହେବ।

ଡିଜିପି ସମ୍ମିଳନୀ ପ୍ରତି ପ୍ରଧାନମନ୍ତ୍ରୀ ସର୍ବଦା ଗଭୀର ଆଗ୍ରହ ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ କେବଳ ସମସ୍ତ ଯୋଗଦାନକୁ ଧ୍ୟାନର ସହ ଶୁଣନ୍ତି ନାହିଁ ବରଂ ଖୋଲା ଓ ଅନୌପଚାରିକ ଆଲୋଚନାର ବାତାବରଣକୁ ପ୍ରୋତ୍ସାହିତ କରନ୍ତି, ଯାହା ନୂତନ ଚିନ୍ତାଧାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଚଳିତବର୍ଷ ଏହି ସମ୍ମିଳନୀରେ କିଛି ଅଭିନବ ବୈଶିଷ୍ଟ୍ୟ ମଧ୍ୟ ଯୋଡ଼ାଯାଇଛି। ଯୋଗ ଅଧିବେଶନ, ବ୍ୟବସାୟ ଅଧିବେଶନ, ବ୍ରେକ୍ ଆଉଟ୍ ଅଧିବେଶନ ଏବଂ ବିଷୟବସ୍ତୁଭିତ୍ତିକ ଡାଇନିଂ ଟେବୁଲ ଆଲୋଚନା ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଦିନକୁ ପ୍ରଭାବଶାଳୀ ଭାବରେ ଉପଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ବରିଷ୍ଠ ପୋଲିସ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ପଲିସି, ଆଭ୍ୟନ୍ତରୀଣ ନିରାପତ୍ତା ପ୍ରସଙ୍ଗରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ପରାମର୍ଶ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ଏକ ସୁଯୋଗ ପାଇବେ।

ସୂଚନାଯୋଗ୍ୟ, ୨୦୧୪ ପରଠାରୁ ପୋଲିସ ଡିଜିପି ଓ ଆଇଜି ସମ୍ମିଳନୀ ସାରା ଦେଶରେ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ପ୍ରୋତ୍ସାହିତ କରି ଆସୁଛନ୍ତି। ଏହା ପୂର୍ବରୁ ଆସାମର ଗୁଆହାଟୀ, କଚ୍ଛର ରଣ (ଗୁଜରାଟ), ହାଇଦ୍ରାବାଦ (ତେଲଙ୍ଗାନା), ଟେକନପୁର (ଗ୍ୱାଲିୟର, ମଧ୍ୟପ୍ରଦେଶ), ଷ୍ଟାଚ୍ୟୁ ଅଫ୍ ୟୁନିଟ୍ (କେୱଡିଆ, ଗୁଜରାଟ), ପୁଣେ (ମହାରାଷ୍ଟ୍ର), ଲକ୍ଷ୍ନୌ (ଉତ୍ତରପ୍ରଦେଶ), ନୂଆଦିଲ୍ଲୀ ଏବଂ ଜୟପୁର (ରାଜସ୍ଥାନ)ରେ ଅନୁଷ୍ଠିତ ହୋଇଛି। ଏହି ପରମ୍ପରାକୁ ବଜାୟ ରଖି ଭୁବନେଶ୍ୱର (ଓଡ଼ିଶା)ଠାରେ ଏଥର ୫୯ତମ ପୋଲିସ ଡିଜିପି ଓ ଆଇଜି ସମ୍ମିଳନୀ ୨୦୨୪ ଆୟୋଜନ କରାଯାଉଛି।



**ଆଜିର ମନ୍ତବ୍ୟ**

ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖରାପ ନିଷ୍ପତ୍ତି ଯୋଗୁ ମସ୍‌ଜିଦରେ ତଲାସି ହେଲା । ଧର୍ମନିରପେକ୍ଷତାର ମୂଳଦୁଆ ଦୋହଲୁଥିବାରୁ ଏହା ଦେଶକୁ ବିଭାଜନ ଆଡ଼କୁ ଠେଲିଦେଇପାରେ। **–ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକାଦଶ ଜାତୀୟ ପାଠଚକ୍ର, ପୁସ୍ତକ ଲୋକାର୍ପଣ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୯ଟା ୩୦ ।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଜୟଦେବ କଲେଜ ପ୍ରଥମ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନରାୟଙ୍କ ୮୪ତମ ଜୟନ୍ତୀ ପାଳନ, ସ୍ଥାନ: କଲେଜ ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୧ଟା ।
- ଆ କା ମା ବିଜ୍‌ବଜ୍ ସୋଏରି, ସ୍ଥାନ: ରିଜିଓନାଲ କଲ୍‌ଚର ଅଫ୍ ମ୍ୟାନେଜମେଣ୍ଟ, ସମୟ: ଅପରାହ୍ନ ୨ଟା ୩୦ ।
- ଉପଖଣ୍ଡ ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶର ହାଇସ୍କୁଲ ଖେଳପଡ଼ିଆ, ବାଲିଅନ୍ତା, ସମୟ: ଅପରାହ୍ନ ୩ଟା ।
- ଭାରତୀ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଆ ଅସ୍ମିତା ଶିବିର, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ।

## କଟକ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ନୂଆପାଟଣା, ଜେମାଦେଇପୁରସ୍ଥିତ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୭ଟା ।
- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଗୁଣନିଧି ଭବନ, ଥୋରିଆସାହି, ସମୟ: ପୂର୍ବାହ୍ନ ୧୧ଟା ।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨୮ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ

- ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସାକ୍ଷୀଗୋପାଳ, ସମୟ: ସକାଳ ୬ଟା
- ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ, ଓଡ଼ିଶାର ସପ୍ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ମା' ଜାଗେଶ୍ୱରୀ ପୀଠ ଅଲଗୁମ, ପୁରୀ, ସମୟ: ସକାଳ ୮ଟା ।
- ଏଡ୍ସ ସଚେତନତା ଶୋଭାଯାତ୍ରା, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା ।
- ଆକ୍ୟୁପ୍ରେସର ଚିକିତ୍ସା ସଂକ୍ରାନ୍ତ ରାଷ୍ଟ୍ରୀୟ ସମ୍ମେଳନ, ସ୍ଥାନ: ଗୋବର୍ଦ୍ଧନ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ସୁରକ୍ଷା ଓ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କଳିଙ୍ଗ ବୈଶ୍ୟ ସଂଘ ସମ୍ମିଳନୀ କକ୍ଷ, ଜହ୍ନିମୁଣ୍ଡିଆ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କୃଷ୍ଣ କାଳୀ ବ୍ୟାୟାମ ଓ ଯୋଗ କେନ୍ଦ୍ରର ଶୁଭ ଉଦଘାଟନୀ ଉତ୍ସବ, ସ୍ଥାନ: ନୃସିଂହ ବଲ୍ଲଭ ଯାଗା, ସମୟ: ସନ୍ଧ୍ୟା ୬ଟା ।
- ଆନେଇକନ–୨୦୨୪ ସମ୍ପର୍କିତ କର୍ମଶାଳା, ସ୍ଥାନ: ହଲିଡେ ରିସୋର୍ଟ, ସମୟ: ସନ୍ଧ୍ୟା ୭ଟା ।

## ଖୋର୍ଦ୍ଧା

- ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

## ବାଲେଶ୍ୱର

- ସମ୍ବିଧାନ ଦିବସ ପାଳନ, ସ୍ଥାନ:ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ।
- ବାଲେଶ୍ୱର ଲୋକ ମହୋତ୍ସବ–୨୦୨୪ର ଦ୍ୱିତୀୟ ଦିବସ,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା ।

## ଭଦ୍ରକ

- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜିଲା ସ୍କୁଲ, ଭଦ୍ରକ, ସମୟ: ସକାଳ ୭ଟା ।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମିରାକିଲ ପବ୍ଲିକ ସ୍କୁଲ, ବାସୁଦେବପୁର, ସମୟ: ସକାଳ ୯ଟା ।
- ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା, ସ୍ଥାନ: ବେତଡ଼ା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ ଯଶୋଦା ଦେବୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଲେଜ ରୋଡ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା ।
- ଗ୍ରହ ମନ୍ଦିରରେ ଶୁକ୍ରଗ୍ରହଙ୍କ ଜୟନ୍ତୀ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୮ ଟା ।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ଅପରାହ୍ନ ୪ ଟା ।

## ମୟୂରଭଞ୍ଜ

- ବାର୍ଷିକୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୨ଟା ।

## କନ୍ଧମାଳ

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାରମ୍ଭିକ ବର୍ଗ, ସ୍ଥାନ: କ.ନୂଆଗାଁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୬ଟା ।

## କେନ୍ଦ୍ରାପଡ଼ା

- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଟିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା ।

## ଯାଜପୁର

- ରକ୍ତଦାତା ଜୀବନଦାତା ପରିବାର କ୍ଲବ ଦି ୟୁଥମାସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା ।
- ଅଖିଳ ଚକ୍ରର ମକର ମିଳନ ପ୍ରସ୍ତୁତ ବୈଠକ, ସ୍ଥାନ: ମଇଁଦା ୟୁଜିଏମଇ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ।
- ୨ ଦିନିଆ ଅଲ୍ ଇଣ୍ଡିଆ ଓପନ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ଚଣା ବ୍ଲକର ଛତିଆ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ପଡ଼ିଆ, ସମୟ: ଅପରାହ୍ନ ୩ଟା ।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଗୋଶାଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ।
- ଦେବ ଦୀପାବଳୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।

## ରାୟଗଡ଼ା

- ଚଇତି ଉପଲକ୍ଷେ ଷ୍ଟେଜ୍ ପରିଚାଳନା ସବ୍ କମିଟି ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଚଇତି ଉତ୍ସବରେ ଆଇନଶୃଙ୍ଖଳା, ସୁରକ୍ଷା, ପାର୍କିଂ ସବ୍‌କମିଟି ବୈଠକ, ସ୍ଥାନ: ରାୟଗଡା ଜିଲା ପୋଲିସ କନ୍‌ଫରେନ୍ସ ହଲ, ସମୟ:ପୂର୍ବାହ୍ନ ୧୧ଟା ।
- ଶୋଭାଯାତ୍ରା ସବ୍ କମିଟି ବୈଠକ, ସ୍ଥାନ: ରାୟଗଡ଼ା ପୌର ପରିଷଦ କନଫରେନ୍ସ ହଲ, ସମୟ: ମଧ୍ୟାହ୍ନ ୧୨ଟା ।
- ଖାଦ୍ୟ ବିଭାଗର ସବ୍ କମିଟି ବୈଠକ, ସ୍ଥାନ: ରାୟଗଡା ଚିନ୍ତନ କକ୍ଷ, ସମୟ: ମଧ୍ୟାହ୍ନ ୧ଟା ।

## ନବରଙ୍ଗପୁର

- ଲୋକୋଗୀତ ପ୍ରତିଯୋଗିତା, ସ୍ଥାନ: ଶାସ୍ତ୍ରୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ମଣ୍ଡେଇ ମଞ୍ଚ ନାଟକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା ।

## କୋରାପୁଟ

- ପରବ ଉପଲକ୍ଷେ ଜିଲାସ୍ତରୀୟ କୁଇଜ୍, ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା, ସ୍ଥାନ: କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- କଫିର ବିକାଶ ନେଇ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ସମୟ: ଅପରାହ୍ନ ୪ଟା ।
- ପ୍ରଫେସର ଅଜିତ ମିତ୍ର ମେମୋରିଆଲ ଲେକଚର କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା ।
- ବନ୍ଦନା ଆର୍ଟ କର୍ଣ୍ଣର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା–୨, ସ୍ଥାନ: ବଡ ବଜାର ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟା ।
- କଲ୍ୟାଣ ଜୁଏଲେରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୁଢ଼ାରଜା ଫାଟକ, ସମୟ: ଅପରାହ୍ନ ୩ଟା ।
- ବିଭିନ୍ନ ସଙ୍ଗଠନ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଲନ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୭ଟା ।

## ସୁବର୍ଣ୍ଣପୁର

- ୩୧ତମ ଅମରପାଲି କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଭଗବାନ ସାହୁ ଖେଳ ପଡିଆ, ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଢୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଚାର୍ଯ୍ୟ ବିକାଶ ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ କଳସ ଯାତ୍ରା, ସ୍ଥାନ: ସୁବାସ ନଗର, ବରଗଡ଼, ସମୟ: ସକାଳ ୮ଟା ।
- ଗାଇସିଲେଟ୍ ନୋଡ଼ାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା, ସ୍ଥାନ: ମିନି ଷ୍ଟାଡ଼ିୟମ, ଗାଇସିଲେଟ୍, ସମୟ: ସକାଳ ୯ଟା ।
- ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ବୈଠକ, ସ୍ଥାନ: ଜିଲା ମୁଖ୍ୟକୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୨ଟା ।
- କ୍ରିଷ୍ଟା ବିକାଶର ବାର୍ଷିକ ଉତ୍ସବ ଇଲେକ୍ଟ୍ରା–୨୦୨୪–୨୫, ସ୍ଥାନ: କ୍ରିଷ୍ଟା ବିକାଶ କ୍ୟାମ୍ପସ୍, ବରାହଗୋଡ଼ା ଛକ, ବରଗଡ଼, ସମୟ: ଅପରାହ୍ନ ୪ଟା ।

## ଝାରସୁଗୁଡ଼ା

- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାଟିକ୍ରା ଖେଳପଡ଼ିଆ, ସମୟ: ସକାଳ ୯ଟା ।
- ସକାଳ ପଞ୍ଚଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଗୋସମ୍ପଦ, ମତ୍ସ୍ୟ ଓ ପଶୁପାଳନ ପକ୍ଷ ପାଳନ, ସ୍ଥାନ: ସରବାହାଲ, ସମୟ: ପୂର୍ବାହ୍ନ ୧୦ଟା ।
- ତେଜରାଜ ପାଣ୍ଡେ କନଫରେନ୍ସ ହଲ ଉଦ୍‌ଘାଟନ ଓ ସ୍ୱର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ, ସ୍ଥାନ: ପୁରୁଣାବସ୍ତି ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦ ।
- ରାମକଥା ପ୍ରବଚନ, ସ୍ଥାନ: ଜାହାଜପଡା, ବେଲପାହାଡ, ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଉଦିତନଗର ଥାନା, ସମୟ: ପୂର୍ବାହ୍ନ ୧୦ଟା ।
- ରାଉରକେଲା ସେକ୍ଟର–୧୯ ଥାନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସେକ୍ଟର–୧୯, ସମୟ: ପୂର୍ବାହ୍ନ ୧୦ଟା ।
- ବେଦବ୍ୟାସ ସଂସ୍କୃତ କଲେଜରେ ଭାରତୀୟ ବେଦ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା ।
- ବିଜୟ ଉତ୍ସବ ପାଳନ, ସ୍ଥାନ: ମ୍ୟୁଜିକ ସର୍କଲ ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦ ।

## ଦେବଗଡ଼

- ବ୍ଲକସ୍ତରୀୟ ତ୍ରିଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ତ୍ରି ଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ବାଣିଜ୍ୟକ ଫୁଲ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ସର୍ବଭାରତୀୟ ପ୍ରଧାନପାଟ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ଅପରାହ୍ନ ୨ଟା ୪୫ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- କର୍ଲାମୁଣ୍ଡା କୃଷକ ସାଥୀ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ସାଧାରଣ ସଭା, ସ୍ଥାନ: ବିଜାପାଟି, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୮ଟା ୩୦ ।
- ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା ।

## ବୌଦ୍ଧ

- ଚତୁର୍ଥ ମା' ଭୈରବୀ ମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶାରୀରିକ ସୁସ୍ଥତା ସହ ବନ୍ଧୁଙ୍କ ସହାନୁଭୂତି ପାଇବା ଯୋଗୁ ମନ ଖୁସି ରହିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ନ ରହିଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ପରିବାରରେ ସ୍ୱାସ୍ଥ୍ୟ ହାନି ସମ୍ପର୍କୀୟ ସମସ୍ୟା ଓ ପିଲାଙ୍କ ବିବାହ ଚିନ୍ତାରେ ବ୍ୟସ୍ତତା ଅନୁଭବ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଆପଣ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନକଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବାରୁ ନୂଆ ଯୋଜନା ସକାଶେ ମନ ବଳାଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆକସ୍ମିକ ଭାବରେ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** – କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** – ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକଙ୍କୁ ଉପେକ୍ଷା କରି ଭୁଲ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ। ପରିବାରରେ ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** – ଆଜି କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିପାରେ।

**ବିଛା** – ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। କଳା, ସଙ୍ଗୀତ, ପ୍ରତିଯୋଗିତା, କ୍ଷେତ୍ରରେ ସଫଳତା ମିଳିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ। କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ଧନୁ** – ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ କଳହ ଦେଖାଦେଇପାରେ। ଅଫିସ୍‌ରେ ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ। ଅସମର୍ଥିତ ସୂତ୍ରରୁ ଖଳଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷକୁ ଆଣିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କୁମ୍ଭ** – ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** – ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ବିଭିନ୍ନ ପ୍ରକାର ସମସ୍ୟା ଆସିପାରେ। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶନିବାର, ଦେବ ଦୀପାବଳି ଆରମ୍ଭ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ରାଶିନକ୍ଷତ୍ର–ଦିବା ଘ.୧୨।୩୩ମି. ପର୍ଯ୍ୟନ୍ତ ବିଶାଖା/ତୁଳା, ତତ୍ପରେ ଅନୁରାଧା ନକ୍ଷତ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୫ ଗତେ ୦୮।୫୧ ମଧ୍ୟେ, ଘ.୧୧।୫୭ ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୧ ଗତେ ଘ.୧୦।୧୩ ମଧ୍ୟେ ରାହୁ କାଳ ॥

## ପ୍ରଥମ ପୃଷ୍ଠାରୁ...

### କାର୍‌ରୁ ୭୩ ରୁପା ...

ଜବତ କରିଥିଲା। ଦୁଇ ବ୍ୟବସାୟୀ ତଥା ପଶ୍ଚିମବଙ୍ଗ ପଶ୍ଚିମ ମିଦିନାପୁର ଜିଲା ଘଟାଲ ଥାନା ଅନ୍ତର୍ଗତ ନିଶ୍ଚିନ୍ଦିପୁର ଗ୍ରାମର ପ୍ରଦୀପ ଓ ହୁଗୁଳି ଜିଲାର ଖନାଖୁଲ ଥାନା ଅନ୍ତର୍ଗତ ଠାକୁରାଣୀ ଚୌକ ଗ୍ରାମର ଅରୂପଙ୍କୁ ଅଟକ ରଖି ଥାନା ଅଧିକାରୀ ପ୍ରଧାନ ଜିଏସ୍‌ଟି ଅଧିକାରୀଙ୍କୁ ଖବର ଦେଇଥିଲେ। ଶୁକ୍ରବାର ଭୁବନେଶ୍ୱରରୁ ଏକ ୩ ଜଣିଆ ଜିଏସ୍‌ଟି ଟିମ୍ ଖଲ୍ଲିକୋଟ ଥାନାକୁ ଆସିବା ପରେ ଦୁଇ ବ୍ୟବସାୟୀ ଓ ଜବତ ରୁପାଇଟା, କାର ଓ ଟଙ୍କା ପୋଲିସ ସେମାନଙ୍କୁ ହସ୍ତାନ୍ତର କରିଥିଲା। ଜବତ ହୋଇଥିବା ରୁପା ଇଟାର ଆନୁମାନିକ ମଲ୍ୟ ୭୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।



ଜବତ ରୁପା ଇଟା ଓ ଟଙ୍କା

### ଜିଡିପି ଅଭିବୃଦ୍ଧି ...

ଜିଡିପ ବା ସ୍ଥିର ମୂଲ୍ୟରେ ଜିଡିପି ୪୪.୧୦ ଲକ୍ଷ କୋଟି ଟଙ୍କା ରହିଥିବା ଆକଳନ କରାଯାଇଛି। ୨୦୨୩–୨୪ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ରିଅଲ ଜିଡିପି ୪୧.୮୬ ଲକ୍ଷ କୋଟି ଟଙ୍କା ରହିଥିଲା। ଏଥିରୁ ଅଭିବୃଦ୍ଧି ହାର ୫.୪ ପ୍ରତିଶତ ଆକଳନ କରାଯାଇଥିବା ଏନ୍‌ଏସ୍‌ଓ କହିଛି। ଅନ୍ୟପକ୍ଷରେ ନୋମିନାଲ ଜିଡିପି ବା ବର୍ତ୍ତମାନର ବଜାର ମୂଲ୍ୟରେ ଜିଡିପି ଦ୍ୱିତୀୟ ତ୍ରୈମାସିକରେ ୭୬.୬୦ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ଗତବର୍ଷ ଦ୍ୱିତୀୟ ତ୍ରୈମାସିକରେ ୭୦.୯୦ ଲକ୍ଷ କୋଟି ଟଙ୍କା ଥିଲା। ନୋମିନାଲ ଜିଡିପି ଅନୁଯାୟୀ ଅଭିବୃଦ୍ଧି ହାର ୮ ପ୍ରତିଶତ। ପ୍ରଥମ ଅର୍ଦ୍ଧବାର୍ଷିକ ଆଧାରରେ ଆକଳନ କଲେ ଏପ୍ରିଲ–ସେପ୍ଟେମ୍ବର ରିଅଲ ଜିଡିପି ୮୭.୭୪ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି, ଯାହାକି ପୂର୍ବବର୍ଷ ପ୍ରଥମ ଅର୍ଦ୍ଧବାର୍ଷିକରେ ୮୨.୭୭ ଲକ୍ଷ କୋଟି ଟଙ୍କା ଥିଲା। ତଦନୁଯାୟୀ ଦେଖିଲେ ଅଭିବୃଦ୍ଧି ୬ ପ୍ରତିଶତ ରହିଛି। ନୋମିନାଲ ଜିଡିପି ବା ବର୍ତ୍ତମାନର ବଜାର ମୂଲ୍ୟ ଅନୁଯାୟୀ ପ୍ରଥମ ଅର୍ଦ୍ଧବାର୍ଷିକର ଜିଡିପି ୧୫୩.୯୧ ଲକ୍ଷ କୋଟି ଟଙ୍କା, ଯାହାକି ପୂର୍ବବର୍ଷ ଏହି ସମୟରେ ୧୪୧.୪୦ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ୍ ଅଭିବୃଦ୍ଧି ହାର ୮.୯ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

### ଓଡ଼ିଶାର ବିକାଶ ପାଇଁ ସମ୍ପୂର୍ଣ୍ଣ ...

ଯୁଆଡ଼େ ଗଲେ ଲୋକ କହୁଛନ୍ତି, ଭାରତର ୧୪୦ କୋଟି ଲୋକ ଗୋଟେ ସରକାରକୁ କିପରି ବାରମ୍ବାର ଜିତାଇ ଚାଲିଛନ୍ତି। ଆମେ ୨୦୧୪ ଏବଂ ୨୦୧୯ରେ ସରକାର କରିବା ବେଳେ ବିଶ୍ୱରେ ଆମର ଯେତିକି ପ୍ରଭାବ ଥିଲା ୨୦୨୪ରେ ତାହା ବହୁଗୁଣା ବଢ଼ିଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି କହିଛନ୍ତି, ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବା ବେଳେ ରାଜନୀତିର ବହୁ ପ୍ରକାର ରଙ୍ଗ ଦେଖିଛନ୍ତି। ରାଜନୀତିରେ ନୀତିଗତ ବିରୋଧ ସ୍ୱାଭାବିକ। ରାଜନୈତିକ ଦଳ ନିଜର ସବୁ ପ୍ରକାର ବିଚାରକୁ ଲୋକଙ୍କ ଭିତରକୁ ନେଇଯାଆନ୍ତି। ରାଜନୈତିକ ଦଳ ନିଜ କଥା ଲୋକଙ୍କ ଭିତରେ ପହଞ୍ଚାଇବା ଲାଗି ଏବଂ ଜାଗ୍ରତ କରିବା ନିମନ୍ତେ ଆନ୍ଦୋଳନ ମଧ୍ୟ କରନ୍ତି। ଆନ୍ଦୋଳନ ଆଗରୁ ହେଉଥିଲା ଏବେ ମଧ୍ୟ ହେଉଛି। କିନ୍ତୁ କିଛି ବର୍ଷ ହେଲା ବହୁତ ବଡ଼ ପରିବର୍ତ୍ତନ ସମସ୍ତେ ଅନୁଭବ କରୁଥିବେ। ଭାରତର ସମ୍ବିଧାନର ଭାବନାକୁ ଦଳିଦିଆଯାଉଛି। ଯେଉଁ ଲୋକ କ୍ଷମତାକୁ ନିଜ ଜନ୍ମଗତ ଅଧିକାର ଭାବୁଛନ୍ତି, ସେମାନଙ୍କ ପାଖରେ କେନ୍ଦ୍ରର କ୍ଷମତା ଗତ ୧ ଦଶକ ହେବ ନାହିଁ। ଦେଶର ଲୋକେ ଆଉ କାହାକୁ ଆଶୀର୍ବାଦ କରୁଛନ୍ତି ବୋଲି ଏହାର ରାଗ ସେମାନେ ଲୋକଙ୍କ ଉପରେ ରଖୁଛନ୍ତି। ସେମାନଙ୍କ ଭିତରେ ଏତେ କ୍ରୋଧ ଭରିହୋଇଯାଇଛି ଯେ ସେମାନେ ଦେଶ ବିରୋଧରେ ଷଡ଼ଯନ୍ତ୍ର କରିବାରେ ଲାଗିଛନ୍ତି। କ୍ଷମତାର ଭୋକିଲା ଲୋକମାନେ କେବଳ ଲୋକଙ୍କୁ ମିଛ କହିଚାଲିଛନ୍ତି। ୨୦୧୯ରେ ଯେଉଁ ଚୌକିଦାର ତାଙ୍କ ପାଇଁ ଚୋର ଥିଲା ୨୦୨୪ରେ ଆସୁ ଆସୁ ସେ ସାଧୁ ହୋଇଗଲା। ୨୦୨୪ ପରେ ଗୋଟିଏ ଥର ମଧ୍ୟ ଚୌକିଦାରଙ୍କୁ ଗାଳି ଦିଆଗଲା ନାହିଁ। ଆଜି କେନ୍ଦ୍ର ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାକୁ ପ୍ରାଥମିକତା ଦେବା ଆରମ୍ଭ କରିଛି। ଆମ ଦେଶରେ ଇଂରେଜମାନଙ୍କ ଶାସନ ସମୟରୁ ଏହି ଡିଜିପି ସମ୍ମିଳନୀ ଚାଲିଛି। ହେଲେ ଓଡ଼ିଶାରେ ପ୍ରଥମ ଥର ଲାଗି ଡିଜିପି ସମ୍ମିଳନୀ ହେଉଛି। ଆସନ୍ତା ୪ରେ ପୁରୀର ବ୍ଲୁ ଫ୍ଲାଗ ବିଚ୍‌ଠାରେ ନୌସେନା ଦିବସ ଆୟୋଜନ କରାଯିବ। ଏହାର ମାସକ ଭିତରେ ୨୦୨୫ ଜାନୁଆରୀ ୮ କିମ୍ବା ୧୦ ତାରିଖ ଭିତରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେବ। ବିଶ୍ୱରୁ ବହୁ ଲୋକ ଏଥିରେ ଯୋଗଦେବେ। ଆମ ଦେଶର ଲୋକ ଯେଉଁମାନେ ବହୁ ବର୍ଷରୁ ବିଦେଶରେ ରହୁଛନ୍ତି ସେମାନେ ଏଠାକୁ ଆସିବେ। ସେମାନେ ଯେତେବେଳେ ପ୍ରତ୍ୟାବର୍ତ୍ତନ କରିବେ ଓଡ଼ିଶା ବିଷୟରେ ବହୁ କଥା ଦେଶ ବିଦେଶରେ ପ୍ରଚାରପ୍ରସାର କରିବେ। ଏହି କାର୍ଯ୍ୟକ୍ରମକୁ ବହୁତ ଭଲରେ କରାଯାଉ। ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ଲୋକଙ୍କୁ ମିଳିବା ଆରମ୍ଭ ହେଲାଣି। ଭାଜପା ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଡେଭଲପ୍ କରିବାକୁ ଉଦ୍ୟମ ଆରମ୍ଭ କରିଛି। ଭାଜପା ସରକାର ଆସୁ ଆସୁ ରାଜ୍ୟରେ ରାଷ୍ଟ୍ରୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ଓଡ଼ିଶା ଲୋକମାନେ ଏବେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଆଉ ଏକ ଅନ୍ତର ଦେଖିପାରୁଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବର୍ତ୍ତମାନ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନକୁ ଗସ୍ତ କରୁଛନ୍ତି। ଓଡ଼ିଶା ଲୋକଙ୍କୁ ଏବେ ଲାଗିଲାଣି ମୁଖ୍ୟମନ୍ତ୍ରୀ ମଧ୍ୟ ଗାଁକୁ ଆସନ୍ତି। ଲୋକଙ୍କ ସହ ଯୋଡ଼ିହେବା ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବା ହିଁ ଭାଜପାର ସଂସ୍କୃତି ଓ ପରମ୍ପରା ବୋଲି ସେ କହିଛନ୍ତି। ନିକଟରେ ଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ–୨୦୨୪କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ତାଙ୍କ ପାଖରେ ସମୟ ଥିଲେ ସେ ଉକ୍ତ କାର୍ଯ୍ୟକ୍ରମରେ ଆହୁରି ସମୟ ଅତିବାହିତ କରିଥାଆନ୍ତେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିବା ବିଷୟ ତାଙ୍କ ଉଦ୍‌ବୋଧନ ସମୟରେ କହିଛନ୍ତି। ଏହିସଭା ସରିବା ପରେ ପ୍ରଧାନମନ୍ତ୍ରୀ ସିଧାସଳଖ ସେଠାରୁ ରାଜଭବନ ଅଭିମୁଖେ ଯାଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇ ମଞ୍ଚ ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମାଝୀ ମହାପ୍ରଭୁଙ୍କ ଏକ କଳାକୃତି ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବର୍ତ୍ତମାନ ସୁଦୃଢ଼ ହୋଇଛି। ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ଭାରତ ପରିଗଣିତ ହେଉଛି। ବାହ୍ୟ ହେଉ ବା ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଦେଶ ଏବେ ଖୁବ୍ ସୁରକ୍ଷିତ। ଭୁବନେଶ୍ୱରଠାରେ ପ୍ରଥମ ଥର ଲାଗି ଡିଜିପି ଓ ଆଇଜି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରିବା ଲାଗି ସୁଯୋଗ ମିଳିଛି। ଏଥିଲାଗି ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରୁଛନ୍ତି।

### ଜଟଣୀ ଧରିତ୍ରୀ ଖବରଦାତାଙ୍କୁ ...

ପୋଲିସ ଅଭିଯୋଗକୁ ଭିତ୍ତିକରି ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଆକ୍ରମଣରେ ଗୁରୁତର ହୋଇଥିବା ରବୀନ୍ଦ୍ର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗ ମୁତାବକ, ଗତ ଅକ୍ଟୋବର ୧୮ତାରିଖ ମଧ୍ୟାହ୍ନ ୧୨ଟାରେ ହାଟବଜାର ମେଲଣ ପଡ଼ିଆସ୍ଥିତ ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲା। ସେଠାରେ ନିମ୍ନମାନର କାର୍ଯ୍ୟ ହେଉଥିବା ଖବରପାଇ ରବୀନ୍ଦ୍ର ସେଠାରେ ପହଞ୍ଚିବା ସହ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗତ ୩୦ ତାରିଖରେ ଜଟଣୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକାଦଶାହ କାର୍ଯ୍ୟରେ ରବୀନ୍ଦ୍ର ଯୋଗଦେବାକୁ ଯାଇଥିବା ବେଳେ ଚିନୁ ବସ୍ତିଆ, ବାବିନା ବଳିୟାରସିଂହ ଏବଂ କୁନା ଜେନା ତାଙ୍କୁ ଅଟକାଇ କାହିଁ ଫଟୋ ଉଠାଉଥିଲୁ ବୋଲି ପଚାରିବା ସହ ଗାଳିଗୁଲଜ କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ଗୁରୁବାର ଅପରାହ୍ନ ୨ଟାରେ ସ୍ଥାନୀୟ ରେଲୱେ ଷ୍ଟେଶନରେ ବେଆଇନ ହକରିଂକୁ ନେଇ ରବୀନ୍ଦ୍ର ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ସେଠାରେ ଫଟୋ ଉଠାଇବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଏନେଇ ରେଳ ସୁରକ୍ଷା ବଳ ଅଧିକାରୀଙ୍କୁ ଅବଗତ ମଧ୍ୟ କରାଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ଚିନୁ ବସ୍ତିଆ ଏବଂ ତାଙ୍କର ୧୦ଜଣ ସହଯୋଗୀ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୋଗ ପାଇଛି। ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ସେହିପରି ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି, ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ଅନ୍ୟପକ୍ଷରେ ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ଜଙ୍ଗଲ ସୁରକ୍ଷାରେ...

୨ଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଏବଂ ୨ଟି ସଂରକ୍ଷିତ ଅଞ୍ଚଳକୁ ପ୍ରଦାନ କରିଛନ୍ତି। ଏହି ଯାନ ମଧ୍ୟରେ ରହିଛି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୫୧ଟି ଅଲ–ଟେରେନ ମୋଟରଯାନ। ଜଙ୍ଗଲର ପ୍ରତି ସ୍ଥାନକୁ ଏହି ଅତ୍ୟାଧୁନିକ ଯାନ ସହଜରେ ଯାଇପାରିବ। ବାଲି, ମାଟି, କାଦୁଅ, ପଥର ଉପରେ ଚଢ଼ି ଯେକୌଣସି ପରିସ୍ଥିତିରେ ଜଙ୍ଗଲ ଭିତରକୁ ଯାଇ ପାଟ୍ରୋଲିଂ କରିବାରେ ସକ୍ଷମ ହେବ। ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବାରୁ ଏହା ପ୍ରାକୃତିକ ବିପଦକୁ କମ୍ କରିବା ସହ ଗୁପ୍ତ କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ। ସେହିପରି କଷ୍ଟୋମାଇଜ୍‌ଡ ସ୍ପ୍ରିଙ୍କଲର୍ ସିଷ୍ଟମ ସହିତ ୪୧ ଅଗ୍ନି ନିର୍ବାପକ ୟୁନିଟ୍ ଓ ୪୭ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ଜଙ୍ଗଲ କ୍ଷେତ୍ର ବିଭାଗକୁ ପ୍ରଦାନ କରାଯାଇଛି। ସଡ଼କ ପାର୍ଶ୍ୱରେ ଘଟୁଥିବା ଅଗ୍ନିକାଣ୍ଡ ରୋକିବାକୁ ଦୃଷ୍ଟିରେ ରଖି ସ୍ପ୍ରିଙ୍କଲରକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବା ସହ ଏଥିଜନିତ କ୍ଷୟକ୍ଷତିକୁ କମ୍ କରିବା ପାଇଁ ବିଶେଷ ଭାବରେ ଡିଜାଇନ କରାଯାଇଛି। ଏନେଇ ପିସିସିଏଫ୍ ନନ୍ଦ କହିଛନ୍ତି, ଜଙ୍ଗଲ ସୁରକ୍ଷା ଅଭିଯାନରେ ୩ ପ୍ରକାର ଗାଡ଼ି ସାମିଲ କରାଯାଇଛି। ସବୁଥିରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଜଙ୍ଗଲର କୋଣଅନୁକୋଣରେ ଏହା ପହଞ୍ଚିପାରିବ। ପଶୁ ଶିକାର ଓ କାଠ ଚୋରାଚାଲାଣ ଉପରେ ନଜର ରଖିହେବ। ସେହିପରି ଜଙ୍ଗଲରେ ହଠାତ୍ ନିଆଁ ଲାଗିଲେ ଏହା ସେଠାରେ ପହଞ୍ଚି ନିଆଁ ଲିଭାଇପାରିବ। ଫଳରେ ବହୁମାତ୍ରାରେ ଜଙ୍ଗଲ ଏବଂ ଏଠାରେ ବସବାସ କରୁଥିବା ଜୀବଜନ୍ତୁଙ୍କୁ ନିଆଁ କବଳରୁ ରକ୍ଷା କରିହେବ ବୋଲି ସେ କହିଛନ୍ତି। ଟାଟା ମୋଟର୍ସ ଏବଂ ମହିନ୍ଦ୍ରା କମ୍ପାନୀର ବରିଷ୍ଠ ଅଧିକାରୀ ଓ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏସବୁ ଯାନ ବିତରଣ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ନିର୍ଦ୍ଦେଶକ ମନୋଜ ଭି. ନାୟାର, ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ, ଉପ–ବନ ସଂରକ୍ଷକ ସମ୍ୟକ ସାମନ୍ତରାୟଙ୍କ ସମେତ ରେଞ୍ଜରମାନେ ଉପସ୍ଥିତ ଥିଲେ।




# ଗଞ୍ଜାମର ପାଟପୁର ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା

## ପୁରସ୍କୃତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ଭୁବନେଶ୍ୱର/ଦିଗପହଣ୍ଡି,୨୯।୧୧ (ଅନିଲ ଦାସ/ଅଶେଷ ନାଥ ମିଶ୍ର)

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଅଖିଳ ଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକ ସମ୍ମିଳନୀ-୨୦୨୪ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଭାରତ ସରକାରଙ୍କ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶାର ଗଞ୍ଜାମ ଜିଲାର ପାଟପୁର ଥାନାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ କରିଛନ୍ତି। ଉକ୍ତ ସମ୍ମିଳନୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇଥିବା ବେଳେ ଓଡ଼ିଶା ପୋଲିସ ପାଇଁ ଏହି ସମ୍ମାନ ଅତ୍ୟନ୍ତ ଗର୍ବ ଓ ସମ୍ମାନର ମୁହୂର୍ତ୍ତ ବୋଲି ମତବ୍ୟକ୍ତ କରିଛନ୍ତି। ଡିଜିପି ଖୁରାନିଆଙ୍କ ମାର୍ଗଦର୍ଶନରେ ଥାନାର ଭିତ୍ତିଭୂମି ନିର୍ମାଣ ଏବଂ ଉନ୍ନତୀକରଣ ଭଳି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଡିଜିପି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ସମେତ ରାଜ୍ୟ ତଥା ଜିଲା ପୋଲିସର ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ସମଗ୍ର ଦେଶରେ ଥିବା ଥାନାଗୁଡ଼ିକର ବିଭିନ୍ନ ମାନଦଣ୍ଡକୁ ଆଧାର କରି ଶ୍ରେଷ୍ଠ ଥାନା ପୁରସ୍କାର ନିମନ୍ତେ ଚୟନ କରାଯାଇଥାଏ। ଅପରାଧ ହାର, ତଦନ୍ତ, ମାମଲାର ସମାଧାନ, ସିସିଟିଏନ୍‌ଏସ୍ ବ୍ୟବହାର, ଏନ୍‌ଫୋର୍ସମେଣ୍ଟ, ପୁନରୁଦ୍ଧାର ସମ୍ପତ୍ତିର ମୂଲ୍ୟ, ଦୋଷୀ ସାବ୍ୟସ୍ତ ହାର, ଦଣ୍ଡବିଧାନ, ଥାନାଗୁଡ଼ିକର ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ସାଧାରଣ ଜନତାଙ୍କୁ ଉନ୍ନତ ତଥା ଗୁଣାତ୍ମକ ସେବା ପ୍ରଦାନ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ଶ୍ରେଷ୍ଠ ଥାନା ଚୟନ କରାଯାଇଥାଏ। ଏହି ସମସ୍ତ ମାନଦଣ୍ଡରେ ଗଞ୍ଜାମ ଜିଲା ପାଟପୁର ଥାନାର ଉଲ୍ଲେଖନୀୟ ପ୍ରଦର୍ଶନ ରହିଥିଲା। ଏହାକୁ ଭିତ୍ତିକରି ପାଟପୁର ଥାନା ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କଠାରୁ ପ୍ରଶଂସା ପତ୍ର ସହ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି।

# ତାମିଲନାଡୁରେ ବାତ୍ୟା, ଓଡ଼ିଶାରେ ବର୍ଷା

## ଆଜି ୧୭ ଜିଲାରେ ଝିପିଝିପି ବର୍ଷିବ

ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଘନୀଭୂତ ହେଉଥିବାବେଳେ କ୍ରମଶଃ ବାତ୍ୟାର ରୂପ ନେବାକୁ ଯାଉଛି। ବାତ୍ୟାର ନାଁ 'ଫେଙ୍ଗାଲ' ରଖାଯାଇଥିବାବେଳେ ଏହା ତାମିଲନାଡୁ ଉପକୂଳରେ ମାଡ଼ହେବା ସମ୍ଭାବନା ରହିଛି। ତେବେ ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ନ ଥିଲେ ମଧ୍ୟ ଅଧିକାଂଶ ଜିଲାରେ କୋହଲା ପାଗ ସହ ବର୍ଷା ଆରମ୍ଭ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ବାତ୍ୟା ଲାଗି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ, ଶ୍ରୀଲଙ୍କା ପୂର୍ବ ଉପକୂଳ, ତାମିଲନାଡୁ ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଥିବାବେଳେ ଓଡ଼ିଶା ଉପକୂଳକୁ କୌଣସି ସତର୍କ ସୂଚନା ନାହିଁ। ତେବେ ରାଜ୍ୟରେ ସକ୍ରିୟ ରହିଥିବା ପାଣିପାଗ ନିୟାମକ ଅନୁସାରେ ପବନ ପ୍ରବାହର ଦିଗ ବଦଳିଛି। ପୂର୍ବଦିଗରୁ ରାଜ୍ୟକୁ ପ୍ରବାହିତ ପବନ ବଙ୍ଗୋପସାଗରରୁ ଜଳୀୟବାଷ୍ପ ସହ ପ୍ରବେଶ କରୁଥିବାରୁ ରାଜ୍ୟରେ ପାଗ ପ୍ରାୟତଃ ମେଘୁଆ ରହୁଛି। ଏହାସହ କିଛି ସ୍ଥାନରୁ ହାଲୁକାରୁ ଅତି ହାଲୁକା ବର୍ଷା ହୋଇଛି। ଶନିବାର ମଧ୍ୟ ପ୍ରାୟ ୫ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ବିଶେଷକରି ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ପୁରୀ, କଟକ, ନୟାଗଡ଼, ଯାଜପୁର, ଖୋର୍ଦ୍ଧାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ମହାସିର ପ୍ରଜାତି ମାଛ ଆବିଷ୍କୃତ

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସଫଳତା

କୋରାପୁଟ,୨୯।୧୧(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଡିନ୍ ଶରତ କୁମାର ପଲିତାଙ୍କ ନେତୃତ୍ୱରେ କାର୍ଯ୍ୟରତ ଗବେଷକମାନେ ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ ନଦୀରୁ ୨ ନୂତନ ମହାସିର ପ୍ରଜାତିର ମାଛ ଆବିଷ୍କାର କରିଛନ୍ତି। ମାଛଗୁଡ଼ିକ ସାଇପ୍ରିନ୍‌ୟଡ ପରିବାର ଅନ୍ତର୍ଭୁକ୍ତ, ବଡ଼ ଶରୀର ବିଶିଷ୍ଟ ଓ ଏମାନଙ୍କ କାତିଗୁଡ଼ିକ ବଡ଼। 'ଭାରତୀୟ ନଦୀର ରାଜା' କୁହାଯାଉଥିବା ଉକ୍ତ ମାଛଗୁଡ଼ିକୁ ପୃଥିବୀର ୨୦ ବୃହତ୍ ମାଛ ପରିବାରରେ ଅନ୍ତର୍ଭୁକ୍ତ କରାଯାଇଛି। ଏମାନେ ସାଧାରଣତଃ ଦ୍ରୁତବେଗରେ ପ୍ରବାହିତ, ଶୀତଳ, ସ୍ୱଚ୍ଛ, ପାହାଡ଼ିଆ ନଦୀର ପଥୁରିଆ ଓ କଙ୍କରଯୁକ୍ତ ଚଟାଣରେ ବାସ କରନ୍ତି। ପ୍ରଫେସର ପଲିତା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେବା ପରେ ମହାସିର ମାଛ ଉପରେ ଗବେଷଣା ଆରମ୍ଭ କରିଥିଲେ। ଏହି ଗବେଷଣା ପାଇଁ ପିଏଚ୍‌.ଡି. ଗବେଷକ ଆଲୋକ କୁମାର ନାୟକ ଓ ଡ. ଅନିର୍ବାଣ ମହତଙ୍କୁ ନିୟୋଜିତ କରିଥିଲେ। ଗବେଷଣା



ସମୟରେ ଉକ୍ତ ପ୍ରଜାତିର ମାଛ ନବରଙ୍ଗପୁରର ଖାତିଗୁଡ଼ା ବଜାର ବା ଇନ୍ଦ୍ରାବତୀ ବଜାରରୁ ପ୍ରଥମେ ଦେଖିବାକୁ ପାଇଥିଲେ। ପରେ ଉକ୍ତ ମାଛକୁ କଳାହାଣ୍ଡିର ମୁଖିଗୁଡ଼ାରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଏବଂ ନବରଙ୍ଗପୁର କାପୁର ଡ୍ୟାମ୍‌ରୁ ଆବିଷ୍କାର କରାଯାଇଥିଲା। କୋଲକାତାସ୍ଥିତ ଜାତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଟରଟର ଏବଂ ଟରପୁଟିଟୋରା ଆଦି ୨ ମହାସିର ପ୍ରଜାତିର ମାଛ ଭାବେ ଚିହ୍ନଟ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ନଦୀଗୁଡ଼ିକରେ ମିଳୁଥିବା ମହାସିର ମାଛଗୁଡ଼ିକର ଜେନେଟିକ୍ ବିଶ୍ଳେଷଣ ସମାପ୍ତ ହେବାକୁ ଯାଉଥିବା ବେଳେ ସେମାନଙ୍କ ସଂରକ୍ଷଣ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରଫେସର ପଲିତା କହିଛନ୍ତି। ମହାସିରଗୁଡ଼ିକର କୃତ୍ରିମ ପ୍ରଜନନ ପାଇଁ ଗବେଷଣା କରାଯିବା ଦରକାର ଯାହା ଉକ୍ତ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ପଲିତା କହିଛନ୍ତି। କୁଳପତି ଚକ୍ରଧର ତ୍ରିପାଠୀ ଏବଂ ଭାରପ୍ରାପ୍ତ କୁଳପତି ନରସିଂହ ଚରଣ ପଣ୍ଡା ଗବେଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମକରି ଗାଁରେ ଜଳିଲା ବିଜୁଳି ଆଲୁଅ

ଉମରକୋଟ,୨୯।୧୧ (ସନ୍ତୋଷ ଶତପଥୀ)

ଦୀର୍ଘ ବର୍ଷ ପରେ ଉମରକୋଟ ବ୍ଲକ୍‌ର ୨ ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଏହାକୁ ନେଇ ଉଭୟ ଗାଁର ଲୋକେ ବେଶ୍ ଖୁସି ଅଛନ୍ତି। ସୂଚନାନୁଯାୟୀ, ଉମରକୋଟ ବ୍ଲକ୍ ବକଦା ପଞ୍ଚାୟତର ଗଟିଗୁଡ଼ା ଓ କୋପେନା ଗ୍ରାମରେ ବିଦ୍ୟୁତ୍ ସଂଯୋଗ ନ ଥିଲା। ସନ୍ଧ୍ୟା ହେଲେ ଗ୍ରାମବାସୀ ଡିବିରି, ଲଣ୍ଠନ ଆଲୁଅ ଉପରେ ନିର୍ଭର କରୁଥିଲେ। ଗାଁକୁ ବିଦ୍ୟୁତ୍ ସଂଯୋଗ କରିବାକୁ ସେମାନେ ବ୍ଲକ୍ ଓ ଜିଲା ପ୍ରଶାସନକୁ ଜଣାଉଥିଲେ। ତେବେ ଦୀର୍ଘ ବର୍ଷକରେ ବର୍ତ୍ତମାନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିର୍ଦ୍ଦେଶକ୍ରମେ ଏହି ୨ ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଶୁକ୍ରବାର ମନ୍ତ୍ରୀଙ୍କ ପ୍ରତିନିଧି ତଥା ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସେଠାରେ ପହଞ୍ଚି ବିଜୁଳି ଆଲୁଅ ବ୍ୟବସ୍ଥା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେହେଡ଼ା ମଣ୍ଡଳ ଭାଜପା ରାମହରି ସାହୁ ଓ ମାନସିକ ଭାଜପା ଯୁବନେତା ମିଲୁ ପଣ୍ଡା, ସମ୍ପାଦକ ହରପ୍ରସାଦ ପାଣିଗ୍ରାହୀ, ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଗଟିଗୁଡ଼ାରେ ବିଦ୍ୟୁତ୍ ସେବା ଶୁଭାରମ୍ଭ କରାଯାଉଛି।

# ବସ୍ ପଛକୁ ପିଟିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର






ଟାଙ୍ଗୀ,୨୯।୧୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର କୋଟିଲା ଛକରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍ ପଛରେ ଅନ୍ୟ ଏକ ବସ୍ ପିଟି ହେବାରୁ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଟାଙ୍ଗୀ ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଅପରାହ୍ନରେ ବାଲୁଙ୍କେଶ୍ୱର ଏବଂ ନମସ୍କାର ନାମକ ଦୁଇଟି ଯାତ୍ରୀବାହୀ ବସ୍ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ତେବେ ଜାତୀୟ ରାଜପଥର କୋଟିଲା ଛକରେ ବାଲୁଙ୍କେଶ୍ୱର ବସ୍ ଭାରସାମ୍ୟ ହରାଇ ନମସ୍କାର ବସ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବସ୍ ଦୁଇଟି ରାସ୍ତାପାର୍ଶ୍ୱରେ ଥିବା ଦୁଇଟି ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଭାଙ୍ଗିରୁଜି ଯାଇଥିବା ବେଳେ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଟାଙ୍ଗୀ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଗୁରୁତର ଥିବା ଗଞ୍ଜାମ ଜିଲାର ପ୍ରଶାନ୍ତ ଗୌଡ଼ (୩୬), ଜ୍ୟୋତ୍ସ୍ନା ଗୌଡ଼ (୩୪), ନର୍ମଦା ଗୌଡ଼ (୫୪), ସବିତା ପାତ୍ର (୬୦), କୁନ୍ଦନ ପାତ୍ର (୪୫), ବବି ସ୍ୱାଇଁ (୪୫), ଅଞ୍ଜୁ ବିଶୋଇ (୪୦), ଅକୁଳ ଗୌଡ଼ (୧୭), ଉଷାରାଣୀ ପାତ୍ର (୨୨), ଶରତ ନାୟକ (୪୦), ସନ୍ତୋଷ ଗୌଡ଼ (୪୭), ସନ୍ତୋଷୀଦା ଗୌଡ଼ (୪୭), ଝୁନା ଗୌଡ଼ (୩୫), ସୁମନ ଗୌଡ଼ (୧୨), ନମିତା ବେହେରା (୪୦), ଯୁଧିଷ୍ଠିର ଗଣ୍ଡୁଆଳ (୬୨) ପ୍ରମୁଖଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲକୁ ପଠାଯାଇଛି। ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।




ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଅବସରରେ ଏହାର ପରିଚାଳନା ମଣ୍ଡଳୀ, ଅଗଣିତ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ.

Dr. Subhash Chandra Nayak
Chairman

Prof. Smrutisudha Nayak
Co-founder

NIIS GROUP OF INSTITUTIONS
Campus-I: Sarada Vihar, Madanpur, Bhubaneswar - 752054
Campus-II: At/Po - Chhatabar, Bhubaneswar - 752054
Contact: 9778899990 / 9778899991
Visit us: www.niisgroup.org I Email: contactus@niisgroup.org

Celebrating Silver Jubilee Year
Grooming to Excel..... Since the year 2000

Offers

MBA, MCA, B.Tech, B.Tech (Lateral Entry) Diploma Engg., Diploma Engg. (Lateral Entry)
(Approved by AICTE, Govt. of India, Affiliated to BPUT & SCTE&VT, Govt. of Odisha)

BBA, BCA, B.Sc.(ITM), B.Sc.(CS), B.Sc.(Biotech), +3 Sc./Com./Arts (Hons) M.Com., M.Com.(F&C), MPMIR, MSW, M.Sc.(CS), M.Sc.(Phy.,Chem.,Biotech)
(Recognised by Govt. of Odisha & Affiliated to Utkal University)

# ବଡ଼ ରାଜଜେମା ଅନ୍ନପୂର୍ଣ୍ଣା ପ୍ରିୟଦର୍ଶିନୀଙ୍କ ପରଲୋକ

ଢେଙ୍କାନାଳ,୨୯।୧୧ (ରତନ ନାୟାର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓଙ୍କ ଜ୍ୟେଷ୍ଠ କନ୍ୟା ବଡ଼ ରାଜଜେମା ଅନ୍ନପୂର୍ଣ୍ଣା ପ୍ରିୟଦର୍ଶିନୀ ଦେବୀଙ୍କ ଗତ ୨୪ ତାରିଖ ଦିନ ରାଜସ୍ଥାନ ମେୱାରର ଭୁପଲଗଡ଼ଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୦ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ମେୱାର ଭୁପଲଗଡ଼ ରାଜପରିବାରର ବିକ୍ରମାଦିତ୍ୟ ସିଂହ ରାଣାୱତଙ୍କ ପତ୍ନୀ। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଅସୁସ୍ଥ ଥିଲେ। ଖବରପାଇ ରାଜା କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂଦେଓ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଢେଙ୍କାନାଳରେ ମଧ୍ୟ ଶୋକର ଛାୟା ଖେଳିଯାଇଛି।



ରାଜଜେମା ଅନ୍ନପୂର୍ଣ୍ଣା ପ୍ରିୟଦର୍ଶିନୀ ଦେବୀ



ତୁମର କର୍ତ୍ତବ୍ୟ ହେଲା- ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। -ଶ୍ରୀମା

-ବକୁଳ ଅମାବାସ୍ୟା, ଶ୍ରୀମନ୍ଦିରରେ ଓ ଗୃହିଣୀଂ ବକୁଳ ଲାଗି, ସୋମମହତୀ ସ୍ନାନ ଓ ଚନ୍ଦ୍ରକ୍ଷୟ



# ଠିକଣା ବଦଳିବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ଭିସ୍ତା ପ୍ରକଳ୍ପ ଶେଷରେ ପ୍ରଭାବୀ ଢଙ୍ଗରେ କାମ କରୁଛି। ପ୍ରମୁଖ ସରକାରୀ ମନ୍ତ୍ରଣାଳୟଗୁଡ଼ିକୁ ବ୍ୟୟବହୁଳ, ଆଧୁନିକ ତଥା ଉଚ୍ଚବୈଷୟିକ ସମ୍ପନ୍ନ କାର୍ଯ୍ୟାଳୟରେ ପରିଣତ କରିବା ସହ ନର୍ଥ ଓ ସାଉଥ୍ ବ୍ଲକ୍‌କୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଯାଉଛି ବୋଲି ଗୁଞ୍ଜରଣ ସୃଷ୍ଟି ହୋଇଛି। ସୂତ୍ରରୁ ଜଣାପଡ଼ିଛି, ପ୍ରଥମ ପର୍ଯ୍ୟାୟରେ ଏକ ଡଜନରୁ ଅଧିକ ମନ୍ତ୍ରଣାଳୟ ସହିତ ଅର୍ଥ ମନ୍ତ୍ରଣାଳୟ ନର୍ଥ ବ୍ଲକ୍‌ରୁ ନୂତନ ସାଧାରଣ କେନ୍ଦ୍ରୀୟ ସଚିବାଳୟ (ସିସିଏସ୍) କମ୍ପ୍ଲେକ୍ସକୁ ଯିବ। ମାର୍ଚ୍ଚ ୨୦୨୫ ସୁଦ୍ଧା ଧୀରେ ଧୀରେ ପରିବର୍ତ୍ତନ ହେବ, ଅର୍ଥାତ୍ ବାବୁମାନେ ସେମାନଙ୍କ ଫାଇଲଗୁଡ଼ିକୁ ତରବରିଆ ଭାବେ ପ୍ୟାକ୍ କରିବାକୁ ପଡ଼ିବ। ସମସ୍ତଙ୍କ ନଜର ଏହି କାର୍ଯ୍ୟ ଉପରେ ରହିଥିବାବେଳେ, ସେଠାରେ ଆଉ ଏକ ପ୍ରୋଜେକ୍ଟ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ତାହା ହେଉଛି ଯୁଗେ ଯୁଗିନ ଭରତ ମ୍ୟୁଜିୟମ୍(ୱାଇୱାଇବିଏମ୍) । ଏହି ସଂଗ୍ରହାଳୟ ଐତିହ୍ୟ-ସମୃଦ୍ଧ ନର୍ଥ ଏବଂ ସାଉଥ୍ ବ୍ଲକ୍‌ରେ କରାଯିବାକୁ ସ୍ଥିର ହୋଇଛି। କିନ୍ତୁ ଏଥିରେ ଏକ ଅସୁବିଧା ଅଛି। ସଂଗ୍ରହାଳୟ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍କୃତି ମନ୍ତ୍ରଣାଳୟ ଏହି ବ୍ଲକ୍‌ଗୁଡ଼ିକର ହସ୍ତାନ୍ତରକୁ ଅପେକ୍ଷା କରିଛି, ଯାହା ୨୦୨୫ ମଧ୍ୟଭାଗରେ ହୋଇପାରିବ ବୋଲି ଆଶା କରାଯାଏ। କାରଣ, ଅକ୍ଟୋବର ୨୦୧୯ର ଏକ ଆକଳନ ଅନୁଯାୟୀ ମାର୍ଚ୍ଚ ୨୦୨୪ରେ ସିସିଏସ୍ ବିଲ୍ଡିଂ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହାର ସମୟସୀମା ଚାଲିଗଲାଣି ଓ ଶେଷ ହୋଇପାରୁନାହିଁ। ନିକଟରେ ଅନୁଷ୍ଠିତ ଏକ ବୈଠକରୁ ଜଣାପଡୁଛି ଯେ, ଅଧିକାରୀମାନେ ଏହି ଗତି ବଢ଼ାଇବାକୁ ଚେଷ୍ଟା କରିଛନ୍ତି। ତେବେ ସିସିଏସ୍ ବିଲ୍ଡିଂ ଜାନୁଆରୀରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ନର୍ଥ ଏବଂ ସାଉଥ୍ ବ୍ଲକ ହସ୍ତାନ୍ତର ପାଇଁ ଜୁନ୍ ୨୦୨୪ ଥିଲା ସମୟସୀମା। ୨୦୨୯ ନିର୍ବାଚନ ବର୍ଷକୁ ଦୃଷ୍ଟିରେ ରଖି ଏହି ସବୁ କାର୍ଯ୍ୟ ଖୁବ୍‌ଶୀଘ୍ର କରିବାକୁ ପଡ଼ିବ। ସେଥିପାଇଁ କେନ୍ଦ୍ର ଭିସ୍ତାର ରୂପାନ୍ତରଣ ଶେଷ କରିବାକୁ କେନ୍ଦ୍ର ଅଣ୍ଟା ଭିଡ଼ିଛି।

### ଉତ୍ତରଦାୟିତ୍ୱର ଅଧିକାର

ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ଉପରେ ଅନୁଶାସନାତ୍ମକ ବା ଶୃଙ୍ଖଳାଗତ ଅଧିକାରକୁ ନେଇ କେନ୍ଦ୍ରର ଏବକାର ଆଭିମୁଖ୍ୟ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହା କେନ୍ଦ୍ର-ରାଜ୍ୟ ଗତିଶୀଳତା ଉପରେ କିଛି ଗମ୍ଭୀର ପ୍ରଭାବ ପକାଇପାରେ। ନିଜ ନ୍ୟାୟିକ ସୀମା ମଧ୍ୟରେ କାର୍ଯ୍ୟରତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର କ୍ଷମତା ନାହିଁ ବୋଲି ନିକଟରେ କଲିକତା ହାଇକୋର୍ଟରେ କେନ୍ଦ୍ର ସ୍ପଷ୍ଟ କରିଛି। କୋଲକାତା ପୂର୍ବତନ ପୋଲିସ କମିଶନର ବିନିତ୍ ଗୋୟଲଙ୍କ ବିରୋଧରେ ହୋଇଥିବା ଏକ ପିଟିଶନର ଉତ୍ତରରେ ଏହି ବିବୃତି ଦିଆଯାଇଛି। ବିନିତ୍ ଏକ ଉଚ୍ଚ ପ୍ରୋଫାଇଲ ମାମଲାରେ ପୀଡ଼ିତଙ୍କ ନାମ ପ୍ରକାଶ କରିଥିବା ଅଭିଯୋଗ ହୋଇଥିଲା। ଗତ ମାସରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି ଅନୁଯାୟୀ ଅତିରିକ୍ତ ସଲିସିଟର ଜେନେରାଲ ଖଣ୍ଡପୀଠକୁ ସୂଚନା ଦେଇଛନ୍ତି, କୌଣସି ଅସଦାଚରଣ ପାଇଁ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍‌ଏସ୍ ଅଧିକାରୀଙ୍କୁ ଉତ୍ତରଦାୟୀ କରିବାକୁ ରାଜ୍ୟଗୁଡ଼ିକର ଅଧିକାର ରହିଛି। ଏହି ସ୍ପଷ୍ଟୀକରଣ ବିଶେଷକରି କେନ୍ଦ୍ର ଓ ରାଜ୍ୟଗୁଡ଼ିକର ଉତ୍ତରଦାୟିତ୍ୱକୁ ସୂଚିତ କରେ। ଏହି ସ୍ପଷ୍ଟୀକରଣକୁ ଦାୟିତ୍ୱ ହସ୍ତାନ୍ତର ଏକ ପଦକ୍ଷେପ ବୋଲି କେତେକେ ବିଚାର କରନ୍ତି। କିନ୍ତୁ ଏହା କେବଳ ଜଣେ ଅଧିକାରୀ କିମ୍ବା ଗୋଟିଏ ମାମଲାର ବିଷୟ ନୁହେଁ। ଏହା ଏକ ବ୍ୟାପକ ଧାରାର ପ୍ରତିଫଳନ। ଏହି ନୂତନ ସ୍ଥିତିରେ ଅଧିକ ଦାୟିତ୍ୱ ଗ୍ରହଣ କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ଆମନ୍ତ୍ରଣ କରୁଥିବା ପରି ମନେହୁଏ। ସମ୍ଭବତଃ ସମଗ୍ର ଭାରତରେ ଲାଗୁ ହୋଇଥିବା ଅମଲାତାନ୍ତ୍ରିକ ଶୃଙ୍ଖଳାରେ ଥିବା ଏକ ବିଭାଜିତ ଦୃଷ୍ଟିକୋଣକୁ ଦେଖି ଏହା କରାଯାଉ ଥାଇପାରେ। ସତ କହିବାକୁ ଗଲେ, ଏହା ମଧ୍ୟ ରାଜ୍ୟଗୁଡ଼ିକ ପାଇଁ ଅଧିକ ରାଜନୈତିକ ସୁଯୋଗର ଦ୍ୱାର ଖୋଲିଥାଏ । କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ କ୍ଷମତା ବା ଅଧିକାର ଉପରେ ଏଭଳି ନାଟକ ଜାରି ରଖିବାରୁ ଗୋଟିଏ କଥା ନିଶ୍ଚିତ ଯେ, କେନ୍ଦ୍ର-ରାଜ୍ୟ ସମ୍ପର୍କର ମୂଳ ନିୟମ ସମ୍ପୂର୍ଣ୍ଣ ଭାବେ ପୁନଃ ଲିଖନ କରାଯାଉଛି । ଏହା ଅଧିକ ସହଯୋଗକୁ ପ୍ରତିପାଦିତ କରିବ ନା ଅଧିକ କଳହ ସୃଷ୍ଟି କରିବ ତାହା ଦେଖିବାକୁ ବାକି ରହିଲା।

### ଆକସ୍ମିକ ଅପସାରଣ

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ କ୍ରମେ ଜୁନ୍ ୨୦୨୧ ପରଠାରୁ ସମ୍ମାନଜନକ ପଦବୀରେ ଅବସ୍ଥାପିତ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଅବସର ଗ୍ରହଣ କରିବାର ଏକ ମାସ ପୂର୍ବରୁ ହଠାତ୍ ଅଣଦେଖା କରାଯାଇଥିଲା। ପ୍ରକଳ୍ପ ବିଳମ୍ବ ଯୋଗୁ ତାଙ୍କୁ ଅପସାରଣ କରାଯାଇଥିବା ସରକାରୀ ଭାବେ ଦର୍ଶାଯାଇଥିଲା, କିନ୍ତୁ ଯେଉଁ ସମୟରେ ଏହି ଅମଲାତାନ୍ତ୍ରିକ ପରିବର୍ତ୍ତନ କରାଗଲା ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଅଧିକାରୀଙ୍କ ସହ ଅନ୍ୟ ନଅ ଜଣକୁ ପୁନଃନିଯୁକ୍ତ କରାଯାଇଥିବା ଦେଖିବାକୁ ମିଳିଲା। ତେବେ ଏଭଳି ପରିବର୍ତ୍ତନ ପଛରେ ପ୍ରକୃତରେ କ'ଣ ରହିଛି ସେ ବିଷୟରେ କଳ୍ପନା ଜଳ୍ପନା ଲାଗିରହିଛି। କୌତୂହଳର ବିଷୟ ହେଉଛି, ମୁଖ୍ୟ ଅଧିକାରୀ ଯିଏ ଏହି ନିଷ୍ପତ୍ତି ଉପରେ ପ୍ରଭାବ ପକାଇ ପାରିଥାନ୍ତେ ସେ ଘଟଣା ଘଟିବା ଦିନ ଅନୁପସ୍ଥିତ ଥିଲେ । ଅନେକେ ବିଶ୍ୱାସ କରନ୍ତି ଯେ ଯଦି ଏହି ବ୍ୟକ୍ତି ସେଦିନ ସେଇଠି ଥାଆନ୍ତେ, ତେବେ ବୋଧହୁଏ ଫଳାଫଳ ଭିନ୍ନ ହୋଇଥାନ୍ତା । ଅବସର ପୂର୍ବରୁ ଅଧିକାରୀଙ୍କ ଆକସ୍ମିକ ଅପସାରଣ ସହିତ ତାଙ୍କର ଜଣେ ପ୍ରଭାବଶାଳୀ ସାଥୀଙ୍କ ଅନୁପସ୍ଥିତି ଏହି କାହାଣୀରେ ଆହୁରି କିଛି ଅଛି ବୋଲି ସୂଚିତ କରେ। ଅମଲାତନ୍ତ୍ର ପାଇଁ ସମୟ ଏବଂ ସମ୍ପର୍କ ବଡ଼ କଥା ନୁହେଁ ବରଂ ଏହା ଯୋଗ୍ୟତାକୁ ଗୁରୁତ୍ୱ ଦିଏ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | 2 |
| | | 5 | 1 | | | | 8 | |
| | | | | | | | | 1 |
| 1 | | | | 7 | | | | 9 |
| | | | | 3 | | | | |
| 7 | | | 8 | | | | | |
| | 2 | 1 | 6 | 4 | | | | |
| | 4 | | 9 | | | | 2 | |
| | | | | 8 | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 4 | 5 | 1 | 2 | 3 | 7 |
| 1 | 3 | 4 | 2 | 9 | 7 | 5 | 8 | 6 |
| 5 | 2 | 7 | 6 | 8 | 3 | 9 | 1 | 4 |
| 7 | 4 | 2 | 8 | 1 | 9 | 6 | 5 | 3 |
| 3 | 8 | 1 | 5 | 2 | 6 | 7 | 4 | 9 |
| 6 | 9 | 5 | 7 | 3 | 4 | 8 | 2 | 1 |
| 9 | 1 | 8 | 3 | 7 | 5 | 4 | 6 | 2 |
| 4 | 5 | 3 | 9 | 6 | 2 | 1 | 7 | 8 |
| 2 | 7 | 6 | 1 | 4 | 8 | 3 | 9 | 5 |

ଗତକାଲିର ଉତ୍ତର

# ଜାତୀୟ ଶିକ୍ଷାନୀତିରେ ଉଚ୍ଚଶିକ୍ଷା



ଡ. ଜ୍ଞାନରଞ୍ଜନ ପଣ୍ଡା

ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟରେ ପାଠପଢ଼ା ହେବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ହେଉଛି ଆମ ଦେଶରେ ତୃତୀୟ ଜାତୀୟ ଶିକ୍ଷାନୀତି, ଯାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଲେ ପୂର୍ବ ପ୍ରଚଳିତ ୧୯୮୬ ଶିକ୍ଷା ନୀତିର ଅବସାନ ଘଟିବ। ଏହି ନୀତି ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣରେ ସହାୟକ ହେବା ସହ ଏକବିଂଶ ଶତାବ୍ଦୀର ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବ ବୋଲି ଅନେକେ ମତପୋଷଣ କରୁଛନ୍ତି। ନୂତନ ଶିକ୍ଷା ନୀତିରେ ଉଭୟ ପ୍ରାଥମିକ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରିବା ସହିତ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ନିୟମାବଳୀର ସଂଶୋଧନ ଏବଂ ନବୀକରଣ କରାଯାଇଅଛି। ଏହି ନୀତିର ପ୍ରଥମ ସ୍ତମ୍ଭ ହେଉଛି ସର୍ବାଙ୍ଗୀନ ବିକାଶ ଏବଂ ବହୁମୁଖୀ ଶିକ୍ଷା। ପାଠ୍ୟକ୍ରମ ଏବଂ ଶିକ୍ଷା ଗ୍ରହଣର ଲକ୍ଷ୍ୟ କେବଳ ଜ୍ଞାନଗତ ବିକାଶର ବୃଦ୍ଧି ନୁହେଁ ବରଂ ଉତ୍ତମ ଚରିତ୍ର ଗଠନ ସହିତ ଏକବିଂଶ ଶତାବ୍ଦୀର ଉନ୍ନତ ଜ୍ଞାନକୌଶଳ ହାସଲ ସହିତ ଏକ ସୁଦୃଢ଼ ବ୍ୟକ୍ତିବିଶେଷ ତିଆରି କରିବା ଏହାର ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ଅତ୍ୟାବଶ୍ୟକ ଶିକ୍ଷଣ, ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା, ଆଲୋଚନା-ଆଧାରିତ ଏବଂ ବିଶ୍ଳେଷଣ-ଆଧାରିତ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରାଯାଇଅଛି।

ଏହି ନୂତନ ବ୍ୟବସ୍ଥାରେ ସ୍ନାତକ ଡିଗ୍ରୀର ଅବଧି ତିନି ବା ଚାରି ବର୍ଷ ହେବ। ଏହି ଅବଧି ମଧ୍ୟରେ ଏକ କୋର୍ସରୁ ଅନ୍ୟ କୋର୍ସକୁ ପ୍ରସ୍ଥାନ କରିବାର ଏକାଧିକ ବିକଳ୍ପ ଉପାୟ ରହିବ ଏବଂ ସେମାନଙ୍କୁ ସେହି ଅନୁରୂପ ସାର୍ଟିଫିକେଟ ପ୍ରଦାନ କରିବାର ପ୍ରାବଧାନ ରହିଛି। ଅର୍ଥାତ ନୂତନ ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କୁ ମୁକ୍ତ ଭାବେ ବିଷୟ ଚୟନ କରିବାରେ ସୁଯୋଗ ପ୍ରଦାନ କରାଯାଇଛି। ଯଦି ଜଣେ ଛାତ୍ର ସମ୍ପୂର୍ଣ୍ଣ ଚାରି ବର୍ଷ ସମାପ୍ତ କରେ ତେବେ ସେ କୌଣସି ବିଷୟରେ ସମ୍ମାନ ବା ଗବେଷଣା ସହିତ ସମ୍ମାନ ରଖି ସ୍ନାତକ ଡିଗ୍ରୀ ହାସଲ କରିପାରିବ। ଅର୍ଥାତ ଗବେଷଣା ସହିତ ସମ୍ମାନରେ ସ୍ନାତକ ଡିଗ୍ରୀ ହାସଲ କରିବାକୁ ହେଲେ ଜଣେ ଛାତ୍ରକୁ ପ୍ରଥମ ଛଅ ଗୋଟି ସେମିଷ୍ଟର ପରୀକ୍ଷାରେ ୭୫% ରୁ ଅଧିକ ନମ୍ବର ହାସଲ କରିବା ସହ ତା'ର ଚତୁର୍ଥ ବର୍ଷରେ ଗବେଷଣାତ୍ମକ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ହେବାକୁ ପଡ଼ିବ। ଯଦି କେହି ତିନି ବର୍ଷର ଶିକ୍ଷା ଗ୍ରହଣ ପରେ ବିଶ୍ୱବିଦ୍ୟାଳୟ ପ୍ରସ୍ଥାନ କରିବାକୁ ଚାହେଁ ତେବେ ସେହି କ୍ଷେତ୍ରରେ ତାକୁ



ସ୍ନାତକ ଡିଗ୍ରୀ ପ୍ରଦାନ କରାଯିବ। ୩ ବର୍ଷିଆ ସ୍ନାତକ ଡିଗ୍ରୀ କରିଥିବା ଛାତ୍ରମାନଙ୍କ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମର ଅବଧି ୨ ବର୍ଷ ରହିବ, ଯେଉଁଠି ଦ୍ୱିତୀୟ ବର୍ଷଟି ଗବେଷଣାଭିତ୍ତିକ ହେବ। ୪ ବର୍ଷିଆ ସ୍ନାତକ କରିଥିବା ଛାତ୍ରଙ୍କ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମର ଅବଧି ୧ ବର୍ଷ ରହିବ। ପିଏଚ.ଡି. ପାଠ୍ୟକ୍ରମରେ ଭର୍ତ୍ତି ହେବା ପାଇଁ ସ୍ନାତକୋତ୍ତର ଡିଗ୍ରୀ କିମ୍ବା ଗବେଷଣା ସହିତ ସମ୍ମାନରେ ୪ ବର୍ଷିଆ ସ୍ନାତକ କରିଥିବା ଡିଗ୍ରୀର ଆବଶ୍ୟକତା ରହିଛି ବୋଲି କୁହାଯାଇଅଛି। ଅର୍ଥାତ ଏହି ବ୍ୟବସ୍ଥାରେ ସ୍ନାତକ ସ୍ତରରୁ ଗବେଷଣାକୁ ଗୁରୁତ୍ୱ ପ୍ରଦାନ ସହିତ ବହୁମୁଖୀ ବିଷୟର ଶିକ୍ଷାକୁ ଯଥେଷ୍ଟପ୍ରାଧାନ୍ୟ ଦିଆଯାଇଛି। ମାତ୍ର ଆମ ଦେଶରେ ମହାବିଦ୍ୟାଳୟ ଓ ରାଜ୍ୟ ସରକାରଙ୍କ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗଡ଼ିକରେ ଗବେଷଣାର ମାନ ଅତ୍ୟନ୍ତ ଦୁର୍ବଳ। ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବାରୁ ଜାତୀୟ ଶିକ୍ଷା ନୀତି ୨୦୨୦ର ସୁପାରିସ ଅନୁଯାୟୀ ଭାରତରେ ଗବେଷଣା କ୍ଷେତ୍ରକୁ ଏକ ନୂତନ ରଣନୀତିକ ଦିଗ ପ୍ରଦାନ କରିବାକୁ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ପ୍ରତିଷ୍ଠା କରାଯାଇଅଛି। ଏହା ଆମ ଦେଶରେ ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ ଗବେଷଣା କ୍ଷେତ୍ରକୁ ଅଧିକ ପ୍ରଭାବୀ କରିପାରିବ।

ଏହି ବ୍ୟବସ୍ଥାରେ ବିଷୟଗୁଡ଼ିକୁ ମେଜର (ମୁଖ୍ୟ ବିଷୟ), ମାଇନର (ସହଯୋଗୀ ବିଷୟ), ମଲ୍ଟି ଡିସିପ୍ଲିନାରୀ (ବହୁମୁଖୀ ବିଷୟ), ସ୍କିଲ୍ ଏନହାନ୍ସମେଣ୍ଟ (ଦକ୍ଷତା ବୃଦ୍ଧି), ଆବିଲିଟି ଏନହାନ୍ସମେଣ୍ଟ (ବାଧ୍ୟତାମୂଳକ ବିଷୟ), ମୂଲ୍ୟବୋଧ ଯୋଗରେ ବିଭକ୍ତ କରାଯାଇଛି। ଜଣେ ଛାତ୍ରକୁ ଚାରି ବର୍ଷିଆ ସ୍ନାତକ ଗବେଷଣା ସହିତ ସମ୍ମାନରେ ହାସଲ କରିବାକୁ ହେଲେ ସମୁଦାୟ ସର୍ବନିମ୍ନ ୧୬୦ କ୍ରେଡିଟ ହାସଲ କରିବା ପାଇଁ ପଡ଼ିବ। ଅର୍ଥାତ ମୁଖ୍ୟ ବିଷୟରେ ୮୦, ସହଯୋଗୀ ବିଷୟରେ ୩୨, ବହୁମୁଖୀ ବିଷୟରେ ୯, ଦକ୍ଷତା ବୃଦ୍ଧିରେ ୯, ବାଧ୍ୟତାମୂଳକ ବିଷୟରେ ୮, ଇଣ୍ଟର୍ନଶିପରେ ୪, ମୂଲ୍ୟବୋଧ ଯୋଗ ବିଷୟରେ ୬, ଗବେଷଣାତ୍ମକ ପ୍ରକଳ୍ପରେ ୧୨ କ୍ରେଡିଟ ହାସଲ କରିବାକୁ ପଡ଼ିବ। ଏହିଭଳି ୩ ବର୍ଷିଆ ସ୍ନାତକ ପ୍ରାପ୍ତ କରିବାକୁ ହେଲେ ସମୁଦାୟ ସର୍ବନିମ୍ନ ୧୨୦ କ୍ରେଡିଟ ହାସଲ କରିବା ପାଇଁ ପଡ଼ିବ। ଏହି ବ୍ୟବସ୍ଥାରେ ଏକ କ୍ରେଡିଟର ଅର୍ଥ ହେଉଛି ଏକ ୟୁନିଟ୍, ଯାହାଦ୍ୱାରା ଶିକ୍ଷାଦାନ ସମୟ ମାପ କରାଯାଇ ଥାଏ। ଏକ ସେମିଷ୍ଟରରେ ୩ କ୍ରେଡିଟ ପାଠ୍ୟକ୍ରମର ଅର୍ଥ ହେଉଛି ସପ୍ତାହରେ ୩ ଘଣ୍ଟା ଶିକ୍ଷାଦାନ ସମୟ। କିନ୍ତୁ ପ୍ରାକ୍ଟିକାଲ ବା ଗବେଷଣା ପ୍ରକଳ୍ପ ଭଳି ଅନ୍ୟ ବିଷୟରେ ଏକ ସେମିଷ୍ଟରରେ ୨ କ୍ରେଡିଟ ଲେକ୍ଚର୍ ପାଠ୍ୟକ୍ରମର ଅର୍ଥ ହେଉଛି ସପ୍ତାହରେ ୪ ଘଣ୍ଟା ଅଧ୍ୟାପନା। ଏହି ବ୍ୟବସ୍ଥାରେ ଏକ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ ପ୍ରତିଷ୍ଠା କରାଯାଇଛି ଯାହା ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଅର୍ଜିତ ଏକାଡେମିକ କ୍ରେଡିଟକୁ ଡିଜିଟାଲ ଗଚ୍ଛିତ କରିପାରିବ, ଯାହା ଫଳରେ ଏହି ପ୍ରାପ୍ତ କ୍ରେଡିଟକୁ ଆଧାର କରି ଶିକ୍ଷାନୁଷ୍ଠାନଗୁଡ଼ିକ ଡିଗ୍ରୀ ପ୍ରଦାନ କରିପାରିବେ। ଏହି ବ୍ୟବସ୍ଥାରେ କାରିଗରି ବିଦ୍ୟା ବା ଧନ୍ଦାମୂଳକ ଶିକ୍ଷାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଜଣେ ଛାତ୍ର କୌଣସି ବିଷୟରେ ଭର୍ତ୍ତି ହେବାପରେ ଯଦି ସ୍ନାତକ ଶିକ୍ଷା ହାସଲ କରିବାକୁ ଆଗ୍ରହୀ ହୁଏ ନାହିଁ ତେବେ ଏକ ବର୍ଷ ବା ଦୁଇ ବର୍ଷର ଶିକ୍ଷା ସମାପ୍ତ କରିବା ପରେ କୌଣସି କାରିଗରି ବିଦ୍ୟାରେ କୁଶଳତା ହାସଲ କରି ସେହି ଅନୁସାରେ ଶିକ୍ଷାନୁଷ୍ଠାନ ପ୍ରସ୍ଥାନ କରିବାର ପ୍ରାବଧାନ ମଧ୍ୟ ରହିଛି। ଏହି ବ୍ୟବସ୍ଥାରେ ଯଦି ଜଣେ ଛାତ୍ର ୨ ବର୍ଷ ଅଧ୍ୟୟନ କରିବା ପରେ ଶିକ୍ଷାନୁଷ୍ଠାନ ଛାଡ଼ିବା ପାଇଁ ମନେ କରେ ତେବେ ସେହି ଛାତ୍ରକୁ ସମୁଦାୟ ୪୪ କ୍ରେଡିଟ ହାସଲ କରିବା ପାଇଁ ପଡ଼ିବ। ନିଜକୁ କୁଶଳୀ କରି ଜୀବିକା ନିର୍ବାହ କରିବା ପାଇଁ ଚତୁର୍ଥ ସେମିଷ୍ଟରର ଖରା ଛୁଟିରେ ବାଧ୍ୟତାମୂଳକ ଭାବେ କୌଣସି କାରିଗରି ବିଦ୍ୟା ବା ଧନ୍ଦାମୂଳକ ଶିକ୍ଷା (ଇଲେକ୍ଟ୍ରିସିଆନ, ଫିଟର) ରେ ୪ କ୍ରେଡିଟ ମାର୍କ ହାସଲ କରିବା ପାଇଁ ପଡ଼ିବ। ୧ ବା ୨ ବର୍ଷ ପରେ ପାଠ ଛାଡ଼ିଥିବା ବିଦ୍ୟାର୍ଥୀ ପରବର୍ତ୍ତୀ ସମୟରେ ପାଠପଢ଼ିବା ପାଇଁ କୌଣସି ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହୋଇପାରିବ ଏବଂ ସାତ ବର୍ଷ ଭିତରେ ଏହି ସ୍ନାତକ ଶିକ୍ଷାକୁ ସମାପ୍ତ କରିବାର ସୁଯୋଗ ପାଇପାରିବ।

ବାସ୍ତବରେ ଏହି ଶିକ୍ଷାନୀତି ଠିକ୍ କାର୍ଯ୍ୟକାରୀ ହୋଇପାରିଲେ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥା ଅଧିକ ଗୁଣାତ୍ମକ, ଗବେଷଣା ଆଧାରିତ, ସ୍ୱାୟତ୍ତ ଓ ହୋଇପାରିବ ବୋଲି ଆଶା। ମାତ୍ର ଆମ ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଗବେଷଣା ପାଇଁ ଉପଯୁକ୍ତ ଭିତ୍ତିଭୂମିର ଅଭାବ ଓ ଶିକ୍ଷକ ପଦବୀର ଶୂନ୍ୟସ୍ଥାନ ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବାରୁ ଏହା କିପରି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ତାହା ଏକ ଚିନ୍ତାର ବିଷୟ।

**ସହକାରୀ ପ୍ରାଧ୍ୟାପକ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ**
**ମୋ: ୭୮୯୦୫୬୧୭୯୮**

# ନିଆଁ ଲିଭାଇବାର ବେଳ



ଡ. ଭାରତ ଭୂଷଣ ରଥ

ନଭେମ୍ବର ୨୪ ରେ ଖବରକାଗଜ ଧରିତ୍ରୀ ତା'ର ୫୧ତମ ସ୍ୱନକ୍ଷତ୍ର ପାଳନ ଅବସରରେ ଜଳବାୟୁ ପରିବର୍ତ୍ତନ ବିଷୟରେ ଏକ ଯୁବ ସମାବେଶ ଆୟୋଜନ କରିଥିଲା। ଏହା ଖୁବ୍ ପ୍ରେରଣାଦାୟୀ ଥିଲା। ବାସ୍ତବରେ ଜଳବାୟୁ ପରିବର୍ତ୍ତନ ବିଶ୍ୱକୁ ଚିନ୍ତିତ କରିଛି। କଥା ଉଠେ ଘରେ ଯେତେବେଳେ ନିଆଁ ଲାଗିଯାଏ ଘରର ସମସ୍ତ ସଦସ୍ୟ ନିଜ ନିଜ ସକ୍ଷମ ଅନୁସାରେ ପାଣି ଢାଳି ଘରର ନିଆଁ ଲିଭେଇଥାଆନ୍ତି। ଆଜି ଜଳବାୟୁ ପ୍ରଦୂଷଣର ରୂପ ନେଇ ପୃଥିବୀ ଘରେ ନିଆଁ ଲାଗିଛି। ତେଣୁ ପୃଥିବୀରେ ବାସ କରୁଥିବା ପ୍ରତ୍ୟେକଟି ମାନବ ନିଜ ସକ୍ଷମ ଅନୁସାରେ ପୃଥିବୀର ନିଆଁ ଲିଭେଇବା ପାଇଁ ପ୍ରୟାସ କରିବା ଏକାନ୍ତ ଆବଶ୍ୟକ। ଆମେ ଯଦି ୨୦ ବର୍ଷ ତଳକୁ ଫେରିଯିବା ଆମ ଜଳବାୟୁ ଛଅଟି ଋତୁଚକ୍ରକୁ ନେଇ ଖୁବ୍ ସୁନ୍ଦର ଥିଲା। ପ୍ରତ୍ୟେକ ଋତୁ ସମପରିମାଣରେ ପୃଥିବୀକୁ ଆସୁଥିଲେ। ଆଜି କିନ୍ତୁ ଭାରତରେ କେବଳ ଗୋଟିଏ ଋତୁ ତାହା ହେଲା ଗ୍ରୀଷ୍ମ। କାଁ ଭାଁ ବର୍ଷା ତଥା ସାମାନ୍ୟ ଶୀତ କେବେକେବେ ନିଜକୁ ପ୍ରକାଶ କରିବାରେ ସମର୍ଥ କେବେ ପୁଣି ଅସମର୍ଥ। ଏଭଳି ପରିସ୍ଥିତିରେ ଭାରତର ଜଳବାୟୁ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି। ପରିସ୍ଥିତି ଯଦି ଏହିଭଳି ଗତିକରେ ଆମ ଜୀବଜଗତ ଆଉ ମାତ୍ର କୋଡିଏ ପଚିଶ ବର୍ଷ ଭିତରେ ବଞ୍ଚିବା ପାଇଁ ସଂଘର୍ଷ କରିବ।

ପୃଥିବୀ ଏକ ସୁନ୍ଦର ପରିବେଶ ନେଇ ସୃଷ୍ଟି ହୋଇଛି। ସେହି ପରିବେଶକୁ ସୁରକ୍ଷା କରି ମାନବଜୀବନ ସୁନ୍ଦର ହୋଇପାରିବ ଏହି ଉପଦେଶ ଶାସ୍ତ୍ରରେ ଦିଆଯାଇଛି। ତେଣୁ ଋଗ୍ ବେଦରେ ଜଳବାୟୁ ସୁରକ୍ଷାକୁ ନେଇ ଏକ ମନ୍ତ୍ର ରହିଛି ଓଁ ଦ୍ୟୌଃ ଶାନ୍ତିଃ ଅନ୍ତରୀକ୍ଷଃ ଶାନ୍ତିଃ ପୃଥୀବି ଶାନ୍ତିଃ ଆପଃ ଶାନ୍ତିଃ ଓଷଧୟଃ ଶାନ୍ତିଃ ବନସ୍ପତୟଃ ଶାନ୍ତିଃ ବିଶ୍ୱେଦେବାଃ ଶାନ୍ତିଃ ବ୍ରହ୍ମ ଶାନ୍ତିଃ ସାମା ଶାନ୍ତିରେଧି। ଏହି ମନ୍ତ୍ରରେ ଦ୍ୟୌ, ଆକାଶ, ପୃଥିବୀ, ଜଳ, ବୃକ୍ଷଲତା, ବିଶ୍ୱର ଦେବତା ଏବଂ ବ୍ରହ୍ମାଣ୍ଡର ଶାନ୍ତି ପାଇଁ ବୈଦିକ ଋଷି ମାର୍ଗଦର୍ଶନ କରିଛନ୍ତି। ପୃଥିବୀ, ଆକାଶ, ବାୟୁ, ଜଳ ଏବଂ ବୃକ୍ଷଲତାର ସମ୍ମାନ ଏବଂ ସୁରକ୍ଷା ହେଲେ ସେମାନେ ଶାନ୍ତି ହେବେ। ଏଠି ଶାନ୍ତିର ଅର୍ଥ ହେଉଛି ସେମାନଙ୍କର ସୁରକ୍ଷା ହେଲେ ସେମାନେ ଆମକୁ ସୁରକ୍ଷା ଦେବେ। ପୃଥିବୀର ସୁରକ୍ଷା କହିଲେ ବିଶେଷତଃ ମାଟି ଏବଂ ପାହାଡର ସୁରକ୍ଷା। ଖଣି, ବହୁତଳ ଅଟ୍ଟାଳିକା, ପକ୍କା ରାସ୍ତା ଇତ୍ୟାଦି ମାଟି ଏବଂ ପାହାଡ ଉପରେ ପ୍ରଭାବ ପକାଉଛି। କଳକାରଖାନା, ଯାନବାହନ, ଫ୍ରିଜ୍, ଏସି ଇତ୍ୟାଦିର ବହୁଳ ପ୍ରୟୋଗ ବାୟୁ ପ୍ରଦୂଷଣ କରି ଆକାଶକୁ ପ୍ରଦୂଷିତ କରୁଛି। ଅରଣ୍ୟର ପଶୁପକ୍ଷୀ ଏବଂ ଜଳକୁ ଆଶ୍ରୟ କରି ରହୁଥିବା ପ୍ରାଣୀ ଦିନକୁ ଦିନ ବିଲୁପ୍ତ ହେଉଛନ୍ତି। ଏସବୁ ପାଇଁ ମାନବୀୟ ଚଳଣି ଖୁବ୍ ଗୁରୁତ୍ୱ ବହନକରେ। ମାନବର ଜୀବନ ପରିଚର୍ଯ୍ୟା ଯଦି ପରିବେଶ ଅନୁକୂଳ ହେବ ତେବେ ଋତୁଚକ୍ର ନିୟମିତ ହୋଇପାରିବ। ଏହା ବିଶ୍ୱରେ ଏକ ସୁନ୍ଦର ପରିବେଶକୁ ପୁନଃ ପ୍ରତିଷ୍ଠାପିତ କରିପାରିବ। ପରିବେଶ ସୁନ୍ଦର ହେଲେ ବିଶ୍ୱର ସ୍ୱାସ୍ଥ୍ୟ ଭଲ ରହିବ। ତା'ପରେ ଯାଇ



ସୁନ୍ଦର ବିଶ୍ୱର ପୁନଃ ପରିକଳ୍ପନା ସମ୍ଭବ ହେବ।

ଆଜି ଘରର ପ୍ରାୟ ପ୍ରତି ସଦସ୍ୟ ବିଭିନ୍ନ ରୋଗରେ ପୀଡିତ। ମାନସିକ ବ୍ୟାଧି ଛୋଟ ପିଲାଙ୍କଠାରେ ଦେଖାଯାଉଛି, ଯାହା ଅତ୍ୟନ୍ତ ଗମ୍ଭୀର ବିଷୟ। ବ୍ୟକ୍ତି ଧୀରେ ଧୀରେ ନିଜ ସୁଖକୁ ହିଁ ସୁଖ ବୋଲି ନିଶ୍ଚିତ କରିସାରିଲାଣି, ସମାଜ ସୁଖକୁ ନଷ୍ଟ କରିବାର ସଂକଳ୍ପ ମଧ୍ୟ ନେଇଛି। ଭାରତୀୟ ବସୁଧୈବ କୁଟୁମ୍ବକମ୍ ଚିନ୍ତାଧାରାରୁ ଦୂରେଇ ଯାଉଥିବା ମାନବ କେତେଦିନ ବା ନିଜ ସ୍ୱାର୍ଥକୁ ନେଇ ବଞ୍ଚିରହିବ। ମହାକବି କାଳିଦାସ ତାଙ୍କର ବିଶ୍ୱପ୍ରସିଦ୍ଧ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର ମଙ୍ଗଳାଚରଣରେ ଜଳବାୟୁ ସୁରକ୍ଷାକୁ ନେଇ ଖୁବ୍ ସୁନ୍ଦର ମତ ଦେଇଛନ୍ତି। ଯାହା ସାମ୍ପ୍ରତିକ ସମୟରେ ପ୍ରାସଙ୍ଗିକତା ମନେହୁଏ। ତନ୍ମଧ୍ୟରେ ଆଠଗୋଟି ତତ୍ତ୍ୱକୁ ସୁରକ୍ଷା ଦେବା ପାଇଁ କାଳିଦାସ ଉପଦେଶ ଦେଇଛନ୍ତି। ଯେଉଁ ଆଠଗୋଟି ତତ୍ତ୍ୱ ମହାଦେବଙ୍କର ଆଠଗୋଟି ଅଙ୍ଗ ବୋଲି ବିବେଚନା କରାଯାଇଛି। ତନ୍ମଧ୍ୟରେ ଜଳ, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ବାୟୁ ଏବଂ ପୃଥିବୀ ଏହି ଛଅଗୋଟି ଉପାଦାନ ଜଳବାୟୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ବିଶ୍ୱରେ ଅନେକ ସାହିତ୍ୟ ସୃଷ୍ଟି ହୋଇଛି, ଯାହା କେବଳ ଜଳବାୟୁ ପାଇଁ ହିଁ ଉଦ୍ଦିଷ୍ଟ। ସଦ୍ୟ ଓଡ଼ିଶା 'ଦାନା' ନାମକ ଏକ ଭୟଙ୍କର ବାତ୍ୟାର ସମ୍ମୁଖୀନ ହେଲା। କିନ୍ତୁ ବାତ୍ୟା ଯେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁଲା ସେ ସ୍ଥାନରେ ହେନ୍ତାଳ ବଣ ଥିବାରୁ କ୍ଷୟକ୍ଷତି ବିଶେଷ ଭାବରେ ହେଲାନାହିଁ ଏବଂ ଓଡ଼ିଶା ସୁରକ୍ଷିତ ରହିଲା। ଏହା ସତ୍ୟ ଯେ, ବିଶାଳ ବୃକ୍ଷ ତଥା ଜଙ୍ଗଲ ବିବିଧ ବିପର୍ଯ୍ୟୟରୁ ବିଶ୍ୱକୁ ରକ୍ଷାକରୁଛି। କିନ୍ତୁ ଭବିଷ୍ୟତରେ ଜଙ୍ଗଲ ଅଭାବରୁ ବିଶ୍ୱର ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ କରିବା ନିଶ୍ଚୟ କଷ୍ଟସାଧ୍ୟ ହେବ। ସିଂହ, ବାଘ ଭଳି ଦୁଇଟି ଜଙ୍ଗଲୀ ପ୍ରାଣୀ କେବଳ ଅଭୟାରଣ୍ୟକୁ ଛାଡି ଅନ୍ୟ ସ୍ଥାନରୁ ବିଲୁପ୍ତ ହୋଇଗଲେ। ସେହି ସମାନ ଅବସ୍ଥାରେ ହାତୀ ମଧ୍ୟ ବିଲୁପ୍ତ ହେବାକୁ ବସିଛି। ହରିଣ ଇତ୍ୟାଦି ଜୀବମାନେ ମାନବର ପାଶବିକ ଅତ୍ୟାଚାର ଏବଂ ଜିହ୍ୱା ଲାଳସାରୁ ବଞ୍ଚିପାରୁ ନାହାନ୍ତି।

କାଠ ମାଫିଆ ଏବଂ ଖଣି ମାଫିଆ ଜଙ୍ଗଲକୁ ନିଜ ଅକ୍ତିଆରରେ ରଖିଲେଣି। ଏପଟେ ମାନବ ନିଜ କାର୍ଯ୍ୟରେ ବ୍ୟସ୍ତ। ବ୍ୟସ୍ତ ନ ହେବ କେମିତି, କେହି ଦି'ଓଳି ଦି ମୁଠା ଖାଇବା ପାଇଁ ସଂଘର୍ଷ କରୁଛି ତ ଅନ୍ୟ କେହି ବିଭିନ୍ନ ଅସାଧୁ ଉପାୟରେ ସମ୍ପତ୍ତି ଏବଂ ପ୍ରତିପତ୍ତି ବୃଦ୍ଧିରେ ବ୍ୟସ୍ତ। ତେଣୁ ଜଳବାୟୁ କଥା ସମସ୍ତେ ବୁଝିବା ଅସମ୍ଭବ। ଆଉ କିଛି ଜଳବାୟୁ ସୁରକ୍ଷା ଚିନ୍ତନରେ ରହିଯାଉଛନ୍ତି, କିନ୍ତୁ କିଛି କରିବା ପାଇଁ ସମର୍ଥ ହେଉନାହାନ୍ତି। ଅନ୍ୟ କେହି ସପ୍ତାହରେ କିମ୍ବା ମାସରେ କିଛି ସମୟ ଜଳବାୟୁ ସୁରକ୍ଷା ପାଇଁ ଦେଇପାରୁଛନ୍ତି। ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତି ଏବଂ ସଂସ୍ଥା ଜଳବାୟୁ ପାଇଁ ପୂର୍ଣ୍ଣ ସମର୍ପିତ। ତନ୍ମଧ୍ୟରୁ ଅର୍ଦ୍ଧାଧିକ ଆର୍ଥିକ ସ୍ୱଚ୍ଛଳ ନୁହନ୍ତି। ଅନ୍ୟପଟେ ଜଳବାୟୁକୁ ନେଇ ସରକାରୀ ଯୋଜନା ବିଷୟ ନ କହିବା ଭଲ। ଏଭଳି ପରିସ୍ଥିତିରେ ଜଳବାୟୁ ସୁରକ୍ଷା ଏକ ପ୍ରଶ୍ନବାଚୀ ହୋଇ ଉଭା ହୋଇଛି। କିନ୍ତୁ ଏହି ପୃଥିବୀ ସେତେବେଳେ ସୁନ୍ଦର ହୋଇପାରିବ ଯେତେବେଳେ ଜଳବାୟୁ ସୁରକ୍ଷା ଏକ ପ୍ରଶ୍ନ ନ ହୋଇ ପ୍ରତିଟି ମାନବ ପାଖରେ ଉତ୍ତର ରୂପରେ ନିଜର କର୍ତ୍ତବ୍ୟରେ ଦେଖାଦେବ।

**ଉପ ନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି**
**ମୋ: ୮୮୯୭୪୨୬୨୪୩**

## ଏଇ ଭାରତରେ

ଗ୍ରାମୀଣ ପଞ୍ଜାବରେ ମହିଳା ଓ ପିଲାମାନଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି ଆଇଏଏସ୍ ଅଧିକାରୀ ଜିତେନ୍ଦ୍ର ଜୋରୱାଲ। ବିଶେଷକରି ସଂଗ୍ରୁର ଜିଲାରେ ସେ ଡିଷ୍ଟ୍ରିକ୍ଟ କମିଶନର ଭାବେ ଦାୟିତ୍ୱ ନେବା ପରେ ଅଧାରୁ ପାଠ ଛାଡ଼ି ଦେଇଥିବା ବସ୍ତିପିଲାଙ୍କୁ ଶିକ୍ଷାଦେବାର ବ୍ୟବସ୍ଥା କରିଛନ୍ତି। ପିଲାଙ୍କୁ ପଢ଼ାଇବା ଲାଗି ଦୁଇଟି ହଳଦିଆ ରଙ୍ଗର ବସ୍ ଚଳାଉଛନ୍ତି। ଏହି ସବୁ ବସ୍‌ରେ ପାଠ ଉପକରଣ, ଶିକ୍ଷା ସମ୍ପର୍କିତ ଭିଡିଓ ରହିଛି। ଏହା ସହ ସେଥିରେ ଜଣେ ଶିକ୍ଷକ ଓ ଜଣେ ଅଙ୍ଗନୱାଡି କର୍ମୀ ରହିଛନ୍ତି। ସେମାନେ ପିଲାମାନଙ୍କୁ ପଢ଼ାଉଛନ୍ତି। ଏହି ଅଭିଯାନର ନାମ ହେଉଛି 'ସ୍କୁଲସ୍ ଅନ୍ ହ୍ୱିଲ୍ସ' ବା 'ଗାଡ଼ିରେ ସ୍କୁଲ'। ପ୍ରଥମେ ବସ୍ତି ପିଲାମାନଙ୍କୁ ବିଭିନ୍ନ ସ୍କୁଲରେ ନାମଲେଖାଯାଇଥିଲା, କିନ୍ତୁ ସେମାନେ ପୁନର୍ବାର ସ୍କୁଲ ଯିବା ବନ୍ଦ କରିଦେଲେ। ଫଳରେ ବସରେ ସେମାନଙ୍କୁ ପଢ଼ାଇବାର ବିକଳ୍ପ ବ୍ୟସ୍ଥା କରିଛନ୍ତି ଜୋରୱାଲ। ଏହି ପିଲାମାନଙ୍କୁ ସ୍କୁଲ ବ୍ୟାଗ, ୟୁନିଫର୍ମ, ଟୁଥବ୍ରଶ, ଟିଫିନ ବ୍ୟାଗ ଆଦି ଯୋଗାଇ ଦିଆଯାଉଛି। ଏବେ ୧୦୦ ପିଲା ପଢୁଛନ୍ତି। ପ୍ରତିଦିନ ବସ୍ ପିଲାଙ୍କ ଘରକୁ ଯାଇ ସେମାନଙ୍କୁ ଆଣିବା ପରେ କୌଣସି ପାର୍କ କିମ୍ବା ବଗିଚା ନିକଟରେ ସେମାନଙ୍କୁ ପଢ଼ାଯାଉଛି। କେବଳ ଏତିକି ନୁହେଁ, ଜୋରୱାଲ କିଚେନ ଗାର୍ଡନ କରିବା ସହ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରୁଛନ୍ତି। ଏହାସହ ଗ୍ରାମାଞ୍ଚଳରେ ଲାଇବ୍ରେରି ଖୋଲୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ନଭେମ୍ବର ୧୯୭୫**

- ସବୁଠାରୁ ଭଲ କାର୍ଯ୍ୟ କରିଥିବା ଦୃଷ୍ଟିରୁ କିରିବୁରୁ ଲୁହାପଥର ଖଣି ସର୍ବଶ୍ରେଷ୍ଠ ଖଣି ପୁରସ୍କାର ଲାଭ କରିଛି।
- ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ ହେମବତୀ ନନ୍ଦନ ବହୁଗୁଣାଙ୍କ ଇସ୍ତଫା।
- ଶିକ୍ଷା, କୃଷି, ବିଜ୍ଞାନ, ବୈଷୟିକ, ସ୍ୱାସ୍ଥ୍ୟ ଓ ପ୍ରସାରଣ ପ୍ରଶାସନ କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ବିକଟାଳ ହର୍ନ ବିରୋଧୀ କାର୍ଯ୍ୟକ୍ରମ ବ୍ୟାପକ ହେଉ

ମହାଶୟ,

ବିଭିନ୍ନ ଗଣମାଧ୍ୟମରେ ବିକଟାଳ ହର୍ନ ବିରୋଧୀ ଖବର ପ୍ରକାଶ ପରେ ବିଳମ୍ବରେ ହେଲେ ମଧ୍ୟ ଏଭଳି ବେଆଇନ ହର୍ନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କଠୋର ଆଭିମୁଖ୍ୟ ଏକ ଯୁଗାନ୍ତକାରୀ ପଦକ୍ଷେପ। ବେଆଇନ ହର୍ନ ବିରୋଧରେ ରାଜ୍ୟ ବ୍ୟାପୀ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିବା ପରିବହନ ଆୟୁକ୍ତଙ୍କୁ ସାଧୁବାଦ। କାରଣ ରାଜ୍ୟବ୍ୟାପୀ ବିଭିନ୍ନ ଯାନବାହନରେ ଏଭଳି ହର୍ନ ବ୍ୟବହାର କରାଯାଉଥିବାରୁ ଶବ୍ଦ ପ୍ରଦୂଷଣ ସହିତ ଆଗରେ ଯାଉଥିବା ଯାନର ଚାଳକ ଘାବରେଇ ଯାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ରାସ୍ତାକଡ଼ରେ ଯାଉଥିବା କୁନି କୁନି ପିଲାଙ୍କ ସମେତ ବୟସ୍କ, ହୃଦ୍‌ରୋଗୀ ତଥା ମହିଳାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୋଟରଯାନ ଆଇନରେ ଏଭଳି ହର୍ନ ବିରୋଧରେ କାର୍ଯ୍ୟାନୁଷ୍ଠାନର ନିୟମ ରହିଥିବା ବେଳେ ଏହାକୁ କଡ଼ାକଡ଼ି ପାଳନ କରା ନ ଯିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଏବେ ଏଭଳି ହର୍ନ ବ୍ୟବହାର ପାଇଁ ମୋଟାଅଙ୍କର ଚାଲାଣ କଟାଯାଉ ଏବଂ ଏହି କାର୍ଯ୍ୟକ୍ରମକୁ ରାଜ୍ୟବ୍ୟାପୀ କଡ଼ାକଡ଼ି କରାଗଲେ ସୁଫଳ ମିଳିବ।

**-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିନା ବୈଠକରେ ଷ୍ଟଲ୍ ଆବଣ୍ଟନକୁ ବିରୋଧ

## ବିବାଦରେ ଛନ୍ଦିହେଲା ରାଜ୍ୟ ପୁସ୍ତକ ମହୋତ୍ସବ

■ଅଭିଯୋଗ କଲା ପ୍ରକାଶକ ସଂଘ, ରାଜ୍ୟ ସରକାରଙ୍କୁ ଦାବିପତ୍ର

■ନିର୍ଦ୍ଦିଷ୍ଟ କେତେଜଣଙ୍କ କବ୍‌ଜାରେ ପୁସ୍ତକ ମହୋତ୍ସବକୁ ନିନ୍ଦା

ଭୁବନେଶ୍ୱର,୨୯।୧୧(ସୌମ୍ୟରଞ୍ଜନ ରାଉତ)

ଡିସେମ୍ବର ୬ରୁ ପ୍ରଦର୍ଶନୀ ପଡିଆଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ଦିନିଆ ପୁସ୍ତକ ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏପରିସ୍ଥିତିରେ ଷ୍ଟଲ ଆବଣ୍ଟନକୁ ନେଇ ବିବାଦ ଉପୁଜିଛି। ବିନା ବୈଠକରେ ଆଗୁଆ ଷ୍ଟଲ୍ ନିର୍ମାଣ ଓ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠାଇ ଓଡ଼ିଶା ପ୍ରକାଶକ ସଂଘ ତୀବ୍ର ବିରୋଧ କରିଛି। ନିୟମ ଅନୁସାରେ ଷ୍ଟଲ ଆବଣ୍ଟନ ହେବା ପୂର୍ବରୁ ପୁସ୍ତକ ପ୍ରକାଶକ ସଂଘମାନଙ୍କୁ ନେଇ ବୈଠକ ହୋଇଥାଏ। ମାତ୍ର ଏଥିରେ ସମ୍ପୂର୍ଣ୍ଣରୂପେ ଖିଲାପ କରାଯାଇଛି। ଏପରିକି ମେଳା ପାଇଁ ଚଳିତବର୍ଷ ଗଠନ ହୋଇଥିବା କମିଟିର ବୈଠକ ନ ଡାକି କିଭଳି ଷ୍ଟଲ ପ୍ରସ୍ତୁତ ହେଉଛି ବୋଲି ସଂଘ ପ୍ରଶ୍ନ କରିବା ସହ ଗଣତାନ୍ତ୍ରିକ ଉପାୟରେ ଷ୍ଟଲ ଆବଣ୍ଟନ କରାଯିବାକୁ ଦାବି କରିଛି। ଏନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ପୂର୍ବବର୍ଷଗୁଡିକରେ କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କୁ ଷ୍ଟଲ ଆବଣ୍ଟନ କରୁଥିବାରୁ ଅସନ୍ତୋଷ ଦେଖାଦେଉଥିଲା। ଚଳିତବର୍ଷ ମଧ୍ୟ ଷ୍ଟଲ ଆବଣ୍ଟନକୁ ନେଇ ସମାନ ଭାବେ ଅସନ୍ତୋଷର ଝଡ଼ ଉଠିଛି। ଆବଣ୍ଟନ କମିଟିର ବିନା ପରାମର୍ଶରେ ଷ୍ଟଲ ତିଆରି ହେଉଥିବାରୁ ଏଥିରେ ଅନିୟମିତତା ହୋଇଥିବା ନେଇ ପ୍ରକାଶକ ସଂଘ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଅଭିଯୋଗ କରାଯାଇଛି। ଷ୍ଟଲ କେଉଁ ଭିତ୍ତିରେ ପ୍ରସ୍ତୁତ ହେଉଛି ବୋଲି ସଂଘ ପ୍ରଶ୍ନ କରିଛି। ଏପରିକି କେଉଁ ଉପାୟରେ ଷ୍ଟଲ ଆବଣ୍ଟନ ହୋଇପାରିବ ସେ ନେଇ ସଂଘ ପକ୍ଷରୁ କେତୋଟି ପରାମର୍ଶ ଦିଆଯାଇଛି। ପ୍ରକାଶକମାନଙ୍କୁ ମେଳାରେ ଅଗ୍ରାଧିକାର ଦିଆଯାଉ। ଏଥିସହ ଷ୍ଟଲ୍ ଯେଉଁ କ୍ରମରେ ବୁକିଂ ହୋଇଛି, ସେହି କ୍ରମରେ ଅଥବା ଅଧିକ ଷ୍ଟଲ ନେଇଥିବା ପ୍ରକାଶକଙ୍କୁ ଅଗ୍ରାଧିକାର ଭିତ୍ତିରେ ବା ଲଟେରି ମାଧ୍ୟମରେ ଷ୍ଟଲ ଆବଣ୍ଟନ କରିବାକୁ ସଂଘ ଅନୁରୋଧ କରିଛି। ଷ୍ଟଲ ତିଆରି ବନ୍ଦ କରାଯାଇ ପ୍ରଥମେ ବୈଠକ ଡକାଯାଉ। ସଭ୍ୟମାନଙ୍କ ସର୍ବସମ୍ମତ ନିଷ୍ପତ୍ତି ଅନୁସାରେ ଷ୍ଟଲ ନିର୍ମାଣ ହେଉ ବୋଲି ସଂଘର ଉପସଭାପତି ବନୋଜ ତ୍ରିପାଠୀ କହିଛନ୍ତି। ସେ ଦାବି କରିଛନ୍ତି, କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ଅକ୍ତିଆରରେ ରାଜ୍ୟ ପୁସ୍ତକ ମେଳା ନ ରହୁ। ପ୍ରକାଶକ ଓ ପାଠକମାନଙ୍କୁ ସୁହାଇଲା ଭଳି ରାଜ୍ୟ ସରକାର ପୁସ୍ତକମେଳା ଆୟୋଜନ କରନ୍ତୁ ଏବଂ ଷ୍ଟଲ ଆବଣ୍ଟନ ପାଇଁ ଗଠିତ କମିଟିର ପରାମର୍ଶ ନେବା ପରେ ଷ୍ଟଲ ତିଆରି କରନ୍ତୁ। ସଂଘର ଅନ୍ୟତମ ଉପସଭାପତି ସରୋଜ ବଳ କହିଛନ୍ତି, ପ୍ରକାଶନ କ୍ଷେତ୍ରକୁ ନୂଆ କରି ଆସୁଥିବା ଏବଂ ପ୍ରକାଶନ ଜଗତକୁ ଅଧିକ ପ୍ରସାରୀ କରିଥିବା ଲେଖକ ଓ ପ୍ରକାଶକମାନଙ୍କୁ ସୁଯୋଗ ଦେବା ବଦଳରେ ସରକାର ଅଣଦେଖା କରିବା ଆଶ୍ଚର୍ଯ୍ୟଜନକ। ସଂଘ ସମ୍ପାଦକ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ୨୦୨୨ରୁ ତିନିଚାରି ଜଣ ପ୍ରକାଶକ ରାଜନୈତିକ ପ୍ରଭାବ ପକାଇ ପୁସ୍ତକମେଳାରେ ଷ୍ଟଲ ଆବଣ୍ଟନକୁ ନିୟନ୍ତ୍ରଣ କରି ଆସିଛନ୍ତି। ସଂଘ ଏହାର ବିରୋଧ କରି ଆସୁଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ନୂଆ ସରକାର ମେଳା ସମ୍ପୂର୍ଣ୍ଣ ଭାବେ ନିଜେ ଆୟୋଜନ କରିବେ ଏବଂ ପ୍ରକାଶକଙ୍କର କୌଣସି ଚାପ ରହିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପୂର୍ବବର୍ଷର ଧାରା ଏଥର ପୁନରାବୃତ୍ତି ହେବା ଦୁଃଖଦ ବୋଲି ସେ କହିଛନ୍ତି। ପ୍ରକାଶକ ସଂଘର ସଦସ୍ୟମାନେ ୨୦୨୪ ପୁସ୍ତକ ମହୋତ୍ସବ ପାଇଁ ୧୨୦ରୁ ଅଧିକ ଷ୍ଟଲ ବୁକିଂ କରିଛନ୍ତି ବୋଲି ସମ୍ପାଦକ ପଣ୍ଡା ସୂଚନା ଦେଇଛନ୍ତି। ଷ୍ଟଲ ଆବଣ୍ଟନରେ ମଧୁଚନ୍ଦ୍ରିକା ତୋଷଣ ହେଲେ ସଂଘ ସଦସ୍ୟମାନେ ମେଳାରେ ଯୋଗଦେବେ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି।

# ୨୫ ଜିଲାରେ 'ବାଲ୍ ବିବାହ ମୁକ୍ତ ଭାରତ' ଅଭିଯାନ




ଭୁବନେଶ୍ୱର,୨୯।୧୧ (ସୁଚିସ୍ମିତା ସାହୁ)

ସାରା ଓଡ଼ିଶାରେ 'ବାଲ୍ ବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଭିଯାନକୁ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ(ଜେଆର୍‌ସି) ମିଳିତ ମଞ୍ଚ ସ୍ଥାନୀୟ ପ୍ରଶାସନର ସହଯୋଗରେ କାର୍ଯ୍ୟକାରୀ କରୁଛି। ଏହି ଅଭିଯାନରେ ୨୫ଟି ଜିଲାର ପାଖାପାଖି ୪ ହଜାର ଗାଁରେ ବାଲ୍ୟ ବିବାହ ବିରୋଧରେ ସଚେତନତା ଡ୍ରାଇଭ୍, କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ ଏବଂ ରୋଡ୍ ଶୋ' କରାଯାଇଛି। ଏଥିରେ ବାଲ୍ୟ ବିବାହରୁ ରକ୍ଷା ପାଇଥିବା ମହିଳା, ଅଙ୍ଗନୱାଡ଼ି କର୍ମୀ, ସାମାଜିକ କର୍ମୀ, ଛାତ୍ରୀ ଓ ଅଭିଭାବକମାନେ ସାମିଲ ହୋଇଥିଲେ। ବାଲ୍ୟ ବିବାହକୁ ବନ୍ଦ କରିବାକୁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। ଦେଶର ୪୦୦ରୁ ଅଧିକ ଜିଲାରେ ୨୫୦ରୁ ଅଧିକ ଏନ୍‌ଜିଓ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି ଜେଆର୍‌ସି ପ୍ରତିଷ୍ଠାତା ଭୁବନ ରିଭୁ କହିଛନ୍ତି। ଏହି ଅଭିଯାନକୁ ଓଡିଶାର ପ୍ରତ୍ୟେକ ଜିଲା, ବ୍ଲକ ଏବଂ ଗ୍ରାମକୁ ନେବାକୁ ଜେଆର୍‌ସି ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ସହାୟତା କରିବା ଜାରି ରଖିବେ ବୋଲି ସେ ସୂଚନା ଦେଇଛନ୍ତି।

# ନବଜାତ ଶିଶୁକନ୍ୟାକୁ ରାସ୍ତାରେ ଶୁଆଇଦେଲେ

ଭୁବନେଶ୍ୱର,୨୯।୧୧(ସତ୍ୟଜିତ୍ ରାଉତ)

ଶିଶୁକନ୍ୟାଟିର ନାଇ ଶୁଖିନାହିଁ। ହେଲେ ଏହି ନିଷ୍ପାପ ଶିଶୁ ପ୍ରତି ନିଜେ ଜନ୍ମଦାତ୍ରୀ ମା' ନିର୍ଦ୍ଦୟ ପାଲଟିଗଲେ। ସବୁ ସ୍ନେହ, ମମତାରୁ ଦୂରେଇ ଦେଇ ମା' କୋଳ ଖୋଜୁଥିବା ଶିଶୁଟିକୁ ରାତି ଅଧରେ ରାସ୍ତାରେ ଶୁଆଇ ଚାଲିଗଲେ। ଅନ୍ଧାର ଭିତରେ ଶୀତରେ ଥରି ଚିତ୍କାର କରୁଥିବା ଶିଶୁକନ୍ୟାକୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ପରେ ଘଟଣା ପଦାକୁ ଆସିଛି। ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଏଭଳି ଅଭାବନୀୟ ଘଟଣାକୁ ନେଇ ସବୁଠି ନିନ୍ଦା ପ୍ରକାଶ ପାଇଛି। ହରରେ କଅଁଳ ଶିଶୁକନ୍ୟା ଯେ ଅଲୋଡା ହେଉଛନ୍ତି, ତାହାର ଉଦାହରଣ ପାଲଟିଛି ଏହି ଘଟଣା। ଶହୀଦନଗର ଥାନା ଅନ୍ତର୍ଗତ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (୧) ନିକଟ ଭୋଇନଗରବସ୍ତି ରାସ୍ତା କଡରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଶିଶୁଟି କାନ୍ଦୁଥିବା ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଶିଶୁକନ୍ୟାଟିକୁ ଘରକୁ ନେଇ ରଖିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶୁକ୍ରବାର ସକାଳେ ଏ ସଂକ୍ରାନ୍ତରେ ଏକ ଡାଏରି କେସ୍ ପଞ୍ଜୀକରଣ କରିବା ସହ ଶିଶୁକନ୍ୟାଟିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ତେବେ ସେଠାରେ ଚିକିତ୍ସା ପରେ ଶିଶୁଟିର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲଥିବା ଜଣାପଡ଼ିଥିଲା। ପରେ ପୋଲିସ ପକ୍ଷରୁ ଶିଶୁଟିକୁ ଚାଇଲ୍ଡ ହେଲ୍ପଲାଇନ୍‌କୁ ହସ୍ତାନ୍ତର କରାଯାଇଥିଲା। ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ଙ୍କ ନିକଟରେ ଶିଶୁଟିକୁ ଉପସ୍ଥିତ କରାଯାଇଥିଲା। ତେବେ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ କୋଳଥିଆସ୍ଥିତ ଆଡ୍‌ପଶନ ଏଜେନ୍ସି 'ଶୁଭଦ୍ରା ମହତାବ ସେବା ସଦନ'ରେ ଶିଶୁକନ୍ୟାଟିକୁ ରଖାଯାଇଛି। ଶିଶୁକନ୍ୟାଟିକୁ ୩ମାସ ହୋଇଛି ବୋଲି ଡାକ୍ତର କହିଥିବା ଖୋର୍ଦ୍ଧା ଡିସିପିଓ ବାଣିଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ଶିଶୁକନ୍ୟାଟିର ମା'ବାପା କିଏ ଜାଣିବାକୁ ସିଡବ୍ଲ୍ୟୁସି ପକ୍ଷରୁ ଏନେଇ ଅନୁସନ୍ଧାନ କରାଯିବ ବୋଲି ଡିସିପିଓ କହିଛନ୍ତି।

# ରାଜ୍ୟରେ ଲୋପ ପାଉଛି ଔଷଧୀୟ ବୃକ୍ଷ



ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ନିଜ ସରକାରୀ ବାସଭବନ ପରିସରରେ ଔଷଧୀୟ ଚାରା ରୋପଣ କରୁଛନ୍ତି।

ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

## ଚାରା ରୋପଣ କଲେ ମନ୍ତ୍ରୀ

ଆମ ଆଖପାଖରେ ଥିବା ଅନେକ ଔଷଧୀୟ ବୃକ୍ଷର ସ୍ୱାସ୍ଥ୍ୟରକ୍ଷା ବା ରୋଗ ପ୍ରତିଷେଧକ ନିମିତ୍ତ ଅନେକ ଉପଯୋଗିତା ଗୁଣ ରହିଛି। ମାତ୍ର ଦୁଃଖର ବିଷୟ, ବର୍ତ୍ତମାନ ସମଗ୍ର ରାଜ୍ୟ ତଥା ଦେଶରେ ଔଷଧୀୟ ବୃକ୍ଷଗୁଡିକ ଲୋପ ପାଇବାରେ ଲାଗିଛି। ଜନସାଧାରଣ ସେଗୁଡିକର ସହଜ ଚିହ୍ନଟ ଏବଂ ସାଧାରଣ ଉପଯୋଗ ବିଷୟରେ ଭୁଲିଯିବା ସହିତ ଔଷଧ ନିର୍ମାତାମାନେ ଏହାର ନିମ୍ନମାନର ବିକଳ୍ପ ଦ୍ରବ୍ୟ ଉପଯୋଗ କରୁଛନ୍ତି। ଫଳରେ ଔଷଧରୁ ନିର୍ଦ୍ଦିଷ୍ଟ ଫଳ ମିଳିପାରୁ ନାହିଁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶୁକ୍ରବାର ଓଡ଼ିଶା ମେଡିକାଲ ସେଣ୍ଟର (ଓଏମ୍‌ସି) ପକ୍ଷରୁ ମନ୍ତ୍ରୀଙ୍କ ସରକାରୀ ବାସଭବନ ପରିସରରେ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବିଭିନ୍ନ ଚାରା ରୋପଣ କରିବା ସହିତ ଜୀବଜଗତ ପାଇଁ ଔଷଧୀୟ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ତ୍ରୀ କହିଲେ, ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି। ଖ୍ରୀଷ୍ଟପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ୍‌ବେଦରେ ୬୭ଟି, ଯଜୁର୍ବେଦରେ ୮୨ ଏବଂ ଅଥର୍ବ ବେଦରେ ୨୮୯ଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଶଦ ଭାବରେ ବର୍ଣ୍ଣନା ରହିଛି। ଏବେ ଜନସଂଖ୍ୟାରେ ଅହେତୁକ ବୃଦ୍ଧି, ସହରୀକରଣ ତଥା ବ୍ୟାପକ ଶିଳ୍ପାୟନ ଯୋଗୁ ପର୍ଯ୍ୟାବରଣ ଅସନ୍ତୁଳନ, ଜଳବାୟୁ ପରିବର୍ତ୍ତନ ପାଇଁ ଆମକୁ ନୂଆନୂଆ ରୋଗର ପ୍ରାଦୁର୍ଭାବ ପରି ଅନେକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି। ତେଣୁ ଜଙ୍ଗଲ ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ପର୍ଯ୍ୟାୟକ୍ରମେ ଅନ୍ୟ ସରକାରୀ ଅଧିକାରୀଙ୍କ ବାସଭବନ ପ୍ରାଙ୍ଗଣ, ପାର୍କ, ସ୍ୱତନ୍ତ୍ର ବଗିଚା, ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ରାସ୍ତାକଡରେ ଏହି ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଥିବା ମନ୍ତ୍ରୀ ମତ ଦେଇଛନ୍ତି।

# ଚୋରା ମୋରମ ବୋଝେଇ ହାଇୱା ଜବତ

ତ୍ରିଶୂଳିଆ,୨୯।୧୧(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ଫାଣ୍ଡି ପକ୍ଷରୁ ତନଖି ଚାଲୁଥିବାବେଳେ ରାମଦାସପୁରରୁ ତ୍ରିଶୂଳିଆ ଆସୁଥିବା ଏକ ଚୋରା ମୋରମ ବୋଝେଇ ହାଇୱା ଶୁକ୍ରବାର ଜବତ ହୋଇଛି। ତନଖିବେଳେ କାଗଜପତ୍ର ମାଗିବାରୁ ଚାଳକ କୌଣସି ପ୍ରମାଣପତ୍ର ନ ଦେଇପାରିବାରୁ ଗାଡ଼ି ଜବତ କରାଯାଇ ଫାଣ୍ଡିକୁ ଅଣାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
CANDIDATES REQUIRE OFFICIAL JOB FOR CUTTACK & BHUBANESWAR. COMPUTER KNOWLEDGE.
Contact: 9439021001
7008814414

ଭୁବନେଶ୍ୱର ପାହାଳ ରେ ମେଡିସିନ ଗୋଦାମ ପାଇଁ TATA ACE COMMERCIAL Licence ଥିବା Driver, private Mahindra XYLO, XUV Driver ଦରକାର। ଏଥିପାଇଁ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ପାଇଁ ମଧ୍ୟ ସୁବିଧା ରହିଛି। ଯୋଗାଯୋଗ –
6370953002
6370953001

JPSS PVT. LTD.
REQUIRE DATA ENTRY OPERATOR & FIELDS STAFF
Interested candidates can send the resume to this
Whatsapp No.: 7855982241
& Mail ID:
interviewforjpss@gmail.com

WANTED
LADY OFFICE ASSISTANT
Age upto 30 year. ଖାଇବା + ରହିବା ସହ Salary 10,000/-.
Phulanakhara, Cuttack.
Contact: 7809525452

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY
Advt. No. 10240501
Needs Railway Operational Coordinator
NALCO, a Navratna CPSE under Ministry of Mines, GoI is looking for a Railway Operational Coordinator (Khurda Road Division) on consolidated monthly compensation basis for a period of two years. Interested candidates may visit the career section of company's website www.nalcoindia.com
GM(H&A)-Recruitment

WANTED FOR A PHARMACEUTICAL UNIT IN ODISHA
1. Quality Assurance-cum-Regulatory Affairs Officer: The candidate must have minimum 3 years experience as QA Officer. Should be able to face ISO & GMP Audit Inspections. Must have knowledge to prepare documents for regulatory authorities.
2. Quality Control Officer: The candidate must be able to handle sophisticated equipment like HPLC etc. and conduct tests independently as per different pharmacopoeia's. He should have minimum 5 years experience as QC Officer.
Please apply with confidence to email:
consultant4466@gmail.com within 15 days intimating expected salary.

# ସରକଣା ସେବା ସମବାୟ ସମିତିରେ ଚାଷୀ ସଚେତନତା ଶିବିର

ବାଲକାଟୀ,୨୯।୧୧(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତି ଆନୁକୂଲ୍ୟରେ ଏଫ୍‌ଏକ୍ୟୁ ମାନର ଧାନ ସଂଗ୍ରହ ନେଇ ଏକ ଚାଷୀ ସଚେତନତା ଶିବିର ଶୁକ୍ରବାର ସ୍ଥାନୀୟ ସରକାରୀ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସରକଣା ସେବା ସମବାୟ ସମିତି ସଭାପତି ସୋମନାଥ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଝିଣ୍ଟି ସମବାୟ ସେବାସମିତି ସଭାପତି ବିଜୟ କୁମାର ନାୟକ ଓ ପ୍ରତାପଶାସନ ସେବା ସମବାୟ ସମିତି ସଭାପତି ନଳିନୀକାନ୍ତ ମହାପାତ୍ର ଯୋଗଦେଇ ମଣ୍ଡିରେ ଉପଯୁକ୍ତ ମାନର ଧାନ ବିକ୍ରି କରିବା ନେଇ ଚାଷୀଙ୍କ ସହଯୋଗ ଲୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ସମିତିସଭ୍ୟା ସଂଯୁକ୍ତା ପ୍ରଧାନ, ନାଏବ ସରପଞ୍ଚ ବିନାୟକ ମଲ୍ଲିକ, ସମବାୟବିତ୍ ଗୋବିନ୍ଦ ପ୍ରଧାନ ପ୍ରମୁଖ ଚାଷୀ ଓ ସମିତି ମଧ୍ୟରେ ସୁସମନ୍ୱୟ ରଖି ଧାନକିଣା ନେଇ ଗୁରୁତ୍ୱ ରଖିଥିଲେ। ଜଟଣୀ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବେଣୁଧର ଜେନା, ସୁଶାନ୍ତ କୁମାର ସାହୁ, ରବିନାରାୟଣ ସ୍ୱାଇଁ, ବିଭୂତି ଭୂଷଣ ପାଇଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମିତି ସମ୍ପାଦକ ଭାଗ୍ୟଧର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସରକଣା ସେବା ସମବାୟ ସମିତିଠାରେ ଅନୁଷ୍ଠିତ ସଚେତନତା ଶିବିର।

# ବିଧାନସଭାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା, ସୁନାଗହଣା ଠକିନେଲେ ଯୁବତୀ

ଭୁବନେଶ୍ୱର,୨୯।୧୧(ସୂର୍ଯ୍ୟକାନ୍ତ ବେହେରା)

ଓଡିଶା ବିଧାନସଭାରେ ଚାକିରି କରିବା ଆଶାରେ ଜଣେ ଯୁବକ ଠକେଇର ଶିକାର ହୋଇଛନ୍ତି। ଜଣେ ଯୁବତୀ ତାଙ୍କୁ ଚାକିରି କରାଇଦେବାକୁ କହ ଟଙ୍କା ଓ ସୁନା ଗହଣା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା କଟକ ଅଞ୍ଚଳର ଯୁବକ ଜଣକ ଉକ୍ତ ଯୁବତୀଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଠକାମିର ଶିକାର ହୋଇଥିବା ଯୁବକଙ୍କ କହିବା ମୁତବକ, ଉକ୍ତ ଯୁବତୀଙ୍କ ସହ ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ତାଙ୍କର ଦେଖାହୋଇଥିଲେ। ଯୁବତୀ ଜଣକ ଏକ ଖବରକାଗଜ ସଂସ୍ଥାରେ କାମ କରିବା ସହ ବିଧାନସଭାରେ ଚାକିରି କରାଇଦେବାକୁ କହି ୧୨ ଲକ୍ଷ ଟଙ୍କା ମାଗିଥିଲେ। ଯୁବକ ଜଣକ ଦାବି ମୁତାବକ ଟଙ୍କା ଓ କିଛି ସୁନା ଗହଣା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁବତୀ କୌଣସି ଚାକିରି କରାଇ ଦେଇପାରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣି ଯୁବକ ଜଣକ ଯୁବତୀ ଓ ତାଙ୍କର ଜଣେ ସହଯୋଗୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗ୍ରୁତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5230

ନନ୍ଦନକାନନ ଆସିଲେ ୫ ଲକ୍ଷ୍ମୀପେଚା

# ନନ୍ଦନକାନନ ଆସିଲେ ୫ ଲକ୍ଷ୍ମୀପେଚା

ତ୍ରିଶୂଳିଆ,୨୯।୧୧
(ତୁଷାରକାନ୍ତ ବେହେରା)

ସିଟି ଫରେଷ୍ଟ ଡିଭିଜନର ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ ଲକ୍ଷ୍ମୀପେଚାଙ୍କୁ ବନ ବିଭାଗ ଶୁକ୍ରବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ହସ୍ତାନ୍ତର କରିଛି। ଏହି ଉଦ୍ଧାର ପେଚାଙ୍କ ମଧ୍ୟରେ ୩ ବଡ଼ ଓ ୨ ଛୁଆ ଅଛନ୍ତି। ବନ୍ୟପ୍ରାଣୀ ଚିକିତ୍ସାଳୟରେ ସେମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନ୍‌ର ପୃଥକୀକରଣ ଖୁଆଡ଼ରେ ଛଡ଼ାଯାଇଛି।

# 'ନୂଆ ଚେତନାର ଉତ୍ସ ସାଜିବା, ହିଂସାମୁକ୍ତ ସମ୍ପର୍କ ଗଢ଼ିବା'

ଭୁବନେଶ୍ୱର,୨୯।୧୧ (ସୁଚିସ୍ମିତା ସାହୁ)

ନ୍ୟାଶନାଲ ଆଲିଆନ୍ସ ଅଫ୍ ଓମେନ ଓଡ଼ିଶା ଶାଖା ଓ ସଖାର ମିଳିତ ସହଯୋଗରେ ଶତକୋଟି ଉତ୍‌ଥାନ ଅଭିଯାନ ଓ ମହିଳା ହିଂସା ବିରୋଧୀ ଉପରେ ୨ ଦିନିଆ କର୍ମଶାଳା ଭାରତ ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆ ଚେତନାର ଉତ୍ସ ସାଜିବା, ହିଂସାମୁକ୍ତ ସମ୍ପର୍କ ଗଢ଼ିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ଏଲ୍‌ଜିବିଟିକ୍ୟୁମାନେ ଯୋଗଦେଇ ନିଜର ଜ୍ଞାନକୁ ଗଭୀର କରିବା, ସମସ୍ୟାକୁ ବୁଝିବା ସହ ତା'ର ସମାଧାନ ନେଇ ଆଲୋଚନା କରିଥିଲେ। ନ୍ୟାଶନାଲ ଆଲିଆନ୍ସ ଅଫ ଓମେନ ଓଡ଼ିଶା ଶାଖାର କନ୍‌ଭେନର ପ୍ରମିଳା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଯେଉଁମାନେ ମହିଳା ଓ ପୁରୁଷ ଲିଙ୍ଗରେ ଫିଟ୍ ନୁହଁନ୍ତି, ସେମାନଙ୍କୁ ସମାଜ ସବୁବେଳେ ସବୁକ୍ଷେତ୍ରରେ ବାଦ ଦିଏ। ତୃତୀୟ ଲିଙ୍ଗ ବ୍ୟକ୍ତିମାନେ ଶିକ୍ଷା, ଚାକିରି, ସ୍ୱାସ୍ଥ୍ୟସେବା ଓ ସର୍ବସାଧାରଣ ସ୍ଥାନରେ ଭେଦଭାବର ସମ୍ମୁଖୀନ ହୁଅନ୍ତି। ସମାଜରେ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରୋତ୍ସାହନ କରିବା, ଅଧିକାର ଓ ସମ୍ମାନ ଦେବା, ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ଏଲ୍‌ଜିବିଟିକ୍ୟୁ ହେଉଛି ବଡ଼ ପରିଚୟ ବୋଲି ବିଶାଖା ଭଞ୍ଜ କହିଛନ୍ତି। ସଖାର ପ୍ରତିଷ୍ଠାତା ମୀରା ପରିଡା ଯୋଗଦେଇ ନିଜର ଅନୁଭୂତି ତଥା ଏଲ୍‌ଜିବିଟିକ୍ୟୁଙ୍କ ସମସ୍ୟା ଓ ବିଭିନ୍ନ ନିୟମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଖାର ସଭାପତି ହେନା ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ।




କର୍ମଶାଳାରେ ଅତିଥିଙ୍କ ଗହଣରେ ଏଲ୍‌ଜିବିଟିକ୍ୟୁଙ୍କ ସହ ଅନ୍ୟମାନେ।

GOVT. OF ODISHA No. O-728
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-07/2024-25, Date: 22.11.2024
NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of Road works under MMSY-Improvement to Existing RD Roads Schemes in the district Kalahandi and Nuapada
2. No. of Works : 08 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 07.12.2024 11.00 A.M. | 27.12.2024 5.00 P.M. | 26.12.2024 | 30.12.2024 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0005/2425

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଗିରଫ

ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)

ସଦର ଥାନା ପୋଲିସ କାଇପଦର ନକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରିବା ସହ ଡ୍ରାଇଭର ଗୁଡୁମର ଅନ୍ତର୍ଯ୍ୟାମୀ ବଇରୀଗଞ୍ଜନ(୩୫)ଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, କାଇପଦର ଅଞ୍ଚଳରୁ ଜାତୀୟ ରାଜପଥ ଅଭିମୁଖେ ମାଙ୍କଡା ପଥର ବୋଝେଇ ଗାଡି ଆସୁଥିବା ଦେଖି ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବେଆଇନଭାବେ ପଥର ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୮୭/୨୪) ରୁଜୁ ପରେ ଡ୍ରାଇଭର ଅନ୍ତର୍ଯ୍ୟାମୀଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି।

### ବୋଲଗଡ଼ ବ୍ଲକ୍‌ର ପୂର୍ବତନ ଅଧକ୍ଷ ସୀତାକାନ୍ତଙ୍କ ସ୍ମୃତିଚାରଣ

ବୋଲଗଡ଼, ୨୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ପୂର୍ବତନ ଅଧକ୍ଷ ସୀତାକାନ୍ତ ବିଧାର ମହାପାତ୍ରଙ୍କ ୭ମ ବାର୍ଷିକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ମନେପକାଇବା ସହ ମତବ୍ୟକ୍ତ କରିଥିଲେ। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପରିଡ଼ା, ରାମଚନ୍ଦ୍ର ବାହିନୀପତି, ବାନାମ୍ବର ମାଝୀ, ରସିଦ ଅଲ୍ଲୀ ଖାନ୍, ନକୁଳ ରାଉତରାୟ, ଦିଲୀପ ଦତ୍ତ, ଶୁଭେନ୍ଦ୍ର ସାହୁ, ପ୍ରଫୁଲ୍ଲ ପ୍ରଧାନ, ବ୍ରଜବନ୍ଧୁ ସୁବୁଦ୍ଧି, ବିଜୟ ସେଠୀ, ଉମେଶ ମହାପାତ୍ର, ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚର ଗୋପୀନାଥ ଖାଡ଼ଙ୍ଗା, ରଘୁନାଥ ଦଳବେହେରା, ଦିବାକର ପରମଗୁରୁ, ଲଲାଟେନ୍ଦୁ କେଶରୀ ସିଂ, ବୈକୁଣ୍ଠ ମହାରଣା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରକାଶ ବିଧାର ଧନ୍ୟବାଦ ଦେଇଥିବା ବେଳେ ପ୍ରଦୀପ୍ତ ବିଧାର ଓ ପ୍ରତାପ ବିଧାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଇ-ଶ୍ରମ କାର୍ଡ ଯୋଜନାରେ ୬୦ ପରିବାରଙ୍କୁ ମିଳିଲା ରାଶନ ସାମଗ୍ରୀ

ବୋଲଗଡ଼,୨୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ଅନ୍ତର୍ଗତ ରାସୋଲ, ବାୟାପଲ୍ଲୀ, କୃଷ୍ଣଶରଣପୁର ଓ ସାନପଦର ଆଦି ୪ ଗ୍ରାମର ଇ-ଶ୍ରମ ଯୋଜନାରେ ପଞ୍ଜୀକୃତ ୬୦ ହିତାଧିକାରୀ ପରିବାରଙ୍କୁ ଶୁକ୍ରବାର ନୂତନ ରାଶନକାର୍ଡ ବଣ୍ଟନ ସହ ତିନିମାସର ଚାଉଳ ପ୍ରଦାନ କରାଯାଇଛି। ଏହି ଇ-ଶ୍ରମ କାର୍ଡ ଆବେଦନକାରୀଙ୍କ ତଥ୍ୟ ଯାଞ୍ଚ ପରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଜୀକୃତ ହିତାଧିକାରୀଙ୍କ ସୂଚୀ ପ୍ରକାଶନ ପରେ ତତ୍ପରତା ପ୍ରକାଶ ପାଇଥିଲା। ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଉଦ୍ୟମ ଏବଂ ସଚେତନତା ଦ୍ୱାରା ଗରିବ ଲୋକେ ଏବେ ଏହି ଯୋଜନାର ଲାଭ ଉଠାଇ ପାରିଛନ୍ତି। ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଓ ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସାମଗ୍ରୀ ବଣ୍ଟନ କରିଥିଲେ।

# ଲୋକଙ୍କ କାମରେ ଆସୁନି ଆବର୍ଜନା କୁଣ୍ଡ

ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)



- ଖତ ଖାଉଛି ଅଳିଆବୁହା ଗାଡ଼ି
- ଆଜ୍‌ବେଷ୍ଟସ ଉଡ଼ିଗଲାଣି, କାନ୍ଥ ଫାଟିଲାଣି
- ଫଳକରେ ସୀମିତ ସ୍ୱଚ୍ଛ ଭାରତ ମିଶନ

ସ୍ୱଚ୍ଛ ଭାରତ ଯୋଜନାରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ତୃଣମୂଳସ୍ତରରେ ଏହି ଅର୍ଥ ବାଟମାରଣା କରାଯାଉଛି। ଗ୍ରାମାଞ୍ଚଳରେ ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ନିର୍ମିତ ଆବର୍ଜନା କୁଣ୍ଡ ଲୋକଙ୍କ କାମରେ ଆସୁନି। ପ୍ରତି ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ନିର୍ମିତ ଆବର୍ଜନା ପୃଥିକୀକରଣ କେନ୍ଦ୍ରଗୁଡ଼ିକ କାର୍ଯ୍ୟକାରୀ ନ ହୋଇ ଖତ ଖାଉଛି। ସ୍ୱଚ୍ଛ ଭାରତ ମିଶନରେ ଆସୁଥିବା ଅର୍ଥ ଜନହିତରେ ଲାଗିବା ପରିବର୍ତ୍ତେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ବେଗୁନିଆ ନିର୍ବାଚନମଣ୍ଡଳୀର ୪୦ଟି ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ପଞ୍ଚାୟତର ବିଭିନ୍ନ ଗ୍ରାମରୁ ସଂଗୃହୀତ ଶୁଖିଲା ଏବଂ ଓଦା, ପ୍ଲାଷ୍ଟିକ୍ ବର୍ଜ୍ୟକୁ ପୃଥକୀକରଣ ପାଇଁ କୁଣ୍ଡ ନିର୍ମାଣ କରାଯାଇଛି। ଏହି ବର୍ଜ୍ୟ ସଂଗ୍ରହ ଲାଗି ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପୃଥକୀକରଣ କୁଣ୍ଡ ନିର୍ମାଣ କରାଯାଇଛି। ଏଥିଲାଗି ପଞ୍ଚାୟତକୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଇଛି। ତେବେ ଦିନ କେଇଟା ପରେ କେଉଁଠି ଛାତ ଉଡ଼ିଗଲାଣି ତ' ଆଉ କେଉଁଠି କାନ୍ଥ ଫାଟି ଆଁ କଲାଣି। ଅଳିଆବୁହା ଗାଡ଼ି ଖତ ଖାଉଛି। ତେବେ ଏହାକୁ ପରିଚାଳନା ପାଇଁ ମାନବ ସମ୍ବଳ ଅଭାବରୁ ଏହା ବ୍ୟବହାର ଯୋଗ୍ୟ ନ ହୋଇ ପଞ୍ଚାୟତଗୁଡ଼ିକରେ ଖତ ଖାଉଥିବା ଅଭିଯୋଗ ହେଉଛି। ଫଳରେ ବ୍ୟବହାର ନ ହେବାରୁ ଏଥିରେ କଳଙ୍କି ଲାଗି ନଷ୍ଟ ହେଲାଣି। ତେବେ ସ୍ୱଚ୍ଛ ଭାରତ ମିଶନରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ଉପଯୁକ୍ତ ବ୍ୟବହାର, ରକ୍ଷଣାବେକ୍ଷଣ ଅଭାବରୁ ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟଚ୍ୟୁତ ହେଉଛି ବୋଲି ଜନସାଧାରଣ ଗଣମାଧ୍ୟମ ଆଗରେ କହିଛନ୍ତି। ସାମାଜିକ କର୍ମୀ ଅକ୍ଷୟ ରାଉତରାୟ ଏବଂ କଳ୍ପତରୁ ପଣ୍ଡା କହିଛନ୍ତି, ଯେଉଁ ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିଲା, ତାହା ଏବେ ଲୋକଙ୍କ କାମରେ ଆସିବା ପରିବର୍ତ୍ତେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ନିର୍ବାଚନମଣ୍ଡଳୀର ଏକାଧିକ ପଞ୍ଚାୟତରେ ସମାନ ଦୃଶ୍ୟ ରହିଛି। ମଧୁଚନ୍ଦ୍ରିକାରେ ପୃଥିକୀକରଣ କୁଣ୍ଡ, ଘର ନିର୍ମାଣ କରାଯାଇଛି। ଫଳକ ମଧ୍ୟ ଲାଗିଛି। ତେବେ ଏହା କେଉଁ କାମରେ ଆସୁଛି, ଏହା କାହା ଅଧୀନରେ ରହିଛି, କ'ଣ ପାଇଁ ନିର୍ମାଣ କରାଯାଇଛି, ଜନପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ, ବହୁ ତଥ୍ୟ ପଦାକୁ ଆସିବ ବୋଲି କହିଛନ୍ତି। ତେବେ ସରକାରୀ ଯୋଜନାରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ରଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତି ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। କୌଣସି ସ୍ଥାନରେ ମ୍ୟାନ୍ ପାୱାର ଅସୁବିଧା ହେଲେ ତାହାର ସାନିଟାଇଜ ପାଇଁ ଆସୁଥିବା ଅର୍ଥ ଦେବା ଲାଗି କୁହାଯାଇଛି। ଏହାର ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ।

# ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ ପ୍ରଦର୍ଶିତ



**ବୋଲଗଡ଼,୨୯।୧୧(ଦେବବ୍ରତ ହୋତା):** ଭାରତୀୟ ଶିକ୍ଷା ପରିଷଦ ଓଡ଼ିଶା ଶାଖା ଅନୁବନ୍ଧିତ ଖୋର୍ଦ୍ଧା-ନୟାଗଡ଼ ଜୋନ୍‌ସ୍ତରୀୟ ବିଜ୍ଞାନମେଳା ବୋଲଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟତଃ ଟ୍ରାଫିକ୍ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, କୀଟପତଙ୍ଗ ଦାଉରୁ ଫସଲରକ୍ଷା, ବିଶୁଦ୍ଧ ଜଳ, ବର୍ଷାଜଳ ସଂରକ୍ଷଣ, ଜଳ ଅମଳ, ସ୍ମାର୍ଟସିଟି, ଭାସମାନ ଘର, ଆଦର୍ଶ ଗ୍ରାମ, ଖାଦ୍ୟ ପ୍ରକ୍ରିୟାକରଣ, ଜଳଚକ୍ର ସମେତ ଅନ୍ୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ବିଜ୍ଞାନମେଳାକୁ ବ୍ଲକ ଘରୋଇ ବିଦ୍ୟାଳୟ ସଂଘ ସଭାପତି ଲଲାଟେନ୍ଦୁ କେଶରୀ ସିଂହ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ଅନୁଷ୍ଠାନ ସଭାପତି ଲଲାଟେନ୍ଦୁ କେଶରୀ ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ଯୋଗଦେଇ ଉପସ୍ଥିତ କୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନକ୍ଷେତ୍ରରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ସହ ବିଜ୍ଞାନରେ ଅଗ୍ରଣୀ ହେଲେ ଦେଶ ସମୃଦ୍ଧ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆୟୋଜକ ଅନୁଷ୍ଠାନର ସମ୍ପାଦକ ହରିହର ସାହୁ, ସହସମ୍ପାଦକ ସନାତନ ପାଇଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମା' ସୀମା ଖୁଣ୍ଟିଆ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ପରିଷଦର ଜୋନାଲ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ଷଡ଼ଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଚାରକଙ୍କ ଦ୍ୱାରା ଜୁନିୟର, ସବ୍‌ଜୁନିୟର ଓ ସିନିୟର ବିଭାଗରେ ପ୍ରକଳ୍ପଗୁଡ଼ିକ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁମା' ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନ୍ୟତମ ଜୋନ୍ ସଂଯୋଜକ ସହଦେବ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ପ୍ରବଚନ, ଓଡ଼ିଶୀ ନୃତ୍ୟ ଶ୍ରୋତାଙ୍କ ମନ ଜିଣିଲା



ଟାଙ୍ଗୀ/ନିରାକାରପୁର, ୨୯।୧୧ (ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)

### ଶ୍ରୀଜଗନ୍ନାଥ ମହୋତ୍ସବର ଷଷ୍ଠ ଦିବସ

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଦୋଳପଡ଼ିଆରେ ଆୟୋଜିତ ଶ୍ରୀଜଗନ୍ନାଥ ମହୋତ୍ସବର ଶୁକ୍ରବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ଆଶୁତୋଷ ମିଶ୍ରଙ୍କ ପ୍ରବଚନ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିଥିଭାବେ ପୂର୍ବତନ ପୁରୀ ଏମ୍‌ପି ବ୍ରଜ କିଶୋର ତ୍ରିପାଠୀ, ଶ୍ରୀଜଗନ୍ନାଥ ମନ୍ଦିରର ପୂଜାପଣ୍ଡା କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ନୃସିଂହ ପୂଜାପଣ୍ଡା ସାମନ୍ତ, ନରସିଂହ ପୂଜାପଣ୍ଡା ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଭକ୍ତମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସୁସଜ୍ଜିତ ବେଶ ଯଥା ବାମନ ବେଶ, ଲକ୍ଷ୍ମୀନାରାୟଣ ବେଶ, ରାଧାଦାମୋଦର ବେଶ, ହରିହର ବେଶ, ଲକ୍ଷ୍ମୀନୃସିଂହ ବେଶ, ନାଗାର୍ଜୁନ ବେଶ, ବାଙ୍କଚୂଡ଼ା ବେଶ, ପଦ୍ମ ବେଶ, ଶ୍ରାଦ୍ଧ ବେଶ, ଘୋଡ଼ଲାଗି ବେଶ, ନବାଙ୍କ ବେଶ, ମକରଚୈରାଶି ବେଶ, ଗଜ ଉଦ୍ଧାରଣ ବେଶ, ଚାଚେରି ବେଶ, କୃଷ୍ଣ ବଳରାମ ବେଶ, ସୁନାବେଶ, ବଡ଼ସିଂହାର ବେଶ, ଗଜାନନ ବେଶ, କାଳୀୟଦଳନ ବେଶ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ପୂଜାର୍ଚ୍ଚନା କରାଯିବା ପରେ ଠାକୁରମାନଙ୍କୁ ମନ୍ଦିର ପ୍ରବେଶ କରାଯିବା ସହ ମନ୍ଦିର ଉପରେ ନୀଳଚକ୍ର ସ୍ଥାପନ କରାଯାଇଥିଲା। ସମାଜସେବୀ ସଞ୍ଜୟ କୁମାର ପଟ୍ଟନାୟକ, ସରପଞ୍ଚ ସୌରଭ ଦାସ ମହାପାତ୍ର, ବାବା ବିଜୟ, ସନ୍ତାପ ପାତ୍ର, ବିରଞ୍ଚି ପ୍ରଧାନ, ରବୀନ୍ଦ୍ର ସାମନ୍ତରାୟଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୯ ଫୁଟର ଅଜଗର ଉଦ୍ଧାର

ବୋଲଗଡ଼,୨୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ବନାଞ୍ଚଳ ଅଧୀନ ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥର ପଞ୍ଚୁକୋଟ ନିକଟ ରାସ୍ତାପାର୍ଶ୍ୱରୁ ଏକ ୯ ଫୁଟର ଅଜଗର ଗୁରୁବାର ରାତିରେ ଉଦ୍ଧାର କରାଯାଇଛି। ବନପାଳ ପ୍ରଦୀପ କୁମାର ପଟ୍ଟନାୟକ ଖବରପାଇ ବନରକ୍ଷୀ ଅରୂପ କୁମାର ବେହେରା, ଅର୍ପିତା ନାୟକ ଓ ଅନ୍ୟ କର୍ମଚାରୀଙ୍କ ସହ ପହଞ୍ଚି ସ୍ଥାନୀୟ ଅଞ୍ଚଳର ସର୍ପଧରାଳି ଗଦାଧର ଚମ୍ପତିଙ୍କ ସହାୟତାରେ ଅଜଗରକୁ ଧରିଥିଲେ। ଏହାପରେ ଅଜଗରଟିକୁ ବୋଲଗଡ଼ ମା' ଭୂୟାଁଣୀଙ୍କ ପୀଠ ନିକଟ ଜଙ୍ଗଲରେ ଛଡ଼ାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା

କୃଷ୍ଣପ୍ରସାଦ,୨୯।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ନିକଟ ନବା ସମୁଦ୍ର କୂଳରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ଅଧୀନ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ନିମନ୍ତେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପିଟିଶାଳ ବନପାଳ ପ୍ରଣୟ କୁମାର ଜୟସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ସମୁଦ୍ର ଉପକୂଳରେ ବସବାସ କରୁଥିବା ଶତାଧିକ ପୁରୁଷ ମହିଳାଙ୍କ ସମେତ ସୁରକ୍ଷାକର୍ମୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ସାମୁଦ୍ରିକ କଇଁଛ ସୁରକ୍ଷା ଓ ଏହାର ବଂଶ ବିସ୍ତାର ଦ୍ୱାରା ମଣିଷ ଏବଂ ପରିବେଶ ଉପରେ କିପରି ସୁପ୍ରଭାବ ପଡ଼ିଥାଏ, ସେ ଦିଗରେ ଆଲୋଚନା ହୋଇଥିଲା। ବନରକ୍ଷୀ ଅନିଲ କୁମାର ସାହୁ, ବନରକ୍ଷୀ ଦିଲୀପ କୁମାର ସ୍ୱାଇଁ, ବନରକ୍ଷୀ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସମୁଦ୍ର ତଟଦେଶକୁ ସଫେଇ କରାଯାଇଥିଲା। ଶେଷରେ କଇଁଛମାନଙ୍କ ସୁରକ୍ଷା ନିମନ୍ତେ ଉପସ୍ଥିତ ଜନତା ଶପଥ ପାଠ କରିଥିଲେ।

### କଲଭର୍ଟରୁ ଖସିଲା କାର୍

# ଦେଢ଼ଶାଶୁଙ୍କ ସହ ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନ ମୃତ

ଖଣ୍ଡପଡ଼ା,୨୯।୧୧(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସ୍କା ରାସ୍ତାର ପଞ୍ଚବଟୀ ଗୋଶାଳା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଘୋରାଡ଼ିଆ ଗ୍ରାମର ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନ୍ ପଦ୍ମଚରଣ ମହାରଣା (୬୨) ନିଜ କାରରେ ଦେଢଶାଶୁ ମୁଳତା ମହାରଣା (୬୫) ଓ ଶାଳୀ ମିଳିନା ମହାରଣା (୪୨)ଙ୍କୁ ନେଇ କୋସ୍କା ପଞ୍ଚାୟତ ଅଧୀନ ମଧୁପୁର ଗ୍ରାମକୁ ଯାଉଥିଲେ। ହେଲେ ପଞ୍ଚବଟୀ ଗୋଶାଳ ନିକଟରେ କାର୍‌ଟି ଭାରସାମ୍ୟ ହରାଇ କଲ୍‌ଭର୍ଟ ତଳକୁ ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ପଦ୍ମଚରଣ ଓ ମୁଳତାଙ୍କ ମୃତ୍ୟୁ ହୋଇଥିଲା। ଆହତ ମିଳିନାଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖଣ୍ଡପଡ଼ା ପୋଲିସ ତଦନ୍ତ କରିବା ସହ କ୍ଷତିଗ୍ରସ୍ତ କାରକୁ ଜବତ କରିଛି। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

WANTED
CANDIDATES REQUIRE OFFICIAL JOB FOR CUTTACK&BHUBANESWAR. COMPUTER KNOWLEDGE.
Contact: 9439021001
7008814414

ଭୁବନେଶ୍ୱର ପାହାଳ ରେ ମେଡିସିନ ଗୋଦାମ ପାଇଁ TATA ACE COMMERCIAL Licence ଥିବା Driver, private Mahindra XYLO, XUV Driver ଦରକାର। ଏଥିପାଇଁ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ପାଇଁ ମଧ୍ୟ ସୁବିଧା ରହିଛି। ଯୋଗାଯୋଗ -
6370953002
6370953001

JPSS PVT. LTD.
REQUIRE DATA ENTRY OPERATOR & FIELDS STAFF
Interested candidates can send the resume to this
Whatsapp No.: 7855982241
& Mail ID:
interviewforjpss@gmail.com

WANTED
LADY OFFICE ASSISTANT
Age upto 30 year. ଖାଇବା + ରହିବା ସହ Salary 10,000/-.
Phulanakhara, Cuttack.
Contact: 7809525452

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY
Advt. No. 10240501
Needs Railway Operational Coordinator
NALCO, a Navratna CPSE under Ministry of Mines, GoI is looking for a Railway Operational Coordinator (Khurda Road Division) on consolidated monthly compensation basis for a period of two years. Interested candidates may visit the career section of company's website www.nalcoindia.com
GM(H&A)-Recruitment

WANTED FOR A PHARMACEUTICAL UNIT IN ODISHA
1. Quality Assurance-cum-Regulatory Affairs Officer: The candidate must have minimum 3 years experience as QA Officer. Should be able to face ISO & GMP Audit Inspections. Must have knowledge to prepare documents for regulatory authorities.
2. Quality Control Officer: The candidate must be able to handle sophisticated equipment like HPLC etc. and conduct tests independently as per different pharmacopoeia's. He should have minimum 5 years experience as QC Officer.
Please apply with confidence to email:
consultant4466@gmail.com within 15 days intimating expected salary.

# ତମାଣ୍ଡୋ, ଭାଲିଆବାଡ଼ି ବିଜୟୀ

ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)

### ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଦିବସରେ ତମାଣ୍ଡୋ ଏବଂ ଭାଲିଆବାଡ଼ି ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ମେଣ୍ଢାଶାଳ ଟିମ୍‌କୁ ହରାଇ ତମାଣ୍ଡୋ ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା ତମାଣ୍ଡୋ ଏବଂ କୁମାରବସ୍ତ ଟିମ୍ ମଧ୍ୟରେ ହୋଇଥିଲା। କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୯୧ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଟିମ୍ ୯ ଓଭରରେ ୭ ଉଇକେଟ ବିନିମୟରେ ୯୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

ସେହିପରି ତୃତୀୟ ମ୍ୟାଚ୍ ଭାଲିଆବାଡ଼ି ଏବଂ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡି ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୧୩୮ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୨୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥି ଗୋପୀନାଥ ମଙ୍ଗରାଜ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଦୀପକ ହରିଚନ୍ଦନଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଦିତୀୟ ମ୍ୟାଚରେ ଦୀପକ ହରିଚନ୍ଦନଙ୍କୁ ଅତିଥି ଦୁର୍ଯ୍ୟୋଧନ ପରିଡ଼ା ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ମ୍ୟାଚରେ ଅତିଥି ତ୍ରିନାଥ ମଙ୍ଗରାଜ ସଂଗ୍ରାମ ସାମନ୍ତରାୟଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ସୁବ୍ରତ ପାଟସାହାଣୀ ଓ ଅମିୟ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ କାଜଲ ବଳିୟାରସିଂହ ମ୍ୟାଚ ରେଫରୀ, ସ୍କୋରର ଭାବେ ରଞ୍ଜନ ବରାଳ, ଶିବଦତ୍ତ ବଡ଼ଜେନା ଓ ରଞ୍ଜନ ବରାଳ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ବନବିହାରୀ ସ୍ୱାଇଁ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ କାଇପଦର-ବାଙ୍କୁଆଳ, ଦ୍ୱିତୀୟ ମ୍ୟାଚ୍ ରଣପୁର-ବାଙ୍କୀ ମଧ୍ୟରେ ହେବ ବୋଲି କାଜଲ ବଳିୟାରସିଂହ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ବିକାଶରେ କ୍ରୀଡ଼ା

ନିରାକାରପୁର, ୨୯।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ ବାର୍ଷିକ କ୍ରୀଡ଼ା ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବେଳେ ଶୁକ୍ରବାର ଏହା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କ୍ଷେତ୍ରବାସୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଜନୀତି ବିଜ୍ଞାନର ଅଧ୍ୟାପକ ଡ. ପ୍ରଭାତ କୁମାର ଦାଶ, ଓଡ଼ିଆ ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ, ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଊର୍ମିଳା ଦେବୀ, ସଦସ୍ୟ ଶ୍ୟାମା ଶଙ୍କର ମିଶ୍ର ଯୋଗଦେଇ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଯୋଗୁ ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିରର ଆଚାର୍ଯ୍ୟ ନୀହାର ରଞ୍ଜନ ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପବିତ୍ର ରାଉତରାୟ କ୍ରୀଡ଼ାର ବୃତ୍ତକଥା ପଠନ କରିଥିଲେ। ଏହି କ୍ରୀଡ଼ାରେ ୪ଟି ବିଭାଗର ୪୮ଟି ଇଭେଣ୍ଟରେ ବିଦ୍ୟାମନ୍ଦିରର ୮୨୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରମୋଦ ଦାସ, ଚିନ୍ମୟ ଜଗଦେବ, ଶରତ ଚନ୍ଦ୍ର ଛୋଟରାୟ, ଅବିନାଶ ପଟ୍ଟନାୟକ, ଆଶିଷ ବିଶ୍ୱାଳ, ଜ୍ୟୋତିର୍ମୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗର ଆୟୁଷ୍ମାନ ସାହୁ ଓ ପ୍ରିୟଙ୍କା ମହାପାତ୍ର ଏବଂ ଉପ-ବରିଷ୍ଠ ବିଭାଗର ଆଶିଷ ପ୍ରଧାନ ଚାମ୍ପିୟନ ପୁରସ୍କାର ପାଇଛନ୍ତି। ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଜ୍ୟୋତି ନିର୍ବାପନ କରାଯାଇ ପତାକା ଅବତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରଶ୍ମିପ୍ରଭା ପୁରୋହିତ, ସସ୍ମିତା ସାହୁ, ବୈଶାଖୀ ପ୍ରଧନ, ବୀଣାପାଣି ଦାସ, ଶୁଭଶ୍ରୀ ଜେନା, ଲକ୍ଷ୍ମୀପ୍ରିୟା ମହତରାୟ, ମମତା ମିଶ୍ର, ସୁମିତ୍ରା ସେନାପତି, ଆଚାର୍ଯ୍ୟ ଲଲାଟ କୁମାର ସାହୁ, ଗୋପାଳ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ସୁନ୍ଦରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ସର୍ବେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5230

GOVT. OF ODISHA No. O-728
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-07/2024-25, Date: 22.11.2024
NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of Road works under MMSY-Improvement to Existing RD Roads Schemes in the district Kalahandi and Nuapada
2. No. of Works : 08 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 07.12.2024 11.00 A.M. | 27.12.2024 5.00 P.M. | 26.12.2024 | 30.12.2024 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0005/2425

**ଏସ୍‌ସିବି ମେଡିକାଲ ଶବଗୃହରେ ଅଚିହ୍ନା ମୃତଦେହ**

କଟକ,(କାର୍ତ୍ତିକ ସାହୁ): କଟକ ସଦର ଥାନା ଅଞ୍ଚଳରୁ ଗତ ୨୫ ତାରିଖରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ମିଳିଛି। ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କର ଉଚ୍ଚତା ୫ ଫୁଟ ୬ ଇଞ୍ଚ ହୋଇଥିବାବେଳେ ମଧ୍ୟମ ସ୍ୱାସ୍ଥ୍ୟ, ଦେହ ଗହମ ରଙ୍ଗ ଓ ଗୋଲ ମୁହାଁ। ଏହି ଅଚିହ୍ନା ମୃତଦେହକୁ ଚିହ୍ନଟ ନିମନ୍ତେ ୯୬ ଘଣ୍ଟା ପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଶବଗୃହରେ ସଂରକ୍ଷିତ ରଖାଯାଇଛି। ଏହି ମୃତଦେହ ଚିହ୍ନଟ ନିମନ୍ତେ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଅଟକ

**୫ ବାଇକ୍ ସହ ୫୭, ୧୦୦ ଟଙ୍କା ଜବତ**

ନିଆଳି,୨୯।୧୧(ସୁକାନ୍ତ କୁମାର ସିଂହ)

ନିଆଳି ଥାନା ଅଧୀନ ବିନିଶପୁର ପଞ୍ଚାୟତ ଦେବୀପାଟଣା ଗ୍ରାମ ନିକଟ ଏକ ଜଙ୍ଗଲରେ ଚାଲିଥିବା ଜୁଆଆଡ୍ଡାରେ ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ଚଢ଼ାଉ କରିଛି। ସେଠାରୁ ୫ଟି ବାଇକ୍, ୫୭୧୦୦ ଟଙ୍କା ଓ ଜୁଆଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏଥିସହ ୬ ଜଣଙ୍କୁ ଅଟକ ରଖାଯାଇଥିବା ନେଇ ନିଆଳି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ଜଙ୍ଗଲରେ ଜୁଆ ଖେଳ ହେଉଥିବା ସମ୍ପର୍କରେ ପାଟ୍ରୋଲିଂ କରୁଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରିବାବେଳେ ପୋଲିସକୁ ଦେଖି କେତେଜଣ ବ୍ୟକ୍ତି ଖସି ପଳାଇଥିଲେ। ହେଲେ ପୋଲିସ ୬ ଜଣଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୫୩/୨୪) ରୁଜୁ ହୋଇଛି।

### ଦିନେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ଗଠିତ

ନିଆଳି, ୨୯।୧୧(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅଧୀନ ଦିନାସିଂହପାଟଣାରେ ଦିନେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ଗଠନ ହୋଇଛି। ଏହି ଅବସରରେ ହୃଷୀକେଶ ସିଂହଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦିନାସିଂହପାଟଣା, ବାରବୋଡିଆ, ହରିଶପୁର ମୌଜାର ଶ୍ରଦ୍ଧାଳୁ ଯୋଗଦେଇ ନିଜର ମତାମତ ରଖିଥିଲେ। ପରିଚାଳନା କମିଟି ସଭାପତି ଭାବେ ହୃଷୀକେଶ ସିଂହ, ଉପସଭାପତି ଶ୍ରୀଧର ସିଂହ ଓ ଚିନ୍ମୟ ସିଂହ, ସମ୍ପାଦକ ଅଶୋକ କୁମାର ସିଂହ, ସହସମ୍ପାଦକ ରଞ୍ଜନ କୁମାର ସିଂହ ଓ ଉମେଶ କୁମାର ସିଂହ ଏବଂ କୋଷାଧ୍ୟକ୍ଷ ଭାବେ ଦିଲୀପ କୁମାର ସିଂହଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି।

### ନିରଞ୍ଜନ ଖଟୁଆଙ୍କ ସ୍ମୃତିଚାରଣ ସଭା

ଫୁଲନଖରା,୨୯।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ମନ୍ଦାରିଆପାଟଣା ଗ୍ରାମର ନିରଞ୍ଜନ ଖଟୁଆଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ସେ ଦୈନିକ ଖବର କାଗଜ ଧରିତ୍ରୀରେ ଦୀର୍ଘଦିନ ହେବ କାର୍ଯ୍ୟ କରିଥିଲେ। ଏଥିସହ ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସବୁଦିନ ଟିଭିର ମୁଖ୍ୟ ସମ୍ପାଦକ ଡଃ ଭବାନୀ ଶଙ୍କର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସ୍ମୃତିସଭାରେ ପଞ୍ଚବଟୀ ସ୍କୁଲର ଶିକ୍ଷକ ବିଜୟ କୁମାର ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀଧର ପାତ୍ର, ପେଟାଲ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସପାଲ୍ ରମାକାନ୍ତ ସାହୁ, ବୀରବର ସାହୁ, ଧରଣୀଧର ସାହୁ, ସୁଦର୍ଶନ ସାହୁ, ଧୀରେନ୍ଦ୍ର ଖଟୁଆ, କମଳ କୁମାର ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା**

କଟକ,୨୯।୧୧(କାର୍ତ୍ତିକ ସାହୁ)

ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତୀୟ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଗତ ଜୁଲାଇ ୧୯ ତାରିଖରେ ୯ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ପାଇଁ ରିଜୋଲ୍ୟୁଶନ ଆଣିଥିଲେ। ସେମାନେ ଅଗଷ୍ଟ ୧ ତାରିଖରେ ରିଜୋଲ୍ୟୁଶନ ନକଲ ସହ ନୟାଗଡ଼ ଜିଲାପାଳଙ୍କୁ ରିକ୍ୟୁଜିଶନ ପ୍ରଦାନ କରିଥିଲେ। ନିୟମାନୁସାରେ ୧୦ ଦିନ ମଧ୍ୟରେ ଜିଲାପାଳ ଅନାସ୍ଥା ପ୍ରସ୍ତାବ ପାଇଁ ଡାକିଲେ ନାହିଁ। ଫଳରେ ଉପାଧ୍ୟକ୍ଷଙ୍କ ସହ ୯ ଜଣ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ନୟାଗଡ଼ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ମୁତାବକ ଜିଲାପାଳ ତୁରନ୍ତ ନୋଟିସ ଜାରି କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ନୋଟିସ ଜାରି ପରେ ସେପ୍ଟେମ୍ବର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହେଲା। ମାତ୍ର ତା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଅଧ୍ୟକ୍ଷା ଆରତି ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନାସ୍ଥା ପ୍ରସ୍ତାବ ନେଇ ନୋଟିସ, ରିଜୋଲ୍ୟୁଶନ ପାଇଥିବାବେଳେ ରିକ୍ୟୁଜିଶନ ପାଇନାହାନ୍ତି ବୋଲି ହାଇକୋର୍ଟଙ୍କୁ ଜଣାଇଲେ। ଏହାପରେ ହାଇକୋର୍ଟ ଏକ ଆଦେଶ ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ହେଉ, ମାତ୍ର କୋର୍ଟଙ୍କ ଅଗୋଚରରେ ଫଳ ପ୍ରକାଶ ପାଇବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ହୋଇପାରିଲା ନାହିଁ। କାରଣ ଏହାର ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଡକରା ପାଇ ଭୁବନେଶ୍ୱର ଯାଇଥିଲେ। ତେଣୁ ଜିଲାପାଳ ଆଉ ଏକ ନୋଟିସ ଇସ୍ୟୁ କରି ସେହି ମାସ ୨୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ପାଇଁ ସ୍ଥିର କଲେ। ସେଦିନ ଅନାସ୍ଥା ପ୍ରସ୍ତାବ ହେଲା। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ଯୋଗଦେଲେ। ଜଣକ ଭୋଟ ନାକଚ ହେଲା ଓ ଅବଶିଷ୍ଟ ୯ ଜଣ ଅଧ୍ୟକ୍ଷା ଆରତିଙ୍କ ବିପକ୍ଷରେ ଭୋଟ ଦେଲେ। ଏହି ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ, ହୃଦାନନ୍ଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ସମୀର ମିଶ୍ର ମାମଲା ପରିଚାଳନା କରୁଥିଲେ।




୯ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ବାରବାଟୀ ଷ୍ଟାଡିୟମର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟୁଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ୍।

**କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟିକା**

କଟକ,୨୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବିଧାନସଭାସ୍ଥିତ କାର୍ଯ୍ୟାଳୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଶୁକ୍ରବାର ଭେଟିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍। ବାରବାଟୀ ଷ୍ଟାଡିୟମ୍‌ର ନବୀକରଣ, ବିଭିନ୍ନ କ୍ରୀଡ଼ାର ମାନବୃଦ୍ଧି ସହ କଟକ ସହରରେ ଏକ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଖୋଲାଯିବା ପାଇଁ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି। ବାରବାଟୀ ଷ୍ଟାଡିୟମ ପ୍ରତି ଓଡ଼ିଶାବାସୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ରହିଛି। ହେଲେ ଏହାର ବିକାଶ ଦିଗରେ ବାରମ୍ବାର ଅବହେଳା ପ୍ରଦର୍ଶନ କରାଯିବା କ୍ରୀଡ଼ାପ୍ରେମୀଙ୍କ ମନରେ ଆଘାତ ପହଞ୍ଚାଉଛି। ଷ୍ଟାଡିୟମର ବିକାଶ ପ୍ରତି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀଙ୍କୁ ସୋଫିଆ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ଏଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରତିଶ୍ରୁତି ଦେଇଛନ୍ତି।

# ଜିପିଏଲ୍‌ଏଫ୍‌ର ହିସାବ ମିଳୁନି: ଅନ୍ଧାରରେ ଏସ୍‌ଏଚ୍‌ଜି ମହିଳା

କଟକ ସଦର,୨୯।୧୧(ସୁଶାନ୍ତ କୁମାର ଜେନା)

ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ମିଶନଶକ୍ତି ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ ପାଣ୍ଠି (ଜିପିଏଲ୍‌ଏଫ୍) ସୃଷ୍ଟି କରାଯାଇଛି। ଏହି ପାଣ୍ଠି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ମାସିକ ଚାନ୍ଦା ଦେଉଛନ୍ତି। ଆବଶ୍ୟକସ୍ଥଳେ ଏହି ପାଣ୍ଠିରୁ ସ୍ଥାନୀୟ ମହିଳା ସ୍ୱଳ୍ପ ସୁଧରେ ଋଣ ନେବାର ବ୍ୟବସ୍ଥା ରହିଛି। ୨୦୨୦ ମସିହାରୁ ଏହି ପାଣ୍ଠି ପାଇଁ କଟକ ସଦର ବ୍ଲକ୍‌ର ୨୩ଟି ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ମାସିକ ୫ ଟଙ୍କା ଲେଖାଏ ଚାନ୍ଦା ଦେଉଛନ୍ତି। ମାତ୍ର ୪ ବର୍ଷ ହେବ ଏହି ପାଣ୍ଠିରେ କେତେ ଟଙ୍କା ଜମାହେଲାଣି ତାହାର ହିସାବ ମିଳୁନାହିଁ। ମାସିକ ଚାନ୍ଦା ଦେଉଥିବା ସଦସ୍ୟାଙ୍କୁ ମୁଦ୍ରିତ ରସିଦ୍ ମଧ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ପ୍ରତି ଏସ୍‌ଏଚ୍‌ଜି ସଦସ୍ୟା କେତେ ଟଙ୍କା ଚାନ୍ଦା ଆକାରରେ ଏହି ପାଣ୍ଠିରେ ଜମା କଲେଣି ସେ ସମ୍ପର୍କରେ ମଧ୍ୟ ଗୋଷ୍ଠୀର ପଦାଧିକାରୀଙ୍କୁ ଜଣାଇ ଦିଆଯାଉ ନାହିଁ। ପ୍ରତି ମାସରେ ଚାନ୍ଦା ଆଦାୟ ସମ୍ପର୍କରେ ଜାଣିବା ପାଇଁ ବିଡିଓ ପ୍ରତୀକ କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ସରୋଜିନୀ ମହାନ୍ତି କହିଛନ୍ତି, ଏହି ଅଭିଯୋଗ ଉପରେ ଶୀଘ୍ର ଅନୁଧ୍ୟାନ କରି ଯାହାକିଛି ପଦକ୍ଷେପ ନେବି।




ଓସିଏ କନ୍‌ଫରେନ୍ସ ହଲ୍‌ରେ ଅଧିବକ୍ତା ପରିଷଦ, ଓଡ଼ିଶା ହାଇକୋର୍ଟ ୟୁନିଟ୍ ଦ୍ୱାରା ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଚୌଦ୍ୱାର,୨୯।୧୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ଆନୁକୂଲ୍ୟରେ ମାତୃ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ କଟକ ନୂଆପଡ଼ାସ୍ଥିତ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରି ଶିଶୁ ବାଟିକା ଶିକ୍ଷା ବ୍ୟବସ୍ଥାରେ ଶିଶୁଙ୍କ ଯତ୍ନରେ ମା' ମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅତିଥି ଭାବେ ପରିଚାଳନା ସମିତି ସଭାପତି ପ୍ରତାପ କିଶୋର ମହାପାତ୍ର, ବିଜୟ କୁମାର ଜେନା, ଧରିତ୍ରୀ ସାହୁ ଯୋଗଦେଇଥିଲେ। ଆଚାର୍ଯ୍ୟା ରୁକ୍ମିଣୀ ପତ୍ରୀ ଓ ରଶ୍ମିତା ଲେଙ୍କା ଶିଶୁ ବାଟିକା ପାଠ୍ୟକ୍ରମର ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ କହିଥିଲେ। ଏହି ଅବସରରେ ମା'ମାନଙ୍କ ମଧ୍ୟରେ ଅନୁଷ୍ଠିତ ଝୋଟି ଓ ସୁଷମ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ଅମ୍ବିକା ସିଂହ ସ୍ୱାଗତ ଭାଷଣ ଓ ଜ୍ୟୋସ୍ନାମୟୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମନୁଷ୍ୟକୁ ଶୃଙ୍ଖଳିତ କରେ ଯୋଗ

**ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକ ଆଲୋଚନା**

କଟକ,୨୯।୧୧ (କାର୍ତ୍ତିକ ସାହୁ)

ଯୋଗ ଜୀବନ ଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମନୁଷ୍ୟକୁ ଶୃଙ୍ଖଳିତ ଏବଂ ଉତ୍ତମ ନାଗରିକତ୍ୱ ସୃଷ୍ଟି କରିବାରେ ଏହା ଏକ ମାଧ୍ୟମ। ନିୟମିତ ଯୋଗାଭ୍ୟାସ ବ୍ୟକ୍ତିଙ୍କୁ ନୀରୋଗ କରିବା ସହ ପ୍ରତିରୋଧ ଶକ୍ତି, ବୁଦ୍ଧିମତ୍ତା ବୃଦ୍ଧି କରେ ବୋଲି କଟକ ମିଡ୍‌ଟାଉନ୍ ରୋଟାରୀ ଓ ଇନର ହ୍ୱିଲ କ୍ଲବ୍ ତରଫରୁ କ୍ଲବ ଦ୍ୱୟର ସଭାପତି ଡ. ଆଶୁତୋଷ ଦେବତା ଏବଂ ଡ. ମିତା ଦେବତାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହୋଟେଲରେ ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକ ଏକ ଉପାଦେୟ ଆଲୋଚନାଚକ୍ରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।




କାର୍ଯ୍ୟକ୍ରମରେ ଯୋଗ ପ୍ରଦର୍ଶନ କରାଯାଉଛି।

ଜିଲା ଯୋଗ ଉପ ପ୍ରଧାନ କେଦାରନାଥ ଜାଲି ଅତିଥି ବକ୍ତା ଭାବେ ଅଭିଭାଷଣ ଦେଇଥିଲେ। ଯୋଗ ଅନୁଷ୍ଠାନର ଉପଦେଷ୍ଟା ଡ. ସତ୍ୟ ରାୟ, ଡ. ଶୈଳଜା ନନ୍ଦିନୀ ଜେନାଙ୍କ ସଂଯୋଜନାରେ ୪ଜଣ ଶିକ୍ଷୟିତ୍ରୀ ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। କମଳ ମହାନ୍ତି, ଶୁଭ୍ରାଂଶୁ ସାମନ୍ତରାୟ, ଶଶାଙ୍କ ମହାପାତ୍ର, ବିଭୂତି ଭୂଷଣ ରାଉତ, ଦିଲୀପ କୁମାର ସାହୁ, କାହ୍ନୁ ଚରଣ ଦାସ, ଉଦୟ ଶଙ୍କର ଦାସ, ବେଣୀ ମାଧବ ତ୍ରିପାଠୀ, ଅଞ୍ଜଳି ଦତ୍ତ, ରୂପେଶ କୁମାର ରାଉତ, ସଂଯୁକ୍ତା ମଲ୍ଲିକ, ପ୍ରଭାତୀ ମହାନ୍ତି, ଅନସୂୟା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଫଟୋରେ ଖବର**



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଭବାନୀପାଟଣା ସ୍ମାରକୀ ନାଟ୍ୟସଂସ୍ଥାର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଜୟ ଯାତ୍ରା'ର ଏକ ଦୃଶ୍ୟ।




କଟକ କିଲାଖାଇଠାରେ ଆଶାକର୍ମୀମାନଙ୍କ ଜିଲାସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
CANDIDATES REQUIRE OFFICIAL JOB FOR CUTTACK & BHUBANESWAR. COMPUTER KNOWLEDGE.
Contact: 9439021001
7008814414

ଭୁବନେଶ୍ୱର ପାହାଳ ରେ ମେଡିସିନ ଗୋଦାମ ପାଇଁ TATA ACE COMMERCIAL Licence ଥିବା Driver, private Mahindra XYLO, XUV Driver ଦରକାର। ଏଥିପାଇଁ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ପାଇଁ ମଧ୍ୟ ସୁବିଧା ରହିଛି। ଯୋଗାଯୋଗ –
6370953002
6370953001

**JPSS PVT. LTD.**
REQUIRE DATA ENTRY OPERATOR & FIELDS STAFF
Interested candidates can send the resume to this
Whatsapp No.: 7855982241
& Mail ID: interviewforjpss@gmail.com

**WANTED**
LADY OFFICE ASSISTANT
Age upto 30 year. ଖାଇବା + ରହିବା ସହ Salary 10,000/-.
Phulanakhara, Cuttack.
Contact: 7809525452

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY
Advt. No. 10240501
**Needs Railway Operational Coordinator**
NALCO, a Navratna CPSE under Ministry of Mines, GoI is looking for a Railway Operational Coordinator (Khurda Road Division) on consolidated monthly compensation basis for a period of two years. Interested candidates may visit the career section of company's website www.nalcoindia.com
GM(H&A)-Recruitment

**WANTED FOR A PHARMACEUTICAL UNIT IN ODISHA**
1. Quality Assurance-cum-Regulatory Affairs Officer: The candidate must have minimum 3 years experience as QA Officer. Should be able to face ISO & GMP Audit Inspections. Must have knowledge to prepare documents for regulatory authorities.
2. Quality Control Officer: The candidate must be able to handle sophisticated equipment like HPLC etc. and conduct tests independently as per different pharmacopoeia's. He should have minimum 5 years experience as QC Officer.
Please apply with confidence to email:
consultant4466@gmail.com within 15 days intimating expected salary.

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5230

GOVT. OF ODISHA No. O-728
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BHAWANIPATNA**
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-07/2024-25, Date: 22.11.2024
**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**
1. Name of the Work : Construction of Road works under MMSY-Improvement to Existing RD Roads Schemes in the district Kalahandi and Nuapada
2. No. of Works : 08 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 07.12.2024 11.00 A.M. | 27.12.2024 5.00 P.M. | 26.12.2024 | 30.12.2024 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0005/2425

# ସମାଜର ସାମଗ୍ରିକ ବିକାଶ ପାଇଁ ବିଜ୍ଞାନ ବ୍ୟବହାର ଆବଶ୍ୟକ

## ୫ଜଣଙ୍କୁ 'ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

## ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତି ଏବଂ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ପକ୍ଷରୁ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ରୌପ୍ୟଜୟନ୍ତୀ ଅଧିବେଶନ ଉଦ୍‌ଘାଟିତ ହୋଇଯାଇଛି। ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡ. ଲକ୍ଷ୍ମୀଧର ବେସ୍ରାଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିପିୟୁଟିର ପୂର୍ବତନ କୁଳପତି ତଥା ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମୁଖ୍ୟବକ୍ତା ଭାବେ ଆମେରିକାସ୍ଥିତ ଉଟାହ ବିଶ୍ୱବିଦ୍ୟାଳୟର ପ୍ରଫେସର ରମେଶ ଗୋଏଲ ଯୋଗଦେଇ ଚଳିତ ଅଧିବେଶନର ମୁଖ୍ୟ ପ୍ରସଙ୍ଗ 'ସାମଗ୍ରିକ ବିକାଶ ନିମନ୍ତେ ବିଜ୍ଞାନର ପ୍ରୟୋଗ'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମାଜର ସାମଗ୍ରିକ ବିକାଶ ନିମନ୍ତେ ବିଜ୍ଞାନର ବ୍ୟବହାର ଜରୁରୀ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ଦିଗନ୍ତରେ ଘଟିଥିବା ଅଗ୍ରଗତି ବହୁବିଧ ମାନବ ସମସ୍ୟାର ସ୍ଥାୟୀ ସମାଧାନ ଆଣିବା ସହ ମାନବ ଜାତିର ଉତ୍ପାଦନ କ୍ଷମତା, ଦକ୍ଷତା, ଦୀର୍ଘାୟୁତା ଏବଂ ଅତ୍ୟାଧୁନିକ ଜୀବନଶୈଳୀକୁ ଋଦ୍ଧିମନ୍ତ କରିଛି। ମାତ୍ର ସାମ୍ପ୍ରତିକ ସମୟରେ ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ଅସନ୍ତୁଳିତ ଏବଂ ଅସହନୀୟ ପଦ୍ଧତି ସମଗ୍ର ଜୀବଜଗତ ତଥା ଆମ ଗ୍ରହ ପାଇଁ ଅନେକ ସମସ୍ୟାର ସୂତ୍ରପାତ କରିଛି। ଫଳରେ ଆମେ ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ଆହ୍ୱାନର ସମ୍ମୁଖୀନ ହେଉଛୁ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷା ତଥା ଗବେଷଣା କ୍ଷେତ୍ରକୁ ଆଜୀବନ ଅବଦାନ ନିମନ୍ତେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଓମ୍‌କାର ନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଲାଲ ବିହାରୀ ଶୁକ୍ଳା ଏବଂ ପ୍ରଫେସର କୁଳମଣି ପରିଡ଼ା, କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସି.ବି.କେ. ମହାନ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ମହାନ୍ତିଙ୍କୁ 'ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ଅତିଥିଙ୍କ ଦ୍ୱାରା କଂଗ୍ରେସର ପ୍ରୋସିଡିଂ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଇଏସ୍‌ର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, କଂଗ୍ରେସର ଦୁଇ ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଡ଼. ନବିନ କୁମାର ଧଳ ବକ୍ତବ୍ୟ ରଖିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନର କାର୍ଯ୍ୟକ୍ରମର ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରତିନିଧିଙ୍କ ଦ୍ୱାରା ଗବେଷଣା ନିବନ୍ଧଗୁଡ଼ିକ ଉଭୟ ମୌଖିକ ଏବଂ ପୋଷ୍ଟର ମାଧ୍ୟମରେ ଉପସ୍ଥାପିତ ହେବ। ଶ୍ରେଷ୍ଠ ଗବେଷକଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱମାନେ।

## ଶିଶୁକନ୍ୟାଙ୍କୁ ବଳାତ୍କାର, ବୃଦ୍ଧ ଅଟକ

ଯାଁଳା, ୨୯।୧୧ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ବୃଦ୍ଧ ଦୋକାନୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, ଗୁରୁବାର ଶିଶୁକନ୍ୟା ଜଣଙ୍କ ମ୍ୟାଗି ପାଇଁ ଘରଠାରୁ ଶହେମିଟର ଦୂରରେ ଥିବା ଏକ ଦୋକାନକୁ ଯାଇଥିଲେ। ବୃଦ୍ଧ ଦୋକାନୀ ଜଣଙ୍କ ଚକୋଲେଟ୍ ଦେଇ ପ୍ରଲୋଭନ ଦେଖାଇ ତାଙ୍କୁ କୋଳରେ ବସାଇଥିଲେ। ସେଠାରେ ଥିବା ଅନ୍ୟ ଗ୍ରାହକମାନେ ପଳାଇବା ପରେ ବୃଦ୍ଧ ଜଣଙ୍କ ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ବୃଦ୍ଧ ଜଣଙ୍କ କିଛି ଚକୋଲେଟ୍, ମ୍ୟାଗି ସହ ଟଙ୍କା ଦେଇ ଘରକୁ ଶିଶୁକନ୍ୟାଙ୍କୁ ପଠାଇ ଦେଇଥିଲେ। ତେବେ ଝିଅର ଫେରିବାରେ ବିଳମ୍ବ ହେବାରୁ ତାଙ୍କ ମା' ଦୋକାନ ଅଭିମୁଖେ ଆସିଥିଲେ। ବାଟରେ ଝିଅକୁ ଆସୁଥିବା ଦେଖିବା ପରେ ସାଙ୍ଗହୋଇ ଘରକୁ ଫେରିଥିଲେ। ତେବେ ଶିଶୁକନ୍ୟା ଜଣଙ୍କ କାନ୍ଦିବାରୁ କ'ଣ ହୋଇଛି ବୋଲି ପଚାରିବାରୁ ଘଟଣା ସମ୍ପର୍କରେ ସେ କହିଥିଲା। ଏନେଇ ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିବା ସହ ବୃଦ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି।



କଟକସ୍ଥିତ କଳାବିକାଶ କେନ୍ଦ୍ରରେ ଚାଲିଥିବା ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ବାଦ୍ୟ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମନମୋହିଲା ଶାସ୍ତ୍ରୀୟ ବାଦ୍ୟସଙ୍ଗୀତ

### ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା

କଟକ, ୨୯।୧୧ (ଶିଳ୍ପା ପ୍ରିୟଦର୍ଶିନୀ)


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

କଟକସ୍ଥିତ କଳାବିକାଶ କେନ୍ଦ୍ରରେ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ନୀହାର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ସନ୍‌ପ୍ରିୟା ଗ୍ରୁପ୍‌ର ନିର୍ଦ୍ଦେଶକ ସଞ୍ଜୀବ ଶ୍ରୀବାସ୍ତବ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ସମାଜ ଖବରକାଗଜର ପ୍ରକାଶକ ଓ ମୁଦ୍ରାକର ପ୍ରଭାସ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟ ବଞ୍ଚାଇ ରଖିବାକୁ ସର୍ବଦା ପ୍ରୟାସ ଜାରି ରଖିବା ଆବଶ୍ୟକ। ଏହା ଓଡ଼ିଆ ସଂସ୍କୃତିକୁ ଲୋକଲୋଚନକୁ ଆଣିବାର ଏକ ମାଧ୍ୟମ। ବିଶ୍ୱରେ ଓଡ଼ିଶୀ ନୃତ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗୁରୁ ଶ୍ରୀନିବାସ ଶତପଥୀଙ୍କ ନିର୍ଦ୍ଦେଶନାରେ ୟୁଏସ୍‌ଏମ୍‌ର କଳାକାରମାନେ ଶାସ୍ତ୍ରୀୟ ବାଦ୍ୟସଙ୍ଗୀତ ପରିବେଷଣ କରିଥିଲେ। ପରେ କୋଲକାତାର ନୃତ୍ୟଗୁରୁ ଶାଶ୍ୱତୀ ଘଡ଼ାଇ ଘୋଷ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ପରିଚାଳନା ଓ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ସଭାପତି ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅକାଶଜିତ୍


@ ରୌମ୍ୟରଞ୍ଜନ


@ ଶକ୍ତିରଞ୍ଜନ


@ ଚିନ୍ମୟ


@ ଜ୍ୟୋତିର୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ସସ୍ତ୍ରୀକ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଓ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ଅଛନ୍ତି।

## ଅଙ୍ଗନୱାଡ଼ି, ବିଦ୍ୟାଳୟକୁ ଦିଆଯିବ ଓମ୍‌ଫେଡ୍ ଗୁଣ୍ଡ ଦୁଗ୍ଧ

### ଅରିଲୋଠାରେ ଷ୍ଟେଟ୍ ସେଣ୍ଟ୍ରାଲ ଲାବରେଟୋରି ପ୍ରତିଷ୍ଠା ନିଷ୍ପତ୍ତି

ଭୁବନେଶ୍ୱର, ୨୯।୧୧ (ଅନୁରାଧା ମହାରଣା)


ବୈଠକରେ ଓମଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସହ ଅନ୍ୟ ଅଧିକାରୀମାନେ।

ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଓମଫେଡ୍ ଗୁଣ୍ଡ ଦୁଗ୍ଧ ଯୋଗାଇଦିଆଯିବ। ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍)ର ୧୧୩ତମ ପରିଚାଳନା ପରିଷଦ ବୈଠକରେ ଆଲୋଚନା ହୋଇଛି। ଓମଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଆଗାମୀ ଦିନରେ ଓମ୍‌ଫେଡର ଉତ୍ତମ ଗୁଣବତ୍ତାବିଶିଷ୍ଟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଉତ୍ପାଦ କିପରି ମାର୍କେଟକୁ ଯାଇପାରିବ, ସେ ସମ୍ପର୍କରେ ବୋର୍ଡର ସଦସ୍ୟମାନେ ନିଜ ମତାମତ ଦେବାକୁ ଅନୁରୋଧ କରିଥିଲେ। ଦୁଗ୍ଧ ସଂଗ୍ରହ ସହ ଉତ୍ପାଦନ ବୃଦ୍ଧି କରିବା ଏବଂ ଓମଫେଡ୍ ଉତ୍ପାଦନଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ସେ ସମ୍ପର୍କରେ ମଧ୍ୟ କୁଲାଙ୍ଗେ ଆଲୋକପାତ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାକୁ ଗ୍ରାମାଞ୍ଚଳକୁ ବ୍ୟାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ୬୫.୪୯ କୋଟି ଟଙ୍କା ମଞ୍ଜୁର କରିଥିବାରୁ ରାଜ୍ୟ ସରକାରଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ। ଏହାସହ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଓମଫେଡ୍ ଗୁଣ୍ଡ ଦୁଗ୍ଧ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିବାବେଳେ ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଛି। ସେହିପରି ଅରିଲୋଠାରେ ଷ୍ଟେଟ୍ ସେଣ୍ଟ୍ରାଲ ଲାବରେଟୋରି ପ୍ରତିଷ୍ଠା, ଦୁଗ୍ଧ ପାର୍ଲର ସ୍ଥାପନ ସହ ଦୁଗ୍ଧ କାରଖାନାଠାରେ ପାଇପ୍ ଦ୍ୱାରା ପ୍ରାକୃତିକ ଗ୍ୟାସ୍ ଯୋଗାଣ ନେଇ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର (ଡେଏରୀ ଅପରେଶନ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର(ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡ. ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ ବୋର୍ଡର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନା ପରିଷଦ ସମ୍ପାଦକ ଡ. ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଟ୍ରେନ୍ ଧକ୍କା: ୫ ବର୍ଷରେ ୮ ହାତୀ, ୩ ବର୍ଷରେ ୩୦୨ ଗୋରୁ ମୃତ

ଭୁବନେଶ୍ୱର,୨୯।୧୧
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଓ ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଭିନ୍ନ ଯୋଜନା କରାଯାଉଛି। ଏହାସତ୍ତ୍ୱେ ପ୍ରତିବର୍ଷ ହାତୀ ଭଳି ବିରାଟ ପ୍ରାଣୀ ଟ୍ରେନ୍ ଟ୍ରାକ୍‌ରେ ପ୍ରାଣ ହରାଉଛନ୍ତି। ପୂର୍ବତଟ ରେଳପଥ ଅଞ୍ଚଳରେ ରେଳ ଧକ୍କାରେ ଗତ ୫ ବର୍ଷ ଅର୍ଥାତ୍ ୨୦୨୦ରୁ ୨୦୨୪ ନଭେମ୍ବର ସୁଦ୍ଧା ୭ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୮ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୨ରୁ ୨୦୨୪ ମଧ୍ୟରେ ୩୦୨ ଗୋରୁଙ୍କ ମୃତ୍ୟୁ ହୋଇଛି।

ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୨୦ ଡିସେମ୍ବରରେ ସମ୍ବଲପୁର ଡିଭିଜନରେ ଟ୍ରେନ୍ ଧକ୍କାରେ ୨ଟି ହାତୀ ଓ ୨୦୨୧ ମେ'ରେ ଖୋର୍ଦ୍ଧାରୋଡ୍ ଡିଭିଜନରେ ଗୋଟିଏ ହାତୀର ଜୀବନ ଯାଇଛି। ତେବେ ୨୦୨୨ରେ କୌଣସି ହାତୀ କିମ୍ବା ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରାଣହାନି ହୋଇ ନ ଥିବାବେଳେ ୨୦୨୩ରେ ୪ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନରେ ୩ଟି ହାତୀ ଓ ସମ୍ବଲପୁର ଡିଭିଜନରେ ଗୋଟିଏ ହାତୀ ଆଖି ବୁଜିଥିଲା।

ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଟ୍ରେନ୍ ଧକ୍କାରେ ଗୋରୁ ଓ କୁକୁର ଆଦିଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ତେବେ ପୋଷା ଜୀବଜନ୍ତୁ ଅସାବଧାନତାବଶତଃ ଟ୍ରେନ୍ ଟ୍ରାକ୍‌କୁ ଚାଲି ଆସୁଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ୨୦୨୨ରେ ୭୮ ଗୋରୁ ପ୍ରାଣ ହରାଇଥିବାବେଳେ ଏହି ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ୨୦୨୩ରେ ଟ୍ରେନ ଧକ୍କାରେ ୧୨୦ ଗୋରୁଙ୍କ ଜୀବନହାନି ହୋଇଥିବାବେଳେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ୧୮୪ ଗୋରୁ ପ୍ରାଣ ହରାଇଥିବା ସୂଚନା ରହିଛି। ତେବେ ରେଳ ଟ୍ରାକ୍ ନିକଟରେ ବିଚରଣ କରୁଥିବା ଗୋରୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାକ୍ ପାର୍ଶ୍ୱରେ ବାଡଦିଆ କାର୍ଯ୍ୟ ଜାରି ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଖଟିଆରେ ବୁହାହେଲେ ଗର୍ଭବତୀ



ନୀଳଗିରି,୨୯।୧୧
(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଅନ୍ତର୍ଗତ ସାନକଞ୍ଚିଆମୁହଁ ଗାଁକୁ ରାସ୍ତା ନ ଥିବାରୁ ପରିବାର ଲୋକେ ଜଣେ ଗର୍ଭବତୀଙ୍କୁ ୧ କି.ମି. ରାସ୍ତା ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିବା ଦେଖିବାକୁ ମିଳିଛି। ଗ୍ରାମର ଭୈରବ ମଲ୍ଲିକଙ୍କ ସ୍ତ୍ରୀ ରଞ୍ଜିତା ଶୁକ୍ରବାର ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବରମପୁର ହସ୍ପିଟାଲ ନେବା ପାଇଁ ସ୍ଥାନୀୟ ଆଶାକର୍ମୀ ମଞ୍ଜୁଲତା ସାହୁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ପଶି ପାରି ନ ଥିଲା। ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ଅଞ୍ଚଳର ଚିତ୍ତରଞ୍ଜନ ମଣ୍ଡଳ ହସ୍ପିଟାଲ ନେବାରେ ସହାୟତା କରିଥିଲେ।

# ପୃଥକ୍ ବାଇକ୍ ଦୁର୍ଘଟଣାରେ ୩ ମୃତ ,୫ ଗୁରୁତର

ଗୁଡଭେଲା/ ବଲାଙ୍ଗୀର,୨୯।୧୧
(ମନୋଜ ଜୈନ/ ବୀରେନ୍ଦ୍ର କୁମାର ଝାଙ୍କର)

ଶୁକ୍ରବାର ବଲାଙ୍ଗୀର ଜିଲାର ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ରୁଷୁଡା ମାଧିଆପାଲି ରାସ୍ତାର ଏକ ପୋଲ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଅର୍ଜୁନପୁରର ବସନ୍ତ ସାହୁ (୪୭) ଓ ମାଧିଆପାଲି ଗ୍ରାମର ଭାସ୍କର ବାଗ। ଆହତଦ୍ୱୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲରେ ଚିକିତ୍ସା କରାଯାଇ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ସନ୍ଧ୍ୟାରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦେଇପାଲିଠାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ବଲାଙ୍ଗୀର ତାଲପାଲିପଡ଼ାର ଶିବା ବାଗଙ୍କ ମୃତ୍ୟୁ ଘଟିଛି। ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି।

# ବିଜ୍ଞାନ ମେଳାରେ ମହୁମାଛି ଆକ୍ରମଣ, ୨୦ ଆହତ

ପଟ୍ଟାମୁଣ୍ଡାଇ,୨୯।୧୧
(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଣ୍ଡଳ କଷଣଅଣ୍ଟାସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ବିଜ୍ଞାନମେଳା ଆୟୋଜନ କରାଯାଇଥିଲା। ହେଲେ ଏହି ମେଳାରେ ମହୁମାଛି ଆକ୍ରମଣ ଯୋଗୁ ୨୦ ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ସହରକୁ ଲାଗି ଏମ୍‌ଏନ୍ ହାଇସ୍କୁଲ ପଡ଼ିଆ ଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ସେଠାରୁ ୩ କିମି ଦୂର କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ବିଜ୍ଞାନମେଳା ଆୟୋଜନ କରିଥିଲେ। ବିଜ୍ଞାନମେଳାର ଅଳ୍ପଦୂରରେ ବହୁ ଲତାଗଛ ରହିଛି। ଅପରାହ୍ନ ପ୍ରାୟ ୨ଟା ପରେ ହଠାତ୍ ମହୁମାଛିଗୁଡ଼ିକ ସେହି ଅଞ୍ଚଳକୁ ଉଡ଼ିଆସିଥିଲେ। ଏହାପରେ ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଜୀବନ ବିକଳରେ ଏଣେତେଣେ ଦୌଡ଼ିଥିଲେ। କିଛି ସମୟ ଭିତରେ ମେଳା ପରିସର ଖାଲି ହୋଇଯାଇଥିଲା। ପରେ ଆହତମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ବିଜ୍ଞାନ ମେଳାରେ ବ୍ଲକସ୍ତରରୁ ୪୧ ହାଇସ୍କୁଲର ଛାତ୍ରୀଛାତ୍ର ଭାଗନେଇଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ବିଜ୍ଞାନମେଳା ଦେଖିବାକୁ ସେଠାକୁ ଆସିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ପ୍ରୋଜେକ୍ଟ/କେଜିପି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ ଏବଂ ଏହାର ଅବସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: (୧) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ପିଆର୍‌ଓଜେ-କେଜିପି-ବିସିବି-ଏଡିଏ । ଆଦ୍ରା ଡିଭିଜନର ଭାଓରାଠାରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂର ବ୍ୟବସ୍ଥା ନିମନ୍ତେ ବିଲ୍‌ଡିଂ ନିର୍ମାଣ ସହିତ ସମସ୍ତ ଏସ୍ ଆଣ୍ଡ ଟି କାର୍ଯ୍ୟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୫,୦୨,୮୩,୬୧୨.୦୦/-। ଇଏମ୍‌ଡି: ₹୪,୦୧,୪୦୦.୦୦/- । (୨) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ପିଆର୍‌ଓଜେ-କେଜିପି-୩ଇଆଇ-ଏନ୍‌ବିବି । କାର୍ଯ୍ୟର ନାମ ଏବଂ ଏହାର ଅବସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ଖଡ଼ଗପୁର ଡିଭିଜନର ବାଗନାନ, ବାଉରିଆ, ନଳପୁରଠାରେ ନୂଆ ଇଲେକ୍ଟ୍ରୋନିକ୍, ଇଣ୍ଟରଲକିଂ ଦ୍ୱାରା ପୁରୁଣା ପ୍ୟାନେଲ୍ ଇଣ୍ଟରଲକିଂକୁ ବଦଳାଇବା ନିମନ୍ତେ ବିଲ୍‌ଡିଂ ନିର୍ମାଣ ସହିତ ସମସ୍ତ ଏସ୍ ଆଣ୍ଡ ଟି କାର୍ଯ୍ୟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୩୩,୧୭,୨୦,୦୭୨.୫୩/- । ଇଏମ୍‌ଡି: ₹୧୮,୦୮,୬୦୦.୦୦/- । (୩) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ପିଆର୍‌ଓଜେ-କେଜିପି-୨ଇଏଲ୍-ୟୁଡି । କାର୍ଯ୍ୟର ନାମ ଏବଂ ଏହାର ଅବସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ଖଡ଼ଗପୁର ଡିଭିଜନର ଉଲୁବେରିଆ ଏବଂ ଦେଉଳଟିଠାରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ପୁରୁଣା ପ୍ୟାନେଲ୍ ଇଣ୍ଟରଲକିଂକୁ ବଦଳାଇବା ନିମନ୍ତେ ବିଲ୍‌ଡିଂର ନିର୍ମାଣ ସହିତ ସମସ୍ତ ଏସ୍ ଆଣ୍ଡ ଟି କାର୍ଯ୍ୟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୨,୩୧,୪୨,୭୨୯୯.୨୪/- । ଇଏମ୍‌ଡି: ₹୧୩,୦୭,୧୦୦.୦୦/- । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: କ୍ର.ସଂ. ୧ ପାଇଁ: ତା୨୦।୧୨।୨୦୨୪ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ଓ ୩ ପାଇଁ: ତା୨୭।୧୨।୨୦୨୪ରିଖ । ୱେବ୍‌ସାଇଟ୍ ଯେଉଁଥିରେ ଟେଣ୍ଡର ପ୍ରକାଶିତ ହୋଇଛି: www.ireps.gov.in (PR-849)



**OFFICE OF THE NOTIFIED AREA COUNCIL, BOUDHGARH**
At/P.O.: Boudh, Dist.: Boudh, Odisha - 762014
Telephone No.: 06841-223024, e-Mail ID: boudhgarhnac@yahoo.co.in
ପତ୍ର ସଂଖ୍ୟା: 3032 ତାରିଖ: 27.11.2024

**ବିଜ୍ଞପ୍ତି**

No. C-1128: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଇଛି ଯେ, ବୌଦ୍ଧଗଡ଼କୁ ବାହ୍ୟ ମଳମୁକ୍ତ ଯୁକ୍ତ (ODF++) ସହର ଘୋଷଣା କରାଯିବ। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବାକୁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତାଙ୍କଠାରୁ ଟ.୫୦/- ଜୋରିମାନା ଓ ନିଜ ପାଇଖାନାରୁ ବାହାରକୁ ଯାଇଥିବା ମଳ ମୂତ୍ରକୁ ପରିଷଦ ଡ୍ରେନ ମଧ୍ୟକୁ କିମ୍ବା ଖୋଲା ଜାଗାରେ ଛାଡ଼ନ୍ତି ତା'ହେଲେ ତାଙ୍କଠାରୁ ଟ.୫୦୦/- ଜୋରିମାନା ଆଦାୟ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR-13155/11/0006/2425



**GOVERNMENT OF ODISHA**
**OFFICE OF THE EXECUTIVE ENGINEER (C)**
**DIRECTORATE OF FISHERIES, ODISHA, CUTTACK**
No. M-50 E-MAIL: eefedcuttack@gmail.com
**Bid Identification No. 8043 / Dt.28.11.2024**

1. No. of Works : 06 (Six) Number of Civil works
2. Type of works : Civil Works
3. Approximate Estimated Cost: Rs.20.35 lakhs to Rs.77.02 Lakhs
4. Class of Contractor : 'C' & 'B'
5. Period of Completion : 06 [Six] Calendar Months
6. Date of Sale & Receipt : Dt.05.12.2024 to 2.00 P.M. of Dt.13.12.2024 (Working days only)
7. Date of Opening : Dt.16.12.2024 at 11.00 A.M.
8. Name of Office Inviting Bid : Executive Engineer (C), Directorate of Fisheries, Odisha, Cuttack

Further details can be seen in the bidding documents & can be downloaded from the Government of Odisha website (**http://www.odisha.gov.in**). Authority reserves the right to reject any or all the tenders without assigning any reason thereof.

Sd./- Executive Engineer (C)
Directorate of Fisheries, Odisha, Cuttack
OIPR-06030/11/0021/2425



ଇଣ୍ଡିୟନ ବୈଙ୍କ Indian Bank | इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : https://www.ebkray.in

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଜେଲ୍ ରୋଡ ଭଦ୍ରକ ଶାଖା/ ଋଣଗ୍ରହୀତା/ବନ୍ଧକଦାତା: ମିର ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ ମୋରହୁମ୍ / ସହ-ଋଣଗ୍ରହୀତା: ସବାନା ବିବି, ସ୍ୱାମୀ: ମିର ଭୁଟୁ ଅଲ୍ଲୀ, ସମସ୍ତଙ୍କ ଠିକଣା- ଅପର୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ମିର ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ ମୋରହୁମ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୧/୨୯୧୩, ପ୍ଲଟ୍ ନଂ.: ୧୦୫୧/୪୨୬୫, କ୍ଷେତ୍ର: ଏକର ୦.୦୫୮ ଡିସିମିଲି, ଟାଇପ୍: ଘରବାରୀ, ମୌଜା: ଅପର୍ତିବିନ୍ଧା, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜୋବେଦା ବିବି, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୦୫୧, ପୂର୍ବ: ପ୍ଲଟ୍ ନଂ.: ୧୦୫୨, ପଶ୍ଚିମ: ୨୩୫୯ | ୨୦.୦୪.୨୦୨୪ / ୩୧.୦୮.୨୦୨୪ / ୨୭.୧୧.୨୦୨୪ ସୁଦ୍ଧା ଟ.୨୫,୭୨,୫୧୦/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରକୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୮,୧୬,୦୦୦/- / ଟ.୪,୮୧,୬୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ: ୩୧.୧୨.୨୦୨୪ (ମଙ୍ଗଳବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

୧) ମିର ଭୁଟୁ ଅଲ୍ଲୀ
ସମ୍ପତ୍ତି ଆଇଡି: IDIB30170661938M
Image

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୩୦.୧୨.୨୦୨୪ରିଖ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୨.୧୨.୨୦୨୪ରିଖ ଠାରୁ ତା.୨୪.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ନିୟମ ଓ ସର୍ତ୍ତାବଳୀ :
୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.ebkray.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୩୦ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ
ତାରିଖ: ୨୯.୧୧.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada
**"e" Procurement Notice for Plan Road Work**
No. O-711
Identification No. Online Tender - Road N.C.B. No. 360 for 2024-25
Letter No. 3531 Date: 25.11.24

1. Name of the Work : Road work in the District of Mayurbhanj for the year 2024-25
2. Total No. of Work : 36 Nos. (Thirty Six)
3. Estimated Cost : Rs.175.00 Lakhs to Rs.785.00 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 360 | Dt.05.12.2024 at 11.00 A.M. | Dt.20.12.2024 upto 5.00 P.M. | Dt.19.12.2024 upto 5.00 P.M. | Dt.21.12.2024 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0004/2425 Sd./- A.K. Nayak, Chief Construction Engineer, R.W. Circle, Baripada



**GOVERNMENT OF ODISHA** No.O-703
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

| | | |
|---|---|---|
| 1 | Name of work | Construction of Road under MMSY Improvement to Existing RD Roads Scheme in the district of Bolangir and Subarnpur for the year 2024-25 |
| 2 | No. of work | 6 (Six) road works |
| 3 | Time for completion varies from | 6 (Six) to 12 (Twelve) calendar months |
| 4 | Approximate estimated cost varies from | Rs. 620.63 lakhs to Rs. 1209.61 lakhs |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details are as follow | |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-06/2024-25 | 06.12.2024 from 11.00 A.M. | 20.12.2024 upto 5.00 P.M. | 19.12.2024 upto 5.00 P.M. | 21.12.2024 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0008/2425



**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, BANPUR**
No. i-314 **"e" Procurement Notice**

| | | |
|---|---|---|
| 1 | Name of the Work | Construction of Addl. Class Rooms at different locations of Banpur Block |
| 2 | Total No. of Works | 04 (Four) |
| 3 | Tender Cost | 12.39789 Lakh to 23.25139 Lakh (As per DTCN) |
| 4 | Bid Security | @1% of Tender Cost |
| 5 | Cost of Tender Paper (Online) | Rs.6000.00 + 18%GST |
| 6 | Period of Completion | As per DTCN |
| 7 | Availability of Tender for online Bidding | From 02.12.2024 11.00 A.M. to 16.12.2024 upto 5.00 P.M. |
| 8 | Date & Place of Opening | Dt.17.12.2024 at 11.00 A.M. in the Office of the Block Development Officer, Banpur |
| 9 | Tender inviting Authority | Block Development Officer, Banpur |

Further details can be seen from the website **http./www.tenderodisha.gov.in**. Any addendum / corrigendum / cancellation to the above Notice will be published in this website only.

Sd./- Block Development Officer, Banpur
OIPR-19081/11/0001/2425



**ODISHA LIFT IRRIGATION CORPORATION LTD.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, KEONJHAR**
**E-Procurement Notice - 01/2023-24**
No. CAD-1715 E-mail: olickjr@gmail.com
No. 2409 Dated: 27.11.24

1. Name of the Tender Inviting Officer: Executive Engineer, L.I. Division, Keonjhar.
2. Name of Work: Scope of work include Design, Manufacture, Supply, Erection, Testing and Commissioning of standalone off grid solar Photovoltaic system including complete system warranty and its repair and maintenance for five years in selected sites of 39 Nos. Surface based Micro Lift Irrigation Projects under Banspal Block & Drilling, Installation and Electrification of 4 Nos. Medium Deep Tubewell Project under Anandapur and Ghasipura of Keonjhar District.
3. No. of Packages: 6 Nos.
4. Tender Amount: Varies from 27.21 lakhs to 66.40 lakhs
5. Date and time of availability of bid documents in the portal for online bidding: From 10.00 hrs. dated 09.12.2024 to 17.00 hrs. dated 19.12.2024.
6. Last date and time of receipt of bids in the portal upto: 17.00 hrs. Dated: 19.12.2024.
7. Last date and time of clarification upto: 17.00 hrs. Dated: 17.12.2024.
8. Date of Opening of Tender at: 11.00 hrs. Dated: 20.12.2024.
9. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in**.
10. Subsequent Corrigendum/Addendum if required shall be available in the above portal.

Authority reserves the right to reject any or all the tenders, increase or decrease the quantities without assigning any reason thereof.

Sd./- Executive Engineer
LI Division, Keonjhar
OIPR-32156/11/0002/2425



**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ**
**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**ଓଡ଼ିଶା ସରକାର**
No. M-51

**ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ (ସଂଶୋଧନ) ଅଧିନିୟମ- ୨୦୨୪ ନିମନ୍ତେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ଆହ୍ୱାନ**

୧.ପ୍ରସ୍ତାବିତ ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ (ସଂଶୋଧନ) ଅଧିନିୟମ - ୨୦୨୪ର ବ୍ୟାପକ ଉପଯୋଗକୁ ବିଚାର କରି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଜନସାଧାରଣ ତଥା ବିଭିନ୍ନ ମତ୍ସ୍ୟଜୀବୀ / ଭାଗଚାଷୀ / ବିଶେଷଜ୍ଞ / ସଙ୍ଗଠନ / ଅନୁଷ୍ଠାନର ମତାମତ / ପରାମର୍ଶ ଆହ୍ୱାନ କରୁଛନ୍ତି।

୨.ଲିଖିତ ପରାମର୍ଶ/ମତାମତ ଦାଖଲ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ଏହି ବିଜ୍ଞାପନ ପ୍ରକାଶନଠାରୁ ୧୦ଦିନ ମଧ୍ୟରେ, ଇଂରାଜୀ କିମ୍ବା ଓଡ଼ିଆ ଭାଷାରେ ଦୁଇଟି ନକଲ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକକୁ ପଠାଇ ପାରିବେ ଏବଂ **director.odifish@gmail.com** ଓ **pmufard@gmail.com**କୁ ଇ-ମେଲ୍ କରିପାରିବେ। ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ (ସଂଶୋଧନ) ଅଧିନିୟମ - ୨୦୨୪, F & ARD ବିଭାଗ ୱେବ୍‌ସାଇଟ୍ **https://fard.odisha.gov.in/sites/default/files/2024-11/Draft%20OMFRA%20Fishing%20Regulation%20%28Amendment%29%20Act2024_0.pdf**ରେ ଉପଲବ୍ଧ ଅଛି।

ସ୍ୱା./- ନିର୍ଦ୍ଦେଶକ, ମତ୍ସ୍ୟ ନିର୍ଦ୍ଦେଶାଳୟ

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: director.odifish@gmail.com
OIPR-06030/11/0022/2425

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୯।୧୧।୨୦୨୪

| | |
|---|---|
| ୪,୫୨,୫୬୩ ଟଙ୍କା | |
| ସୁନା | ୬.୪୪୦ ଗ୍ରାମ୍ |
| ରୁପା | ୧୦୬.୯୦୦ ଗ୍ରାମ୍ |

# ନିଷିଦ୍ଧାଞ୍ଚଳରେ ଟ୍ରଲର: କଇଁଛ ସୁରକ୍ଷା ନେଇ ପ୍ରଶ୍ନ

ଅସ୍ତରଙ୍ଗ,୨୯।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)



ବିରଳ ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ପ୍ରଚାର କରାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି। କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରେ ଯାତାୟାତ ଓ ମାଛ ଧରା ଚାଲିଛି। ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଅନେକାଂଶ ମୁକୁଳା ପଡ଼ୁଛି। ଅଲିଭ ରିଡ୍ଲେଙ୍କ ଅଣ୍ଡିରାଳ କୁହାଯାଉଥିବା ଦେବୀ ନଦୀ ଦ୍ୱୀପ ନିକଟରେ ପ୍ରାୟ ୫୦ ପ୍ରତିଶତ ଅଲିଭ୍ ରିଡ୍ଲେ ସମାଗମ ହୋଇଥାନ୍ତି। ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଦୀର୍ଘ ୭ମାସ ଧରି ଦେବୀ ମୁହାଣଠାରୁ କେଲୁଣୀ ପର୍ଯ୍ୟନ୍ତ ଟ୍ରଲର ଚଳାଚଳ ଓ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟରେ ଅଲିଭ୍ ରିଡ୍ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇଦେବାକୁ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ସୁରକ୍ଷାରେ ଢିଲା ଦେଖିବାକୁ ମିଳୁଛି। ନଭେମ୍ବର ୧ରୁ ୨୯ତାରିଖ ମଧ୍ୟରେ ନିଷିଦ୍ଧାଞ୍ଚଳରୁ ୪ଟି ଟ୍ରଲରକୁ ଅସ୍ତରଙ୍ଗ ବନ ବିଭାଗ ଜବତ କରିଛି। କିନ୍ତୁ ପୀରଜାହାନିଆ ସମୁଦ୍ରକୂଳଠାରୁ ଅଳ୍ପ କିଛି ଦୂରରେ ପ୍ରତ୍ୟେକ ଦିନ ବହୁସଂଖ୍ୟକ ଟ୍ରଲର ମାଛ ଧରୁଥିଲେ ମଧ୍ୟ ବନ ବିଭାଗ କିମ୍ବା ମତ୍ସ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗୋଟିଏ ପଟରୁ ଆରପଟକୁ ଯାଇ ବେଆଇନ ଟ୍ରଲର ଧରିବା ନିମନ୍ତେ ପ୍ରାୟ ୫ଘଣ୍ଟାରୁ ଅଧିକ ସମୟ ଲାଗିବ। ବନ ବିଭାଗ ପାଖରେ ସେପରି ହାଇସ୍ପିଡ୍ ବୋଟ୍ ନାହିଁ। ତେଣୁ ପାଟ୍ରୋଲିଂରେ ସମସ୍ୟା ଉପୁଜୁଥିବା କୁହାଯାଉଛି। ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ଶହୀଦ ଯବାନ ଜିତେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



ନିମାପଡ଼ା,୨୯।୧୧(ରଞ୍ଜନ ପଟ୍ଟନାୟକ)

କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନ ଶହୀଦ ଜିତେନ୍ଦ୍ର ପ୍ରଧାନଙ୍କ ୩୨ତମ ଶ୍ରଦ୍ଧାଞ୍ଜଳି ସଭା ମଣିଜଙ୍ଗସ୍ଥିତ ପବିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶହୀଦ ଜିତେନ୍ଦ୍ର ନିକଟସ୍ଥ ଘୋଡ଼ାଶାଳିଆ ଗ୍ରାମରେ ଜନ୍ମଗ୍ରହଣ କରିବା ସହିତ ମଣିଜଙ୍ଗସ୍ଥିତ ପବିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବୀରବର ପରିଡ଼ା, କାହ୍ନୁଚରଣ ପ୍ରଧାନ, ଅଲଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ସ୍ୱାଇଁ, ଶାଗଡ଼ା ପଞ୍ଚାୟତ ସମିତି ସଭ୍ୟ ତପନ ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ଆଦିତ୍ୟ ନାରାୟଣ ସାହୁ, ଅଲଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନୀଳାଦ୍ରିନାଥ ମଙ୍ଗରାଜ, ଅବସରପ୍ରାପ୍ତ ସେନା କର୍ମଚାରୀ ନକୁଳ ପଣ୍ଡା, ତପନ ପରିଡ଼ା ଏବଂ ସିଆର୍‌ପିଏଫ୍ ଏସ୍‌ଆଇ୍ ମୁରଲୀଧର ଦାଶ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶହୀଦଙ୍କ ଏକ ତୈଳଚିତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଦେଶାତ୍ମବୋଧକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ୨ କରତକଳରେ ଚଢ଼ାଉ

ଗୋପ,୨୯।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ମଦରଙ୍ଗ ନିକଟରେ ଥିବା ବେଆଇନ ୨ଟି କରତକଳ ଉପରେ ଶୁକ୍ରବାର ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ସହ କରତକଳ ଯନ୍ତ୍ରାଂଶ ଜବତ କରାଯାଇଛି। ଏହି ଚଢ଼ାଉ ବାଲୁଖଣ୍ଡ ରେଞ୍ଜ୍ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କରାଯାଇଥିଲା। ଚଢ଼ାଉରେ କୋଣାର୍କ ଓ ଗୋପ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ସହ ଅନ୍ୟାନ୍ୟ ରେଞ୍ଜ୍ ଅଧିକାରୀ ରହିଥିଲେ। ଏହି ୨ କରତକଳ ଉପରେ ମକଦ୍ଦମା ରୁଜୁ ହୋଇଥିବା ଜଣାପଡ଼ିଛି। ୧୫ ଦିନ ମଧ୍ୟରେ ଗୋପ, କୋଣାର୍କ, ବାଲୁଖଣ୍ଡ ଓ ଅସ୍ତରଙ୍ଗ ରେଞ୍ଜ୍ ଅଧୀନରେ ରହିଥିବା ୫୦ରୁ ଊର୍ଦ୍ଧ୍ୱ କରତକଳ ମଧ୍ୟରୁ ଏବେ ସୁଦ୍ଧା ୧୨ଟି କରତକଳ ଉପରେ ଚଢ଼ାଉ କରାଯାଇ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାଠ ସହ କରତକଳ ଯନ୍ତ୍ରାଂଶ ଜବତ ହୋଇଛି। ଏବେ ଗୋପ ରେଞ୍ଜ ଅଧୀନ ଚାଉଳିଆପାଟେଣା, ଗୋପ, ତୁଳସୀପୁରରେ ଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିବା ଲାଗି ଦାବି କରାଯାଉଛି। ଖୁବ୍‌ଶୀଘ୍ର ଉକ୍ତ କରତକଳ ଉପରେ ଚଢ଼ାଉ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି।

### ଅଭିନେତା କେଦାର ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ଲୋକପ୍ରିୟ ଅଭିନେତା, ଚଳଚ୍ଚିତ୍ର ପ୍ରଯୋଜକ ଓ ସଙ୍ଗଠକ କେଦାରନାଥ ଗୁରୁଙ୍କ ୩୭ତମ ପୁଣ୍ୟତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେଦାର ଗୁରୁ କଳା ସଙ୍ଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ଜଗନ୍ନେଶ୍ୱର ପୂଜାପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଦିବଂଗତ ଗୁରୁଙ୍କ ସଂକ୍ଷିପ୍ତ ଜୀବନୀ ପାଠ କରିଥିଲେ। ଏଥିରେ ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସଙ୍ଗଠକ ଜଗଦୀଶ ଜେନା, ସଦାଶିବ ପୂଜାପଣ୍ଡା, ବିଶ୍ୱଜିତ ମୁନା ମିଶ୍ର, ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ, ସନ୍ତୋଷ କୁମାର ପଣ୍ଡା, ଅମରନାଥ ଗୁରୁ, ପ୍ରେମନାଥ ଗୁରୁ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୁରୀ ଗୌଡ଼ବାଡ଼ ସାହିରେ ଜନ୍ମଗ୍ରହଣ କରିଥିବା ଦିବଂଗତ ଗୁରୁ ମଞ୍ଚରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ଓଡ଼ିଆ ଚଳଚ୍ଚିତ୍ର ଗୌରୀ, ସିନ୍ଦୁର ବିନ୍ଦୁ, ବନ୍ଧୁ ମହାନ୍ତି, ସାକ୍ଷୀ ଗୋପୀନାଥ, ସୁବର୍ଣ୍ଣ ସୀତା, ରାମାୟଣ, ନୀଳମାଧବ ଏବଂ ଶ୍ରୀଜଗନ୍ନାଥ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ସିନ୍ଦୁର ବିନ୍ଦୁ ଓ ଜୱାନ ମର୍ଦ୍ଦ (ହିନ୍ଦୀ)ଚଳଚ୍ଚିତ୍ରର ସେ ପ୍ରଯୋଜକ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବୁଦ୍ଧିଜୀବୀ ଓ କଳାପ୍ରେମୀ ଉପସ୍ଥିତ ରହି ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

୪ ଦଫା ଦାବି ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ କାର୍ତ୍ତିକ ପାଣ୍ଡିଆନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରତ୍ନଭଣ୍ଡାର ଖୋଲାଯାଇଥିଲେ ମଧ୍ୟ ଅଦ୍ୟାବଧି ଅଳଙ୍କାର ଗଣତିମଣତି ହେଲା ନାହିଁ। ତେଣୁ କାହାକୁ ସୁରକ୍ଷା ଦିଆଯାଉଛି ବୋଲି ସେ ପ୍ରଶ୍ନ କରିବା ସହ ତୁରନ୍ତ ରତ୍ନଭଣ୍ଡାର ଲୁଟ୍ ହୋଇଥିବା ନେଇ ଏତଲା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରାଯିବାକୁ ସେ ଦାବି କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ତୁରନ୍ତ ଜିଲାପାଳଙ୍କୁ ବଦଳି କରାଯାଉ ବୋଲି ସେ ଦାବି କରିଛନ୍ତି।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି

ନିମାପଡ଼ା,୨୯।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତ ଦହିଜଙ୍ଗ ଗ୍ରାମର ଜଣେ ଚାଷୀ ସୁବାସ ଭୋଇଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ନଂ.୧୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁବାସ ସକାଳେ ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେ ତୁରନ୍ତ ଘରକୁ ଆସି ଏ କଥା କହି ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସୁବାସଙ୍କ ପୁଅ ସଞ୍ଜୟ ଥାନାରେ ଅଭିଯୋଗ କରିଥିଲେ। ମୃତ ଚାଷୀଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି।

# ମହାପ୍ରଭୁଙ୍କୁ ନିମନ୍ତ୍ରଣ କଲା ନୌସେନା

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୪ତାରିଖରେ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଆଇଏନଏସ୍ କଳିଙ୍ଗର କମାଣ୍ଡିଂ ଅଫିସର ପ୍ରଦୀପ ପଟେଲ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ ନିମନ୍ତ୍ରଣ ପତ୍ର ଲାଗିକରିଥିବାବେଳେ ନୌସେନା ଦିବସ କାର୍ଯ୍ୟକ୍ରମ ସଫଳ ହେବା ନେଇ ପ୍ରାର୍ଥନା କରିଛନ୍ତି। ସେହିପରି ଶୁକ୍ରବାର ନୌସେନାର ବ୍ୟାଣ୍ଡ କନସର୍ଟର ରିହର୍ସାଲ ବ୍ଲୁ ଫ୍ଲାଗ ବିଚ୍‌ରେ ହୋଇଛି।

# କୋଣାର୍କ ଉତ୍ସବ ପ୍ରସ୍ତୁତି ଅନୁଧ୍ୟାନକଲେ ଜିଲାପାଳ

କୋଣାର୍କ,୨୯।୧୧ (ଜ୍ୟୋତିରାଜ ମହାନ୍ତି)

ଅର୍କକ୍ଷେତ୍ରଠାରେ କୋଣାର୍କ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଶୁକ୍ରବାର ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ଅନୁଧ୍ୟାନ କରିଛନ୍ତି। ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ, ଆଲୋକ ବ୍ୟବସ୍ଥା ସହିତ କୋଣାର୍କ ଏନ୍‌ଏସି ସମେତ ବିଭିନ୍ନ ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ରୁ କୋଣାର୍କ ଉତ୍ସବ ଓ ବାଲୁକା କଳା ଉତ୍ସବ ସହ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ, ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ଆୟୋଜନ ହେବ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତି ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ, କୁଚିପୁଡ଼ି, କଥକ, ମଣିପୁରୀ, ଭାରତନାଟ୍ୟମ, ମୋହିନୀଅଟମ ନୃତ୍ୟ ପରିବେଷଣ କରିବେ। ଚନ୍ଦ୍ରଭାଗା ବେଳାଭୂମିରେ ଦେଶ ବିଦେଶର ବାଲୁକା ଶିଳ୍ପୀଙ୍କୁ ନେଇ ବାଲୁକା କଳା ପ୍ରଦର୍ଶନ ହେବ। ଏହାକୁ ଦୃଷ୍ଟିରେ ରଖି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କୋଣାର୍କରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ ସ୍ୱାଇଁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ମିଥ୍ୟା ଅଭିଯୋଗରେ ମୋତେ ବଦନାମ କରାଯାଉଛି'

ନିମାପଡ଼ା,୨୯।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଇନ୍ଦିରା ଗାନ୍ଧୀ ଡିଗ୍ରୀ କଲେଜର ଜଣେ ଛାତ୍ରୀ ଓ ତାଙ୍କ ବାପା କଲେଜ ଅଧ୍ୟାପିକା ଶୁଭସ୍ମିତା ସ୍ୱାଇଁଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦନାମ କରିବାକୁ ହୀନ ଚକ୍ରାନ୍ତ ଚଳାଇଥିବା ଅଧ୍ୟାପିକା ନିମାପଡ଼ାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କାଜଲ ସେନାପତି କୋଣାର୍କସ୍ଥିତ ସ୍ୱର୍ଣ୍ଣଲତା ସ୍କୁଲ ଅଫ୍ ନର୍ସିଂ କଲେଜରେ ନାମ ଲେଖାଇଥିଲେ। ତାଙ୍କ ନାମରେ ୨ଟି କିସ୍ତିରେ ଆସିଥିବା ସ୍କଲାରଶିପ୍ ଟଙ୍କା ଅଧ୍ୟାପିକାଙ୍କ ପାଖକୁ ଆସିଥିଲା। ନାମଲେଖାବେଳେ କାଜଲ ଫି ଦେଇ ନ ଥିବାରୁ ସେ ସ୍କଲାରଶିପ୍ ଅର୍ଥକୁ ନାମଲେଖା ଫି' ବାବଦରେ ଅଧ୍ୟାପିକାଙ୍କୁ ଦେଇଥିଲେ। ଅଧ୍ୟାପିକା ଏହି ଅର୍ଥକୁ ନର୍ସିଂ କଲେଜ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ଛାତ୍ରୀଙ୍କ କୌଣସି ସ୍କଲାରଶିପ୍ ୪୦ ହଜାର ୫୦୦ ଟଙ୍କା ହଡ଼ପ କରି ନ ଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁଭସ୍ମିତା କହିଛନ୍ତି। ଏହି ସ୍କଲାରଶିପ୍ ଟଙ୍କାକୁ କେନ୍ଦ୍ର କରି ଅଧ୍ୟାପିକାଙ୍କୁ ଗାଳିଗୁଲଜ କରାଯାଇଥିବା ସେ ୧୧ ତାରିଖରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀ କହିଛନ୍ତି, ତାଙ୍କ ୨ଟି ଫେଜ୍‌ରେ ଆସିଥିବା ସ୍କଲାରଶିପ୍ ଅର୍ଥକୁ ଅଧ୍ୟାପିକା ହଡ଼ପ କରିଥିବା ନେଇ ସେ ଗତ ୨୫ ତାରିଖରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀ ସେନାପତି ଦାବି କରିଛନ୍ତି।

# ହୋଟେଲ ମାଲିକଙ୍କ ସହ ଆଲୋଚନାକଲେ ଏସ୍‌ପି

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

**ନୌସେନା ଦିବସ କାର୍ଯ୍ୟକ୍ରମ**

ଆଗାମୀ ଡିସେମ୍ବର ୪ରେ ପୁରୀରେ ହେବାକୁ ଥିବା ନୌସେନା ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ଶୁକ୍ରବାର ସମସ୍ତ ହୋଟେଲ ମାଲିକ ଓ ପରିଚାଳକଙ୍କ ସହ ଏସ୍‌ପି ବିନୀତ ଅଗ୍ରୱାଲ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦାନ କରିବେ। ସେହପରି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ତେଣୁ ଉକ୍ତ ଦିନ ଚାରିଚକିଆ ଯାନ ପାଇଁ ସମୁଦ୍ରକୂଳ ରାସ୍ତାରେ କଟକଣା ରହିବ। ଯେପରି ପର୍ଯ୍ୟଟକଙ୍କର କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ। ଭୁବନେଶ୍ୱର ରୋଡ୍, ଷ୍ଟେଶନ ରୋଡ୍, କୋଣାର୍କ ରୋଡ୍ ଏବଂ ବ୍ରହ୍ମଗିରି ରୋଡ୍ ଦେଇ ଆସୁଥିବା ପର୍ଯ୍ୟଟକଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେ ନେଇ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋଚନା ହୋଇଛି। ବାଙ୍କୀ ମୁହାଣଠାରୁ ଦିଗ୍‌ବାରେଣୀ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ କଟକଣା ରହିବ। ସମସ୍ତ ହୋଟେଲ ପରିସରରେ ଖୋଲା ଜାଗା ରଖିବା ସହ କୌଣସି ପରିସ୍ଥିତିରେ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ତାଙ୍କୁ ତୁରନ୍ତ ସେହି ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ହୋଟେଲ ମାଲିକ ଓ ପରିଚାଳମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସେମାନଙ୍କୁ ସେହି ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ନେଇ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏସ୍‌ପିଙ୍କୁ ହୋଟେଲ ଆସୋସିଏଶନର ସଭାପତି କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ୪ତାରିଖ ନୌସେନା ଦିବସ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# 'କଳା-ସ୍ଥାପତ୍ୟରେ ଭାରତ ଆବିଷ୍କାର' ପୁସ୍ତକ ଉନ୍ମୋଚିତ



ପୁରୀ, ୨୯।୧୧(ଅଜିତ୍ କୁମାର ମହାନ୍ତି)

ପ୍ରଫେସର ଡ. କୃଷ୍ଣଚନ୍ଦ୍ର ମିଶ୍ରଙ୍କ ରଚିତ 'କଳା-ସ୍ଥାପତ୍ୟରେ ଭାରତ ଆବିଷ୍କାର' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପୁରୀ ସଂସ୍କୃତି ଭବନରେ ଗୁରୁବାର ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ସଭାରେ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ଡ.ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ପ୍ରଧାନ ଏବଂ ମୁଖ୍ୟ ସମୀକ୍ଷକ ଭାବେ ପ୍ରଫେସର ଡ. ଉମାକାନ୍ତ ସୁବୁଦ୍ଧି ଯୋଗଦେଇଥିଲେ। ସମୀକ୍ଷକ ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡ. ସଙ୍ଗୀତା ମିଶ୍ର ଏବଂ ବକ୍ତା ରୂପେ ବିଶିଷ୍ଟ ଲେଖକ ସାରଙ୍ଗଧର ରାୟଗୁରୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବସନ୍ତ କୁମାର ମିଶ୍ର, ପୌରୁଷ ସମ୍ପାଦକ ଡ. ଅସିତ ମହାନ୍ତି ଏବଂ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମଞ୍ଚାସୀନ ଥିଲେ। ଅତିଥିମାନେ ପୁସ୍ତକ ଉନ୍ମୋଚନକରି ଏହା ଗବେଷଣା କ୍ଷେତ୍ରରେ ବହୁ ଉପାଦେୟ ହୋଇପାରିବ ବୋଲି କହିଥିଲେ। ଏକାଦଶ ଖଣ୍ଡ ଥିବା ଏହି ପୁସ୍ତକରେ ୪୦ଟି ଅଧ୍ୟାୟରେ ଗବେଷଣାତ୍ମକ ତଥ୍ୟ ରହିଛି। ହରପ୍ପା ସଭ୍ୟତାର ଟେରାକୋଟା ସିଲ୍, ଟେରାକୋଟା ଭାସ୍କର୍ଯ୍ୟ, ମୌର୍ଯ୍ୟକାଳୀନ ପ୍ରାଚୀନ ଗୁମ୍ଫା ଓ ଯକ୍ଷ ମୂର୍ତ୍ତି, କୁଷାଣ ଓ ଗୁପ୍ତ ଯୁଗର ଭାସ୍କର୍ଯ୍ୟ ଓ ମନ୍ଦିରଠାରୁ ଆରମ୍ଭକରି ଅଷ୍ଟାଦଶ ଶତାବ୍ଦୀର ଭାରତୀୟ ମନ୍ଦିର ନିର୍ମାଣ ଶୈଳୀ ଏବଂ ଶିଳ୍ପକଳା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ପ୍ରାଚୀନ ପୌରାଣିକ କାହାଣୀ, କିମ୍ବଦନ୍ତୀ ଆଧାରିତ ଗଳ୍ପ ଏବଂ ବେଦ ବେଦାନ୍ତର କଥା ଏଥିରେ ଉଲ୍ଲେଖ ରହିଛି। ସାମାଜିକ କର୍ମୀ ଚକ୍ରଧର ମିଶ୍ର, କବି ଶିବସୁନ୍ଦର ମିଶ୍ର, ଐତିହ୍ୟ ଲେଖକ ଦେବୀପ୍ରସନ୍ନ ନନ୍ଦ, କବି କୃଷ୍ଣଚନ୍ଦ୍ର ରଥ, ହେମନ୍ତ ଛୋଟରାୟ ଏବଂ ସଙ୍ଗଠକ ହେକ୍ଟର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୈଳାସ ଚନ୍ଦ୍ର ଟିକାୟତରାୟ, ସୀମାଞ୍ଚଳ ପଣ୍ଡା, ସଦାଶିବ ମିଶ୍ର, ଭାସ୍କର ମିଶ୍ର ଏବଂ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବାଳକରେ ଯାଜପୁର, ବାଳିକାରେ ଜଗତ୍‌ସିଂହପୁର ଚାମ୍ପିୟନ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

**୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଚ୍ ଭଲିବଲ୍ ଟୁର୍ନାମେଣ୍ଟ**

ପୁରୀ ଜିଲା ସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକାବାଳକ ବିଚ୍ ଭଲିବଲ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୧ଟି ଜିଲାରୁ ୧୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ୱତନ୍ତ୍ର ଭାବେ ଭଲି ଫିଲ୍ଡ ପ୍ରସ୍ତୁତ କରାଯାଇ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ପୁରୀ ବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଯୋଗଦେଇ ମୁଖ୍ୟ ଅତିଥି ଖେଳୁଆଡ଼ ମନୋବଳ ଜାରି ରଖିବା ପାଇଁ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଯାଜପୁର ଜିଲା ଚାମ୍ପିୟନ ଏବଂ କେନ୍ଦ୍ରାପଡ଼ା ରନର୍ସ ଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଜଗତ୍‌ସିଂହପୁର ଚାମ୍ପିୟନ ଓ ବାଲେଶ୍ୱର ଜିଲା ରନର୍ସ ଅପ୍ ହୋଇଛି। ଆସନ୍ତା ୧୭ ତାରିଖରୁ ପୁରୀ ବିଚ୍‌ରେ ହେବାକୁ ଥିବା ଜାତୀୟସ୍ତରୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ଏମାନେ ଅଂଶଗ୍ରହଣ କରିବେ। ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜ୍ୟୋତି ପ୍ରକାଶ ପରିଡ଼ା, ମହେନ୍ଦ୍ର କୁମାର ବିଶ୍ୱାଳ ଓ ବିଦ୍ୟାଧର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଅନୁଷ୍ଠାନ ବଞ୍ଚିଲେ ଭାଷା ବଞ୍ଚିବ'

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

**ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦର ଆସର**

ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦର ଦ୍ୱିମାସିକ ଦ୍ୱିତୀୟ ସାହିତ୍ୟ ଆସର ଭକ୍ତସାଲବେଗ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ କବୟିତ୍ରୀ ସତ୍ୟଭାମା ପ୍ରଧାନୀ ଆସରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦା ଦେବୀ ଯୋଗଦେଇ ଅନୁଷ୍ଠାନ ବଞ୍ଚିଲେ ଭାଷା ବଞ୍ଚିବ ଏବଂ ଭାଷା ବଞ୍ଚିଲେ ଜାତି ବଞ୍ଚିବ ବୋଲି କହିଥିଲେ। ମୁଖ୍ୟ ବକ୍ତା କବୟିତ୍ରୀ ଡାକ୍ତର ରାନୁ ମିଶ୍ର ଓ ସମ୍ମାନିତ ଅତିଥି ରୂପେ କବୟିତ୍ରୀ ଶୈଳବାଳା ମହାପାତ୍ର ଯୋଗଦେଇଥିଲେ। ସଭାପତି ଦାଶ ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ନିମନ୍ତ୍ରିତ ଅତିଥି ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ଅନୁଷ୍ଠାନ ସପ୍ତାବରଣ ଏବଂ ମହିୟସୀମାନଙ୍କ ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ସୁରେଶ କୁମାର ପଟ୍ଟନାୟକ ଅନୁଷ୍ଠାନ ସପ୍ତାବରଣର ନାମକରଣ ଉପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ତଥ୍ୟପୂର୍ଣ୍ଣ ଭାଷଣ ଦେଇଥିଲେ। ପରେ କମଳିନୀ ପାଣିଗ୍ରାହୀ ଏବଂ ଡ. ସୁଦୀପ୍ତା ମିଶ୍ରଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ ହୋଇଥିଲା। ସଭାକୁ ସମ୍ପାଦିକା ସୁଶ୍ରୀ କ୍ରିଷ୍ଣା ମହାପାତ୍ର ପରିଚାଳନା କରିଥିବାବେଳେ କବୟିତ୍ରୀ ରୋଜାଲିନ୍ ପଣ୍ଡା ଧନ୍ୟବାଦ ଦେଇଥିଲେ।





ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ।

# ଚାଷୀଙ୍କ ଚିନ୍ତା ବଢ଼ାଇଛି କୋହଲା ପାଗ

ଅସ୍ତରଙ୍ଗ,୨୯।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଏବେ କ୍ଷେତରେ ହସୁଛି ସୁନାର ଫସଲ ଧାନ। ଚଳିତ ବର୍ଷ ଭଲ ଫସଲ ଅମଳ ପାଇଁ ଚାଷୀ ଆଶା ବାନ୍ଧିଛନ୍ତି। ତେବେ ଶୁକ୍ରବାର ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ କେତେଜଣ ଚାଷୀ ବିଲରେ କଟାଧାନକୁ ଖଳା କରି ପାଲ ଘୋଡ଼ାଇଛନ୍ତି। ଚାଷୀମାନେ କଠିନ ପରିଶ୍ରମ ଓ ଧାରକରଜ କରି ଜମିରେ ଧାନଚାଷ କରିଥିବାବେଳେ ଏବେ କୋହଲା ପାଗ ସେମାନଙ୍କ ଆହାର ଉଜାଡ଼ିଦେବାକୁ ବସିଛି। ଅସ୍ତରଙ୍ଗ ବ୍ଲକ୍ ଅଧୀନ ସମସ୍ତ ପଞ୍ଚାୟତର ୮୦ଭାଗ ଜମିରେ କେବଳ ଧାନଚାଷ କରାଯାଏ। ଏହି ଏକମାତ୍ର ଫସଲ ଉପରେ ନିର୍ଭର କରି ଚଳନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପୂର୍ବରୁ ବର୍ଷା ଅଭାବରୁ ଚାଷୀମାନେ ଧାର କରଜକରି ପୋଖରୀ, କିମ୍ବା ବିଭିନ୍ନ ଉପାୟରେ ଚାଷଜମିରେ ପାଣି ମଡ଼ାଇ ଖର୍ଚ୍ଚାନ୍ତ ହେବା ପରେ ଲଘୁଚାପଜନିତ ବାତ୍ୟା 'ଦାନା'ର ପ୍ରଭାବ ସେମାନଙ୍କୁ ଚିନ୍ତାରେ ପକାଇଥିଲା। ତେବେ ବର୍ଷା ଯୋଗୁ ଭଲ ଫସଲ ଅମଳର ଆଶା କିଛି ମାତ୍ରାରେ ଚାଷୀଙ୍କୁ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ୬୦ଭାଗରୁ ଊର୍ଦ୍ଧ୍ୱ ଜମିରେ ଧାନ ପାଚିବାକୁ ଆରମ୍ଭ କରିଛି। ଏଥିସହ ଅମଳ ବି ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ବର୍ଷା ହେଲେ ଧାନ ଫସଲ ଉଜୁଡ଼ିଯିବ। ଚାଷଜମିରେ ପାଣି ରହିବା ଦ୍ୱାରା ପୋକଙ୍କ ପ୍ରାଦୁର୍ଭାବ ବଢ଼ିବ। ଏଥିସହ ଜମିରେ ପାଣିଥିବାରୁ ପାଚି ଆସିଥିବା ଧାନ କିଆରିକୁ ଯାଇ ନ ହେବାରୁ ପାଚିଲା ଧାନ ଅମଳ ହୋଇପାରିବ ନାହିଁ। ଜମିରୁ ଜଳ ନିଷ୍କାସନକରି କ୍ଷେତ ଶୁଖିବା ପରେ ଧାନ ଅମଳ କରାଯାଇପାରିବ। ଯଦି ବର୍ଷା ଯୋଗୁ କିଆରିରେ ଧାନ ଲୋଟିପଡେ ତା'ହେଲେ ଅମଳ ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିବ। ତେଣୁ ଅଦିନିଆ ଲଘୁଚାପ ବର୍ଷା କଥା ଶୁଣି ଚାଷୀ ଛାନିଆ ହୋଇପଡ଼ିବା ସହ ବିଲରୁ କିପରି ଖଳାକୁ ଫସଲ ବୋହିଆଣିବ ସେଇ ଚିନ୍ତା କରୁଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୧।୨୦୨୪

| | |
|---|---|
| ୪,୫୨,୫୬୩ ଟଙ୍କା | |
| ସୁନା | ୬.୪୪୦ ଗ୍ରାମ୍ |
| ରୁପା | ୧୦୬.୯୦୦ ଗ୍ରାମ୍ |

# ଏଫ୍ଏକ୍ୟୁ ମାନର ଧାନକୁ ନେଇ ହୋହଲ୍ଲା

## ନୂଆପାଟଣା ପାକ୍ସର ବାର୍ଷିକ ସାଧାରଣ ସଭା

ତିଗିରିଆ, ୨୯।୧୧ ( ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ)ର ବାର୍ଷିକ ସାଧାରଣ ସଭା ଶୁକ୍ରବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଏଫ୍ଏକ୍ୟୁ ମାନର ଧାନ କିଣିବାକୁ ଧାର୍ଯ୍ୟ କରାଯାଇଥିବାରୁ ଚାଷୀମାନେ ଏହାର ତୀବ୍ର ବିରୋଧ କରି ହୋହଲ୍ଲା କରିଥିଲେ। ଆୟୋଜିତ ସାଧାରଣ ସଭାରେ ସମିତିର ସଭାପତି ଧ୍ରୁବଚରଣ ଦାସ ସଭାପତିତ୍ୱ କରିଥିଲେ। ସମିତିର ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ଚଳିତବର୍ଷ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଏଫ୍ଏକ୍ୟୁ ମାନର ଧାନ କିଣିବାକୁ ଧାର୍ଯ୍ୟ କରିଛନ୍ତି। ତିଗିରିଆ ବ୍ଲକର ନୂଆପାଟଣା ଅଞ୍ଚଳ ଅଣଜଳସେଚିତ ଚାଷ ଜମିରେ ଚାଷୀ ଧାନ ଚାଷ କରୁଥିବାରୁ କେବେ ବି ଏଫ୍ଏକ୍ୟୁ ମାନର ଧାନ ଅମଳ ଅଞ୍ଚଳରେ ହୋଇପାରିବ ନାହିଁ ବୋଲି ଚାଷୀ ଶିବ କୃଷ୍ଣ ପଣ୍ଡା କହିବାରୁ ଉପସ୍ଥିତ ସମସ୍ତ ଚାଷୀ ହୋହଲ୍ଲା କରି ଆମ ଧାନ ସରକାର ନ କିଣିଲେ ରାସ୍ତାରୋକୋ କରି ପ୍ରତିବାଦ କରିବାକୁ କହିଥିଲେ। ସମିତିର ସଭାଗୃହ ନ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ସମିତିର ବାରଣ୍ଡାରେ ହେଉଥିବାରୁ ଚାଷୀ ରାମଚନ୍ଦ୍ର ବାରିକ କ୍ଷୋଭ ପ୍ରକାଶ କରିଥିଲେ। ସମିତିର ଉପର ମହଲାର କାମ ତୁରନ୍ତ କରିବାକୁ ସମବାୟ ବିଭାଗକୁ ଚିଠି ଲେଖିବାକୁ ପ୍ରସ୍ତାବ ଦେଇଥିଲେ। ଏହି ସଭାରେ ବାଙ୍କୀ ବ୍ୟାଙ୍କ ନୂଆପାଟଣାର ଶାଖା ପରିଚାଳକ ପ୍ରଦୀପ କୁମାର ପ୍ରଧାନ, ଚାଷୀ ପ୍ରଦୀପ ବର୍ଦ୍ଧନ, ସାହାଦତ୍ତ ଖାଁ, ପୀତବାସ ବେହେରା, ବସିରୁଲ ହକ, ମହେନ୍ଦ୍ର କୁଣ୍ଡୁ, ପ୍ରଫୁଲ୍ଲ କୁମାର ଦତ୍ତ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ଗାନ୍ଧୀ ପଡ଼ିଆଠାରେ ଧାନ ମଣ୍ଡି କରାଯିବାକୁ ସ୍ଥିର କରିଥିଲେ।



ସଭାରେ ଯୋଗଦେଇଥିବା ଚାଷୀମାନେ।

# ଦେଢ଼ଶାଶୁଙ୍କ ସହ ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନ ମୃତ

## କଲଭର୍ଟରୁ ଖସିଲା କାର୍

ଖଣ୍ଡପଡ଼ା, ୨୯।୧୧ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସ୍କା ରାସ୍ତାର ପଞ୍ଚବଟୀ ଗୋଶାଳା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି । ଆହତ ମହିଳାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଘୋରାଡ଼ିଆ ଗ୍ରାମର ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନ୍ ପଦ୍ମଚରଣ ମହାରଣା (୬୨) ନିଜ କାରରେ ଦେଢ଼ଶାଶୁ ମୁଳତା ମହାରଣା (୬୫) ଓ ଶାଳୀ ମିଳିନା ମହାରଣା (୪୨)ଙ୍କୁ ନେଇ କୋସ୍କା ପଞ୍ଚାୟତ ଅଧୀନ ମଧୁପୁର ଗ୍ରାମକୁ ଯାଉଥିଲେ । ହେଲେ ପଞ୍ଚବଟୀ ଗୋଶାଳ ନିକଟରେ କାର୍‌ଟି ଭାରସାମ୍ୟ ହରାଇ କଲ୍‌ଭର୍ଟ ତଳକୁ ଖସିପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ପଦ୍ମଚରଣ ଓ ମୁଳତାଙ୍କ ମୃତ୍ୟୁ ହୋଇଥିଲା। ଆହତ ମିଳିନାଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖଣ୍ଡପଡ଼ା ପୋଲିସ ତଦନ୍ତ କରିବା ସହ କ୍ଷତିଗ୍ରସ୍ତ କାରକୁ ଜବତ କରିଛି। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।



## ସଂକ୍ଷେପରେ

### ୨ କରତକଳରେ ଚଢ଼ାଉ

ଗୋପ, ୨୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ମଦରଙ୍ଗ ନିକଟରେ ଥିବା ବେଆଇନ ୨ଟି କରତକଳ ଉପରେ ଶୁକ୍ରବାର ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ସହ କରତକଳ ଯନ୍ତ୍ରାଂଶ ଜବତ କରାଯାଇଛି। ଏହି ଚଢ଼ାଉ ବାଲୁଖଣ୍ଡ ରେଞ୍ଜ୍ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କରାଯାଇଥିଲା। ଚଢ଼ାଉରେ କୋଣାର୍କ ଓ ଗୋପ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ସହ ଅନ୍ୟାନ୍ୟ ରେଞ୍ଜ୍ ଅଧିକାରୀ ରହିଥିଲେ। ଏହି ୨ କରତକଳ ଉପରେ ମକଦ୍ଦମା ରୁଜୁ ହୋଇଥିବା ଜଣାପଡ଼ିଛି। ୧୫ ଦିନ ମଧ୍ୟରେ ଗୋପ, କୋଣାର୍କ, ବାଲୁଖଣ୍ଡ ଓ ଅସ୍ତରଙ୍ଗ ରେଞ୍ଜ୍ ଅଧୀନରେ ରହିଥିବା ୫୦ରୁ ଊର୍ଦ୍ଧ୍ୱ କରତକଳ ମଧ୍ୟରୁ ଏବେ ସୁଦ୍ଧା ୧୨ଟି କରତକଳ ଉପରେ ଚଢ଼ାଉ କରାଯାଇ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାଠ ସହ କରତକଳ ଯନ୍ତ୍ରାଂଶ ଜବତ ହୋଇଛି। ଏବେ ଗୋପ ରେଞ୍ଜ ଅଧୀନ ଚାଉଳିଆପାଟେଣା, ଗୋପ, ତୁଳସୀପୁରରେ ଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିବା ଲାଗି ଦାବି କରାଯାଉଛି। ଖୁବ୍‌ଶୀଘ୍ର ଉକ୍ତ କରତକଳ ଉପରେ ଚଢ଼ାଉ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି।

### ଅଭିନେତା କେଦାର ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ, ୨୯।୧୧ (ଅଜିତ୍ କୁମାର ମହାନ୍ତି)

ଲୋକପ୍ରିୟ ଅଭିନେତା, ଚଳଚ୍ଚିତ୍ର ପ୍ରଯୋଜକ ଓ ସଙ୍ଗଠକ କେଦାରନାଥ ଗୁରୁଙ୍କ ୩୭ତମ ପୁଣ୍ୟତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେଦାର ଗୁରୁ କଳା ସଙ୍ଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ଜମ୍ବେଶ୍ୱର ପୂଜାପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଦିବଂଗତ ଗୁରୁଙ୍କ ସଂକ୍ଷିପ୍ତ ଜୀବନୀ ପାଠ କରିଥିଲେ। ଏଥିରେ ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସଙ୍ଗଠକ ଜଗଦୀଶ ଜେନା, ସଦାଶିବ ପୂଜାପଣ୍ଡା, ବିଶ୍ୱଜିତ ମୁନା ମିଶ୍ର, ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ, ସନ୍ତୋଷ କୁମାର ପଣ୍ଡା, ଅମରନାଥ ଗୁରୁ, ପ୍ରେମନାଥ ଗୁରୁ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୁରୀ ଗୌଡ଼ବାଡ଼ ସାହିରେ ଜନ୍ମଗ୍ରହଣ କରିଥିବା ଦିବଂଗତ ଗୁରୁ ମଞ୍ଚରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ଓଡ଼ିଆ ଚଳଚ୍ଚିତ୍ର ଗୌରୀ, ସିନ୍ଦୁର ବିନ୍ଦୁ, ବନ୍ଧୁ ମହାନ୍ତି, ସାକ୍ଷୀ ଗୋପୀନାଥ, ସୁବର୍ଣ୍ଣ ସୀତା, ରାମାୟଣ, ନୀଳମାଧବ ଏବଂ ଶ୍ରୀଜଗନ୍ନାଥ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ସିନ୍ଦୁର ବିନ୍ଦୁ ଓ ଜୱାନ ମର୍ଦ୍ଦ (ହିନ୍ଦୀ)ଚଳଚ୍ଚିତ୍ରର ସେ ପ୍ରଯୋଜକ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବୁଦ୍ଧିଜୀବୀ ଓ କଳାପ୍ରେମୀ ଉପସ୍ଥିତ ରହି ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ରତ୍ନ ଭଣ୍ଡାର ଅଳଙ୍କାର ଗଣତି ଦାବି କଲା ଶ୍ରୀଜଗନ୍ନାଥ ସେନା



## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ, ୨୯।୧୧ (ଅଜିତ୍ କୁମାର ମହାନ୍ତି)

୪ ଦଫା ଦାବି ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ କାର୍ତ୍ତିକ ପାଣ୍ଡିଆନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରତ୍ନଭଣ୍ଡାର ଖୋଲାଯାଇଥିଲେ ମଧ୍ୟ ଅଦ୍ୟାବଧି ଅଳଙ୍କାର ଗଣତିମଣତି ହେଲା ନାହିଁ। ତେଣୁ କାହାକୁ ସୁରକ୍ଷା ଦିଆଯାଉଛି ବୋଲି ସେ ପ୍ରଶ୍ନ କରିବା ସହ ତୁରନ୍ତ ରତ୍ନଭଣ୍ଡାର ଲୁଟ୍ ହୋଇଥିବା ନେଇ ଏତଲା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରାଯିବାକୁ ସେ ଦାବି କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ତୁରନ୍ତ ଜିଲାପାଳଙ୍କୁ ବଦଳି କରାଯାଉ ବୋଲି ସେ ଦାବି କରିଛନ୍ତି।

# ଜିପିଏଲ୍‌ଏଫ୍‌ର ହିସାବ ମିଳୁନି: ଅନ୍ଧାରରେ ଏସ୍‌ଏଚ୍‌ଜି ମହିଳା

କଟକ ସଦର, ୨୯।୧୧
(ସୁଶାନ୍ତ କୁମାର ଜେନା)

ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ମିଶନଶକ୍ତି ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ ପାଣ୍ଠି (ଜିପିଏଲ୍‌ଏଫ୍) ସୃଷ୍ଟି କରାଯାଇଛି। ଏହି ପାଣ୍ଠି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ମାସିକ ଚାନ୍ଦା ଦେଉଛନ୍ତି। ଆବଶ୍ୟକସ୍ଥଳେ ଏହି ପାଣ୍ଠିରୁ ସ୍ଥାନୀୟ ମହିଳା ସ୍ୱଳ୍ପ ସୁଧରେ ଋଣ ନେବାର ବ୍ୟବସ୍ଥା ରହିଛି। ୨୦୨୦ ମସିହାରୁ ଏହି ପାଣ୍ଠି ପାଇଁ କଟକ ସଦର ବ୍ଲକ୍‌ର ୨୩ଟି ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ମାସିକ ୫ ଟଙ୍କା ଲେଖାଏ ଚାନ୍ଦା ଦେଉଛନ୍ତି। ମାତ୍ର ୪ ବର୍ଷ ହେବ ଏହି ପାଣ୍ଠିରେ କେତେ ଟଙ୍କା ଜମାହେଲାଣି ତାହାର ହିସାବ ମିଳୁନାହିଁ। ମାସିକ ଚାନ୍ଦା ଦେଉଥିବା ସଦସ୍ୟାଙ୍କୁ ମୁଦ୍ରିତ ରସିଦ୍ ମଧ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ପ୍ରତି ଏସ୍‌ଏଚ୍‌ଜି ସଦସ୍ୟା କେତେ ଟଙ୍କା ଚାନ୍ଦା ଆକାରରେ ଏହି ପାଣ୍ଠିରେ ଜମା କଲେଣି ସେ ସମ୍ପର୍କରେ ମଧ୍ୟ ଗୋଷ୍ଠୀର ପଦାଧିକାରୀଙ୍କୁ ଜଣାଇ ଦିଆଯାଉ ନାହିଁ। ପ୍ରତି ମାସରେ ଚାନ୍ଦା ଆଦାୟ ସମ୍ପର୍କରେ ଜାଣିବା ପାଇଁ ବିଡିଓ ପ୍ରତୀକ କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ସରୋଜିନୀ ମହାନ୍ତି କହିଛନ୍ତି, ଏହି ଅଭିଯୋଗ ଉପରେ ଶୀଘ୍ର ଅନୁଧ୍ୟାନ କରି ଯାହାକିଛି ପଦକ୍ଷେପ ନେବି।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ନିମାପଡ଼ା, ୨୯।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତ ଦହିଜଙ୍ଗ ଗ୍ରାମର ଜଣେ ଚାଷୀ ସୁବାସ ଭୋଇଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ନଂ.୧୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁବାସ ସକାଳେ ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେ ତୁରନ୍ତ ଘରକୁ ଆସି ଏ କଥା କହି ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସୁବାସଙ୍କ ପୁଅ ସଞ୍ଜୟ ଥାନାରେ ଅଭିଯୋଗ କରିଥିଲେ। ମୃତ ଚାଷୀଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି।

# ହୋଟେଲ ମାଲିକଙ୍କ ସହ ଆଲୋଚନା କଲେ ଏସ୍‌ପି

## ନୌସେନା ଦିବସ କାର୍ଯ୍ୟକ୍ରମ

ପୁରୀ, ୨୯।୧୧ (ଅଜିତ୍ କୁମାର ମହାନ୍ତି)

ଆଗାମୀ ଡିସେମ୍ବର ୪ରେ ପୁରୀରେ ହେବାକୁ ଥିବା ନୌସେନା ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ଶୁକ୍ରବାର ସମସ୍ତ ହୋଟେଲ ମାଲିକ ଓ ପରିଚାଳକଙ୍କ ସହ ଏସ୍‌ପି ବିନୀତ ଅଗ୍ରୱାଲ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦାନ କରିବେ। ସେହିପରି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ତେଣୁ ଉକ୍ତ ଦିନ ଚାରିଚକିଆ ଯାନ ପାଇଁ ସମୁଦ୍ରକୂଳ ରାସ୍ତାରେ କଟକଣା ରହିବ। ଯେପରି ପର୍ଯ୍ୟଟକଙ୍କର କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ। ଭୁବନେଶ୍ୱର ରୋଡ୍, ଷ୍ଟେଶନ ରୋଡ୍, କୋଣାର୍କ ରୋଡ୍ ଏବଂ ବ୍ରହ୍ମଗିରି ରୋଡ୍ ଦେଇ ଆସୁଥିବା ପର୍ଯ୍ୟଟକଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେ ନେଇ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋଚନା ହୋଇଛି। ବାଙ୍କୀ ମୁହାଣଠାରୁ ଦିଗ୍‌ବାରେଣୀ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ କଟକଣା ରହିବ। ସମସ୍ତ ହୋଟେଲ ପରିସରରେ ଖୋଲା ଜାଗା ରଖିବା ସହ କୌଣସି ପରିସ୍ଥିତିରେ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ତାଙ୍କୁ ତୁରନ୍ତ ସେହି ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ହୋଟେଲ ମାଲିକ ଓ ପରିଚାଳମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସେମାନଙ୍କୁ ସେହି ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ନେଇ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏସ୍‌ପିଙ୍କୁ ହୋଟେଲ ଆସୋସିଏଶନର ସଭାପତି କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ୪ତାରିଖ ନୌସେନା ଦିବସ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୋଣାର୍କ ଉତ୍ସବ ପ୍ରସ୍ତୁତି ଅନୁଧ୍ୟାନ କଲେ ଜିଲାପାଳ

କୋଣାର୍କ, ୨୯।୧୧ (ଜ୍ୟୋତିରାଜ ମହାନ୍ତି)

ଅର୍କକ୍ଷେତ୍ରଠାରେ କୋଣାର୍କ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଶୁକ୍ରବାର ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ଅନୁଧ୍ୟାନ କରିଛନ୍ତି। ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ, ଆଲୋକ ବ୍ୟବସ୍ଥା ସହିତ କୋଣାର୍କ ଏନ୍‌ଏସି ସମେତ ବିଭିନ୍ନ ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ରୁ କୋଣାର୍କ ଉତ୍ସବ ଓ ବାଲୁକା କଳା ଉତ୍ସବ ସହ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ, ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ଆୟୋଜନ ହେବ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତି ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ, କୁଚିପୁଡ଼ି, କଥକ, ମଣିପୁରୀ, ଭାରତନାଟ୍ୟମ, ମୋହିନୀଅଟମ ନୃତ୍ୟ ପରିବେଷଣ କରିବେ। ଚନ୍ଦ୍ରଭାଗା ବେଳାଭୂମିରେ ଦେଶ ବିଦେଶର ବାଲୁକା ଶିଳ୍ପୀଙ୍କୁ ନେଇ ବାଲୁକା କଳା ପ୍ରଦର୍ଶନ ହେବ। ଏହାକୁ ଦୃଷ୍ଟିରେ ରଖି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କୋଣାର୍କରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ ସ୍ୱାଇଁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କବି ଗୁରୁପ୍ରସାଦ ମହାନ୍ତି ଜନ୍ମ ଶତବାର୍ଷିକୀ ଆଲୋଚନା

ଭୁବନେଶ୍ୱର, ୨୯।୧୧ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବୁଦ୍ଧମନ୍ଦିରଠାରେ କବି ଗୁରୁପ୍ରସାଦ ମହାନ୍ତିଙ୍କ ୨ଦିନିଆ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ କବି ରାଜେନ୍ଦ୍ର କିଶୋର ପଣ୍ଡା ଉଦ୍‌ଘାଟନ କରି କହିଲେ, ଗୁରୁପ୍ରସାଦ ମହାନ୍ତି କବିତାରେ ନବ୍ୟ-ଆଧୁନିକତାର ପ୍ରବର୍ତ୍ତକ ଥିଲେ। ଏହି ଅବସରରେ ସେ ତାଙ୍କର କେତେକ ଲୋକପ୍ରିୟ କବିତା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। କଥାକାର ଗୌରହରି ଦାସ କହିଲେ, ଗୁରୁପ୍ରସାଦ ହେଉଛନ୍ତି ସମ୍ମୋହନର କବି, ଉଚ୍ଚାଟନର କବି, ମଧୁର ଯନ୍ତ୍ରଣାର କବି, କାତର ଉଲ୍ଲାଶସର କବି, ପ୍ରେମ ଓ ପ୍ରକୃତିର କବି। ପଚାଶ ବର୍ଷର ସୃଜନ କାଳରେ ମାତ୍ର ଅଶୀ ପାଖାପାଖି କବିତା ଲେଖିଥିଲେ। କବିତା ସଂଖ୍ୟା ସ୍ୱଳ୍ପ ହୋଇଥିଲେ ସୁଦ୍ଧା ସେ ଖୁବ୍‌ପ୍ରସିଦ୍ଧ। ସମ୍ମାନିତ ଅତିଥି ଭାବେ ଡା. ପ୍ରିୟଦର୍ଶିନୀ ମହାନ୍ତି ଓ ବିଶିଷ୍ଟ କବି ତଥା ସମାଲୋଚକ ଭଗବାନ ଜୟସିଂହ ଯୋଗଦେଇ ଗୁରୁପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' ଏବଂ ଟିଏସ୍‌ଏଲିଅଟ୍‌ଙ୍କ 'ଦି ୱେଷ୍ଟ ଲ୍ୟାଣ୍ଡ' କବିତାର ତୁଳନାତ୍ମକ ବ୍ୟାଖ୍ୟା କରିବା ପୂର୍ବକ ଗୁରୁପ୍ରସାଦଙ୍କ କବିତାର ନୂତନତା ସମ୍ପର୍କରେ ସେମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବହୁ କବି, ଲେଖକ, ଗବେଷକ, ସାହିତ୍ୟପ୍ରେମୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସାହିତ୍ୟ ଏକାଡେମୀ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

# ବାଳକରେ ଯାଜପୁର, ବାଳିକାରେ ଜଗତ୍‌ସିଂହପୁର ଚାମ୍ପିୟନ

## ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଚ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ପୁରୀ, ୨୯।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକାବାଳକ ବିଚ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୧ଟି ଜିଲାରୁ ୧୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ୱତନ୍ତ୍ର ଭାବେ ଭଲି ଫିଲ୍ଡ ପ୍ରସ୍ତୁତ କରାଯାଇ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ପୁରୀ ବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଯୋଗଦେଇ ମୁଖ୍ୟ ଅତିଥି ଖେଳୁଆଡ଼ ମନୋବଳ ଜାରି ରଖିବା ପାଇଁ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଯାଜପୁର ଜିଲା ଚାମ୍ପିୟନ ଏବଂ କେନ୍ଦ୍ରାପଡ଼ା ରନର୍ସ ଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଜଗତ୍‌ସିଂହପୁର ଚାମ୍ପିୟନ ଓ ବାଲେଶ୍ୱର ଜିଲା ରନର୍ସ ଅପ୍ ହୋଇଛି। ଆସନ୍ତା ୧୭ ତାରିଖରୁ ପୁରୀ ବିଚ୍‌ରେ ହେବାକୁ ଥିବା ଜାତୀୟସ୍ତରୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ଏମାନେ ଅଂଶଗ୍ରହଣ କରିବେ। ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜ୍ୟୋତି ପ୍ରକାଶ ପରିଡ଼ା, ମହେନ୍ଦ୍ର କୁମାର ବିଶ୍ୱାଳ ଓ ବିଦ୍ୟାଧର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୯।୧୧ (କାର୍ତ୍ତିକ ସାହୁ)

ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତୀୟ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଗତ ଜୁଲାଇ ୧୯ ତାରିଖରେ ୯ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ପାଇଁ ରିଜୋଲ୍ୟୁଶନ ଆଣିଥିଲେ। ସେମାନେ ଅଗଷ୍ଟ ୧ ତାରିଖରେ ରିଜୋଲ୍ୟୁଶନ ନକଲ ସହ ନୟାଗଡ଼ ଜିଲାପାଳଙ୍କୁ ରିକ୍ୟୁଜିଶନ ପ୍ରଦାନ କରିଥିଲେ। ନିୟମାନୁସାରେ ୧୦ ଦିନ ମଧ୍ୟରେ ଜିଲାପାଳ ଅନାସ୍ଥା ପ୍ରସ୍ତାବ ପାଇଁ ଡାକିଲେ ନାହିଁ। ଫଳରେ ଉପାଧ୍ୟକ୍ଷଙ୍କ ସହ ୯ ଜଣ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ନୟାଗଡ଼ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ମୁତାବକ ଜିଲାପାଳ ତୁରନ୍ତ ନୋଟିସ ଜାରି କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ନୋଟିସ ଜାରି ପରେ ସେପ୍ଟେମ୍ବର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହେଲା। ମାତ୍ର ତା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଅଧ୍ୟକ୍ଷା ଆରତି ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନାସ୍ଥା ପ୍ରସ୍ତାବ ନେଇ ନୋଟିସ, ରିଜୋଲ୍ୟୁଶନ ପାଇଥିବାବେଳେ ରିକ୍ୟୁଜିଶନ ପାଇନାହାନ୍ତି ବୋଲି ହାଇକୋର୍ଟଙ୍କୁ ଜଣାଇଲେ। ଏହାପରେ ହାଇକୋର୍ଟ ଏକ ଆଦେଶ ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ହେଉ, ମାତ୍ର କୋର୍ଟଙ୍କ ଅଗୋଚରରେ ଫଳ ପ୍ରକାଶ ପାଇବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ହୋଇପାରିଲା ନାହିଁ। କାରଣ ଏହାର ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଡକରା ପାଇ ଭୁବନେଶ୍ୱର ଯାଇଥିଲେ। ତେଣୁ ଜିଲାପାଳ ଆଉ ଏକ ନୋଟିସ ଇସ୍ୟୁ କରି ସେହି ମାସ ୨୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ପାଇଁ ସ୍ଥିର କଲେ। ସେଦିନ ଅନାସ୍ଥା ପ୍ରସ୍ତାବ ହେଲା। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ଯୋଗଦେଲେ। ଜଣକ ଭୋଟ ନାକଚ ହେଲା ଓ ଅବଶିଷ୍ଟ ୯ ଜଣ ଅଧ୍ୟକ୍ଷା ଆରତିଙ୍କ ବିପକ୍ଷରେ ଭୋଟ ଦେଲେ। ଏହି ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ, ହୃଦାନନ୍ଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ସମୀର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଇଛି କୋହଲା ପାଗ

ଅସ୍ତରଙ୍ଗ, ୨୯।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଏବେ କ୍ଷେତରେ ହସୁଛି ସୁନାର ଫସଲ ଧାନ। ଚଳିତ ବର୍ଷ ଭଲ ଫସଲ ଅମଳ ପାଇଁ ଚାଷୀ ଆଶା ବାନ୍ଧିଛନ୍ତି। ତେବେ ଶୁକ୍ରବାର ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ କେତେଜଣ ଚାଷୀ ବିଲରେ କଟାଧାନକୁ ଖଳା କରି ପାଲ ଘୋଡ଼ାଇଛନ୍ତି। ଚାଷୀମାନେ କଠିନ ପରିଶ୍ରମ ଓ ଧାରକରଜ କରି ଜମିରେ ଧାନଚାଷ କରିଥିବାବେଳେ ଏବେ କୋହଲା ପାଗ ସେମାନଙ୍କ ଆହାର ଉଜାଡ଼ିଦେବାକୁ ବସିଛି। ଅସ୍ତରଙ୍ଗ ବ୍ଲକ୍ ଅଧୀନ ସମସ୍ତ ପଞ୍ଚାୟତର ୮୦ଭାଗ ଜମିରେ କେବଳ ଧାନଚାଷ କରାଯାଏ। ଏହି ଏକମାତ୍ର ଫସଲ ଉପରେ ନିର୍ଭର କରି ଚଳନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପୂର୍ବରୁ ବର୍ଷା ଅଭାବରୁ ଚାଷୀମାନେ ଧାର କରଜକରି ପୋଖରୀ, କିମ୍ବା ବିଭିନ୍ନ ଉପାୟରେ ଚାଷଜମିରେ ପାଣି ମଡ଼ାଇ ଖର୍ଚ୍ଚାନ୍ତ ହେବା ପରେ ଲଘୁଚାପଜନିତ ବାତ୍ୟା 'ଦାନା'ର ପ୍ରଭାବ ସେମାନଙ୍କୁ ଚିନ୍ତାରେ ପକାଇଥିଲା। ତେବେ ବର୍ଷା ଯୋଗୁ ଭଲ ଫସଲ ଅମଳର ଆଶା କିଛି ମାତ୍ରାରେ ଚାଷୀଙ୍କୁ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ୬୦ଭାଗରୁ ଊର୍ଦ୍ଧ୍ୱ ଜମିରେ ଧାନ ପାଚିବାକୁ ଆରମ୍ଭ କରିଛି। ଏଥିସହ ଅମଳ ବି ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ବର୍ଷା ହେଲେ ଧାନ ଫସଲ ଉଜୁଡ଼ିଯିବ। ଚାଷଜମିରେ ପାଣି ରହିବା ଦ୍ୱାରା ପୋକଙ୍କ ପ୍ରାଦୁର୍ଭାବ ବଢ଼ିବ। ଏଥିସହ ଜମିରେ ପାଣିଥିବାରୁ ପାଚି ଆସିଥିବା ଧାନ କିଆରିକୁ ଯାଇ ନ ହେବାରୁ ପାଚିଲା ଧାନ ଅମଳ ହୋଇପାରିବ ନାହିଁ। ଜମିରୁ ଜଳ ନିଷ୍କାସନକରି କ୍ଷେତ ଶୁଖିବା ପରେ ଧାନ ଅମଳ କରାଯାଇପାରିବ। ଯଦି ବର୍ଷା ଯୋଗୁ କିଆରିରେ ଧାନ ଲୋଟିପଡେ ତା'ହେଲେ ଅମଳ ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିବ। ତେଣୁ ଅଦିନିଆ ଲଘୁଚାପ ବର୍ଷା କଥା ଶୁଣି ଚାଷୀ ଛାନିଆ ହୋଇପଡ଼ିବା ସହ ବିଲରୁ କିପରି ଖଳାକୁ ଫସଲ ବୋହିଆଣିବ ସେଇ ଚିନ୍ତା କରୁଛି।



## ସଂକ୍ଷେପରେ

### ନିଆଁ ଲାଗି ଜଳଖିଆ ଦୋକାନ ଜଳିଗଲା



ସାଲେପୁର,୨୯।୧୧(ଅରବିନ୍ଦ ଭୂୟାଁ): ଗୁରୁବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏକ ଜଳଖିଆ ଦୋକାନରେ ନିଆଁ ଲଗାଇ ଦେବା ଫଳରେ ତାହା ସମ୍ପୂର୍ଣ୍ଣ ଜଳିଯିବା ସହ ସମସ୍ତ ଆସବାବପତ୍ର ଓ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲାବେଳକୁ ଦୋକାନଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ରାଇସୁଙ୍ଗୁଡ଼ା ପଞ୍ଚାୟତରେ ଥିବା କାମେଶ୍ୱର ବଜାରରେ ଜଳଖିଆ ଦୋକାନ କରିଥିବା କୁସମ୍ବୀ ଗାଁର ସନାତନ ପୃଷ୍ଟି ଗୁରୁବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କେହି ଦୁର୍ବୃତ୍ତ ରାତି ପ୍ରାୟ ୧୧ଟାବେଳେ ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକ ଏ ସମ୍ପର୍କରେ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ଆସିଲା ବେଳକୁ ଦୋକାନ ଘରଟି ଜଳିଯାଇଥିଲା। ଦୋକାନ ମଧ୍ୟରେ ଥିବା ଆସବାବପତ୍ର ସମେତ ନଗଦ ୭ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି।

### ଚୋରା ମୋରମ ବୋଝେଇ ହାଇୱା ଜବତ

ତ୍ରିଶୂଳିଆ,୨୯।୧୧(ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ଫାଣ୍ଡି ପକ୍ଷରୁ ତନଖି ଚାଲୁଥିବାବେଳେ ରାମଦାସପୁରରୁ ତ୍ରିଶୂଳିଆ ଆସୁଥିବା ଏକ ଚୋରା ମୋରମ ବୋଝେଇ ହାଇୱା ଶୁକ୍ରବାର ଜବତ ହୋଇଛି। ତନଖିବେଳେ କାଗଜପତ୍ର ମାଗିବାରୁ ଚାଳକ କୌଣସି ପ୍ରମାଣପତ୍ର ନ ଦେଇପାରିବାରୁ ଗାଡ଼ି ଜବତ କରାଯାଇ ଫାଣ୍ଡିକୁ ଅଣାଯାଇଛି।

### ଠକର ବାବାଙ୍କ ୧୫୬ତମ ଜୟନ୍ତୀ



ବାଙ୍କୀ, ୨୯।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ତଳଭେଜିପୁଟ ଆଶ୍ରମ ସ୍କୁଲରେ ଶୁକ୍ରବାର ଠକର ବାବାଙ୍କ ୧୫୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗୌରାଙ୍ଗ ଚରଣ ପାତ୍ର ଯୋଗଦେଇ ଠକର ବାବାଙ୍କ କାର୍ଯ୍ୟଶୈଳୀ ଓ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୌଭାଗିନୀ ମିଶ୍ର ଏବଂ ମହିଳା ମ୍ୟାଟ୍ରନ୍ ସୁଲୋଚନା ଜେନା ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାଞ୍ଚନ ନାଏକ, ଚିନ୍ନ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ହୋହଲ୍ଲା

## ନୂଆପାଟଣା ପାକ୍ସର ବାର୍ଷିକ ସାଧାରଣ ସଭା

ତିଗିରିଆ, ୨୯।୧୧( ଜାଫର ଖାଁ)



ସଭାରେ ଯୋଗଦେଇଥିବା ଚାଷୀମାନେ।

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ)ର ବାର୍ଷିକ ସାଧାରଣ ସଭା ଶୁକ୍ରବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଏଫ୍‌ଏକ୍ୟୁ ମାନର ଧାନ କିଣିବାକୁ ଧାର୍ଯ୍ୟ କରାଯାଇଥିବାରୁ ଚାଷୀମାନେ ଏହାର ତୀବ୍ର ବିରୋଧ କରି ହୋହଲ୍ଲା କରିଥିଲେ। ଆୟୋଜିତ ସାଧାରଣ ସଭାରେ ସମିତିର ସଭାପତି ଧ୍ରୁବଚରଣ ଦାସ ସଭାପତିତ୍ୱ କରିଥିଲେ। ସମିତିର ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ଚଳିତବର୍ଷ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଏଫ୍‌ଏକ୍ୟୁ ମାନର ଧାନ କିଣିବାକୁ ଧାର୍ଯ୍ୟ କରିଛନ୍ତି। ତିଗିରିଆ ବ୍ଲକର ନୂଆପାଟଣା ଅଞ୍ଚଳ ଅଣଜଳସେଚିତ ଚାଷ ଜମିରେ ଚାଷୀ ଧାନ ଚାଷ କରୁଥିବାରୁ କେବେ ବି ଏଫ୍‌ଏକ୍ୟୁ ମାନର ଧାନ ଅମଳ ଅଞ୍ଚଳରେ ହୋଇପାରିବ ନାହିଁ ବୋଲି ଚାଷୀ ଶିବ କୃଷ୍ଣ ପଣ୍ଡା କହିବାରୁ ଉପସ୍ଥିତ ସମସ୍ତ ଚାଷୀ ହୋହଲ୍ଲା କରି ଆମ ଧାନ ସରକାର ନ କିଣିଲେ ରାସ୍ତାରୋକୋ କରି ପ୍ରତିବାଦ କରିବାକୁ କହିଥିଲେ। ସମିତିର ସଭାଗୃହ ନ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ସମିତିର ବାରଣ୍ଡାରେ ହେଉଥିବାରୁ ଚାଷୀ ରାମଚନ୍ଦ୍ର ବାରିକ କ୍ଷୋଭ ପ୍ରକାଶ କରିଥିଲେ। ସମିତିର ଉପର ମହଲାର କାମ ତୁରନ୍ତ କରିବାକୁ ସମବାୟ ବିଭାଗକୁ ଚିଠି ଲେଖିବାକୁ ପ୍ରସ୍ତାବ ଦେଇଥିଲେ। ଏହି ସଭାରେ ବାଙ୍କୀ ବ୍ୟାଙ୍କ ନୂଆପାଟଣାର ଶାଖା ପରିଚାଳକ ପ୍ରଦୀପ କୁମାର ପ୍ରଧାନ, ଚାଷୀ ପ୍ରଦୀପ ବର୍ଦ୍ଧନ, ସାହାଦତ୍ତ ଖାଁ, ପୀତବାସ ବେହେରା, ବସିରୁଲ ହକ, ମହେନ୍ଦ୍ର କୁଣ୍ଡୁ, ପ୍ରଫୁଲ୍ଲ କୁମାର ଦତ୍ତ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ଗାନ୍ଧୀ ପଡ଼ିଆଠାରେ ଧାନ ମଣ୍ଡି କରାଯିବାକୁ ସ୍ଥିର କରିଥିଲେ।

# ଭଲ ପାଠ ପଢ଼ି କଲେଜର ସୁନାମ ରଖ




ସମାବେଶରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ବାଙ୍କୀ କଲେଜ ରାଜନୀତି ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସମାବେଶ

ବାଙ୍କୀ, ୨୯।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କର ଏକ ସମାବେଶ କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ନୂଆ କରି ୨ବର୍ଷ ତଳେ ଖୋଲାଯାଇଥିବା ଏହି ସ୍ନାତକୋତ୍ତର ବିଭାଗକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିଭାଗର ଛାତ୍ରୀଛାତ୍ର ରାଜନୀତି କ୍ଷେତ୍ରରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବା ସହ ରାଜନୈତିକ ବ୍ୟକ୍ତିମାନଙ୍କୁ ସୁସ୍ଥ ରାଜନୀତି କରିବା ପାଇଁ ପରାମର୍ଶ ଦେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ସମୂହର ସଂଯୋଜକ ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇ ଭଲ ପାଠ ପଢି କଲେଜର ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଡ. ଲିନାରାଣୀ ପ୍ରଧାନ, ଅଧ୍ୟାପିକା ବର୍ଷାରାଣୀ ଦୀକ୍ଷିତ, ଅଧ୍ୟାପକ ନରେଶ କୁମାର ବେହେରା ଓ ଅଧ୍ୟାପକ ରୁଦ୍ର ପ୍ରସାଦ ସାହୁ ଯୋଗଦେଇଥିଲେ। ଏହି ଅବସରରେ ନୂଆକରି ଯୋଗଦେଇଥିବା ଅଧ୍ୟାପକ ରୁଦ୍ରପ୍ରସାଦ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଅଧ୍ୟକ୍ଷ ଡ. ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଅଦ୍ୱୈତ୍ୟ ପ୍ରଧାନ ଧନ୍ୟବାଦ ଦେଇଥିବା ବେଳେ ସୋନାଲି ବେହେରା ସଭା ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୧୪୪ ପ୍ରକଳ୍ପ



ବିଜ୍ଞାନ ମେଳାରେ ପ୍ରକଳ୍ପକୁ ଦେଖୁଛନ୍ତି ବିଧାୟକ ସାରଦା ପ୍ରସାଦ ପ୍ରଧାନ ବୁଲି ଦେଖୁଛନ୍ତି।

ମାହାଙ୍ଗା,୨୯।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ବରାହୀପୁରସ୍ଥିତ ରାଧାଶ୍ୟାମ ବିଦ୍ୟାପୀଠରେ ମାହାଙ୍ଗା ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରଧାନ କହିଥିଲେ, ଛାତ୍ରୀଛାତ୍ର ମୌଳିକ ଶିକ୍ଷା ଉପରେ ବୌଦ୍ଧିକ ଅଭିବୃଦ୍ଧି ଓ ବୈଜ୍ଞାନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଯେଉଁ ପ୍ରକଳ୍ପଗୁଡ଼ିକ କରିଛନ୍ତି ଏହା ରାଜ୍ୟ ତଥା ଦେଶର ଗବେଷଣା, ନୂତନ ପ୍ରଯୁକ୍ତି ବିଦ୍ୟାରେ ସେମାନଙ୍କୁ ଆଗକୁ ନେଇ ପାରିବ। ବିଇଓ ଚକ୍ରଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିଜ୍ଞାନ ମେଳାରେ ମୁଖ୍ୟବକ୍ତା ଭାବେ କଟକ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଡିଓ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ଏହା ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶର ନମୁନା ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ସଞ୍ଜୁକ୍ତା କୁମାରୀ ଭୋଇ ଓ ସବିତା କୁମାରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏବିଇଓ ସୋମନାଥ ରାମ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ୧୪୪ ପ୍ରକଳ୍ପ ମଧ୍ୟରୁ ୭ଟି ଜିଲାସ୍ତରକୁ ମନୋନୀତ ହୋଇଥିଲା। ମେଳାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ଓ ପ୍ରମାଣପତ୍ର ପ୍ରଦାନ କରିବା ସହିତ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ‘ନୂଆ ଚେତନାର ଉତ୍ସ ସାଜିବା, ହିଂସାମୁକ୍ତ ସମ୍ପର୍କ ଗଢ଼ିବା’

ଭୁବନେଶ୍ୱର,୨୯।୧୧ (ସୁଚିସ୍ମିତା ସାହୁ)

ନ୍ୟାଶନାଲ ଆଲିଆନ୍ସ ଅଫ୍ ଓମେନ ଓଡିଶା ଶାଖା ଓ ସଖାର ମିଳିତ ସହଯୋଗରେ ଶତକୋଟି ଉତ୍ଥାନ ଅଭିଯାନ ଓ ମହିଳା ହିଂସା ବିରୋଧୀ ଉପରେ ୨ ଦିନିଆ କର୍ମଶାଳା ଭାରତ ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆ ଚେତନାର ଉତ୍ସ ସାଜିବା, ହିଂସାମୁକ୍ତ ସମ୍ପର୍କ ଗଢ଼ିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ଏଲ୍‌ଜିବିଟିକ୍ୟୁମାନେ ଯୋଗଦେଇ ନିଜର ଜ୍ଞାନକୁ ଗଭୀର କରିବା, ସମସ୍ୟାକୁ ବୁଝିବା ସହ ତା’ର ସମାଧାନ ନେଇ ଆଲୋଚନା କରିଥିଲେ। ନ୍ୟାଶନାଲ ଆଲିଆନ୍ସ ଅଫ ଓମେନ ଓଡିଶା ଶାଖାର କନ୍‌ଭେନର ପ୍ରମିଳା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଯେଉଁମାନେ ମହିଳା ଓ ପୁରୁଷ ଲିଙ୍ଗରେ ଫିଟ୍ ନୁହଁନ୍ତି, ସେମାନଙ୍କୁ ସମାଜ ସବୁବେଳେ ସବୁକ୍ଷେତ୍ରରେ ବାଦ ଦିଏ। ତୃତୀୟ ଲିଙ୍ଗ ବ୍ୟକ୍ତିମାନେ ଶିକ୍ଷା, ଚାକିରି, ସ୍ୱାସ୍ଥ୍ୟସେବା ଓ ସର୍ବସାଧାରଣ ସ୍ଥାନରେ ଭେଦଭାବର ସମ୍ମୁଖୀନ ହୁଅନ୍ତି। ସମାଜରେ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୋତ୍ସାହନ କରିବା, ଅଧିକାର ଓ ସମ୍ମାନ ଦେବା, ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ଏଲ୍‌ଜିବିଟିକ୍ୟୁ ହେଉଛି ବଡ଼ ପରିଚୟ ବୋଲି ବିଶାଖା ଭଞ୍ଜ କହିଛନ୍ତି। ସଖାର ପ୍ରତିଷ୍ଠାତା ମୀରା ପରିଡା ଯୋଗଦେଇ ନିଜର ଅନୁଭୂତି ତଥା ଏଲ୍‌ଜିବିଟିକ୍ୟୁଙ୍କ ସମସ୍ୟା ଓ ବିଭିନ୍ନ ନିୟମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଖାର ସଭାପତି ହେନା ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ।

# ଶବ ସଂରକ୍ଷଣ ମେଶିନର ଉଦ୍‌ଘାଟନ




ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶବ ସଂରକ୍ଷଣ ଯନ୍ତ୍ରକୁ ଉଦ୍‌ଘାଟନ କରୁଛନ୍ତି।

## ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ

ବାଙ୍କୀ,୨୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶବ ସଂରକ୍ଷଣ ଯନ୍ତ୍ରକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଶୁକ୍ରବାର ଉଦ୍‌ଘାଟନ କରି ଲୋକମାନଙ୍କ ସେବାରେ ଉତ୍ସର୍ଗୀକୃତ କରିଛନ୍ତି। ଦୀର୍ଘଦିନ ହେଲା ଚିକିତ୍ସାଳୟରେ ଶବ ସଂରକ୍ଷଣ ମେଶିନ ନ ଥିବାରୁ ମୃତ ଲୋକଙ୍କୁ ରଖାଯିବାରେ ବହୁ ଅସୁବିଧା ହେଉଥିଲା। ବିଧାୟକଙ୍କ ଉଦ୍ୟମରେ ଆଷ୍ଟ୍ରାଲ୍ ଫାଉଣ୍ଡେଶନ୍ ରାମଦାସପୁର ପକ୍ଷରୁ ଏହି ମେଶିନଟି ଚିକିତ୍ସାଳୟକୁ ବିନାମୂଲ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚିକିତ୍ସାଳୟର ଅଧୀକ୍ଷକ ଡା. ବନବାସୀ ବେହେରା, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, କାଉନସିଲର ସନାତନ ବେହେରା, ରୋଗୀ କଲ୍ୟାଣ ସମିତି ସଦସ୍ୟ ସମରେନ୍ଦ୍ର ମହାପାତ୍ର, କାଉନସିଲର ରାଜେନ୍ଦ୍ର ମହାପାତ୍ର, ପ୍ଲାଣ୍ଟ ପରିଚାଳକ ପ୍ରଶାନ୍ତ ମହାପାତ୍ର, ମାନବ ସମ୍ବଳ ପ୍ରଶାସନିକ ମୁଖ୍ୟ ସରୋଜ ଚମ୍ପତି, ମୁଖ୍ୟ ଫର୍ମାସିଷ୍ଟ ସବିତା ସୁରେନଙ୍କ ସହ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦୀର୍ଘଦିନର ଅସୁବିଧା ବିଧାୟକଙ୍କ ହସ୍ତକ୍ଷେପ ଯୋଗୁ ସମାଧାନ ହୋଇପାରିଥିବାରୁ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମ ମେଡିକାଲ ପରିଚାଳକ ଶଶିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟରେ ଲୋପପାଉଛି ଔଷଧୀୟ ବୃକ୍ଷ

## ଚାରା ରୋପଣ କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

ଆମ ଆଖପାଖରେ ଥିବା ଅନେକ ଔଷଧୀୟ ବୃକ୍ଷର ସ୍ୱାସ୍ଥ୍ୟରକ୍ଷା ବା ରୋଗ ପ୍ରତିଷେଧକ ନିମିତ୍ତ ଅନେକ ଉପଯୋଗୀତା ଗୁଣ ରହିଛି। ମାତ୍ର ଦୁଃଖର ବିଷୟ, ବର୍ତ୍ତମାନ ସମଗ୍ର ରାଜ୍ୟ ତଥା ଦେଶରେ ଔଷଧୀୟ ବୃକ୍ଷଗୁଡିକ ଲୋପ ପାଇବାରେ ଲାଗିଛି। ଜନସାଧାରଣ ସେଗୁଡିକର ସହଜ ଚିହ୍ନଟ ଏବଂ ସାଧାରଣ ଉପଯୋଗ ବିଷୟରେ ଭୁଲିଯିବା ସହିତ ଔଷଧ ନିର୍ମାତାମାନେ ଏହାର ନିମ୍ନମାନର ବିକଳ୍ପ ଦ୍ରବ୍ୟ ଉପଯୋଗ କରୁଛନ୍ତି। ଫଳରେ ଔଷଧରୁ ନିର୍ଦ୍ଦିଷ୍ଟ ଫଳ ମିଳିପାରୁ ନାହିଁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶୁକ୍ରବାର ଓଡ଼ିଶା ମେଡିକାଲ ସେଣ୍ଟର (ଓଏମ୍‌ସି) ପକ୍ଷରୁ ମନ୍ତ୍ରୀଙ୍କ ସରକାରୀ ବାସଭବନ ପରିସରରେ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବିଭିନ୍ନ ଚାରା ରୋପଣ କରିବା ସହିତ ଜୀବଜଗତ ପାଇଁ ଔଷଧୀୟ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ତ୍ରୀ କହିଲେ, ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି। ଖ୍ରୀଷ୍ଟପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ୍‌ବେଦରେ ୬୭ଟି, ଯଜୁର୍ବେଦରେ ୮୨ ଏବଂ ଅଥର୍ବ ବେଦରେ ୨୮୯ଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ରହିଛି। ଏବେ ଜନସଂଖ୍ୟାରେ ଅହେତୁକ ବୃଦ୍ଧି, ସହରୀକରଣ ତଥା ବ୍ୟାପକ ଶିଳ୍ପାୟନ ଯୋଗୁ ପର୍ଯ୍ୟାବରଣ ଅସନ୍ତୁଳନ, ଜଳବାୟୁ ପରିବର୍ତ୍ତନ ପାଇଁ ଆମକୁ ନୂଆନୂଆ ରୋଗର ପ୍ରାଦୁର୍ଭାବ ପରି ଅନେକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି। ତେଣୁ ଜଙ୍ଗଲ ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ପର୍ଯ୍ୟାୟକ୍ରମେ ଅନ୍ୟ ସରକାରୀ ଅଧିକାରୀଙ୍କ ବାସଭବନ ପ୍ରାଙ୍ଗଣ, ପାର୍କ, ସ୍ୱତନ୍ତ୍ର ବଗିଚା, ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ରାସ୍ତାକଡରେ ଏହି ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଥିବା ମନ୍ତ୍ରୀ ମତ ଦେଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ କୁମାରବସ୍ତ ରାଇଜିଂ ଷ୍ଟାର

ବାଙ୍କୀ, ୨୯।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )




ମ୍ୟାନ ଅଫ୍ ଦି ମ୍ୟାଚ୍ ବିକାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ଲକ୍ଷ୍ମୀଧର ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୩ୟ ସେମିଫାଇନାଲ ମ୍ୟାଚ ରାଇଜିଂ ଷ୍ଟାର କୁମାରବସ୍ତ ଏବଂ ମଞ୍ଜେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପ୍ରଥମେ ବୋଲିଂ କରିଥିବା ବେଳେ ମଞ୍ଜେଶ୍ୱର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୫୨ରନରେ କରିଥିଲା। ମଞ୍ଜେଶ୍ୱର ଦଳ ପକ୍ଷରୁ ସୋମନାଥ ବଳ ୧୪ବଲରେ ୫୪ରନ୍ କରିଥିବା ବେଳେ କୁମାରବସ୍ତ ପକ୍ଷରୁ ବିକାଶ ରାଉତ ୩ ଉଇକେଟ୍ ହାତେଇଥିଲେ। ଜବାବରେ କୁମାରବସ୍ତ ଦଳ ୮.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଆଇଏସ୍ ଗିରି ମାତ୍ର ୧୭ବଲରେ ୭୮ ଏବଂ ବିକାଶ ରାଉତ ୨୦ବଲରେ ୫୦ରନ୍ ସଂଗ୍ରହ କରିଥିଲେ। ବିକାଶ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖବରଦାତା ଅନନ୍ତ କୁମାର ରଣା, କ୍ରୀଡାବିତ୍ କେଶବ ମଙ୍ଗୁଆଳ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍‌ରେ ବିକାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରବିବାର ରାଇଜିଂ ଷ୍ଟାର୍ କୁମାରବସ୍ତ ଓ ପିୱାଇସି ଅତ୍ରି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସମ୍ପାଦକ ସତ୍ୟରଞ୍ଜନ ସାହୁ ସୂଚନା ଦେଇଥିଲେ। ଖେଳକୁ କେଶବ ମଙ୍ଗୁଆଳ ଓ ଆଦର୍ଶ ମହାପାତ୍ର ପରିଚାଳନା କରିଥିଲେ।

# ଶରୀରର ବିକାଶ ପାଇଁ କ୍ରୀଡ଼ାର ମହତ୍ତ୍ୱ ରହିଛି

## ସାଲେପୁର ଫ୍ରିଡମ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ସାଲେପୁର,୨୯।୧୧(ଅରବିନ୍ଦ ଭୂୟାଁ)




କ୍ରୀଡ଼ା ଉତ୍ସବରେ ମଶାଲ ଶୋଭାଯାତ୍ରାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସାଲେପୁରର ଭାତପଡ଼ାଠାରେ ଥିବା ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଇଂ. ଜାହାଙ୍ଗୀର ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ନ୍ତଜାତୀୟ ସ୍କୁବା ଡାଇଭର ସବୀର ବକ୍ସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶରୀରର ବିକାଶ ପାଇଁ କ୍ରୀଡ଼ାର ମହତ୍ତ୍ୱ ରହିଛି ବୋଲି ପ୍ରକାଶ କରିବା ସହ ପ୍ରତ୍ୟେକ ବ୍ୟକ୍ତି ବିଶେଷ କରି ଛାତ୍ରୀଛାତ୍ର କିଛି ନା କିଛି କ୍ରୀଡ଼ାରେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଡ. ସେକ୍ ରିୟାଜୁଲ୍ ରହେମାନ, କ୍ୟାମ୍ପସ୍-୧ର ଅଧ୍ୟକ୍ଷ ଗଙ୍ଗାଧର ଦେହୁରୀ, କ୍ୟାମ୍ପସ୍-୨ର ଅଧ୍ୟକ୍ଷ ପ୍ରଭାସିନୀ ଷଡ଼ଙ୍ଗୀ ଓ କ୍ୟାମ୍ପସ୍-୩ର ଅଧ୍ୟକ୍ଷ ସୁବାସ ଚରଣ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ତଥା ସଙ୍ଗୀତ ଶିକ୍ଷୟିତ୍ରୀ ଆରତୀ ଦାସଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋନାଲି ପଟେଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରତିଷ୍ଠାତା ମୁଖ୍ୟ ଅତିଥି ସବୀର ବକ୍ସଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଭିଭାବକ, କର୍ମକର୍ତ୍ତା ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୨ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଭୁବନେଶ୍ୱରରେ ମୋଦି, ଶାହା...


ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ବିଧାୟକ, ମନ୍ତ୍ରୀ, ଏମ୍‌ପି ଏବଂ ପଦାଧିକାରୀଙ୍କ ସହ ବାର୍ତ୍ତାଳାପ କରୁଛନ୍ତି।


ଭୁବନେଶ୍ୱର ବିମାନବନ୍ଦର ପରିସରରେ ଅନୁଷ୍ଠିତ ଜନସଭାରେ ସମର୍ଥକମାନେ।


ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ। (ଫଟୋ-ମନୋରଞ୍ଜନ ମିଶ୍ର)


ଭାଜପା ରାଜ୍ୟ କାର୍ଯ୍ୟାଳୟ ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ଅପେକ୍ଷାରତ ଜନତା।(ଫଟୋ- ବିକାଶ ନାୟକ)

# ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଲେ ମୋଦି

**■ବିଧାୟକ, ମନ୍ତ୍ରୀ, ଏମ୍‌ପି, ପଦାଧିକାରୀଙ୍କ ସହ ବାର୍ତ୍ତାଳାପ କଲେ, ଫଟୋ ଉଠାଇଲେ ଏବଂ ରାତ୍ରିଭୋଜନ କଲେ**

**■ ୨ ଘଣ୍ଟାର କାର୍ଯ୍ୟସୂଚୀ ଥିଲା, ସାଢେ ୩ ଘଣ୍ଟା ରହିଲେ**

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)

୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନଶନ୍ ସେଣ୍ଟରଠାରେ ଅନୁଷ୍ଠିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ଏହା ପୂର୍ବରୁ ଶୁକ୍ରବାର ଅପରାହ୍ନରେ ମୋଦି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନଦେବା ପରେ ରାଜଭବନରେ କିଛି ସମୟ ବିତାଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ନିର୍ବାଚନ ପରେ ପ୍ରଥମ ଥର ଦଳୀୟ କାର୍ଯ୍ୟାଳୟ ଯାଇ ଦଳର ବିଧାୟକ, ମନ୍ତ୍ରୀ, ଏମ୍‌ପି ଏବଂ ପଦାଧିକାରୀଙ୍କ ସହ ଦୀର୍ଘ ସମୟ ଧରି ବୈଠକ କରିଛନ୍ତି। ମୋଦି ତାଙ୍କ ଗସ୍ତସୂଚୀ ଅନୁଯାୟୀ ରାଜଭବନରୁ ବାହାରି ୩ ମିନିଟ୍ ବିଳମ୍ବ ଅର୍ଥାତ୍ ୬ଟା ୩୦ ପରିବର୍ତ୍ତେ ୬ଟା ୩୩ ମିନିଟ୍‌ରେ ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟନେତାମାନେ ସ୍ୱାଗତ କରିଥିଲେ। ପୂର୍ବ ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ୨ ଘଣ୍ଟା ଦଳୀୟ ନେତା, ମନ୍ତ୍ରୀ ଓ ପଦାଧିକାରୀଙ୍କ ସହ ବୈଠକ କରିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ମୋଦି ୨ ଘଣ୍ଟା ବଦଳରେ ଦଳୀୟ କାର୍ଯ୍ୟାଳୟରେ ପ୍ରାୟ ସାଢ଼େ ୩ ଘଣ୍ଟା ରହିଥିଲେ। ମୋଦି ନିର୍ଦ୍ଦିଷ୍ଟ ଭାବେ କାହା ସହ କେତେ ସମୟ ଆଲୋଚନା କରିଥିଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ବୈଠକ ଶେଷ ହେବା ପରେ ଗଣମାଧ୍ୟମ ଆଗରେ ମଧ୍ୟ କେହି ହେଲେ କ'ଣ ବୈଠକ ହେଲା କେଉଁ ବିଷୟରେ ଆଲୋଚନା ହେଲା ସେନେଇ କିଛି ସ୍ପଷ୍ଟ ମତ ରଖିନାହାନ୍ତି। ଅନେକ ନେତା ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ଏଡ଼ାଇଯାଇଥିଲେ। ଅନ୍ୟପକ୍ଷରେ ବୈଠକରେ ଯୋଗଦେବା ଲାଗି ଦଳୀୟ କାର୍ଯ୍ୟାଳୟଠାରେ ବିଧାୟକ, ଏମ୍‌ପି, ମନ୍ତ୍ରୀ ପ୍ରମୁଖ ପହଞ୍ଚିଥିଲେ। ହେଲେ ପୋଲିସ ସମସ୍ତଙ୍କ କାର୍ଡକୁ ତନ୍ନତନ୍ନ କରି ଦେଖିବା ପରେ ଭିତରକୁ ଛାଡ଼ିଥିଲେ।

ମୋଦି ୨ ଘଣ୍ଟା ପରିବର୍ତ୍ତେ ସାଢେ ୩ ଘଣ୍ଟା ରହିବାର କାରଣ କ'ଣ ସେନେଇ କିଛି ଜଣାପଡ଼ି ନାହିଁ। ପ୍ରଧାନମନ୍ତ୍ରୀ ଭିତରେ ଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନମୋହନ ସାମଲ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦଳୀୟ କାର୍ଯ୍ୟାଳୟ ଗେଟ୍ ପାଖରେ ଠିଆହୋଇ ଅନେକ ସମୟ ଧରି କଥାବାର୍ତ୍ତା ହେଉଥିଲେ। ଏହାପରେ ୩ ଜଣ ନେତା ରାସ୍ତା ଆଡ଼କୁ ଆସି ପୁଣି ଥରେ କିଛି ସମୟ ଭିତରେ ଭିତରକୁ ଚାଲିଯାଇଥିଲେ। ପ୍ରଧାନମନ୍ତ୍ରୀ ବୈଠକ ଶେଷହେବା ପରେ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କ ସହ କଥାବାର୍ତ୍ତା ହେଲା। ଦଳକୁ ରାଜ୍ୟରେ କିପରି ସଙ୍ଗଠିତ କରିହେବ ଏବଂ ଲୋକମାନଙ୍କ ଜୀବନଶୈଳୀକୁ ଭଲ କରିବା ଲାଗି କ'ଣ କରିବା ଦରକାର ସେନେଇ ଆଲୋଚନା ହେଲା। ଏହାସହ ସେ ୪ଟି ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ହେଲେ ମୋଦି ଏହି ଅବସରରେ କ'ଣ କଥା ହୋଇଛନ୍ତି ତାହା ଜଣାପଡ଼ି ନାହିଁ।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମନମୋହନ କହିଛନ୍ତି, ନୂଆ ସରକାର ଆସିବା ପରେ ସମସ୍ତ ବିଧାୟକ, ଏମ୍‌ପି, ପଦାଧିକାରୀଙ୍କ ସହ ଆଲୋଚନାକଲେ। ସମସ୍ତଙ୍କ ସହ ସୁଖଦୁଃଖ ବିଷୟରେ ଆଲୋଚନାକଲେ। ସାଙ୍ଗଠନିକ ବିଷୟରେ କିଛି ଆଲୋଚନା ହୋଇ ନାହିଁ ବୋଲି ସେ କହିଛନ୍ତି। ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ଅତ୍ୟନ୍ତ ସାଧାରଣ ଭାବେ କଥାବାର୍ତ୍ତା ହୋଇଥିଲେ। ଏଭଳି ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ସହ ପଦେ କଥା ହେଲେ ଆତ୍ମସନ୍ତୋଷ ମିଳେ। ଅନେକ କଥା ତାଙ୍କ ଠାରୁ ଜାଣିବାକୁ ଓ ଶିଖିବାକୁ ମିଳେ। ଲୋକଙ୍କ ବିଶ୍ୱାସଭାଜନ ହେଲେ ଲମ୍ବା ସମୟ ଧରି ସରକାରରେ ରହିହେବ। ସେଥିଲାଗି କ'ଣ କରିବା ଦରକାର ତାହା ଉପରେ ଚର୍ଚ୍ଚା ହେଲା। ବହୁ ରିଲାକ୍ସ ମୁଡ୍‌ରେ କଥାବାର୍ତ୍ତା ହେଲେ। ସାର୍ବଜନୀନ ଜୀବନରେ ଆଚରଣ ଉଚ୍ଚାରଣ କିଭଳି ହେବା ଦରକାର ସେନେଇ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଲେ ବୋଲି ସେ କହିଛନ୍ତି। ବିଧାୟକ ଲକ୍ଷ୍ମଣ ବାଗ୍ କହିଛନ୍ତି, ଲୋକଙ୍କ ପାଇଁ କିଭଳି କାମ କରିବାକୁ ହୁଏ ସେ ବିଷୟରେ ମୋଦି କହିଲେ। ଜଣେ ଦଳୀୟ କର୍ମକର୍ତ୍ତା ଭଳି ଆମମାନଙ୍କ ସହ ମିଶିଲେ। ଯେଭଳି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କଥା ହୁଅନ୍ତି ସେପରି ଆଜି କଥା ହେଲେ ବୋଲି ସେ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସହ ମିଶି ରାତ୍ରିଭୋଜନ କରିଛନ୍ତି। ଓଡ଼ିଆ ଖାଦ୍ୟର ଆୟୋଜନ କରାଯାଇଥିଲା। ରାତି ପ୍ରାୟ ୧୦ଟା ବେଳକୁ ପ୍ରଧାନମନ୍ତ୍ରୀ ରାଜଭବନ ଅଭିମୁଖେ ବାହାରିଯାଇଛନ୍ତି।

# ଦଳକୁ ଦୃଢ଼ କରିବାକୁ କଠୋର ନିଷ୍ପତ୍ତି ଆବଶ୍ୟକ: ଖାର୍ଗେ

## ଇଭିଏମ୍ ଯୋଗୁ ନିର୍ବାଚନ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି ହୋଇଛି


ସିଡବ୍ଲ୍ୟୁସି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ହରିୟାଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସର ଶୀର୍ଷ ନେତାମାନେ ଶୁକ୍ରବାର ବିଚାରବିମର୍ଶ କରିଛନ୍ତି। ଦଳକୁ ସୁଦୃଢ଼ କରିବାକୁ ହେଲେ କଠୋର ନିଷ୍ପତ୍ତି ନେବାକୁ ହେବ ଏବଂ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ପଡ଼ିବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ନିର୍ବାଚନ ଫଳାଫଳରୁ ଆମକୁ ଶିକ୍ଷା ଗ୍ରହଣ କରିବାକୁ ହେବ ବୋଲି ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଖାର୍ଗେ ମତ ଦେଇଛନ୍ତି। ଇଭିଏମ୍ ଯୋଗୁ ନିର୍ବାଚନ ପ୍ରକ୍ରିୟା ଉପରେ ସନ୍ଦେହ ସୃଷ୍ଟି ହୋଇଥିବା ସେ ବିଶ୍ୱାସ କରନ୍ତି। ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ସାମ୍ବିଧାନିକ ଦାୟିତ୍ୱ। ଦଳରେ ଆଭ୍ୟନ୍ତରୀଣ କନ୍ଦଳକୁ ଖାର୍ଗେ ସମାଲୋଚନା କରିଛନ୍ତି।

ଦଳ ଭିତରେ ଏକତାର ଅଭାବ ଏବଂ ନିଜ ନେତାଙ୍କ ବିରୋଧରେ ମନ୍ତବ୍ୟ କଂଗ୍ରେସକୁ କ୍ଷତି ପହଞ୍ଚାଇଥିବା ଖାର୍ଗେ କହିଛନ୍ତି। ଦଳୀୟ ନେତାମାନଙ୍କୁ ଏକାଠି ରହିବା ସହ ପରସ୍ପର ବିରୋଧରେ ସର୍ବସାଧାରଣରେ କିଛି ନ କହିବା ପାଇଁ ସେ ନିବେଦନ କରିଛନ୍ତି। ଆମେ ଯଦି ନିର୍ବାଚନରେ ଏକାଠି ନ ରହିବା ଏବଂ ପରସ୍ପର ବିରୋଧରେ ମନ୍ତବ୍ୟ ଦେବା, ତେବେ ବିରୋଧୀଙ୍କୁ କିପରି ପରାଜିତ କରିବାରେ ସମର୍ଥ ହେବା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଜାତୀୟ ପ୍ରସଙ୍ଗକୁ ନେଇ ରାଜ୍ୟ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ଖାର୍ଗେ କହିଛନ୍ତି। ଦଳୀୟ ଶୃଙ୍ଖଳାକୁ କଡ଼ାକଡ଼ି ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। ଆମକୁ ସବୁ ପ୍ରକାର ସ୍ଥିତିରେ ଏକ ହୋଇ ରହିବାକୁ ପଡ଼ିବ। ଦଳର ବିଜୟ ଆମର ବିଜୟ ଏବଂ ଦଳର ପରାଜୟ ଆମର ପରାଜୟ ବୋଲି ପ୍ରତ୍ୟେକ ଚିନ୍ତା କରିବା ଆବଶ୍ୟକ ବୋଲି ଖାର୍ଗେ କହିଛନ୍ତି।

# ହାଇକୋର୍ଟରେ ୩ ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି

କଟକ,୨୯।୧୧ (କାର୍ତ୍ତିକ ସାହୁ)

ନିର୍ବାଚନ ଅନିୟମିତତା ନେଇ ହାଇକୋର୍ଟର ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ଅଦାଲତରେ ଶୁକ୍ରବାର ୩ଟି ମାମଲାର ଶୁଣାଣି ହୋଇଛି। ବାସୁଦେବପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ଅଶୋକ କୁମାର ଦାସଙ୍କ ବିରୋଧରେ ପରାଜିତ ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ଆବେଦନକ୍ରମେ ରୁଜୁ ନିର୍ବାଚନ ଅନିୟମିତତା ମାମଲାରେ ଅଶୋକ ଶୁକ୍ରବାର ଜବାବ ଦାଖଲ କରିବାର ଥିଲା। ହେଲେ ସେ ଜବାବ ଦାଖଲ କରି ନ ଥିଲେ। ହାଇକୋର୍ଟ ତାଙ୍କୁ ଜବାବ ଦାଖଲର ଶେଷ ସୁଯୋଗ ଆଉ ଏକ ସପ୍ତାହ ପ୍ରଦାନ କରିଛନ୍ତି। ଆସନ୍ତା ଡିସେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିପରି ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଉପରୋକ୍ତ ସମାନ ଅଭିଯୋଗ ଆଣି ଭାଜପା ପ୍ରାର୍ଥୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ବିରୋଧରେ ପିଟିଶନ ଦାଏର କରିଛନ୍ତି। ଏହି ମାମଲାର ଶୁଣାଣି ହୋଇଛି। ଆସନ୍ତା ଡିସେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଅପରପକ୍ଷରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ବିଜୟୀ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବିରୋଧରେ ଆଣିଥିବା ପିଟିଶନକୁ ଖାରଜ କରିବା ନେଇ ପ୍ରମିଳା ପିଟିଶନ ଦାଏର କରିଛନ୍ତି। ବବିତା ପିଟିଶନରେ ଦର୍ଶାଇଛନ୍ତି, ପ୍ରମିଳା ନିର୍ବାଚନ ସମୟରେ ବହୁ ଅନିୟମିତତା କରିଛନ୍ତି। ଏପରି କି ବୁଥ୍ ଜବରଦଖଲ, ରୟାଗିଂ, ଜଣକ ଭୋଟ ଆଉ ଜଣେ ଦେବା ଆଦି ଅଭିଯୋଗ କରିଛନ୍ତି। ହେଲେ ବବିତା ତାଙ୍କ ପିଟିଶନ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିନାହାନ୍ତି। ୩ ଦିନ ବିଳମ୍ବରେ ପିଟିଶନ ଦାଏର ହୋଇଛି। ଅନିୟମିତତା ଅଭିଯୋଗ ଅନୁସାରେ ଫର୍ମ ୨୫ ସତ୍ୟପାଠ ଦାଖଲ କରିନାହାନ୍ତି। ସିକ୍ୟୁରିଟି ଜମା ୨ ହଜାର ଟଙ୍କା ମଧ୍ୟ ଦାଖଲ କରିନାହାନ୍ତି। ଏସବୁ ନିୟମାନୁସାରେ ପିଟିଶନ ଦାଖଲ କରାଯାଇନାହିଁ। ଲୋକପ୍ରତିନିଧି ଆଇନର ଧାରା ୮୬ ଓ ଉପଧାରା ୧ ଅନୁସାରେ ଖାରଜ କରାଯିବାକୁ ପ୍ରମିଳା ପ୍ରାର୍ଥନା କରିଛନ୍ତି। ପ୍ରମିଳାଙ୍କ ପିଟିଶନର ଶୁଣାଣି କରି ବବିତା ମଲ୍ଲିକଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ଶୁକ୍ରବାର ଆଦେଶ ଦେଇଛନ୍ତି। ଆସନ୍ତା ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତିନୋଟିଯାକ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି।

# ସରକାର ଆମକୁ ବିଶ୍ୱାସକୁ ନେଲେନାହିଁ: ସାରଦା

ଭୁବନେଶ୍ୱର, ୨୯।୧୧(ଅନିଲ ଦାସ)

ଗତ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିବା ଅନେକ ବିଧାୟକଙ୍କୁ ସରକାର ଭୁବନେଶ୍ୱରରେ ଏଯାଏ କ୍ୱାର୍ଟର୍ସ ଦେଲେ ନାହିଁ। ଏପରି କି ସରକାର ଆମକୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ଜଗତ୍‌ସିଂହପୁର ଜିଲା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, 'କ୍ୱାର୍ଟର୍ସ ପାଇ ନ ଥିବାରୁ ଆମ ଭଳି କେତେଜଣ ବିଧାୟକ ରାଜ୍ୟ ଅତିଥି ଭବନରେ ରୁମ୍ ପାଇ ବିଶ୍ରାମ ନେବା ସହ ଆମ ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଭେଟିପାରୁଥିଲୁ। ହେଲେ ନଭେମ୍ବର ୨୯ରୁ ଆରମ୍ଭ ହୋଇଥିବା ଡିଜିପି ସମ୍ମିଳନୀ ପାଇଁ ଆମମାନଙ୍କୁ ସହରଠାରୁ ଦୂର ସାଣ୍ଡି ଟାୱାର ହୋଟେଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଆମ ଅଞ୍ଚଳର ଲୋକଙ୍କୁ ଆମେ ଭେଟିପାରୁନାହୁଁ। ସେଥିପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛୁ। ଡିଜିପି ସମ୍ମିଳନୀର ସୁରକ୍ଷା ଦୃଷ୍ଟିରୁ ଆମକୁ ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି। ହେଲେ ଆମକୁ ସମ୍ମିଳନୀ ପାଇଁ ସରକାର ବିଶ୍ୱାସକୁ ନେଲେ ନାହିଁ।' ବିଧାୟକମାନେ ସରକାରର ଏକ ଅଂଶ ବୋଲି ସାରଦା କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଡିଜିପି ସମ୍ମିଳନୀ ପାଇଁ ସରକାର ଆମକୁ ରାଜ୍ୟ ଅତିଥି ଭବନରୁ ତାରକା ହୋଟେଲକୁ ପଠାଇ ଦେଇଛନ୍ତି। ଏହା ଆଦୌ ଭଲ କଥା ନୁହେଁ। ଯଦି ଆମ ପାଇଁ ଭୁବନେଶ୍ୱର ୟୁନିଟ୍-୪ ଅଞ୍ଚଳରେ ରହିବା ଲାଗି ବ୍ୟବସ୍ଥା କରିଥାନ୍ତେ, ତାହାହେଲେ ଆମେ ଲୋକଙ୍କୁ ଭେଟିପାରିଥାନ୍ତୁ। ଏବେ ଲୋକଙ୍କୁ ଭେଟିବାରେ ବହୁ ସମସ୍ୟା ହେଉଛି ବୋଲି କାଡ଼ାମ କହିଛନ୍ତି।

ଅନ୍ୟପକ୍ଷରେ ସାରଦାଙ୍କ ଅଭିଯୋଗ ଉପରେ ସୋସିଆଲ ମିଡିଆରେ ନାନା ଆଲୋଚନା ହେଉଛି। ଜଣେ ବ୍ୟକ୍ତି ଏହା ଉପରେ ମତଦେଇ କହିଛନ୍ତି, 'ତମର ସରକାର ଏମ୍‌ଏଲ୍‌ଏ କଲୋନି ଭାଙ୍ଗିବା ବେଳେ ଏମିତି ପ୍ରଶ୍ନ ଆସୁ ନ ଥିଲା ତ। ଏମ୍‌ଏଲ୍‌ଏ କନୋନିର ଶହ ଶହ ଗଛ କାଟି ସଫା କଲେ। ସେତେବେଳେ ଭୁବନେଶ୍ୱରବାସୀ ୪୫ ଡିଗ୍ରୀରେ ସିଝୁଥିଲେ ଏବଂ ନେହୁରା ହେଉଥିଲେ ଗଛ କାଟନ୍ତୁ ନାହିଁ ବୋଲି, ହେଲେ ତମ ସରକାର ପାୱାର ଉପରେ ଥିଲା। ତେଣୁ ହେୟଜ୍ଞାନ କଲେ, ନାମ ନେଲେ। ଭାଗ୍ୟ ଭଲ ସାଣ୍ଡି ଟାୱାର ମିଳିଛି।'


ସାରଦା ପ୍ରସନ୍ନ ଜେନା

**ବ୍ରାଉନ ସୁଗାର ଜବତ: ଜଣେ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ବ୍ରାଉନ ସୁଗାର କାରବାର ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିଜୟ୍ କୁମାର ମିଶ୍ର(୩୩)। ତାଙ୍କଠାରୁ ୧୦ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ବିଜୟ୍ ଭୂଦାନ ଜଙ୍ଗଲ ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଯୁବକଙ୍କୁ ହତ୍ୟା କଲେ ୪ ମୁଖାଧାରୀ

ପାପଡ଼ାହାଣ୍ଡି, ୨୯।୧୧
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ସେମଲା ପଞ୍ଚାୟତ ଉସିଗାଁ ରାସ୍ତାରେ ଗୁରୁବାର ରାତିରେ ୪ଜଣ ମୁଖାଧାରୀ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଘାସିରାମ ମାଝୀ। ଘାସିରାମଙ୍କ ସମ୍ପର୍କୀୟ ଭାଇ କାର୍ତ୍ତିକ ମାଝୀ ମୈଦଲପୁର ଥାନାରେ ହତ୍ୟା ଅଭିଯୋଗ କରିବା ପରେ ୧୫୨/୨୪ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାବେଳେ ଘାସିରାମଙ୍କ ସାଙ୍ଗରେ ଥିବା ଜଗଦୀଶଙ୍କୁ ଅଟକାଇ ପଚରାଉଚରା କରୁଛି। ଆକ୍ରମଣର କାରଣ ଜଣାପଡ଼ୁ ନ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି କାଣ୍ଡ ଘଟିଥିବା ଅନୁମାନ କରି ପୋଲିସ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟା ୬ଟାରେ ଘାସିରାମ ଓ ଜଗଦୀଶ ମୈଦଲପୁରରୁ ବାଇକ୍‌ରେ ଫେରୁଥିଲେ। ୪ ଜଣ ମୁଖାଧାରୀ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ପାଇକକତର-ଉସିଗାଁ ମଝି ରାସ୍ତାରେ ଘାସିରାମଙ୍କ ଗାଡ଼ିକୁ ଅଟକାଇ ତାଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଘାସିରାମଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଛପଟେ ବସିଥିବା ଜଗଦୀଶ ସେଠାରୁ ଦୌଡ଼ିପଳାଇ ଗାଁ ଲୋକଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବରପାଇ ମୈଦଲପୁର ପୋଲିସ, ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା, ନବରଙ୍ଗପୁର ଏଏସ୍‌ପି ଆଦିତ୍ୟ ସେନ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ନବରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କନାଗୁନ ଜଙ୍ଗଲରୁ ୨୩୦ ଜିଲେଟିନ୍ ଷ୍ଟିକ୍ ଜବତ

## ବୌଦ୍ଧରେ ମାଓବାଦୀ ସକ୍ରିୟ

ବୌଦ୍ଧ,୨୯।୧୧
(ଅଜିତ କୁମାର ବାରିକ)


ଜବତ ଜିଲେଟିନ ଷ୍ଟିକ୍।

ବୌଦ୍ଧ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଜିଲାର କନାଗୁନ ଜଙ୍ଗଲରୁ ୨୩୦ଟି ଜିଲେଟିନ୍ ଷ୍ଟିକ୍ ସମେତ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରୁ ଜିଲାରେ ମାଓବାଦୀ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନାଗରାଜ ଦେୱରକୋଣ୍ଡା ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବୌଦ୍ଧ ଓ କନ୍ଧମାଳ ଜିଲାର ସୀମାନ୍ତ ଜଙ୍ଗଲରେ କିଛି ଦିନ ହେଲା ମାଓବାଦୀଙ୍କ ଗତିବିଧି ବୃଦ୍ଧି ନେଇ ସୂଚନା ମିଳିବା ପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଗୁରୁବାର ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଗୁନ୍ଦୁଲିଆ ପଞ୍ଚାୟତର କନାଗୁନ ଗ୍ରାମ ନିକଟ ଜଙ୍ଗଲରେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ମହଜୁଦ ଥିବା ନେଇଓ ସୂଚନା ମିଳିଥିଲା। ପରେ ଡିଭିଏଫ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳକୁ ସେଠାକୁ ସର୍ଚ୍ଚ ଅପରେଶନ ପାଇଁ ପଠାଯାଇଥିଲା। ଶୁକ୍ରବାର ସକାଳେ ନିରାପତ୍ତା ବାହିନୀ ସେଠାରେ ପହଞ୍ଚି ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ୨୩୦ଟି ଜିଲେଟିନ୍ ଷ୍ଟିକ୍, ସେଫ୍‌ଟି ଫ୍ୟୁଜ୍, ପ୍ରେସର ମେକାନିଜମ୍, ଭୋଲ୍ଟ ବ୍ୟାଟେରି, ମାଓବାଦୀ ପୋଷାକ ଆଦି ରହିଛି। ଏନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଦେୱରକୋଣ୍ଡା ପ୍ରକାଶ କରିଛନ୍ତି। ତେବେ ଏତେ ସଂଖ୍ୟକ ଜିଲେଟିନ ଷ୍ଟିକ୍ ଜବତ୍‌ହେବା ନେଇ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି।

# ୪ ମାଓବାଦୀ ଗିରଫ


ଯବାନଙ୍କ ସହ ଗିରଫ ୪ ମାଓବାଦୀ।

ମାଲକାନଗିରି, ୨୯।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ମାଓବାଦୀ ଦମନ ଅଭିଯାନ ସମୟରେ ୪ସକ୍ରିୟ ମାଓବାଦୀଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସକୁ ହପକା, ମନୁ ହପକା, ଲଛୁ ମାଡ଼ବି, କୋସଲା ମାଡ଼ବି। ସେମାନଙ୍କ ନିକଟରୁ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲାର ଭୈରମଗଡ଼ ଥାନା ଅଧୀନ ପୋଦ୍ଦୁମ ଅଞ୍ଚଳରେ ମାଓବାଦୀ ଲୁଚି ରହିଥିବା ଖବର ମିଳିବା ପରେ ସୁରକ୍ଷା କର୍ମୀ ଦ୍ୱାରା ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଏହି ସମୟରେ ୪ ସନ୍ଦିଗ୍ଧ ବ୍ୟକ୍ତି ସୁରକ୍ଷା କର୍ମୀଙ୍କୁ ଦେଖି ଜଙ୍ଗଲ ଭିତରକୁ ଦୌଡ଼ି ପଳାଉଥିବା ବେଳେ ଯବାନମାନେ ସେମାନଙ୍କୁ କାବୁ କରିଥିଲେ। ପରେ ସେମାନଙ୍କ ପାଖରେ ଥିବା ଏକ ବସ୍ତାରୁ ବିସ୍ଫୋରକ ସାମଗ୍ରୀ ଜବତ କରାଯିବା ସହ ବିଜାପୁର ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଟିଫିନ ବୋମା, କର୍ଡେକ୍ସ ତାର, ସୁଇଚ୍, ମାଟି ଖୋଳିବା ସାମଗ୍ରୀ ଆଦି ଜବତ ହୋଇଥିବା ପୋଲିସଠାରୁ ସୂଚନା ମିଳିଛି।

# ମହିଳା ମାଓବାଦୀ ଆଣ୍ଟି ଗିରଫ

## ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା

ମାଲକାନଗିରି,୨୯।୧୧
(ଦୁର୍ଯ୍ୟୋଧନ ପାତ୍ର)


ଗିରଫ ମାଓବାଦୀ

ମାଲକାନଗିରି ଜିଲା ପୋଲିସ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରିଛି। ସେ ହେଲେ ଆଣ୍ଟି ମାଡ଼ବି ଓରଫ ଲାକେ। ଆଣ୍ଟି ଛତିଶଗଡ଼ର ବିଜାପୁର ଜିଲା ପୁଲହାର ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୧୭ରେ ପଶ୍ଚିମ ବସ୍ତର ମାଓବାଦୀ ସଂଘରେ ସୁକରାମଙ୍କ ଦଳରେ ସେ ସାମିଲ ହୋଇଥିଲେ। ଆନ୍ଧ୍ର, ଓଡ଼ିଶା ଓ ଛତିଶଗଡ଼ରେ ଘଟିଥିବା ବିଭିନ୍ନ ହିଂସାକାଣ୍ଡରେ ଆଣ୍ଟି ଜଡ଼ିତ ଥିଲେ। ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ନୀତିଶେଖର ଏ ନେଇ ସୂଚନା ଦେଇଛନ୍ତି। ଆଣ୍ଟିଙ୍କ ନାମରେ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିବା ପୋଲିସ ସୂଚନା ଦେଇଛି।

ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅଞ୍ଚଳରେ ଜଣେ ମହିଳା ମାଓବାଦୀ ବୁଲୁଥିବା ବିଶେଷ ସୂତ୍ରରୁ ଖବରପାଇ ଗୁରୁବାର ଜିଲା ପୋଲିସ ତରଫରୁ କୁର୍ତି ଗ୍ରାମ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ସେହି ସମୟରେ ଜଣେ ମହିଳା ଏଣେତେଣେ ବୁଲୁଥିବା ଦେଖି ତାଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ସେ ମାଓବାଦୀ ବୋଲି ଜଣାପଡ଼ିଥିଲା। ଆଣ୍ଟି ମାଓବାଦୀ ସଂଗଠନର ନେତା ଉଦୟଙ୍କ ଅଙ୍ଗରକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ୨୦୨୧ରେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ତୁଳସି ଗ୍ରାମ, କଟୁପଦର ଗ୍ରାମ ଏବଂ ଟେମୁରୁପାଲ୍ଲୀ ପଞ୍ଚାୟତର ଦଲତଦରି ଗ୍ରାମ ନିକଟ ଜଙ୍ଗଲରେ ପୋଲିସ ସହ ଗୁଳି ବିନିମୟରେ ସେ ସାମିଲ ଥିଲେ। କଟୁପଦର ଗ୍ରାମ ନିକଟ ଗୁଳି ବିନିମୟ ସମୟରେ ୩ଜଣ ମାଓବାଦୀ ମୃତ୍ୟୁବରଣ କରିଥିଲେ। ଏହାର ଯାଞ୍ଚ ସମୟରେ ମାଓବାଦୀ ନେତା ଉଦୟଙ୍କ ସମେତ ସୁରେଶ, ରମେଶ, ମହେଶ, ସୁଶଇଲାଙ୍କ ସହ ଆଣ୍ଟିଙ୍କ ନାମରେ ମାଥିଲି ଥାନାରେ ମାମଲା ମଧ୍ୟ ରୁଜୁ କରାଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ମାଲକାନଗିରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥଙ୍କ ସହ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼

ଛେଣ୍ଡିପଦା,୨୯।୧୧
(ଅଜିତ ଧଳ)



ଅନୁଗୋଳ ଜିଲା ବାଗଡ଼ିଆ ଥାନା ପାତ୍ରପଡ଼ା ଗାଁ ଚକୁଣ୍ଡାମୁଣ୍ଡା ସାହିରେ ପୂର୍ବଶତ୍ରୁତାକୁ ନେଇ ଗୁରୁବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ ସାହିର ମିଲୁ ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଛେଣ୍ଡିପଦା ଓ ପରେ ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ମିଲୁ ଗୁରୁବାର ସନ୍ଧ୍ୟାରେ ଶୌଚ ହେବାକୁ ଯାଉଥିବା ବେଳେ ସେଠାରେ ତାଙ୍କ ଭିଣୋଇଙ୍କ ବଡ଼ଭାଇ ପ୍ରଶାନ୍ତ ବେହେରା ଓ କ୍ଷୀରୋଦ ବେହେରାଙ୍କ ସହିତ ଦେଖାହୋଇଥିଲା। ସେମାନଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିବାରୁ ଏହାକୁ ନେଇ ବଚସା ହୋଇଥିଲା। ଏହାପରେ ମିଲୁ ଘରକୁ ଆସୁଥିବା ବେଳେ ପ୍ରଶାନ୍ତ ଓ କ୍ଷୀରୋଦ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଗୁଳିଟି ମିଲୁଙ୍କ ବାମ ଗୋଡ଼ରେ ବାଜିବାରୁ ସେ ଧାନ ବିଲରେ ପଡ଼ିଯାଇଥିଲେ। ରାତିସାରା ବିଲରେ ପଡ଼ିରହିଥିବା ମିଲୁଙ୍କୁ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇ ପ୍ରଥମେ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅନୁଗୋଳ ଓ ସେଠାରୁ କଟକ ରେଫର କରାଯାଇଥିଲା। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ନେଇ ଘଟଣାସ୍ଥଳରେ ତଦନ୍ତ କରିଛି। ଏଥିସହ ୨ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିପ୍ଳବ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଅଟକ ଅଭିଯୁକ୍ତ ଦ୍ୱୟ ଏହି ଘଟଣାରେ ସମ୍ପୃକ୍ତ ନ ଥିବା ପୋଲିସ ଆଗରେ ପ୍ରକାଶ କରିଥିବା ଜଣାପଡ଼ିଛି।

# ବାଘଛାଲ ଜବତ, ୨ ଅଟକ


ଜବତ ବାଘଛାଲ।

ବାଲିଗୁଡା/ଜି.ଉଦୟଗିରି, ୨୯।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ବନ ବିଭାଗ ପକ୍ଷରୁ ବାଘଛାଲ ଓ ଦେଶୀ ବନ୍ଧୁକ ଜବତ କରାଯାଇଛି। କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ବନ କର୍ମଚାରୀମାନେ ଖବରପାଇ ଦୁଇଟି ସ୍ଥାନରେ ଚଢ଼ାଉ କରି ଜଣଙ୍କ ଘରୁ ବାଘଛାଲ ଓ ଅନ୍ୟ ଜଣଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲେ। ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ହେଲେ ଏ ନେଇ ବନ ବିଭାଗ ଅଧିକାରୀ ମୁହଁ ଖୋଲୁନାହାନ୍ତି। ଜି. ଉଦୟଗିରି ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଯାଇ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ଏ ସମ୍ପର୍କରେ ଜି.ଉଦୟଗିରି ବନ ବିଭାଗ ଏସିଏଫ୍ କାଜଲ ନାୟକଙ୍କୁ ଫୋନ ଯୋଗେ ପଚାରିବାରୁ, ତଦନ୍ତ ଚାଲିଛି, ଡିଏଫ୍ଓ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି କହିଥିଲେ। ଫୁଲବାଣୀ ଡିଏଫ୍ଓ ପ୍ରଶାନ୍ତ ପଟେଲଙ୍କୁ ପଚାରିବାରୁ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଏବେ କୌଣସି ତଥ୍ୟ ଦିଆଯିବନି ବୋଲି କହିଛନ୍ତି। ତଦନ୍ତ ସରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଘରେ ପଶି ଲୁଟ ମାମଲା

# ୨୮ ବର୍ଷ ପରେ ରାୟ, ୪୧ ଅଭିଯୁକ୍ତ ନିର୍ଦ୍ଦୋଷ

ବଲଙ୍ଗା,୨୯।୧୧
(କେଦାରେଶ୍ୱର ନନ୍ଦ)

୨୮ ବର୍ଷ ପୂର୍ବେ ବଲଙ୍ଗା ଥାନା ବେରବୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କେତେଜଣ ପଶି ଲୁଟ କରିଥିବା ମାମଲାରେ ଶୁକ୍ରବାର ନିମାପଡ଼ା ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ପକ୍ଷରୁ ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ଧ୍ୟାରାଣୀ ବିଶ୍ୱାଳ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବେରବୋଇ ଗ୍ରାମର ବ୍ରଜ ସୁନ୍ଦର ଦାଶଙ୍କ ସମେତ ୪୧ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦୀର୍ଘ ଦିନ ପରେ ନ୍ୟାୟ ମିଳିଥିବାରୁ ଖଲାସ ସମସ୍ତ ଗ୍ରାମବାସୀ ନ୍ୟାୟପାଳିକା ଉପରେ ଖୁସିବ୍ୟକ୍ତ କରିବା ସହ ନ୍ୟାୟପାଳିକା ଉପରେ ତାଙ୍କର ବିଶ୍ୱାସ ରହିଥିବା କହିଛନ୍ତି। ସୂଚନା ମୁତାବକ, ୧୯୯୬ ଜାନୁଆରୀ ୫ ମଧ୍ୟାହ୍ନରେ ବେରବୋଇ ଗ୍ରାମର ବ୍ରଜ ସୁନ୍ଦରଙ୍କ ସମେତ ଗ୍ରାମର ୪୧ ଜଣ ସେହି ଗ୍ରାମର ବିଜୟ କୁମାର ରାଉତଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ଭୟଭୀତ କରି ଘରେ ଥିବା ସମସ୍ତ ଆସବାବପତ୍ର ଲୁଟି ନେଇଥିବା ବିଜୟ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିବାବେଳେ ଶୁକ୍ରବାର ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୁବାସ ଚନ୍ଦ୍ର ପତି ମାମଲା ପରିଚାଳନା କରୁଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝଡ଼ି ବରଷା;**
**କାଠ ଚାଉଳ ଥିଲେ ଭରସା।**

ଝଡ଼ି ବର୍ଷା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥାଏ। ଫଳସ୍ୱରୂପ ହୁସିଆର ବ୍ୟକ୍ତି ବହୁ ପୂର୍ବରୁ ଘର ମଧ୍ୟରେ ଖାଦ୍ୟପେୟ ତଥା ଜାଳେଣି ସାମଗ୍ରୀମାନ ମହଜୁଦ କରି ରଖିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଝଡ଼େଇ ଖାଇଲା ବରକୋଳି ଗଛ**
**ଡରେଇ ଖାଇଲା ପୋଖରୀକ ମାଛ।**

ଜୋର ଯାର ମୁଲକ ତା'ର। ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଡରେଇ ଧମକେଇ ନିଜ କାମ ହାସଲ କରିନେଇଥାନ୍ତି। ବିନା ଅଧିକାରରେ ପ୍ରବେଶ କରିବା ବା ଧମକ ଚମକରେ କାମ ହାସଲ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲଲଙ୍କୁ ମିଳିଲା ଜାମିନ

ଯାଜପୁର ଟାଉନ,୨୯।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ପୁରୁଣା ସ୍ଥାନରେ ବିରଜା ହାଟ ଚଲାଇବାକୁ ଜିଲା ପ୍ରଶାସନର ଅନୁମତି ବିରୋଧରେ ଗତ ୨୦ ତାରିଖରେ ବିଜେଡି କର୍ମୀଙ୍କ ରାସ୍ତାରୋକୋବେଳେ ହିଂସା ଘଟିଥିଲା। ଏହି ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କୁ ଯାଜପୁର ଜିଲା ଦୌରାଜଜ୍ ଶୁକ୍ରବାର ୪ ମାମଲା ମଧ୍ୟରୁ ଗୋଟିଏରେ ଜାମିନ ଦେଇଛନ୍ତି। ଏହା ସତ୍ତ୍ୱେ ଲଲ ଜେଲ୍‌ରୁ ମୁକୁଳିପାରିବେ ନାହିଁ। କାରଣ ତାଙ୍କ ନାମରେ ପୂର୍ବରୁ ଆଉ ୩ ମାମଲା ବିଚାରାଧୀନ ରହିଛି। ଯାଜପୁର ପୋଲିସ ଲଲଙ୍କୁ ମାମଲା ନଂ.୪୭୧/୨୦୨୪ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଭବପ୍ରସାଦଙ୍କ ଓକିଲ ଶୁକ୍ରବାର ଏହି ମାମଲା ପାଇଁ ଜାମିନ୍ ଆବେଦନ କରିଥିବାବେଳେ ପୂର୍ବରୁ ଏହି ମାମଲାର ଅଭିଯୋଗକାରୀ ଥିବା ମଦନ ନାୟକ ନାମକ ଚାଷୀ କୋର୍ଟରେ ପହଞ୍ଚି ସତ୍ୟପାଠ ମାଧ୍ୟମରେ ମାମଲା ପ୍ରତ୍ୟାହାର ପାଇଁ ଜଣାଇଥିଲେ।

# ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ହୋଟେଲ ମାଲିକ ଗୁରୁତର

ବାଲେଶ୍ୱର,୨୯।୧୧(ବାଞ୍ଛାନିଧି ଦେ)


ଚିକିତ୍ସାଧୀନ ସଞ୍ଜୀବ କୁମାର ମହାପାତ୍ର

ବାଲେଶ୍ୱର ସହର ଉପକଣ୍ଠ ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଛକରେ ଶୁକ୍ରବାର ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ଜଣେ ହୋଟେଲ ମାଲିକ ଗୁରୁତର ହୋଇଛନ୍ତି। ପୂର୍ବ ଶତ୍ରୁତା କିମ୍ବା ଦାଦାବଟିକୁ ନେଇ ଏହି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ.୨୦୭/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସମଲପୁର ଅଞ୍ଚଳର ସଞ୍ଜୀବ କୁମାର ମହାପାତ୍ରଙ୍କର ଚାନ୍ଦିପୁର ବେଳାଭୂମିରେ ଏକ ହୋଟେଲ ରହିଛି। ପୂର୍ବାହ୍ନରେ ଘରୁ କାର୍ ଯୋଗେ ସେ ହୋଟେଲ ଯାଉଥିଲେ। ସମଲପୁର ଛକରେ ପୂର୍ବରୁ ଅପେକ୍ଷା କରିଥିବା ୬ରୁ ୭ଜଣ ଯୁବକ ତାଙ୍କ କାର୍‌କୁ ଅଟକାଇଥିଲେ। ଏହାପରେ ସଞ୍ଜୀବଙ୍କୁ କାର୍‌ରୁ ଘୋଷାରି ନେଇ ଖଣ୍ଡା ଓ ତେଲେଙ୍ଗା କଟୁରିରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। କାର୍ ଡ୍ରାଇଭର ସଞ୍ଜୀବଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସଞ୍ଜୀବଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ଶିଳ୍ପାଞ୍ଚଳ ଥାନା ଆଇଆଇସି ଶ୍ୟାମଘନ ବେହେରା, ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର

## ସମ୍ପର୍କୀୟ ଜେଜେବାପା ଗିରଫ

ପଟ୍ଟାମୁଣ୍ଡାଇ,୨୯।୧୧
(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଏକ ଗ୍ରାମରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଜଣେ ବୃଦ୍ଧ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ସମ୍ପୃକ୍ତ ବୃଦ୍ଧଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଟକୃଷ୍ଣ ସାହୁ(୬୫)। ସେ ପୀଡ଼ିତାଙ୍କ ସମ୍ପର୍କୀୟ ଜେଜେବାପା ବୋଲି ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ମା'ବାପା କୌଣସି କାମରେ ବାହାରକୁ ଯାଇଥିଲେ। ଗୁରୁବାର ଅପରାହ୍ନରେ ନାବାଳିକା ଜଣକ ଏକୁଟିଆ ଘରେ ଥିଲେ। ଏହି ସୁଯୋଗରେ ବଟକୃଷ୍ଣ ନାବାଳିକାଙ୍କ ଘରକୁ ଯାଇଥିଲେ। ତାଙ୍କୁ ପାଣି ପିଇବା ପାଇଁ ମାଗିଥିଲେ। ନାବାଳିକା ପାଣି ଆଣିବାକୁ ଯିବା ବାଟରେ ବଟକୃଷ୍ଣ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକ ଥାନାରେ ଗୁରୁବାର ସନ୍ଧ୍ୟାରେ ଏତଲା ଦେବା ପରେ ଶୁକ୍ରବାର ପୋଲିସ ବଟକୃଷ୍ଣଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା(ନଂ.୫୭୫/୨୪) ରୁଜୁ ହୋଇଛି। ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ପରେ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

# ସରକାରୀ ଅର୍ଥ ଆତ୍ମସାତ୍ ମାମଲା, ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୨୯।୧୧
(ରାକେଶ କୁମାର ରାଉତ)

ସରକାରୀ ଅନୁଦାନ ଆତ୍ମସାତ୍ କରିଥିବା ଅଭିଯୋଗରେ ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଭିଯୁକ୍ତ ଅଧିକ ୬ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡ଼ା ବ୍ଲକ ଢୁକୁଲାମିଲା ନୂତନ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ବିଭୂନନ୍ଦନ କେଶରୀ ନାୟକ। ୨୦୧୭ରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ୩ ଲକ୍ଷ ଟଙ୍କାର ଅନୁଦାନ ରାଶିକୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବିଭୂନନ୍ଦନ ଆତ୍ମସାତ୍ କରି ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରି ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୫୮/୧୭ରେ ଏକ ମାମଲା ରୁଜୁ କରିଥିଲା। ମାମଲା ବିଚାର ବେଳେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଦଣ୍ଡାଦେଶ କରିଛନ୍ତି। ମାମଲାର ଅନ୍ୟ ଅଭିଯୁକ୍ତ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କିରୁସୁ ମଲ୍ଲିକଙ୍କୁ ଅଦାଲତ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ସ୍ୱତନ୍ତ୍ର ପିପିଭି. ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# ଫେରାର ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କୁ ଗିରଫକଲା ଭିଜିଲାନ୍ସ

## ୧.୪ କୋଟି ଅର୍ଥ ଆତ୍ମସାତ୍ ମାମଲା

ରାୟଗଡ଼ା,୨୯।୧୧(ଆଶିଷ ରଞ୍ଜନ ପଣ୍ଡା)

୧.୪ କୋଟି ଟଙ୍କା ହେରଫେର କରି ଆତ୍ମସାତ୍ କରିବା ମାମଲାରେ ଫେରାରଥିବା ରାୟଗଡ଼ା ଜିଲା ବିଷମକଟକ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ବନମାଳୀ କରଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଲୋକେଶନ ଠାବକରି ତାଙ୍କୁ ଗିରଫ କରିଥିବା ବିଭାଗ ପକ୍ଷରୁ ଏକ ପ୍ରେସ୍ ବିବୃତି ମାଧ୍ୟମରେ ପ୍ରକାଶ କରାଯାଇଛି। ଏଥିସହିତ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ବିଷମକଟକ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ ଫି', ୟୁଜର ଫି' ଏବଂ ଅନ୍ୟାନ୍ୟ ସରକାରୀ ଆୟକୁ ବନମାଳୀ ବ୍ୟକ୍ତିଗତ ଲାଭ ପାଇଁ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ନୀତି ପଦାକୁ ଆସିବା ପରେ ସେ ଗିରଫ ହେବା ଭୟରେ ଫେରାର ହୋଇଯାଇଥିଲେ। ଗତ ୨ବର୍ଷ ଧରି ଭିଜିଲାନ୍ସ ତାଙ୍କୁ ଖୋଜୁଥିଲା। ଅଭିଯୁକ୍ତ ବନମାଳୀ ଗିରଫଦାରିକୁ ଏଡ଼ାଇବା ପାଇଁ ସ୍ଥାନ ପରିବର୍ତ୍ତନକରି ଏଣେତେଣେ ଘୁରି ବୁଲୁଥିଲେ। ଭିଜିଲାନ୍ସ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫକରି ତାଙ୍କ ବିରୋଧରେ ଆଇପିସି ଧାରା ୪୦୯/୧୨୦-ବି ଏବଂ ଦୁର୍ନୀତି ନିରୋଧକ ସଂଶୋଧନ ଆଇନ, ୨୦୧୮ ର ଧାରା ୧୩(୨) ସହ ୧୩(୧)(ଏ) ପିସି ଆମେଣ୍ଡମେଣ୍ଟ ଆକ୍ଟ ରୁଜୁ କରିଛି। ସୂଚନାଯୋଗ୍ୟ, ଭିଜିଲାନ୍ସ ଦ୍ୱାରା ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଧରପଗଡ଼ କରି ଗିରଫ କରାଯାଉଛି।

# ଡକାୟତି ଯୋଜନା ପଣ୍ଡ: ୬ ଗିରଫ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ଡକାୟତି ପାଇଁ ଯୋଜନା କରିବା ବେଳେ ସମୁଦ୍ରକୂଳ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମିଶ୍ରସାହି ଜଗନ୍ନାଥ ବସ୍ତିର ଚନ୍ଦନ ଦାସ, ବାଲି ସାହି ହରିଜନ ବସ୍ତିର ପ୍ରଲ୍ଲବ ନାୟକ, ବାବୁନି ନାୟକ, ସୁନିଲ ନାୟକ, ବାଲିନୋଳିଆ ସାହିର ଓଡି ସୁରୀ ଏବଂ ଧୋବାଖାଲ ହରିଚଣ୍ଡୀ ନଗରର ଗଣେଶ ରାଉତ। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଲୁହାରଡ଼, ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଲଙ୍କାଗୁଣ୍ଡ, ବିୟର ବୋତଲ, ସିଗାରେଟ ଆଦି ଜବତ କରାଯାଇଛି। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ କେସ୍ (ନଂ.୨୭୯/୨୪) ରୁଜୁ କରିଛି। ୬ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ସରକାରୀ ଆଇଟିଆଇ କଲେଜ ନିକଟ ହେଲିପ୍ୟାଡଠାରେ ବସି ଡକାୟତି ନିମନ୍ତେ ଯୋଜନା କରୁଥିବା ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଡୁଗୁ ପରିବାରବର୍ଗ


ବିମଳ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୁପା ଦର ୧,୦୦,୦୦୦ ପାର

## ୭୮,୦୦୦ ତଳେ ସୁନା



ଭୁବନେଶ୍ୱର,୨୯।୧୧ (ଅଭୟ ଦାଶ)

କ୍ରମାଗତ ଭାବେ ରୁପା ଦର ଘରୋଇ ବଜାରରେ ବଢ଼ି ଚାଲିଛି। ଏପରିକି କିଛିଦିନର ସ୍ଥିରତା ପରେ ପୁଣି ଥରେ ରୁପା ଦର ୧,୦୦,୦୦୦ ଟଙ୍କା ପାର କରିଛି। ଶୁକ୍ରବାର ଭୁବନେଶ୍ୱରରେ ରୁପା କିଲୋଗ୍ରାମ ପିଛା ୧,୦୧,୦୦୦ ଟଙ୍କାରେ କାରବାର ହେଉଥିଲା ବେଳେ ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୭୮,୦୩୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଘରୋଇ ବଜାରରେ ସୁନା ଦର ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୬୦୦ଟଙ୍କା ଏବଂ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୫୮,୫୮୦ଟଙ୍କାରେ ବିକ୍ରି ହେଉଥିଲାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପ୍ରାୟ ୩୩,୦୦୦ ଟଙ୍କାରେ ରହିଛି।

ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ କାରଣରୁ ବୈଶ୍ୱିକସ୍ତରରେ ସୁନା ଦର ବୃଦ୍ଧି ପାଉଥିବାବେଳେ ଭାରତୀୟ ବଜାରରେ ସୁନାର ଦର କିଛି ପାରିମାଣରେ ହ୍ରାସ ପାଇଛି। ଏପରିକି ଆମେରିକୀୟ ଡାଲର (ୟୁଏସ୍ ଡଲାର)ର ମୂଲ୍ୟ ହ୍ରାସ ଯୋଗୁ ବିଶ୍ୱସ୍ତରରେ ସୁନାର ମୂଲ୍ୟ ବୃଦ୍ଧି ପାଇଛି। ସେହିପରି ଶୁକ୍ରବାର ବୈଶ୍ୱିକସ୍ତରରେ ସୁନା ଦର ପ୍ରତି ଆଉନ୍ସ ପିଛା ୦.୭% ବା ୨୬୬୦.୦୩ ଡଲାର ବଢିଥିଲାବେଳେ ଭାରତୀୟ ବଜାରରେ ସୁନା ମୂଲ୍ୟ ପ୍ରାୟ ୨% ହ୍ରାସ ପାଇଛି। ଶୁକ୍ରାବାର ନିଆଦିଲ୍ଲୀରେ ସୁନା ଦର ପ୍ରାୟ ୩୦୦ ଟଙ୍କା ହ୍ରାସ ଘଟି ୭୮,୦୦୦ ଟଙ୍କା ତଳେ ରହିଛି। ଏପରିକି ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୭,୫୧୩ ଟଙ୍କାରେ ବିକ୍ରି ହେଉଛି।

ସେହିଭଳି ନୂଆଦିଲ୍ଲୀ ବଜାରରେ ସୁନା ଦର ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୦୬୩ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୫୮,୪୩୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ୩୨, ୫୦୦ ଟଙ୍କାରେ ରହିଛି। ଏପରିକି ରୁପା କିଲୋଗ୍ରାମ ପିଛା ୯୨,୦୦୦ ଟଙ୍କାରେ କାରବାର ହେଉଛି। ସେହିପରି ଚେନ୍ନାଇ,ମୁମ୍ବାଇ ଏବଂ କୋଲକାତା ବଜାରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୭୭,୩୬୧ ଟଙ୍କା, ୭୭୩୬୭ ଟଙ୍କା ଏବଂ ୭୭ ୩୬୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ରୁପା କିଲୋଗ୍ରାମ ପିଛା ୧,୦୦,୬୦୦ ଟଙ୍କା, ୯୧,୮୦୦ ଟଙ୍କା ଏବଂ ୯୩,୩୦୦ ଟଙ୍କା ରହିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୯।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭୫୯ (୭୫୯.୦୫) ପଏଣ୍ଟ ବଢ଼ି ୭୯, ୮୦୩ (୭୯,୮୦୨.୭୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୧୭ (୨୧୬.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୧୩୧ (୨୪,୧୩୧.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ନୁଭୋ ସେତୁ ଆପ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୯।୧୧




ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଏକ ଅତ୍ୟାଧୁନିକ ଆପ୍ 'ନୁଭୋ ସେତୁ'ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଆପ୍ କମ୍ପାନୀର ସିମେଣ୍ଟ ଓ ଏମ୍‌ବିଏମ୍ (ମଡର୍ନ ବିଲ୍ଡିଂ ମ୍ୟାଟେରିଆଲ୍ସ) ଗ୍ରାହକଙ୍କ ପାଇଁ ଗ୍ରାହକ ଅଭିଜ୍ଞତାକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ପରିକଳ୍ପନା କରାଯାଇଛି। ସେହିଭଳି ନୁଭୋ ସେତୁ ଆପ୍ ଉଭୟ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମଗୁଡିକରେ ଡାଉନଲୋଡ ପାଇଁ ଉପଲବ୍ଧ ରହିଛି, ଯାହା ସମସ୍ତ ଡିଭାଇସ୍‌ରେ ଉପଭୋକ୍ତାଙ୍କ ପାଇଁ ବାଧାମୁକ୍ତ ପହଞ୍ଚକୁ ସୁନିଶ୍ଚିତ କରୁଛି। ଏପରିକି ଗ୍ରାହକମାନେ ସହଜରେ ଅର୍ଡର ପ୍ଲେସ୍ ସହ ରିଅଲ-ଟାଇମ ଅର୍ଡର ଷ୍ଟାଟସ୍‌କୁ ଟ୍ରାକ୍ ଏବଂ ଆପ୍ଲିକେଶନ ଓ ବ୍ରାଣ୍ଡର ସୁବିଧା (ଲାଭ) ଗୁଡିକ ସମେତ ବିସ୍ତୃତ ଉତ୍ପାଦ ଆଦିର ସୂଚନା ମଧ୍ୟ ହାସଲ କରିପାରିବେ। ଏହାଛଡା ଏହି ଆପ୍‌ରେ ଏକ ବିସ୍ତୃତ କ୍ରେଡିଟ ମ୍ୟାନେଜମେଣ୍ଟ ସିଷ୍ଟମ ସାମିଲ ରହିଛି, ଯାହା ଉପଭୋକ୍ତାଙ୍କୁ ବଳକା ରାଶିକୁ ଦେଖିବା ଓ ସୁଚିନ୍ତିତ ଆର୍ଥିକ ନିଷ୍ପତ୍ତି ନେବା ପାଇଁ ସକ୍ଷମ କରିଥାଏ। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ରେ ମାର୍କେଟିଂ, ଇନୋଭେଶନ ଆଣ୍ଡ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ ଚିରାଗ ଶାହ କହିଛନ୍ତି, 'ଆମେ ଆମର ନୂତନ ଆପ୍ (ନୁଭୋ ସେତୁ ଆପ୍)ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ୱାନ୍-ଷ୍ଟପ୍ ଡିଜିଟାଲ ପ୍ଲାଟ୍‌ଫର୍ମ ଭାବେ ଏହାକୁ ଆମର ଗ୍ରାହକଙ୍କ ଆବଶ୍ୟକତାକୁ ଆଖି ଆଗର ରଖି ନିର୍ମାଣ କରାଯାଇଛି। ଏହି ଆପ୍ ସଠିକତା, ବେଗ ଓ ଆନନ୍ଦ ସହ ସେବା ପ୍ରଦାନ କରି, ଗ୍ରାହକ-କୈନ୍ଦ୍ରିକ ସମାଧାନ କ୍ଷେତ୍ରରେ ନୂଆ ମାନକ ସ୍ଥିର କରି ଗ୍ରାହକ-କୈନ୍ଦ୍ରିକତା ପ୍ରତି ନୁଭୋକୋର ପ୍ରତିବଦ୍ଧତାକୁ ହାଇଲାଇଟ୍ କରୁଛି।

## ବେଦାନ୍ତ ଲିମିଟେଡ୍‌କୁ ପ୍ଲାଟିନମ୍ ପୁରସ୍କାର

ନୂଆଦିଲ୍ଲୀ,୨୯।୧୧



ବେଦାନ୍ତ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଦ୍ୱାରା ଆୟୋଜିତ ୬ଷ୍ଠ ଆଇସିସି ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ 'ଇସ୍ପାତ ଏବଂ ଖଣି କ୍ଷେତ୍ର' ସମ୍ମାନ ବର୍ଗରେ କମ୍ପାନୀକୁ ପ୍ଲାଟିନମ୍ ପୁରସ୍କାର ଦିଆଯାଇଛି। ଏହି ପ୍ରଶଂସା କମ୍ପାନୀର କର୍ମକ୍ଷେତ୍ରରେ ଥିବା ସୁରକ୍ଷା ବ୍ୟବସ୍ଥା ଓ 'ଜିରୋ ହର୍ମ'କୁ ସୁନିଶ୍ଚିତ କରିବା ସହିତ କମ୍ପାନୀର ନିରନ୍ତର ଉତ୍ସର୍ଗୀକୃତତାକୁ ସମ୍ମାନ ଜଣାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ଼କୁ ୬ଷ୍ଠ ଆଇସିସି ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ 'ଇସ୍ପାତ ଏବଂ ଖଣି କ୍ଷେତ୍ର' ସମ୍ମାନ ବର୍ଗରେ ପ୍ଲାଟିନମ୍ ପୁରସ୍କାର ଦିଆଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆଇସିସିର ଜାତୀୟ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପୁରସ୍କାରରେ ଆମେ ପ୍ଲାଟିନମ୍ ପୁରସ୍କାର ପାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ରିଫାଇନେରି ଶ୍ରମିକମାନଙ୍କ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଆମର ନିରନ୍ତର ଉଦ୍ୟମକୁ ସ୍ୱୀକୃତି ଦେଇଛି। କର୍ମକ୍ଷେତ୍ରରେ ନିରାପତ୍ତାର କଠୋର ମାନ ନିଶ୍ଚିତ କରିବାକୁ ଆମର ସଂକଳ୍ପକୁ ମଧ୍ୟ ଦୃଢ଼ କରିଛି। କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା କ୍ଷେତ୍ରରେ ଉନ୍ନତ ଅଭ୍ୟାସ ପାଇଁ ବେଦାନ୍ତ ଲାଞ୍ଜିଗଡ଼ ଅନେକ ପ୍ରଶଂସା ପାଇଛି। ଏଥିମଧ୍ୟରେ ୯ମ ଆପେକ୍ସ ଇଣ୍ଡିଆ ଏକ୍ସଲେନ୍ସ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପୁରସ୍କାର ୨୦୨୪ ଏବଂ ଟ୍ରାନ୍ସଫରମାନ୍ସ ଫୋରମ୍ ପୁରସ୍କାର ଅନ୍ତର୍ଭୁକ୍ତ ରହିଛି। ପୁରସ୍କାରର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟକୁ ଉନ୍ନତ ତଥା ନିରାପଦ ପରିବେଶ ପାଇଁ ଉତ୍ସାହିତ କରିବା ସହିତ ବେଦାନ୍ତ ଲାଞ୍ଜିଗଡ଼ ଅନେକ ଅଭ୍ୟାସ ପ୍ରୟୋଗ କରିବାରେ ମଧ୍ୟ ଆଗରେ ରହିଛି। ସେଥିମଧ୍ୟରେ 'କର୍ମଚାରୀ ଏବଂ ବ୍ୟବସାୟ ସହଭାଗୀମାନଙ୍କୁ ସୁରକ୍ଷା ନୀତିର ସକ୍ରିୟ ଯୋଗାଯୋଗ ଓ ନିରାପଦ କାର୍ଯ୍ୟ ପ୍ରଣାଳୀ ଏବଂ ନିରାପତ୍ତା ପରିଚାଳନା ପ୍ରଣାଳୀର କଠୋର କାର୍ଯ୍ୟକାରିତା ପ୍ରମୁଖ ସାମିଲ ରହିଛି।

## ବ୍ରୋକିଂ ଅଭିଜ୍ଞତାକୁ ଉନ୍ନତ କରିବ ଶିଟ୍‌ସ

ନୂଆଦିଲ୍ଲୀ,୨୯।୧୧

ଫୋନ୍‌ପେର ନୂତନ ଉତ୍ପାଦ ତଥା ବ୍ରାଣ୍ଡର ଏକ ପ୍ରଡକ୍ଟ ଶେୟାର.ମାର୍କେଟ ପକ୍ଷରୁ ଶିଟ୍‌ସର ଶୁଭାରମ୍ଭ କରାଯାଇଛି। ଡିସ୍କାଉଣ୍ଟ ବ୍ରୋକିଂ ଲ୍ୟାଣ୍ଡସ୍କେପରେ ଏହି ଶିଳ୍ପ-ପ୍ରଥମ ଫିଚର, ବଜାର ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ବାଣିଜ୍ୟ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ୱେବ୍ ପ୍ଲାଟ୍‌ଫର୍ମ ଟ୍ରେଡ୍. ଶେୟାର.ମାର୍କେଟରେ ଉପଲବ୍ଧ। ସିଟ୍‌ସ ବଜାର ଡାଟାକୁ ସିଧାସଳଖ ସ୍ପ୍ରେଡ୍‌ସିଟ୍‌ରେ ଇମ୍ପୋର୍ଟ କରି ଏବଂ ଅତି ସହଜରେ ସେମାନଙ୍କ ନିଜସ୍ୱ ବାଣିଜ୍ୟ ମଡେଲ ଏବଂ ରଣନୀତି ପ୍ରସ୍ତୁତ କରିବାରେ ବ୍ୟବସାୟୀମାନଙ୍କୁ ସାହାଯ୍ୟ କରିବ। ଶେୟାର.ମାର୍କେଟ ଶିଟ୍‌ସର ଶୁଭାରମ୍ଭ ସହିତ ଶିଳ୍ପକୁ ନୂଆ ରୂପ ଦେଇଛି ଏବଂ ଏହି ଅଭିନବ ଫିଚର ପ୍ରଦାନ କରିବାରେ ଦେଶର ଏକମାତ୍ର ଡିସ୍କାଉଣ୍ଟ ବ୍ରୋକର ପାଲଟିଛି। ଏହି ଅତ୍ୟାଧୁନିକ ଟୁଲ୍ ବଜାର ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ନିଜସ୍ୱ ଜ୍ଞାନ ବଢ଼ାଇବା ଏବଂ ବଜାରର କାର୍ଯ୍ୟକ୍ଷମ ଅନ୍ତର୍ନିହିତ ଉପାଦାନଗୁଡ଼ିକୁ ବୁଝିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ କରିଥାଏ। ସିଟ୍‌ସ ବ୍ୟବସାୟୀ ସମୁଦାୟକୁ ବିକଳ୍ପ ରଣନୀତି ନିର୍ମାଣ କରିବା, କ୍ରୟ ଏବଂ ବିକ୍ରୟ ପାଇଁ ସଙ୍କେତ ସୃଷ୍ଟି କରିବା ଏବଂ ରିୟଲ-ଟାଇମ୍ ଆଧାରରେ ପ୍ରଭାବଶାଳୀ ଭାବରେ ଟ୍ରେଣ୍ଡଗୁଡିକୁ ବିଶ୍ଳେଷଣ କରିବାକୁ ସକ୍ଷମ କରିବ। ଏ ସମ୍ପର୍କରେ ଶେୟାର.ମାର୍କେଟର ସିଇଓ ଉଜ୍ଜ୍ୱଳ ଜୈନ କହିଛନ୍ତି, ବଜାରରେ ଅଂଶଗ୍ରହଣକାରୀଙ୍କ ପାଇଁ ବ୍ରୋକିଂ ଅଭିଜ୍ଞତାକୁ ଉନ୍ନତ କରିବା ସହିତ ବୌଦ୍ଧିକ ଭିତ୍ତିଭୂମି ପ୍ରଦାନ କରି ସେମାନଙ୍କୁ ସୁଚିନ୍ତିତ ନିଷ୍ପତ୍ତି ନେବାକୁ ସଶକ୍ତ କରିବା ପାଇଁ ଶେୟାର.ମାର୍କେଟ କ୍ରମାଗତ ଭାବେ ଉଦ୍ୟମ କରୁଛି। ସିଟ୍‌ସ ହେଉଛି ଡିସ୍କାଉଣ୍ଟ ବ୍ରୋକିଂ ଇକୋସିଷ୍ଟମରେ ଏପରି ଏକ ଟୁଲ, ଯାହା କୌଣସି ମାନବିକ ହସ୍ତକ୍ଷେପର ଆବଶ୍ୟକତା ବିନା ଏକାଧିକ ଷ୍ଟକ୍ ଉପରେ ନଜର ରଖିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ପରିଣତ କରିବ।

## ବଜାରରେ ଲାଭାର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୯।୧୧

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ବା ଲାଭାର ନୂତନ ଉତ୍ପାଦ ତଥା ୟୁଭା ସିରିଜର ଅତ୍ୟାଧୁନିକ ମଡେଲ 'ୟୁଭା-୪'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ୬,୯୯୯ ଟଙ୍କାର ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ୟୁଭା-୪ ପାୱାର ପରଫର୍ମାନ୍ସ, ସୁନ୍ଦର ଡିଜାଇନ ଏବଂ ଏକ ଲଗ୍ ଫ୍ରି ଅନୁଭୂତି ପ୍ରଦାନ କରୁଛି। ନୂଆ ୟୁଭା ୪, ୪+୬୪ଜିବି ଏବଂ ୪+୧୨୮ଜିବି ଭଳି ଦୁଇଟି ଭାରିଆଣ୍ଟ ଲାଭାର ରିଟେଲ ଆଉଟଲେଟଗୁଡ଼ିକରେ ଉପଲବ୍ଧ ରହିଛି। ଲାଭା ଲାଇନ ଅପ୍‌ରେ ଏହି ସଦ୍ୟତମ ସଂଯୋଗ ୟୁଏନ୍ଆଇଏସ୍ଓସି ଟି୬୦୬ ଚିପ୍ ସେଟ୍ ଦ୍ୱାରା ପରିଚାଳିତ ଏବଂ ଏହା ତିନୋଟି ଆକର୍ଷଣୀୟ ରଙ୍ଗ ଯଥା ଗ୍ଲସି ହ୍ୱାଇଟ୍, ଗ୍ଲସି ପର୍ପଲ୍ ଏବଂ ଗ୍ଲସି ବ୍ଲାକ୍‌ରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ପ୍ରଡକ୍ଟ ମୁଖ୍ୟ ସୁମିତ ସିଂହ କହିଛନ୍ତି, ୟୁଭା ସିରିଜ୍ ଆମର ସବୁଠାରୁ ଗତିଶୀଳ ଏବଂ ଅଭିଳଷିତ ସ୍ମାର୍ଟଫୋନ୍ ଭାବେ ଉଭା ହୋଇଛି, ଯାହା ଆମ ଗ୍ରାହକଙ୍କ ପାଇଁ ଏଣ୍ଟ୍ରି-ଲେଭଲ ସ୍ମାର୍ଟଫୋନ୍ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ ହୋଇଛି। ଏପରିକି ନୂଆ ୟୁଭା୪, ନୂତନ ଯୁଗର ଡିଜାଇନ ଧାରଣା ଏବଂ ଉନ୍ନତ ମୂଲ୍ୟ ସହ ଏକ ନିରବଚ୍ଛିନ୍ନ ଉପଭୋକ୍ତା ଯାତ୍ରା ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ବ୍ଲାକ୍ ଫ୍ରାଇଡେ ସେଲ୍‌ରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୨୯।୧୧

ଦେଶର ପ୍ରମୁଖ ଇ କମର୍ସ ପ୍ଲାଟ୍‌ଫର୍ମ ତଥା ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଫର ଏବଂ ପ୍ରଥମ ବ୍ଲାକ୍ ଫ୍ରାଇଡେ ସେଲ୍ (ଇଭେଣ୍ଟ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୪ ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ଲାଟ୍‌ଫର୍ମର ପ୍ରଥମ ବ୍ଲାକ୍ ଫ୍ରାଇଡେ ସେଲ୍ (ଇଭେଣ୍ଟ)ରେ ଆପଲ୍, ସାମ୍‌ସଙ୍ଗ୍, ସୋନି, ନାଇକ୍, କାଲ୍‌ଭିନ୍ କ୍ଲେନ୍, ଆଡିଡାସ୍, ଟମି ହିଲଫାଇଗର, ପାନାସୋନିକ୍, ଜିନ୍ ପଲ୍, ଡାବର, ଏଲ୍‌ଜି, ଆଲଡୋ, ସ୍ୱାରୋଭସ୍କି ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ବର୍ଗରେ ଆକର୍ଷଣୀୟ ରିହାତି (ଡିଲ୍) ଉପଲବ୍ଧ ରହିଛି। ସେହିପରି ଏଚ୍‌ଡିଏଫ୍‌ସି, ଇଣ୍ଡସ୍‌ଇଣ୍ଡ, ବିଓବି କାର୍ଡ ଏବଂ ଏଚ୍‌ଏସ୍‌ବିସି ବ୍ୟାଙ୍କର ଡେବିଟ ଆଣ୍ଡ କ୍ରେଡିଟ କାର୍ଡ ଏବଂ କ୍ରେଡିଟ ଇଏମ୍ଆଇ ଜରିଆରେ ଗ୍ରାହକମାନେ ତୁରନ୍ତ ୧୦% ରିହାତି ପାଇପାରିବେ। ଏପରିକି ବ୍ଲାକ୍ ଫ୍ରାଇଡେ ସେଲ୍ ପାଇଁ ପ୍ରାଇମ ମେମ୍ବରମାନେ ଆମାଜନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ବ୍ୟବହାରକରି ସମସ୍ତ କ୍ରୟ ଉପରେ ଅସୀମିତ ୫% କ୍ୟାଶବ୍ୟାକ୍ ପାଇପାରିବେ ଏବଂ ଅଣ-ପ୍ରାଇମ୍ ସଦସ୍ୟଙ୍କୁ ୩% କ୍ୟାଶ୍‌ବ୍ୟାକ୍ ମିଳିବ। ପ୍ରାଇମ୍ ମେମ୍ବରମାନେ ପ୍ରାଇମ ଡେ ସମେତ ସ୍ୱତନ୍ତ୍ର ଶପିଂ ଇଭେଣ୍ଟର ପ୍ରାରମ୍ଭିକ ଆକ୍ସେସ୍ ମଧ୍ୟ ଉପଭୋଗ କରିଥାନ୍ତି। ଅପରପକ୍ଷରେ ମୋବାଇଲ, ଇଲେକ୍ଟ୍ରୋନିକ୍ସ ଓ ଆକ୍ସେସରିଜ୍ ଉପରେ ୪୦ରୁ ୭୫ % ରିହାତି ରହିଛି। ଯେଉଁଥିରେ ସାମ୍‌ସଙ୍ଗ୍ ଗାଲାକ୍ସି ବଡ୍ସ, ଆମାଜଫିଟ୍ ଆକ୍ଟିଭ୍ ୪୨ ମିମି ଆମୋଲେଡ୍ ସ୍ମାର୍ଟ ୱାଚ, ଆପଲ୍ ମ୍ୟାକ୍ ବୁକ୍ ଏୟାର ଲାପ୍‌ଟପ୍, ସାମ୍‌ସଙ୍ଗ୍ ଗାଲାକ୍ସି ଏସ୨୩ ଅଲ୍ଟ୍ରା ଭଳି ଆହୁରି ଅନେକ ସାମଗ୍ରୀ ସାମିଲ ରହିଛି। ଘର ପାଇଁ ଆବଶ୍ୟକ ଉପକରଣରେ ୬୫% ପର୍ଯ୍ୟନ୍ତ ରିହାତି ସହିତ ପାନାସୋନିକ୍ ୧.୫ ଟନ୍ ୩ ଷ୍ଟାର୍ ୱାଇ-ଫାଇ ଇନଭର୍ଟର ସ୍ମାର୍ଟ ସ୍ପ୍ଲିଟ୍ ଏସି, ଏଲଜି ୭ କିଲୋଗ୍ରାମ ସମ୍ପୂର୍ଣ୍ଣ ଅଟୋମେଟିକ୍ ଫ୍ରଂଟ ଲୋଡ୍ ୱାଶିଂ ମେଶିନ, ସାମ୍‌ସଙ୍ଗ୍ ୬୫୩ ଏଲ୍ କନଭର୍ଟିବଲ୍ ୫-ଇନ୍-୧ ଏଆଇ ଏନାବଲ୍ଡ ସ୍ମାର୍ଟ ରେଫ୍ରିଜରେଟର ସାମିଲ ରହିଛି।


### ୧୨ତମ ଜନ୍ମଦିନ ଶୁଭେଚ୍ଛା



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ- ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନିଅପା, ଅକୁପିଇସା, ମାମିଅପା, ଟୁଟୁପିଇସା, ମାନୁଅପା, ନବପିଇସା, ରାନୁଅପା, ଟିଲୁପିଇସା, ଲିପୁଭାଇ, ନବ୍ୟା, ନାଓମି, ଇଶୁ, ଲିନା ଓ ପରିବାରବର୍ଗ।

ଧ-୨୦୯୬

### ଜନ୍ମଦିନର ଶୁଭେଚ୍ଛା



ବିମଳ ଚନ୍ଦ୍ର ଷଡ଼ଙ୍ଗୀ
ଖୋର୍ଦ୍ଧା ସହରର ବରିଷ୍ଠ ନାଗରିକ
ସମାଜସେବୀ, ସଂଗ୍ରାହକ ଓ ସମବାୟବିତ୍
୭୧ତମ ଜୟନ୍ତୀର ଶୁଭେଚ୍ଛା ଜଣାଉଅଛୁ
ଶୁଭେଚ୍ଛା ସହ- ଶାଶ୍ୱତ, ଶ୍ରୀୟା ଓ ସୁବ୍ରତ (ନାତୁଣୀ ଓ ନାତିମାନେ)

ଧ-୨୦୯୭

# Classified Everyday

0674-2580101, 2549949



**REAL ESTATE**

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2098

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

Ready to move 4BHK duplex bungalow at Botanda, Sundarpada, Bhubaneswar near Sai Villa, Ranging 90lakhs. Contact- 9040521173, 9861125539. D-76033

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437226965, 9778832554.** D-2099

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216



**CONSTRUCTION**

**Construct your dream home @ 970/-, 1490/- includes architecture struture with 3years FMC, we provide plan approvalboring&interer work- SNV Engineering. 9439295469.** D-76203

**Construct your Dream home@460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

**FOR RENT**

Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079

**HEALTH CARE**

Newly open health benefits SPA by expert therapist. Contact- 8280961126. D-76175

Newly open full body massage relax with new lady therapist. 7205354089. D-76034

Newly open Jyoti SPA positively health benefits (expert therapist). 8458067955. D-76171

**AFFIDAVIT**

By virtue of an affidavit sworn before A.K. Mohanty Notary, Simulia, dated 21.11.2024, I, Pratima Nayak, W/o- Debendra Nayak, Address: At- Chakradharpur, P.O.- Parbatipur, P.S.- Simulia, Dist.- Balasore, PIN- 756166, declare that I have changed my name from Manorama Nayak to Pratima Nayak. Henceforth, I shall be known as Pratima Nayak for all purposes. D-2100

### ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମିଳା ରାୟ
ସ୍ୱାମୀ: ସ୍ୱର୍ଗତ କ୍ଷେତ୍ର ମୋହନ ରାୟ
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ଚାହୁଁ ଚାହୁଁ ଏକ ବର୍ଷ ପୁରିଗଲା। ଆପଣଙ୍କ ଅନୁପସ୍ଥିତ ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୂର୍ଣ୍ଣଚନ୍ଦ୍ର ରାୟ, ପୁଅ: ମହେଶ, ରବୀନ୍ଦ୍ର, ଅଜିତ, ବନ୍ଧୁ ଓ ପରିବାରବର୍ଗ।

ଧ-୭୧୨୩୬


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାବଅଶ୍ରୁ

**ଗଳ୍ପ**

**ବିରଜା ରାଉତରାୟ**



"ରଖ ହୋ... ତମ ସାହିତ୍ୟ ଫାହିତ୍ୟ...! କାଲି ସନତର ଦ୍ୱିତୀୟ ବର୍ଷ ଇଞ୍ଜିନିୟରିଂ ରି-ଆଡ୍‌ମିଶନ୍‌ର ଶେଷ ତାରିଖ। କୋଉଠୁ ମୂଳପାତି କରିଆଣ କି କୋଉ ଛାପାବହିର ଛାତିକୁ ଫୁଟେଇକି ଆଣ... ସେ ସବୁ ମୁଁ କିଛି ଜାଣିନି!'' ପତ୍ନୀ ଲକ୍ଷ୍ମୀପ୍ରିୟାଙ୍କଠାରୁ ଏପରି ରୁକ୍ଷ ପ୍ରତିକ୍ରିୟା ଜ୍ୟେଷ୍ଠ ମାସର ଦଲକାଏ ଝାଞ୍ଜି ପରି ବିଦ୍ଧ କରିଦେଇଥିଲା ବଂଶୀଧରଙ୍କ ମନକୁ। ଯୋଉ ସରାଗରେ ପତ୍ରିକାର ନୂଆ ସଂଖ୍ୟା ପାଇଁ ଲେଖିଥିବା ସମ୍ପାଦକୀୟର କେଇଧାଡ଼ି ଶୁଣାଇବାକୁ ଉତ୍ସାହର ସହ ଆଗଭର ହୋଇପଡ଼ିଥିଲେ, ସହସା ତାହା ଅଂଶୁଘାତର ଦଶା ଭୋଗିବା ପରି ନିସ୍ତେଜ ହୋଇପଡ଼ିଲା। ଅଗତ୍ୟା ମୁହଁକୁ ଶୁଖାଇ ଫେରି ଆସିଲେ ନିଜ ଛୋଟ ଡ୍ରଇଂରୁମ୍‌ର ଗୋଟେ କଡ଼ରେ ପଡ଼ିଥିବା ଟେବୁଲ ପାଖକୁ। ଯେଉଁଠି ସେ କାଟିଥା'ନ୍ତି ତାଙ୍କ ଜାଗ୍ରତ ସମୟର ସିଂହଭାଗ। ସେଇଠି ବିତାଇଥାନ୍ତି ତାଙ୍କ ସୃଜନ ଓ ସ୍ୱପ୍ନର ଆକାଂକ୍ଷୀ ଅଭିସାର।

ଟେବୁଲ ଉପରେ ସେଇ ହାତଲେଖା ସମ୍ପାଦକୀୟ କାଗଜଟିକୁ ବିରସ ମନରେ ରଖିଦେଇ ଅଧା ବିପର୍ଯ୍ୟସ୍ତ ଥାକଥାକ ବହି ଗଦା ଉପରେ ନିଜର ନିରୁପାୟ ଚାହାଣିକୁ ଘୂରାଇ ଆଣିଲେ। ଦେଖୁଦେଖୁ ସେହି ଗଦାଗଦା ବହି ଆଉ ପତ୍ରିକାର ପୃଷ୍ଠାସବୁ ଲେଉଟିବା ପରି ଅତୀତର ଅକ୍ଷର ସବୁ ହାତ ଛନ୍ଦି ଚେଇଁ ଉଠିଲେ ପଛକୁ ପଛ।

ଏହା ଭିତରେ ଦୁଇ ଦଶନ୍ଧି ହୋଇଯିବଣି କୃଷ୍ଣପ୍ରିୟାଙ୍କ ସହ ତାଙ୍କ ଜୀବନ ଯାତ୍ରା। ଯେପରି ସୃଜନ ବଂଶୀସ୍ୱନର ଆକର୍ଷଣ ସାଜି ଏକ ଅବିଭାଜ୍ୟ ଆତ୍ମା ସଦୃଶ ଯୋଡ଼ିହୋଇ ଯାଇଥିଲେ ତାଙ୍କ ଜୀବନ ସହ ବଂଶୀଧର। ସେ ଦୁହିଁଙ୍କ ଏହି ସର୍ଜନାମୟ ଜୀବନର ଯୁଗଳବନ୍ଦୀ ପରବର୍ତ୍ତୀ ସମୟରେ ସଂସାରର ଅନେକ ଖାଲଢିପ ରାସ୍ତାରେ ଗତି କରି ଚାଲିଛି ଏଯାବତ୍। ଯଦିଓ ନିଜ ନିଉଛଣା ଜଞ୍ଜାଳି ସଂସାରର ହିସାବକିତାବ ଭିତରେ କୃଷ୍ଣପ୍ରିୟା କେବେଠୁ ନିର୍ବାସିତ କରି ସାରିଛନ୍ତି ତାଙ୍କ ସୃଜନ ଅଭୀପ୍ସା, ତଥାପି ଆବଶ୍ୟକ ବେଳେ ଜଣେ ରୁଚିସମ୍ପନ୍ନା ପାଠିକା ଭାବେ ମତ ରଖିବାରେ ପଛାନ୍ତି ନାହିଁ।

ଏରସମା କଲେଜର ସାଂସ୍କୃତିକ ସମ୍ପାଦକ ରୂପେ ନିର୍ବାଚିତ ହେବା ପରେ ଏକ କବିତା ପାଠୋତ୍ସବର ଆୟୋଜନ କରିଥିଲେ ବଂଶୀଧର। ଏଥିରେ ଯୋଗଦେଇଥିବା ଆଗ୍ରହୀ ଛାତ୍ରୀଛାତ୍ରଙ୍କ କବିତାପାଠ ଆରମ୍ଭ ହୋଇଯାଇଥାଏ। ଜଣକ ପରେ ଜଣେ ପଢ଼ିଚାଲିଥାନ୍ତି ସେମାନଙ୍କ ସୃଷ୍ଟିର ସ୍ୱାକ୍ଷର। ସଂଯୋଜନାରେ କ୍ରମ ପଡ଼ିଲା କୃଷ୍ଣପ୍ରିୟାଙ୍କର।

ତାଙ୍କ କବିତାର ପ୍ରଥମ ଚାରି ଧାଡ଼ି...

''ଆସିବ ତ...
ନିର୍ଜନ ନିସ୍ତବ୍ଧ ରାତିରେ
କଥାକୁହା ତାରା ହୋଇ ଆସ
ବିରହୀ ହୃଦୟର ମିତ ହୋଇ
ଆସ...।''

ସେଦିନ କୃଷ୍ଣପ୍ରିୟାଙ୍କ ଓଠର ଏହି ଚାରିଧାଡ଼ି ସହ ଛନ୍ଦି ହୋଇଯାଇଥିଲା ଯେପରି ତାଙ୍କ ହୃଦୟ।

ବଂଶୀଧର ଥିଲେ ଦର୍ଶନ ସମ୍ମାନର ଶେଷବର୍ଷର ଛାତ୍ର। କୃଷ୍ଣପ୍ରିୟା ଓଡ଼ିଆ ସମ୍ମାନର। ମନ ମିଶିଲା। ଆରମ୍ଭ ହେଲା ଦର୍ଶନ ଓ ସାହିତ୍ୟର ଏକ ଯୁଗପତ୍ ସୃଜନଦୀପ୍ତ ଜୀବନ ଯାତ୍ରା।

କିଛି ବର୍ଷଯାଏଁ ସେମାନଙ୍କ ପ୍ରେମ କାହାଣୀର ଏହି ପ୍ରଥମ ଅଧ୍ୟାୟଟି ଠିକ୍‌ଠାକ୍ ଚାଲିଥିଲା। ସ୍ୱପ୍ନ ଓ ସଂଘର୍ଷର ମଧୁର କୁସ୍ତି ଭିତରେ ସାହିତ୍ୟ କେତେବେଳେ ଧରାଶାୟୀ ହେଉଥିଲା ତ କେତେବେଳେ ସ୍ୱପ୍ନ ଛାପା ପରିପାଟୀରେ ଭୂମିଷ୍ଠ ହେଉଥିଲା। କେଉଁ ନା କେଉଁ ରୂପରେ କୁଆଁ ମେଲି ଚାଲିଥିଲା ସୃଜନର ନାଦ।

ପ୍ରବୃତ୍ତି ଓ ବୃତ୍ତି ମଧ୍ୟରେ ହୋଇଥିଲା ଏକ ମଧୁର ଚୁକ୍ତି। ହାତ ଧରାଧରି ହୋଇ ବାଟ ଚାଲିବା ଆରମ୍ଭ କରିଥିଲେ ଦୁହେଁ। ଆରମ୍ଭ ହେଲା ସେମାନଙ୍କ ସମ୍ପାଦନାରେ 'ମୁକ୍ତାକାଶ' ନାମରେ ଏକ ସାହିତ୍ୟ ପତ୍ରିକା। ତାହା ସହ ଯୋଡ଼ିହେଲା ସେହି ନାମରେ ପୁସ୍ତକ ପ୍ରକାଶନ ସଂସ୍ଥା। ନୂଆ ନୂଆ ଲେଖକଙ୍କ ବହି ଛାପିବା, ରାଜ୍ୟର ସବୁ ପୁସ୍ତକମେଳାରେ ବୁଲି ବହିର ହାଟ ଖୋଲିବା ମଧ୍ୟରେ ସ୍ୱଳ୍ପ ମଧ୍ୟମ ଉପାର୍ଜନ ସମ୍ଭବ ହୋଇ ପାରୁଥିଲା। ତାହାଛଡ଼ା ମାସିକ 'ମୁକ୍ତାକାଶ' ପତ୍ରିକା ପାଇଁ କିଛି ବିଜ୍ଞାପନ ଯୋଗାଡ଼ କରି ନିୟମିତ ଅର୍ଥସ୍ରୋତର ସନ୍ଧାନ ମଧ୍ୟ କରିପାରୁଥିଲେ।

ମାତ୍ର ଥିଲା ଥିଲା ମହାମାରୀ କରୋନା ତାଙ୍କର ସେହି ଆର୍ଥିକ ବ୍ୟାକରଣକୁ ଆମୂଳଚୂଳ ଓଲଟପାଲଟ କରିଦେଲା। ପାଖାପାଖି ଦୁଇ ବର୍ଷରୁ ଅଧିକ କାଳ ପତ୍ରିକା ଛାପା ଠପ୍ ପଡ଼ିଯିବାରୁ ସେହି ନିୟମିତ ସ୍ରୋତଟି ମଧ୍ୟ ରୌଦ୍ର ତାପରେ ଫଟାମାଟିର ଆଁ ପରି ଦଶା ଭୋଗିଲା। ଅବିକଳ ସେହି ଘାତଚକ୍ରରେ ପଡ଼ି ପୁସ୍ତକ ପ୍ରକାଶନ ସଂସ୍ଥା ବି ବନ୍ଦ ପ୍ରାୟ ଅବସ୍ଥା ହୋଇଯାଇଥିଲା। ଅପେକ୍ଷା ଥିଲା ମହାମାରୀର ଅନ୍ତ ପରେ ପୁଣି ସେମାନଙ୍କ ଶୁଷ୍କ ଭାଗ୍ୟ ଆକାଶରେ ଶ୍ରାବଣର ପଦପାତ ହେବ। ତୃଷାର୍ତ୍ତ ମାଟିର ଆଶା ନିବାରଣ ପରି ପୁଣି ସୌଭାଗ୍ୟର ଦିନ ସେମାନଙ୍କ ଜୀବନକୁ ଫେରିବ। କିନ୍ତୁ ସେମାନଙ୍କ ଏହି ନିରୀହ ଆଶା ବାସ୍ତବତାର ଶକ୍ତ ଚାପୁଡ଼ା ଖାଇବା ପରି ମାଟି କାମୁଡ଼ି ପଡ଼ିଗଲା। ଛାପାବହିର ଅସ୍ତିତ୍ୱ ଡିଜିଟାଲ ମାଧ୍ୟମର ବହୁଳତା ମଧ୍ୟରେ ଏକପ୍ରକାର ଚାହିଦା ହରାଇ ବସିଥାଏ। କିଛି ମାସ ହେବ ଉଭୟ ନିଜ ପତ୍ରିକା ଆଉ ପ୍ରକାଶନକୁ ବଞ୍ଚେଇ ରଖିବା ବଂଶୀଧରଙ୍କ ପାଇଁ ଏକ ଦୁରୂହ ଆହ୍ୱାନ ପାଲଟି ଯାଇଥିଲା। ସେଥିରୁ ପୁଣି ପେଟ ପାଟଣା ପାଇଁ ଆୟ କାଢ଼ିବା ଥିଲା ତା'ଠାରୁ ବଡ଼ ଆହ୍ୱାନ?

କ୍ଷଣକ ମଧ୍ୟରେ ତାଙ୍କର ଏହି ଉଦ୍‌ବିଗ୍ନ ଭାବବଳୟକୁ ଝରକା ସେପଟୁ ଭାସି ଆସୁଥିବା କୋଇଲିର ମଧୁର ଲହର ତୀକ୍ଷ୍ଣ ତୀର ପରି ଭେଦ କରିପକାଇଲା। ଚେୟାର ପଛକୁ ଆଉଜି ଆକର୍ଷିତ ହୋଇ ସିଆଡ଼କୁ ଚାହିଁଲେ। ଏତିକିବେଳେ ପତଳା ପବନ ଅଦୃଶ୍ୟ ଚାଦର ପରି ମହମହ ଦଲକାଏ ଭରା ବଉଳର ବାସ୍ନାରେ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିପକାଇଲା ତାଙ୍କ ମନ ମଗଜକୁ। ଆମ୍ର ପତ୍ରର ଗହଳ ଭିତରେ ଚେଷ୍ଟା କରି ସୁଦ୍ଧା କୋଇଲିର ଦର୍ଶନ ତାଙ୍କୁ ପ୍ରାପ୍ତ ହେଲା ନାହିଁ ସତ, ହେଲେ ମନ କିପରି ଗୋଟେ ବିଭୋର ଅନ୍ୟମନସ୍କତା ଭିତରକୁ ଟାଣିହୋଇ ଯାଉଥିଲା। ଆଖି ମୁଦିହୋଇ ପଡ଼ିଲା ଛାଇଛାଇକା ସ୍ୱପ୍ନାବିଷ୍ଟତାରେ।

ସେ ଦେଖୁଥିଲେ, ଭରା ବଉଳର ବାସ୍ନାସବୁ ଏକାଠି ମିଶି ତାଙ୍କ ଚାରିପଟେ ଟିକି ଚଢ଼େଇର କିଚିରି ମିଚିରି ଶବ୍ଦ କରି ଘୂରି ବୁଲୁଛନ୍ତି। ସେମାନଙ୍କ ସହ ସାମିଲ ହେଉଛନ୍ତି ଆସି ଗଦାଗଦା ପତ୍ରିକାରୁ ବାହାରି ଅସଂଖ୍ୟ ଛାପା ଅକ୍ଷର ସବୁ। କ୍ରମଶଃ ତାହା ଘୂର୍ଣ୍ଣିର ରୂପନେଇ ତାଙ୍କୁ ଶୂନ୍ୟକୁ ଉଠାଇନେବା ପରି ଏକ ଅଲଗା ଦୁନିଆ ଆଡ଼େ ଭସାଇ ନେଉଛନ୍ତି। ଚାରିପଟକୁ ଚାହିଁ ଦେଖୁଥାନ୍ତି ଚିତ୍ରମୟତାର ଏକ ବିସ୍ମୟ ଜଗତ। ଛବିଳ। ବର୍ଣ୍ଣିଳ। ରଙ୍ଗମୟ। ସ୍ୱରମୟ। ଶବ୍ଦମୟ। ବାଙ୍ମୟ ଏକ ଅପୂର୍ବ ଜଗତ। ସେଠି ତା'ରି ପରି ଆହୁରି କେତେ ନା କେତେ ଭାସମାନ ମୁହଁ। ସମସ୍ତଙ୍କ ମୁହଁ ଜଞ୍ଜାଳ ଓ ବିଷାଦକୁ ଜୟ କରି ଉତ୍‌ଫୁଲ୍ଲିତ ସକାଳର ବାସ ପରି ସତେଜତାରେ ଭରା। ଏକ ସର୍ଜନାଦୀପ୍ତ ପୁଲକରେ ଉଦ୍‌ଭାସିତ। ସେ ଅନୁଭବ କରୁଥିଲେ ତାଙ୍କ ମୁହଁରେ ବି ସେପରି କିଛି ସୁଖ ଚମକର ଆଭା ବୋଳି ହୋଇଯାଇଛି। ଅଜାଣତରେ ସେହି ଅତୀନ୍ଦ୍ରିୟ ଆବେଶ ମଧ୍ୟରେ ଛାଏଁ ହାତକୁ ଉଠାଇ ନିଜ ମୁହଁକୁ ସ୍ପର୍ଶ କରିବାକୁ ଚେଷ୍ଟା କଲେ। ଚାଉଁକିନା ଭାଙ୍ଗିଗଲା ତାଙ୍କ ଛାଇ ନିଦଟା।

ହଠାତ୍ ଦରଆଉଜା ଦାଣ୍ଡ କବାଟକୁ ଠେଲି ଡାକବାଲା ମାର୍ଥାବାବୁ ପଶି ଆସିଲେ ଭିତରକୁ। ଏପରି ଧସେଇ ପଶିଆସିବା ତାଙ୍କର ପୁରୁଣା ଅଭ୍ୟାସ। ଆଜିକାଲି ତ ପାଠକୀୟ ଅଭିମତ ଚିଠିରେ ଆସିବା ବନ୍ଦ ହେଇଯାଇଛି। ଯାହା ଆସୁଛି ମେଲ୍ କିମ୍ବା ହ୍ୱାଟ୍ସଆପ୍‌ରେ। କାଁ ଭାଁ ପୋଷ୍ଟକାର୍ଡ ଖଣ୍ଡେ ଆସେ। ନ ହେଲେ ପତ୍ରିକା ପାଇଁ କେଉଁ ଲେଖକ ଲେଖିକାଙ୍କ ହାତଲେଖା। ସେଦିନ ସେସବୁ ଭିତରୁ କିଛି ନଥିଲା। ରେଜିଷ୍ଟ୍ରି ଡାକରେ ଲଫାପା ଖଣ୍ଡେ କାଢ଼ି ଟେବୁଲରେ ରଖିଲେ ମାର୍ଥାବାବୁ। ଉଦ୍ଦିଷ୍ଟ କାଗଜରେ ଦସ୍ତଖତଟେ କରାଇ ଚାଲିଗଲେ।

ଆଗ୍ରହର ସହ ଲଫାପା ଉପରେ ଆଖି ପକାଇଲେ ସେ। ଆସିଥିଲା ସନ୍ଧ୍ୟା ଚାରିଟେବୁଲ ଟ୍ରଷ୍ଟରୁ। ଏକ ବହୁ ପ୍ରତିଷ୍ଠିତ କମ୍ପାନୀର ସାଂସ୍କୃତିକ ବିଭାଗ। ଆଗ୍ରହର ଆତିଶଯ୍ୟରେ ଭିତରେ ଥିବା ଚିଠିକୁ ଖୋଲି ବସିଲେ। ସେହି କାଗଜରେ ଭରି ରହିଥିଲା ବିସ୍ମିତ କରିଦେବା ପରି ସୂଚନା। ଚଳିତବର୍ଷର ମର୍ଯ୍ୟାଦାଜନକ ସନ୍ଧ୍ୟା ସୃଜନ ପୁରସ୍କାର ପାଇଁ ସିଏ ହିଁ ମନୋନୀତ ହୋଇଥିଲେ। ଆସନ୍ତା ତିରିଶ ତାରିଖ ରବୀନ୍ଦ୍ର ମଣ୍ଡପରେ ଏକ ସ୍ୱତନ୍ତ୍ର ସଭାରେ ମାନପତ୍ର ସହ ପାଞ୍ଚ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିବା ପାଇଁ ସାଦର ଆମନ୍ତ୍ରଣ।

ଆନନ୍ଦରେ ତାଙ୍କ ଦୁଇ ଆଖିରୁ ଝରି ଆସୁଥାଏ ଦୁଇଧାର ଲୁହ। ଭିତର ଘରୁ କୃଷ୍ଣପ୍ରିୟାଙ୍କର ପାଟି ଶୁଭୁଥାଏ, ''ଶୁଣୁଛ... ସେପରି ଖାଲିଟାରେ ଆଦୌ ବସନି; ସନତ କଥା କ'ଣ ଜଲ୍‌ଦି ଚିନ୍ତା କରୁଛ କର!''

ବଂଶୀଧରଙ୍କର ଧ୍ୟାନ ନଥାଏ ସେହି କଥାକୁ। ସେ ଏକାଗ୍ର ଭାବରେ ଝରକା ସେପଟକୁ ଚାହିଁ କିଛି ସମୟ ଆଗରୁ ତାଙ୍କୁ ଆଚ୍ଛାଦିତ କରିଥିବା ସେହି ଅଦ୍ଭୁତ ଭାବାବେଗକୁ ଖୁରି ଚାଲିଥିଲେ। ଅଦିନ ଶ୍ରାବଣ ପରି ତାଙ୍କ ଆଖିରୁ ଝରୁଥିବା ଭାବର ଅଶ୍ରୁ ଥମିବାର ନାଁ ଧରୁ ନ ଥାଏ।

ମୋ: ୯୬୫୮୮୧୦୨୪୪

## ପୁସ୍ତକ ପରିଚୟ

### ବାଟୋଇ



(ମହାପୂଜା-୨୦୨୪)
ସାଇଜ୍- ଡବଲ ଡିମାଇ
**ପୃଷ୍ଠା:** ୨୦୦, **ମୂଲ୍ୟ:** ଟ.୧୫୦/-

'ବାଟୋଇ' (ମହାପୂଜା-୨୦୨୪)ରେ ଛୋଟ 'ସମ୍ପାଦକୀୟ'ଟିଏ ଲେଖିଛନ୍ତି ପତ୍ରିକାର ସମ୍ପାଦକ ଶତ୍ରୁଘ୍ନ ତରାଇ, ହେଲେ ଛୋଟ କବିତାଟିଏ ପରି ଏହାର ଆବେଦନ ଶକ୍ତିଶାଳୀ ହୋଇଛି। ପ୍ରଥମ ଧାଡ଼ି 'ଚଢ଼େଇଟି ଫେରିଯାଏ ଗଛ ଉପରେ ତା'ର ଠିକଣା ଥୋଇଦେଇ।' କବିତାରେ ଶରତ ଓ ଦେବୀଙ୍କର ବନ୍ଦନା। ପ୍ରବନ୍ଧ ଓ ସମାଲୋଚନା ବିଭାଗରେ ନଟବର ଶତପଥୀ, ବେଣୁଧର ପାଢ଼ୀ, ସୁଶୀଳ କୁମାର ବାଗ୍; କାବ୍ୟ କବିତାରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସଦାଶିବ ଦାସ, ଅପର୍ଣ୍ଣା ମହାନ୍ତି, ହେମନ୍ତ କୁମାର ରାଉତ, ବାସୁଦେବ ସୁନାନୀ, ସୁରେଶ କୁମାର ନାୟକ, ପ୍ରହ୍ଲାଦ ଶତପଥୀ, ତ୍ରିନାଥ ସିଂହ, ସୂର୍ଯ୍ୟ ମିଶ୍ର ଓ ପବିତ୍ର ମୋହନ ଦାସ ; ଗଳ୍ପରେ ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ତରୁଣ କୁମାର ସାହୁ ଓ କାଶୀନାଥ ନନ୍ଦୀ ; ଗୀତି କବିତାରେ ନନ୍ଦକିଶୋର ସିଂହ, ହଂସନାଥ ମୁଦୁଲି, ଧନଞ୍ଜୟ ସ୍ୱାଇଁ ଓ ଶରତଚନ୍ଦ୍ର ରଥ ପ୍ରମୁଖ ବହୁ ବିଶିଷ୍ଟ ଓ ତରୁଣ ଲେଖିକାଲେଖକଙ୍କ ଲେଖା ସ୍ଥାନିତ ହୋଇଛି। କବି ଆଶୁତୋଷ ପରିଡ଼ାଙ୍କ ସହ ସୁଜାତା ସାହାଣି ଓ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କ ସହ ଲକ୍ଷ୍ମୀ ଚାନ୍ଦଙ୍କ ସାକ୍ଷାତ୍‌କାର ପତ୍ରିକାଟିର ମାନ ବୃଦ୍ଧିରେ ସହାୟକ ହୋଇଛି। 'ପ୍ରଚ୍ଛଦ' ଅଭିନବ ଓ ସୃଜନଦୀପ୍ତ।

### କାବ୍ୟଲୋକ



(ଶାରଦୀୟ ସଂଖ୍ୟା-୨୦୨୪)
ସାଇଜ୍- ୧/୮ ଡିମାଇ
**ସମ୍ପାଦକ:** ଭିକାରୀ ଧଳ
**ମୂଲ୍ୟ:** ଟ.୨୦୦/-

ଭିକାରୀ ଧଳଙ୍କ ସମ୍ପାଦନାରେ କାବ୍ୟଲୋକ ପୂଜାସଂଖ୍ୟା ପ୍ରକାଶିତ ହୋଇଛି। ସମ୍ପାଦକୀୟରେ 'ସମୟର କଥା: କବି ଓ କବିତା' ସ୍ଥାନିତ ହୋଇଥିବା ବେଳେ 'କାବ୍ୟାନୁଭବ: କବିତାର ଜୀବନ: କେତେ ମନନ କେତେ ଦହନ', 'କାବ୍ୟଚର୍ଚ୍ଚା'ରେ 'କବିତାର କଥା'- ରତ୍ନାକର ରାଉତ, 'କାବ୍ୟ ଆଲୋଚନା'ରେ ହିମାଂଶୁ ପରିଡ଼ା ଓ ଡ. ଗିରିଜା ଶଙ୍କର ଶର୍ମା ପ୍ରମୁଖ ରହିଛନ୍ତି। ବିମୁଗ୍ଧ ବାଙ୍ମୟତାରେ 'ଝିଅ: ଯମୁନା ନଈ'- ହୃଷୀକେଶ ମଲ୍ଲିକ, 'ଜୀବନଯାପନର ଆଜିକାଲି ପାଇଁ'- ଅମରେନ୍ଦ୍ର ଖଟୁଆ, 'ଭୂଇଁଜନ୍ଦା'- ଡ. ଗୌତମ ଜେନା, 'ସ୍ମୃତିର ସଂଳାପ'- କୁମୁଦ ଚନ୍ଦ୍ର ଦାଶ, 'ରତ୍ନଭଣ୍ଡାର'- କମଳ କୁମାର ମହାନ୍ତି ଓ 'କଲ୍ଲୋଳିତ ଭାଗ୍ୟଫଳ'- ମନୋଜ ପଟ୍ଟନାୟକ ପ୍ରମୁଖଙ୍କ କବିତା ପ୍ରକାଶିତ ହୋଇଛି। କାବ୍ୟ ଆଲୋଚନାରେ ଡ. ନିବେଦିତା ମହାନ୍ତି, ନକୁଳ ଚନ୍ଦ୍ର ସାହୁ ଓ ଡ. ତ୍ରିନାଥ ମଲ୍ଲିକ ପ୍ରମୁଖଙ୍କ ଲେଖା ସ୍ଥାନିତ ହୋଇଛି। ବିମୁଗ୍ଧ ବାଙ୍ମୟତା(ନାରୀସ୍ୱର)ରେ ମମତା ଦାଶ, ମନୋରମା ବିଶ୍ୱାଳ ମହାପାତ୍ର, ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖଙ୍କ ଲେଖା ପ୍ରକାଶିତ। ସେହିପରି ବିମୁଗ୍ଧ ବାଙ୍ମୟତା, ସେ ଦେଶର କବି, ପ୍ରତିବେଶୀ କବି, ଗୀତି କବି ଓ କବିତା ଏବଂ କାବ୍ୟ ମୂଲ୍ୟାୟନ ଆଦି ବିଭାଗର ଉଚ୍ଚାଙ୍ଗ ଉପସ୍ଥାପନା ଦ୍ୱାରା ପତ୍ରିକାଟି ଋଦ୍ଧିମନ୍ତ। 'ପ୍ରଚ୍ଛଦ' ବିରଳ, ସୌନ୍ଦର୍ଯ୍ୟ ଓ ବୁଦ୍ଧିମତ୍ତାର ସମନ୍ୱୟରେ ଉଜ୍ଜ୍ୱଳ।

## ସହଜ ଉପାୟ

**ମିନି କଥା**

**ଶିବ ମିଶ୍ର**

ସିଏ ତିଅଣଗିନାକୁ ପୋଛିପାଛି ହାତପାପୁଲି, ଆଙ୍ଗୁଠି, ନଖସନ୍ଧିକୁ ଚାଟୁଥିବା ବେଳେ ତାଙ୍କ ସ୍ତ୍ରୀ କହିଲେ- ତିଅଣ ସାମାନ୍ୟ ଲୁଣି, ଅଲଣି, ରାଗ, ଅରାଗ ହେଲେ ତମେ ଖାଉ ନଥିଲ। ଆଜି ତିଅଣ ଟିକିଏ ପୋଡ଼ି ଯାଇଥିଲେ ବି ତମେ ଜାଣିପାରିଲନି କେମିତି? ସେକଥା ଜାଣିବା ପାଇଁ ତମେ ସମୟ ଦେଲ ନାହିଁ ବୋଲି ସ୍ୱାମୀ କହିବାରୁ ସ୍ତ୍ରୀ କହିଲେ- ମୁଁ କ'ଣ କଲି? ସ୍ୱାମୀ କହିଲେ- ତମେ ମୋ' ଆଗରେ ବସିଥିଲ ପରା। ସ୍ତ୍ରୀ ପଚାରିଲେ- ସେଇଠୁ? ସ୍ୱାମୀ କହିଲେ- ସେଇଠୁ ମୋ' ମନ ଧ୍ୟାନ ଚଇତନ ତିଅଣ ଆଡକୁ ନ ଯାଇ ତମ ମୁହଁରେ ଲାଖିରହିଲା। ଆଉ ମୁଁ ଭାବୁଥିଲି...। ସ୍ତ୍ରୀ କହିଲେ- ତମେ ଯାହା ଭାବୁଥିଲ ଭାବୁଥାଅ, ହେଲେ ମୁଁ ଆଜି ଜାଣିଗଲି, ଅସୁଆଦ ତିଅଣକୁ ସୁଆଦ କରିବାର ସହଜ ଉପାୟ।

ମୋ: ୯୮୫୩୦୭୦୦୧୮

## କବିତା

### ଶିଢ଼ି

**ଅକ୍ଷୟ ପାତ୍ର**

ଊର୍ଦ୍ଧ୍ୱଗ ସାଜି ଅଭିଳଷିତ ଶିଖରେ
ଥାନ ପାତିବାକୁ, ବୋଧି ନଭେ
ତଲ୍ଲୀନ ହେବାକୁ, ନୀଳଶୈଳର ଆକର୍ଷଣରେ
ପଙ୍ଗୁତ୍ୱ ଏଡ଼ି ଗିରି ଲଙ୍ଘିଯିବାକୁ
ହୁଏତ ଲୋଡ଼ାପଡୁଥାଏ ଶିଢ଼ି!
(ଉତ୍ତାନପାଦ ପ୍ରତ୍ୟୟର ଉତ୍‌ପ୍ରେରକ ଘଡ଼ି!)

ଶିଢ଼ି ଯେ, ଏକ ଅସ୍ୱୀକୃତ ଇତିହାସ
(ପଙ୍ଗୁ ଗିରି ଲଙ୍ଘିବାର)
ଏକ ସ୍ୱଳ୍ପ-ଚର୍ଚ୍ଚିତ ମାର୍ଗଦର୍ଶକ
(ଶିଖରାରୋହଣକାମୀ ଉତ୍ତାନପାଦର)
ଏକ ପୁଲକପ୍ରଦ ଆଶ୍ୱାସ
(ସ୍ଥୂଳତ୍ୱରୁ ମୁକ୍ତିକାମୀ ଅନ୍ତରାତ୍ମାର)
ଏ କଥା ବୁଝି ନ ଥିବା ନିର୍ବୋଧ
କି କେବେ ଚଢ଼ିପାରେ ତା'କୁ, ସସୀମତା
ଓ ଅଳୀକତାର ବନ୍ଧନ ନ ଫେଡ଼ି?

ଆହା! ଶିଢ଼ି ଯେ ଏକ ଉତ୍‌ପ୍ରେରକ ଘଡ଼ି
ଯାହା କାଳାବଧି ଆହ୍ୱାନ ଦେଉଥାଏ ବାଡ଼ି
ଊର୍ଦ୍ଧ୍ୱଗ ସାଜି, ପ୍ରତ୍ୟୟର ସହ
ଅଦୃଶ୍ୟରେ ଦୃଶ୍ୟମୟ
ଦୃଶ୍ୟାତୀତେ ଦୃଶ୍ୟର ବହର
ସତ୍ୟ ଓ ସୁନ୍ଦରର ସମ୍ଭାବନା ଓ ଉତ୍ତରଣର
ପାବଚ୍ଛ ପରେ ପାବଚ୍ଛ ଅକାତରେ ଯିବାକୁ ଚଢ଼ି!

ମୋ: ୭୦୭୭୯୮୪୯୬୦

### ମୋ ଜାଣତରେ

**ଓଁକାର ମିଶ୍ର**

ଅନ୍ଧାର ମୋତେ ଏତେ ଭଲ ଲାଗେ ଯେ,
ତୁମକୁ ଆଦରି ଜୀବନ ଅନ୍ଧକାରକୁ ଠେଲିଦେଲି,
ଅନିଚ୍ଛା ସତ୍ତ୍ୱେ କଳା ମଚମଚ ପିଚୁ ରାସ୍ତାର ସେ
ମରୀଚିକା ପଛରେ ଧାଇଁଲି।
ଅସରନ୍ତି ମରୁଭୂମି ଜାଣି ମଧ୍ୟ ତୃଷ୍ଣା ମେଣ୍ଟାଇବାକୁ
ତୁମକୁ ଅତିକ୍ରମର ଦୁଃସାହସ କଲି।

ବୁନ୍ଦା ବୁନ୍ଦା ହୋଇ ବହିଚାଲିଥିବା ଯେ,
ଝାଳ ନୁହେଁ ଲହୁ ବୁଝିବା ବେଳକୁ,
ଶେଷବିନ୍ଦୁ ଟିକକ ତୁମେ ଶୋଷି ସାରିଥିଲ।
ମୋ' ରକ୍ତ ତୁମର ଏତେ ପସନ୍ଦ ଜାଣି ମଧ୍ୟ
ମୁଁ ନିସ୍ତେଜ ହୋଇ ତୁମ ତୃଷ୍ଣା ମେଣ୍ଟାଇଲି।

ଶେଷରେ ବନ୍ଧକ ସାଜିଲି,
ଅସୀମିତ ଆକାଶର ଲୋଭ ଦେଖାଇ
ତମେ ପଞ୍ଜୁରିରେ ବନ୍ଦୀ କରି ରଖିଲ,
ଆଉଁଶିବା ଆଳରେ କେତେବେଳେ
ଡେଣା ଯେ କାଟିଦେଲ
ଉଡ଼ିବାର ସତ ଚେଷ୍ଟାରେ
ଧୀରେ ଧୀରେ ଶାନ୍ତ ହୋଇଗଲି।

ମୋ: ୭୦୦୮୩୪୮୦୮୩

### ମୁଠାଏ ଦୀର୍ଘଶ୍ୱାସରେ

**ଡା. ମନୋରଞ୍ଜନ ଦାଶ**

ଉଙ୍କୁଡ଼ିଯାଉଚି ଏଠି ନିଷ୍କପଟ ଆବେଗ।
ଚିମୁଟାଏ ଆତ୍ମୀୟତାରେ ଭରପୂର ଛଳନା।
ହିଂସ୍ରଜନ୍ତୁଙ୍କଠାରୁ ଖୁବ୍ ଭୟଙ୍କର ଏଠି ମଣିଷ।
ଦରଦୀ ପ୍ରାଣଟିଏ ଏଠି କାହିଁ?

ଛାତିର ହସ ନାହିଁ, ଖାଲି ଯାହା ପାଟିର ହସ।
ଉଚ୍ଛ୍ୱାସ ଏଠି ଦୀର୍ଘଶ୍ୱାସର ଶେଯରେ!
ଅବୋଧ ଏଠି ଜୀବନ ଚଳଣି।
ପ୍ରେମର ଛଳଛଳପଣଟିଏ କାହିଁ?

ବିଶ୍ୱାସର କୂଳ ଛୁଇଁବାକୁ ଭୟ ଘାରୁଚି ତାକୁ।
ସ୍ୱପ୍ନ ବି ଆଉ ମନରେ ଆସୁନି!
ସମ୍ପର୍କର ଅତୁଆସୂତା ଛିଣ୍ଡିଛିଣ୍ଡି ଯାଉଚି...
ସମୟ ତା' ବାଟରେ, ଚିରାଚରିତ ଧାରାରେ
ଚାଲୁଚି ଆଗକୁ ଆଗକୁ
ଜୀବନର ପୃଷ୍ଠା ଓଲଟାଇବାକୁ
ଦମ୍ଭଟି ଭାଙ୍ଗିପଡୁଚି।

ନିଦାଘ, ବର୍ଷା କି ଶୀତ
ଏ ସବୁକୁ ସହି ବହି
ଦୀର୍ଘଶ୍ୱାସର ପିଣ୍ଡାରେ ବସି
ସେ ନିଜକୁ ପଢୁଚି ବସି, ଏକାନ୍ତରେ।

ମୋ: ୯୪୩୭୩୧୭୭୨୨

ଦିବଂଗତ କବି ହରିହର ସାହୁଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ତାଙ୍କର କବିତାଗ୍ରନ୍ଥ 'ଜୀବନ ମରଣ ସଖା'ର ପ୍ରଥମ ସ୍ମରଣୀୟ କବିତା...

### ଜୀବନ ମରଣ ସଖା

ଦିଅ ସେ ସ୍ୱର୍ଗୀୟ ଜ୍ୟୋତି ଘନଘୂର୍ଣ୍ଣ ଅନ୍ଧକାରେ
ଦିଅ ଜ୍ୟୋତି ଦିଶୁ ମୋତେ ପଥ
ଘନକୃଷ୍ଣ ଅନ୍ଧକାର, ଆବାସ ମୋ ବହୁ ଦୂର
ନ ହୁଏ ମୁଁ ହୀନ ପଥଭ୍ରାନ୍ତ।
'ଅସୀମ ଏ ତବ ରେଖା'
ତୁମେ ଏକା ମୋର ଜୀବନ ମରଣ ସଖା।୧।
କେବେ ନ ଥିଲି ଏପରି ଯାଏ ମୋ ମସ୍ତକ ଘୂରି
ଏତେ ଦିନେ ହେଲି ପଥହରା
ସଂସାରର ହଳାହଳ ଘୃଣ୍ୟ ବିଷୟ ଜଞ୍ଜାଳ
ପ୍ରେମେ ଅଟେ ମୁହିଁ ଆତ୍ମହରା
'ଶୁଭ ଯୋଗେ ତୁମ ଦେଖା'
ତୁମେ ଏକା ମୋର ଜୀବନ ମରଣ ସଖା।୨।
ଦେଉଥିବ ଯେବେ ତୁମେ ସରଗର ନିରିମଳ
ପୀୟୂଷ ପ୍ରବାହ କ୍ଷୀଣ ଜ୍ୟୋତି
ଶତ ନରକର ସ୍ରୋତେ ଯାଉଥିଲେ ଭାସି ସୁଦ୍ଧା
ଏ ଜୀବନ ଉଠିବ ଉଦ୍‌ଭାସି
'ସ୍ୱର୍ଗଧାମେ ହେବ ଦେଖା'
ତୁମେ ଏକା ମୋର ଜୀବନ ମରଣ ସଖା।୩।

(୧୯୪୬ ମସିହାରେ ଲିଖିତ)
(କବିଙ୍କ ଜନ୍ମ : କାର୍ତ୍ତିକ ଶୁକ୍ଳ ଏକାଦଶୀ, ୧୯୨୪,
ମୃତ୍ୟୁ : ମାଘ ଶୁକ୍ଳ ନବମୀ, ୨୦୦୩)

## କାଳକାଳକୁ



''ପୃଥିବୀରେ ଖୁବ୍ କମ୍ ଲୋକ ଜୀବନ ବଞ୍ଚନ୍ତି, ଅଧିକାଂଶ କେବଳ ଜିଇଥାନ୍ତି।''
– ଓସ୍କାର ୱାଇଲ୍ଡ

**ଓସ୍କାର ୱାଇଲ୍ଡଙ୍କ** ଜନ୍ମ ୧୬ ଅକ୍ଟୋବର ୧୮୫୪ରେ ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଓ ପରଲୋକ ୩୦ ନଭେମ୍ବର ୧୯୦୦ରେ, ଫ୍ରାନ୍ସର ପ୍ୟାରିସ୍‌ରେ। ସେ ଏକାଧାରରେ କବି, ଔପନ୍ୟାସିକ ଓ ନାଟ୍ୟକାର। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ମଧ୍ୟରେ 'ଦ ପିକ୍‌ଚର ଅଫ୍ ଡୋରିଆନ୍ ଗ୍ରେ' ଓ 'ଦ ଇଂପର୍ଟାନ୍ସ ଅଫ୍ ବିଙ୍ଗ୍ ଆର୍‌ନେଷ୍ଟ' ଉପନ୍ୟାସ ଦ୍ୱୟ ଅନ୍ତର୍ଭୁକ୍ତ। ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରେ ଓସ୍କାର ଥିଲେ ଲଣ୍ଡନର ସବୁଠୁଁ ଲୋକପ୍ରିୟ ନାଟ୍ୟକାର। ସେ କହନ୍ତି: 'ଜଣେ ଭଲ ବନ୍ଧୁ ସବୁବେଳେ ଆଗରୁ ଛୁରି ମାରେ'। ଏବଂ କହନ୍ତି: 'ମୁଁ ସ୍ୱର୍ଗକୁ ଯିବାକୁ ଚାହେଁ ନାହିଁ। ସେଠାରେ ମୋର କୌଣସି ବନ୍ଧୁ ନାହାନ୍ତି।'

## ସମ୍ବନ୍ଧ

**ମୂଳ ହନ୍ଦୀ- ଡା. ଲତା ଅଗ୍ରୱାଲ**
**ଅନୁସୃଜନ-ମନୋଜ କୁମାର ବେହେରା**

ଆଜି ଶୁଭାଙ୍ଗୀର ବାହାଘର ଥିଲା। ସେ ମା'ବାପାଙ୍କର ଗୋଟିଏ ବୋଲି ଝିଅ। ତେଣୁ ତା' ବାପା ତା' ପାଇଁ ବହୁତ ମୂଲ୍ୟବାନ୍ ଜିନିଷ, ଗହଣା, ଡ୍ରେସ୍ ଇତ୍ୟାଦି କିଣିଥିଲେ। ତଥାପି ଶୁଭାଙ୍ଗୀ ମୁହଁରେ ହସ ଟିକିଏ ନଥିଲା। ବାହାଘରବେଳେ ଯେମିତି ଗୋଟିଏ ନୂଆ ବାହାହେଉଥିବା ଝିଅର ଖୁସି ହେବା ଦରକାର। କାରଣ ସେ ତା' ମା'ବାପାଙ୍କର ଗୋଟିଏ ବୋଲି ସନ୍ତାନ ଥିଲା। କାଶ୍! ମୋର ଗୋଟିଏ ଭାଇ ଥାଆନ୍ତା! ମୋ' ବାହାଘରରେ ମୋତେ ଆଉ ମୋ' ମା'ବାପାଙ୍କୁ କେତେ ସାହାଯ୍ୟ କରିଥା'ନ୍ତା! ଆଉ ତା' ଯିବା ପରେ ସେ ମା'ବାପାଙ୍କର ଦେଖାଶୁଣାର ଭାର ତା' ହାତରେ ଦେଇ ଶାଶୁଘରକୁ ଯାଇଥା'ନ୍ତା! ଏବେ ମା'ଙ୍କର ବୟସ ହେଇଗଲାଣି ଆଉ ବାପାଙ୍କର ହୃଦ୍‌ରୋଗ ଅଛି, ତାକୁ ଖାଲି ଏହି ଚିନ୍ତା ଘାରୁଥିଲା। ହଠାତ୍ ମା' ତା' ପାଖକୁ ଆସି ତା' ହାତକୁ ଟିକିଏ ହଲେଇ ଦେଇ କହିଲେ, ଆରେ ମା'! ତୁ ପ୍ରସ୍ତୁତ ହୋଇ ସାରିଛୁ ତ! କିଛି ସମୟ ଭିତରେ ବରଯାତ୍ରୀ ଆସିଯିବେ।

ହଁ... ମା', ଟିକିଏ ଉଦାସ ଭାବରେ କହିଲା। ମା' ଠିକ୍ ଝିଅର ଦୁଃଖକୁ ବୁଝି ପାରୁଥିଲେ କିନ୍ତୁ କିଛି କରିପାରିଲେ ନାହିଁ, କାହିଁକି ନା ବରଯାତ୍ରୀ ଦୁଆର ପାଖକୁ ଆସି ଯାଇଥିଲେ। କିନ୍ତୁ ଅଚାନକ ଘର ସାମ୍ନାରେ ଚାରିଜଣ ଯୁବକ ବର ଗାଡ଼ି ସାମ୍ନାରେ ଏମିତି ନାଚିଲେ, ସମସ୍ତେ ମୁଗ୍ଧ ହୋଇ ଦେଖୁଥିଲେ, ଆଉ ବରଯାତ୍ରୀ ମଧ୍ୟ ବହୁତ ଖୁସିଥିଲେ। ବାଃ... ଭାଇ! ତୁମର ବନ୍ଧୁମାନେ ତ ପୂରା ପରିବେଶକୁ ଆନନ୍ଦମୟ କରିଦେଲେ। ଶୁଭାଙ୍ଗୀର ମାମୁ ଏ କଥା କହୁଥିଲେ।

ଆରେ ଏମାନେ ତ ଆମର ସାଥୀ ନୁହନ୍ତି... ଆମକୁ ଜଣାନାହିଁ ଏମାନେ କିଏ? ସେମାନଙ୍କର ଏମିତି କଥା ଶୁଣି ଝିଅଘର ଲୋକମାନଙ୍କ ଚେହେରାରେ ଚିନ୍ତାର ଛାୟା ଖେଳିଗଲା। ଯୁବକ ଚାରିଜଣ ଯେତେବେଳେ ଏହା ଦେଖିଲେ ସେମାନେ ହସିହସି କହିଲେ- ଆପଣ ଚିନ୍ତା କରନ୍ତୁନି, ଆମେ ଚାରିଜଣ ଶୁଭାଙ୍ଗୀର ଭାଇ। କଥା କ'ଣ କି ବହୁତ କଷ୍ଟରେ ଆମକୁ ଛୁଟି ମିଳିଲା, ସେଥିପାଇଁ ଟିକିଏ ଡେରି ହୋଇଗଲା ପହଞ୍ଚିବାରେ। ଆଉ ଆମେ ଆସି ଦେଖିଲାବେଳକୁ ବରଯାତ୍ରୀ ଆସି ଦୁଆର ପାଖରେ ପହଞ୍ଚିଲେଣି। ଆମେ ଭାବିଲୁ କି ଭିଣୋଇଙ୍କୁ ଟିକିଏ ଭଲରେ ସ୍ୱାଗତ କରିବା, ସେଥିପାଇଁ ନାଚିଲୁ। ଏବେ ଚାଲ ଟିକିଏ ଭଉଣୀ ଶୁଭାଙ୍ଗୀଙ୍କୁ ଦେଖାକରି ଆସିବା। ହଁ...ହଁ...ଚାଲ! ଆରେ କିଏ ଆମକୁ ଶୁଭାଙ୍ଗୀର ରୁମ୍ ପର୍ଯ୍ୟନ୍ତ ନେଇପାରିବ? ସମସ୍ତେ ଭିତର ଆଡ଼କୁ ଚାଲିଲେ, ଆଉ ଯେମିତି ଶୁଭାଙ୍ଗୀର ସାମ୍ନାରେ ଛିଡ଼ା ହୋଇଗଲେ ତାଙ୍କୁ ଦେଖି ଶୁଭାଙ୍ଗୀ ଆଖିରେ ଲୁହ ଭରିଗଲା। ଆରେ ଜେସନ୍ ଭାଇ, ବ୍ରିଜେସ ଭାଇ, ଶଫିକ୍ ଭାଇ, ଜସବିନ୍ଦର ଭାଇ ତୁମେମାନେ ପୁଣି ଏଠି... ବିନା ସୂଚନାରେ... ମୁଁ ତ ଭାବିଥିଲି ତୁମେମାନେ ଏ ଭଉଣୀକୁ ଭୁଲିଯାଇଛ!

ଆରେ କି କଥା କହୁଛ ଅପା, ଚାରିଚାରିଟା ଭାଇ ଥାଇ ତୁ ଏମିତି କାହିଁକି ଭାବୁଛୁ। ଭାଇ! ଆପଣମାନେ ଆସିବାର ସୂଚନା କାହିଁକି ଦେଲେନି? କାହିଁକି ନା ସୀମାରେ ଏହି ସମୟରେ ଅଶାନ୍ତି ଲାଗିରହିଛି, ଆମେ କମାଣ୍ଡରଙ୍କୁ ଏହି ବିଶ୍ୱାସ ଦେଇ ଆସିଛୁ କି ଭଉଣୀକୁ ବିଦାକରି ଶୀଘ୍ର ଫେରିଆସିବୁ। ଆଉ ଆସିବା ପରେ ଡବଲ ଡ୍ୟୁଟି କରି ଆମେ ଆମର ସମୟକୁ ଆଡ୍‌ଜଷ୍ଟ କରିଦେବୁ। ଶୁଭାଙ୍ଗୀର ମା' ସେ ସମୟରେ ସେଇଠି ଉପସ୍ଥିତ ଥିଲେ। ଏସବୁ ଶୁଣି ତାଙ୍କ ଆଖିରୁ ମଧ୍ୟ ଲୁହ ଝରୁଥିଲା। ଆରେ ମା'! ତୁ ଏମାନଙ୍କ ବିଷୟରେ ମୋତେ କେବେ କହିନୁ!

ମା'! କରୋନା ସମୟରେ ମୁଁ ଆଉ ଅପର୍ଣ୍ଣା ସୀମାରେ ମୁତୟନ ଥିବା ସୈନ୍ୟମାନଙ୍କୁ ରାଖୀ ପଠେଇବା ପାଇଁ ମନ କରିଥିଲୁ। ମୁଁ ରାଖୀ ସହିତ ଗୋଟିଏ ଚିଠି ମଧ୍ୟ ଲେଖିଥିଲି, ମୋର କୌଣସି ଭାଇ ନାହାନ୍ତି... ଆପଣମାନେ କ'ଣ ମୋ'ର ଭାଇ ହେବେ?



ମା'! ମୋତେ ଜଣେ ନୁହ, ବରଂ ଚାରିଜଣ ଭାଇ ମିଳିଛନ୍ତି... ଦେଖୁନ! ମୁଁ ସବୁବର୍ଷ ଏମାନଙ୍କୁ ରାଖୀ ତ ପଠେଇଥାଏ... ସେତେବେଳେ ଶୁଭାଙ୍ଗୀର ଜଣେ ସମ୍ପର୍କୀୟା ତା' ପାଖକୁ ଆସି ଧୀର ସ୍ୱରରେ ତା' କାନରେ କହିଲେ, ଶୁଭାଙ୍ଗୀ! ସମ୍ବନ୍ଧ ପର୍ଯ୍ୟନ୍ତ ଠିକ୍ ଥିଲା... କିନ୍ତୁ ୟେ ଜସବିନ୍ଦର, ଜେସନ୍, ଶଫିକ୍, ବ୍ରିଜେସ ଇଏ ସବୁ ଆମ ଧର୍ମର ତ? ତାଙ୍କ କଥା ପୂରା ହେବା ପୂର୍ବରୁ ଶୁଭାଙ୍ଗୀ କହିଲା, ମାଉସୀ ଯେତେବେଳେ ହସ୍ପିଟାଲରେ ରୋଗୀକୁ ରକ୍ତର ଆବଶ୍ୟକ ପଡ଼ିଥାଏ, ସେତେବେଳେ ତୁମେ କ'ଣ ଧର୍ମକୁ ଦେଖିଥାଅ, ସେ ରକ୍ତ କାହାର... ସେମିତି ମାଉସୀ ସୀମାରେ କେବଳ ସୈନିକ ରହିଥାଏ। ହିନ୍ଦୁ, ମୁସ୍‌ଲିମ, ଶିଖ୍, ଇସାଇ ନଥାନ୍ତି। ସେମାନେ ସମସ୍ତେ ଭାଇ-ଭାଇ ହୋଇଥା'ନ୍ତି। ହିନ୍ଦୁ, ମୁସ୍‌ଲିମ, ଶିଖ୍, ଇସାଇ ନୁହେଁ...

ମୋ: ୭୯୭୮୮୩୦୬୧୧

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୨୪ Bhubaneswar, Saturday, November 30/ 2024

# ସ୍ୱାଗତ ସୌରଭ ଓଡ଼ିଶା ଅଧିନାୟକ

**ଭୁବନେଶ୍ୱର,୨୯।୧୧(ସରୋଜ ଜେନା):** ବିସିସିଆଇର ୧୬ ବର୍ଷରୁ କମ୍ ବୟସ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ଓଡ଼ିଶା କ୍ରିକେଟ ଦଳ ଘୋଷଣା କରାଯାଇଛି। ୧୬ ଜଣିଆ ଦଳରେ ସ୍ୱାଗତ ସୌରଭ ମିଶ୍ରଙ୍କୁ ଅଧିନାୟକ ରଖାଯାଇଛି। ମୁଖ୍ୟ ଚୟନକର୍ତ୍ତା ନଟରାଜ ବେହେରା ଓ ମୁଖ୍ୟ କୋଚ୍ ଅସଜିତ୍ ଜୟପ୍ରକାଶମ୍ ଏକ ଖବରଦାତା ସମ୍ମିଳନୀରେ ଏହି ଦଳ ଘୋଷଣା କରିଥିଲେ। ଆସାମ, ଗୁଜରାଟ, ମଣିପୁର, ହରିୟାଣା ଓ ଉତ୍ତର ପ୍ରଦେଶ ସହିତ ଓଡ଼ିଶା ଗୋଟିଏ ଗ୍ରୁପରେ ସ୍ଥାନ ପାଇଥିବା ବେଳେ ଗ୍ୱାଲିୟରରେ ଏହା ସମସ୍ତ ମ୍ୟାଚ୍ ଖେଳିବ।

**ଓଡ଼ିଶା ଦଳ:** ସ୍ୱାଗତ ସୌରଭ ମିଶ୍ର (ଅଧିନାୟକ), ଆୟାନ ନାୟକ (ଉଇକେଟ କିପର), ଅସିମ ବରାଡ, ଆୟୁଷ ରଞ୍ଜନ ମନ୍ତ୍ରୀ, ଚନ୍ଦୀପ ସିଂ ରିଆର, ଦିବ୍ୟାଂଶୁ ନାୟକ, କୌସ୍ତିକ ମହାନ୍ତି, କ୍ରିଷ୍ଣା ସାମଲ, ମହେଶ କୁମାର ସାହୁ, ପୀୟୂଷ ବଳିଆର ସିଂ, ପ୍ରନ୍ତିକ ପ୍ରିୟାଂଶୁ ନାୟକ(ଉଇକେଟ କିପର), ପ୍ରିୟରଞ୍ଜନ ନାୟକ, ରାଜ ଯାଦବ, ରୋଶନ ଚୌଧୁରୀ, ସତ୍ୟଜିତ ସାହୁ ଓ ସୌମ୍ୟରଞ୍ଜନ ସିଂ।

# ହାଇବ୍ରିଡ୍ ମଡେଲ୍‌କୁ ପାକିସ୍ତାନର ନା

**ଦୁବାଇ,୨୯।୧୧(ପି.ଟି.)**

## ଶନିବାର ପୁନର୍ବାର ବୈଠକ




ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଖେଳିବାକୁ ପାକିସ୍ତାନ ଯିବାପାଇଁ ଭାରତ ମନା କରୁଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ଆଇସିସି କୋର୍ଟରେ ରହିଛି ବଲ୍। ଆଇସିସି ମଧ୍ୟସ୍ଥତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ହାଇବ୍ରିଡ୍ ମଡେଲକୁ ନେଇ ପାକିସ୍ତାନ ଅନିଚ୍ଛା ଜାହିର କରିଛି। ନିଜ ନିଷ୍ପତ୍ତିରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଅଟଳ ରହିଥିବାରୁ ବୈଠକକୁ ସ୍ଥଗିତ ରଖାଯାଇଛି। ପିସିବି ମୁଖ୍ୟ ମୋହସିନ୍ ନକ୍‌ଭୀ ଏହି ବୈଠକରେ ଉପସ୍ଥିତ ରହିଥିବା ବେଳେ ବିସିସିଆଇ ସମ୍ପାଦକ ଜୟ ଶାହା ଭର୍ଚୁଆଲ ମୋଡରେ ଭାଗ ନେଇଥିଲେ। ଭାରତୀୟ କ୍ରିକେଟ ଦଳ ପାକିସ୍ତାନକୁ ନ ଯିବା ଜିଦ୍‌ରେ ଅଟଳ ରହିଛି। ପିସିବି ମଧ୍ୟ ନିଜ ନିଷ୍ପତ୍ତିରେ ଅଟଳ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳି ନ ଥିବା କାରଣରୁ ପାକିସ୍ତାନ ଗସ୍ତରେ ଯିବାକୁ ଭାରତୀୟ କ୍ରିକେଟ ଦଳ ଅନିଚ୍ଛା ପ୍ରକାଶ କରିଛି। ଶନିବାର ଦିନ ଆଇସିସି ମଧ୍ୟସ୍ଥତାରେ ଉଭୟ ଦେଶର କ୍ରିକେଟ ବୋର୍ଡ ମଧ୍ୟରେ ପୁନର୍ବାର ବୈଠକ ହେବ। ଏପରି କି ଆଗାମୀ କିଛି ଦିନ ପାଇଁ ଏହି ବୈଠକ ଜାରି ରହିବ ବୋଲି ଜଣାପଡିଛି।

ସୁରକ୍ଷା ଦୃଷ୍ଟିକୋଣରୁ ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯିବା ଅନୁଚିତ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପ୍ରକାଶ କରିଛି। ବିସିସିଆଇ ପକ୍ଷରୁ ମଧ୍ୟ ନିଜର ମତ ଉପସ୍ଥାପନ କରାଯାଇଛି। ସୁରକ୍ଷା ଚିନ୍ତା ରହିଥିବାରୁ ଭାରତୀୟ ଦଳ ପାକିସ୍ତାନ ଯିବାର କୌଣସି ସମ୍ଭାବନା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ପିସିବି ମୁଖ୍ୟ ନକ୍‌ଭୀ ବିଗତ କିଛିଦିନ ହେବ ଦୁବାଇରେ ଅବସ୍ଥାନ କରୁଛନ୍ତି। ଅନ୍ୟପକ୍ଷରେ ଟିଭି ରାଇଟ୍ସ ହାତେଇଥିବା ଜିଓ ଷ୍ଟାର ପକ୍ଷରୁ ଏହାକୁ ନେଇ ଅସହମତି ବ୍ୟକ୍ତ କରାଯାଇଛି। ଦେଶ ବାହାରକୁ ଟୁର୍ନାମେଣ୍ଟ ଯିବା ଦ୍ୱାରା ଅତିରିକ୍ତ ଖର୍ଚ୍ଚର ଚାପ ପଡ଼ିବ ବୋଲି ଆଇସିସି ନିକଟରେ ଅଭିଯୋଗ କରିଛି ଜିଓ ଷ୍ଟାର। ସେହିପରି ହାଇବ୍ରିଡ ମଡେଲରେ ଟୁର୍ନାମେଣ୍ଟ ହେବା ଦ୍ୱାରା ଜିଓ ଷ୍ଟାର ସହ ହୋଇଥିବା ବିଲିୟନ ଡଲାରର ଚୁକ୍ତି ମଧ୍ୟ ଆଇସିସି ହରାଇବାର ସମ୍ଭାବନା ରହିଛି। ତେବେ ଯଦି ଟୁର୍ନାମେଣ୍ଟ ସମ୍ପୂର୍ଣ୍ଣ ଭାବରେ ସ୍ଥାନାନ୍ତରିତ ହୁଏ ତେବେ ପିସିବିକୁ ୩୫ ମିଲିୟନ ଡଲାରର କ୍ଷତି ସହିବାକୁ ହେବ। ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ମଧ୍ୟରେ ଏହି ଟୁର୍ନାମେଣ୍ଟ ଶେଷ କରିବାକୁ ହେବ। ଏହାପରେ ସବୁ ଦଳ ଗୁଡ଼ିକର ଦ୍ୱିପାକ୍ଷିକ ସିରିଜ୍ ନିର୍ଦ୍ଧାରିତ ରହିଛି।

# ଜାତୀୟ ଜୁନିୟର ଫେନ୍‌ସିଂ ପାଇଁ ଓଡ଼ିଶା ଦଳ ଘୋଷିତ



ଜାତୀୟ ଜୁନିୟର ଫେନ୍‌ସିଂ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

ଡିସେମ୍ବର ୧ରୁ ୫ ପର୍ଯ୍ୟନ୍ତ ବିହାରର ପାଟନାଠାରେ ଜାତୀୟ ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗତ ୨୩ରୁ ୨୯ ପର୍ଯ୍ୟନ୍ତ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପକୁ ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ କୁମାର ସେଠ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ରୋଶନ ସାହୁ, ଅନ୍ୟାଶା ରାଉତ ଏବଂ କରିସ୍ମା ରାଉତ ପରିଚାଳନା କରିଥିଲେ । କ୍ୟାମ୍ପରେ ମୋଟ ୩୦ ଖେଳାଳି ଯୋଗଦେଇଥିଲେ। ସେଥିମଧ୍ୟରୁ ୧୯ ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ କ୍ୟାମ୍ପର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଖେଳାଳିମାନଙ୍କୁ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ। ରାଜ୍ୟ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏବଂ ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂଦେଓ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ (ବାଳକ): ନିଶାଙ୍କ ଶେଖର ପଟେଲ, ଆଦିତ୍ୟ ଶର୍ମା, ରୀତିଶ କୁମାର ପରିଡା, ସାହିଲ ଗଡ଼ତିଆ, ଅଭିନାଶ ସ୍ୱାଇଁ, ସୁଦୀପ ନାଏକ, ମାନସ ପ୍ରଧାନ, ଆୟୁଷସୁମନ୍ତ ଦାସ, ରୋହନ ଦାସ, ମହେଶ୍ୱର ନାଏକ। ଓଡ଼ିଶା ଦଳ (ବାଳିକା): ଝରଣା ସେଠ, ଜିଜ୍ଞାସା ମହାନ୍ତି, ଅଦବିକା ଗୁପ୍ତା, ପାୟଲ ବିଶ୍ୱାଳ, ଆସ୍ଥା ଗଜେନ୍ଦ୍ର ରୀତିକା ସାହୁ, ଶବନମ ଜାଲ, ସୁଲଗ୍ନା ଶେଉଳ, ବଂଶୀକା ସ୍ୱାଇଁ। କୋଚ୍: ଅନ୍ୱେଷା ରାଉତ, ନିତୀନ ସ୍ୱାଇଁ, ଜ୍ୟୋତି ରଞ୍ଜନ ଠାକୁର।

## ୧୯ ବର୍ଷରୁ କମ୍ ଜାତୀୟ ଟି୨୦ ବଧିର କ୍ରିକେଟ

# ଓଡ଼ିଶା ଦଳ ଚାମ୍ପିୟନ




୧୯ ବର୍ଷରୁ କମ୍ ଜାତୀୟ ଟି୨୦ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ଟି୨୦ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୩୪ ରନରେ ହରିୟାଣାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିଲା। ଜବାବରେ ହରିୟାଣା ୧୭.୪ ଓଭରରେ ୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶାର ରାଜେଶ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗତ ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକରେ ଟ୍ରେନିଂ/କୋଚିଂ କ୍ୟାମ୍ପ ନଭେମ୍ବର ୧୯ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରଞ୍ଜନ ସାହୁ (ଅଧିନାୟକ), ଜୀତେନ ନାୟକ (ଉପ-ଅଧିନାୟକ), ଅଂଶୁମାନ ସାହୁ, ସ୍ମୃତିରଞ୍ଜନ ମହାରଣା, ସ୍ମୃତିରଞ୍ଜନ ବାରିକ, ପୂର୍ଣ୍ଣ ବେହେରା, ବାବୁଲା ମହାନନ୍ଦ, ଭରତ ବେହେରା, ରୁଦ୍ର ପ୍ରସାଦ ବେହେରା, ଜ୍ଞାନରଞ୍ଜନ ପଣ୍ଡା, ନୀତୀଶ ବେହେରା, ରାଜେଶ ସାହୁ, ଆଦିତ୍ୟ ନାରାୟଣ ବରଦ ଓ ଶନିଥ ଶେଟ୍ଟି ଓଡ଼ିଶା ଦଳର ସଦସ୍ୟ ଥିବାବେଳେ ସାଗରକାନ୍ତ ସେନାପତି କୋଚ୍ ଓ ଶଶି ଭୂଷଣ ମହାନ୍ତି ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ।

# ଆଞ୍ଜେଲଙ୍କ ଶତକରେ ଓଡ଼ିଶା ବିଜୟୀ

**ଭୁବନେଶ୍ୱର,୨୯।୧୧(ସରୋଜ ଜେନା):** ରାୟପୁରର ଆର୍‌ଡିସିଏ ଗ୍ରାଉଣ୍ଡରେ ଖେଳା ଯାଇଥିବା ୧୫ ବର୍ଷରୁ କମ୍ ବାଳିକା ଜାତୀୟ ଦିନିକିଆ ମ୍ୟାଚ୍‌ରେ ଝାଡଖଣ୍ଡକୁ ୧୧୩ ରନ୍‌ରେ ପରାସ୍ତ କରିଛି ଓଡ଼ିଶା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୩୫ ଓଭରରେ ୪ ଉଇକେଟ ହରାଇ ୨୦୨ ରନ୍ କରିଛି। ଜବାବରେ ଝାଡଖଣ୍ଡ ୨୮.୧ ଓଭରରେ ୮୯ ରନ୍‌ରେ ସମସ୍ତ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଆଞ୍ଜେଲ ରାଜ ୮୫ ବଲ୍ ଖେଳି ୧୦୬ ରନ୍ କରିଥିଲେ। ଏହି ଇନିଂସରେ ୧୭ ଚୌକା ମାରିଥିଲେ ଆଞ୍ଜେଲ। ଅନ୍ୟମାନଙ୍କ ମଧ୍ୟରେ ଶୀତଲ ରାଉତ ୩୩ ରନ୍ କରିଥିଲେ। ଝାଡଖଣ୍ଡ ପକ୍ଷରୁ ପ୍ରାଚୀ ପ୍ରଧାନ ୨ ଓ ଇଶିକା ଦୀପକ ୧ ଉଇକେଟ ନେଇଥିଲେ। ବ୍ୟାଟିଂରେ ଝାଡଖଣ୍ଡ ପକ୍ଷରୁ ସୁରଭି କୁମାରୀ ୧୯ ଓ କିଞ୍ଜଲ ସିଂ ୧୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଚିରଶ୍ରୀ ରାଉତ ୩ ଓ ଯୁବାଲିପା ପରିଡା ୧ ଉଇକେଟ ନେଇଥିଲେ।

## ବିଶ୍ୱ ଚେସ୍ ଚାମ୍ପିୟନଶିପ୍

# ପଏଣ୍ଟ ବାଣ୍ଟିଲେ ଗୁକେଶ

**ସିଙ୍ଗାପୁର,୨୯।୧୧(ପି.ଟି.):** ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଡ୍ର ରଖିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ତୃତୀୟ ରାଉଣ୍ଡରେ ପ୍ରଥମ ବିଜୟ ହାସଲ କରିଥିବା ଡି. ଗୁକେଶ ଏହି ମେଗା ପ୍ରତିଯୋଗିତାରେ ଏହି ମ୍ୟାଚ ଡ୍ର ରଖିଛନ୍ତି। ଫଳରେ ଉଭୟ ଖେଳାଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ସମାନ ସ୍ଥିତିରେ ରହିଛନ୍ତି। ସର୍ବକନିଷ୍ଠ ଚ୍ୟାଲେଞ୍ଜର ଭାବରେ ଗୁକେଶ ଏହି ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି। ଶୁକ୍ରବାର ଗୁକେଶ କଳା ଗୋଟିରେ ଖେଳିଥିଲେ। ୪୨ ମୁଭ ପରେ ଉଭୟ ଖେଳାଳି ଡ୍ର ପାଇଁ ସହମତି ପ୍ରକାଶ କରିଥିଲେ। ଉଭୟଙ୍କ ମଧ୍ୟରେ ଯିଏ ପ୍ରଥମେ ୭.୫ ପଏଣ୍ଟ ହାସଲ କରିବେ ସେ ଏହି ସମ୍ମାନଜନକ ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ। କଳା ଗୋଟିରେ ଖେଳୁଥିବା ଗୁକେଶଙ୍କ ନିକଟରେ ଶେଷ ଆଡ଼କୁ ବିଜୟୀ ହେବାର ସୁଯୋଗ ଆସିଥିଲା। ତେବେ କଳା ଗୋଟିରେ ବିଜୟ ସମ୍ଭବ ହୋଇ ନ ଥିବା ବେଳେ ଡ୍ର'ରେ ସନ୍ତୁଷ୍ଟ ରହିଥିଲେ ଗୁକେଶ। ଉଲ୍ଲେଖଯୋଗ୍ୟ ଯେ, ଚମତ୍କାର ଫର୍ମରେ ଥିବା ଗୁକେଶ ଅପ୍ରତ୍ୟାଶିତ ଭାବରେ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ପରବର୍ତ୍ତୀ ରାଉଣ୍ଡ ମ୍ୟାଚ ଡ୍ର ରହିଥିବା ବେଳେ ତୃତୀୟ ରାଉଣ୍ଡରେ ଗୁକେଶ ବିଜୟୀ ହୋଇଥିଲେ।

# ଦ୍ୱିତୀୟ ଦିବସରେ କିଟ୍‌କୁ ୫ ପଦକ

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

## ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ

କିଟ୍-କିସ୍ ସୁଇମିଂ କମ୍ପ୍ଲେକ୍ସରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀମାନେ ୫ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ସାମିଲ। ଏହାକୁ ମିଶାଇ କିଟ୍ ସନ୍ତରଣକାରୀଙ୍କ ପଦକ ସଂଖ୍ୟା ୧୦ରେ ପହଞ୍ଚିଛି। ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ସ୍ୱର୍ଣ୍ଣ ଓ ରିଥିଭିକା ମିଡାପଲ୍ଲୀ ରୌପ୍ୟ ପଦକ ପାଇଛନ୍ତି। ମହିଳା ୪x୧୦୦ ମିଟର ମିଡ୍‌ଲେ ରିଲେରେ ଫିରଦୋଶ କାୟାମକାନି, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ନିଲବ୍‌ଜା ଘୋଷ ଓ ରିଥିଭିକା ମିଡାପଲ୍ଲୀଙ୍କୁ ନେଇ ଗଠିତ କିଟ୍ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ୧୦୦ ମିଟର ବଟରଫ୍ଲାଏ ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ନିଲବ୍‌ଜା ଘୋଷ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପ୍ରତି ଇଭେଣ୍ଟର ଶ୍ରେଷ୍ଠ ୧୬ ସନ୍ତରଣକାରୀ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହା ଚେନ୍ନାଇର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ନେଟ୍ସକୁ ଫେରିଲେ ଗିଲ୍

**କାନବେରା,୨୯।୧୧(ପି.ଟି.):** ବର୍ଡର-ଗାଭାସ୍କର ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ପୂର୍ବରୁ ହେୟାର ଲାଇନ୍ ଫ୍ରାକ୍‌ଚର କାରଣରୁ ବାଦ୍ ପଡିଥିବା ଶୁବମନ ଗିଲ୍ ଶୁକ୍ରବାର ନେଟ୍ସରେ ଅଭ୍ୟାସ ଆରମ୍ଭ କରିଛନ୍ତି। ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଗିଲ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ୍ ଖେଳିଥିଲେ। ଆଡିଲେଡ୍‌ରେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଶନିବାର ଭାରତ ଅଭ୍ୟାସ ମ୍ୟାଚ ଖେଳିବ। ପ୍ରଧାନମନ୍ତ୍ରୀ ଏକାଦଶ ସହିତ ୨ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ। ଏହା ପୂର୍ବରୁ ଶୁକ୍ରବାର ଗିଲ୍ ନେଟ୍ସରେ ନଜର ଆସିଛନ୍ତି। ନେଟ୍ସରେ ଦୀର୍ଘ ସମୟ ଧରି ସେ ଯଶ ଦୟାଲ ଓ ଆକାଶ ଦୀପଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ଗିଲ୍‌ଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଓପନ କରିଥିବା ବେଳେ ଦେବଦତ୍ତ ପଡିକଲ୍ ୩ ନମ୍ବରରେ ବ୍ୟାଟିଂ କରିଥିଲେ। ରାହୁଲ ଚମତ୍କାର ବ୍ୟାଟିଂ କରିଥିବା ବେଳେ ଗିଲ୍ ପ୍ରତ୍ୟାବର୍ତ୍ତନରେ ନିଜ ଚିରାଚରିତ ସ୍ଥାନରେ ବ୍ୟାଟିଂ କରି ନ ପାରନ୍ତି। ରୋହିତ ଇନିଂସ ଓପନ କଲେ ରାହୁଲ ୩ ଓ ଗିଲ୍ ୫ ନମ୍ବରରେ ବ୍ୟାଟିଂ କରିବେ। ଅନ୍ୟପକ୍ଷରେ ଯଦି ରୋହିତ ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ରାହୁଲ ଓପନିଙ୍ଗ ଓ ଗିଲ୍ ୩ ନମ୍ବରରେ ବ୍ୟାଟିଂ କରବାର ସମ୍ଭାବନା ସୃଷ୍ଟି ହୋଇଛି।

# କିଟ୍ ଟେନିସ୍ ଦଳ ଫାଇନାଲରେ



କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଟେନିସ ଦଳ।

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

ଜୟପୁରର ମଣିପାଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ (ପୁରୁଷ) ପ୍ରତିଯୋଗିତାର ସେମିଫାଇନାଲରେ କିଟ୍ ଦଳ ପ୍ରବେଶ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳ କ୍ୱାର୍ଟର ଫାଇନାଲରେ କୁରୁକ୍ଷେତ୍ରକୁ ୩-୦ ଓ ପ୍ରଥମ ସେମିଫାଇନାଲରେ ମଣିପାଲ ବିଶ୍ୱବିଦ୍ୟାଳୟକୁ ୩-୧ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଦ୍ୱିତୀୟ ସେମିଫାଇନାଲରେ କେଏଲ୍‌ଇଏଫ୍ ୩-୧ରେ ମଣିପୁର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି।

# ସର୍ବଭାରତୀୟ ବେସାମରିକ ଲନ୍‌ଟେନିସ

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

ରାଜସ୍ଥାନର ଜୟପୁରଠାରେ ସର୍ବଭାରତୀୟ ବେସାମରିକ ଲନ୍-ଟେନିସ ପ୍ରତିଯୋଗିତା ଡିସେମ୍ବର ୧୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ଛତ୍ରପୁରସ୍ଥିତ ସର୍କିଟ ହାଉସ ଟେନିସ କୋର୍ଟରେ ଡିସେମ୍ବର ୧ ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରିବାକୁ ପଡ଼ିବ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଜଣାଇଛନ୍ତି। ଖେଳାଳି ଚୟନ ସମୟରେ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟ ପତ୍ର ସହ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ଓ ଲନ୍ ଟେନିସ ରାକେଟ ଆଣିବାକୁ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ଓଡ଼ିଶାର ହ୍ୟାଟ୍ରିକ୍ ପରାଜୟ

**ଭୁବନେଶ୍ୱର,୨୯।୧୧(ସରୋଜ ଜେନା)**

ଅପେକ୍ଷାକୃତ ଦୁର୍ବଳ ଦଳ ପୁଡୁଚେରୀ ନିକଟରୁ ଶୁକ୍ରବାର ୧୬ ରନ୍‌ରେ ହାରି ଆନ୍ଧ୍ରପ୍ରଦେଶରେ ଖେଳାଯାଉଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ହ୍ୟାଟ୍ରିକ ପରାଜୟ ବରଣ କରିଛି ଓଡ଼ିଶା। ପୁଡୁଚେରୀ ୬ ଓଭରରେ ୨ ଉଇକେଟ ବିନିମୟରେ ୯୧ ରନ୍ କରିଥିଲା। ଜବାବରେ ଓଡ଼ିଶା ସମାନ ଓଭରରେ ୩ ଉଇକେଟ ହରାଇ ୭୫ ରନ କରିଥିଲା। ପୁଡୁଚେରୀ ପକ୍ଷରୁ ଅରୁଣ କାର୍ତ୍ତିକ ୩୫ ରନ୍ କରିଥିଲେ। ସେହିପରି ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର ଅପରାଜିତ ୩୩ ରନ୍ କରିଥିଲେ।

## ଶୁଭ୍ରାଂଶୁଙ୍କ ଅର୍ଦ୍ଧଶତକ

ମଧ୍ୟପ୍ରଦେଶ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ସେନାପତି ଅର୍ଦ୍ଧଶତକ ହାସଲ କରି ରାଜକୋଟରେ ବେଙ୍ଗଲ ବିପକ୍ଷରେ ନିଜ ଦଳକୁ ଜିତାଇଛନ୍ତି। ବେଙ୍ଗଲ ୨୦ ଓଭରରେ ୯ ଉଇକେଟରେ ୧୮୯ ରନ କରିଥିଲା। ମଧ୍ୟପ୍ରଦେଶ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୯୦ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ସେନାପତି ୩୩ ବଲ୍‌ରୁ ୫୦ ଓ ରଜତ ପଟିଦାର ୪୦ ବଲ୍‌ରୁ ୬୮ ରନ୍ କରିଥିଲେ।

# ଏସ୍‌ଜିଏଫ୍‌ଆଇ ରୋଲର ସ୍କେଟିଂ

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**




ଅତିଥିଙ୍କ ସହ ଏସ୍‌ଜିଏଫ୍‌ଆଇ ରୋଲର ସ୍କେଟିଂରେ ଅଂଶଗ୍ରହଣକାରୀ ଖେଳାଳିମାନେ।

ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ରୋଲର ସ୍କେଟିଂ ଚାମ୍ପିୟନଶିପ୍ ପ୍ରଥମଥର ପାଇଁ ଓଡ଼ିଶାରେ ସଫଳତାର ସହ ଆୟୋଜନ ହୋଇଯାଇଛି। ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ୨୦୨୪-୨୫ କ୍ୟାଲେଣ୍ଡର ବର୍ଷପାଇଁ ରୋଲର ସ୍କେଟିଂକୁ ଏକ କ୍ରୀଡ଼ାଭାବେ ଅନୁମୋଦନ କରିଛନ୍ତି। ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ (ଓଏସ୍‌ଏସ୍‌ଏସ୍‌ଏ) ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିୟନଶିପ୍ ଗତ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଆଇଆର୍‌ସି ନୟାପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କ ସ୍କେଟିଂ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ମାଧ୍ୟମିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ (ପିଇ) ଜ୍ୟୋତି ରଞ୍ଜନ ପରିଡ଼ା, ଭୁବନେଶ୍ୱର ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ନିରୁପମା ମଙ୍ଗରାଜ ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ବୁଦ୍ଧ ଜୟନ୍ତୀ ପାର୍କରେ ଅତିଥିଭାବେ ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଥିଲେ। ଆଇଆରସି ନୟାପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ମନୋରଞ୍ଜନ ମଲିକ ମୁଖ୍ୟ ଅତିଥି ଏବଂ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଖୋର୍ଦ୍ଧା ଜିଲା ଅଧିକାରୀ ବିଶ୍ୱନାଥ ତରାଇ, ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ବେହେରା, ୟୁନିଟ-୬ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ସେନାପତି, ୟୁନିଟ-୮ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରିମା ଦାସ ଓ ୟୁନିଟ-୩ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କିଶୋର ଲେଙ୍କା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା, ଗଜପତି, ଗଞ୍ଜାମ ଓ ଭୁବନେଶ୍ୱର ଜିଲାରୁ ପିଲାମାନେ ଏଥିରେ ଅଂଶଗ୍ରହଣ କରିଥିଲେ।




ଉତ୍ତର ପ୍ରଦେଶର ଅଲିଗଡ଼ରେ ଅନୁଷ୍ଠିତ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଥିବା ଓଡ଼ିଶା ବାଳିକା ଦଳ।

# ବାଳିକା, ବାଳକ ବର୍ଗରେ ଓଡ଼ିଶା ରନରଅପ୍

**ଭୁବନେଶ୍ୱର, ୨୯।୧୧ (ତପନ ସ୍ୱାଇଁ)**

## ଜାତୀୟ ଜୁନିୟର ଖୋ ଖୋ

ଉତ୍ତର ପ୍ରଦେଶର ଅଲିଗଡ଼ସ୍ଥିତ ମହାରାଣୀ ଅହିଲ୍ୟାବାଈ ହୋଲକାର ସ୍ପୋର୍ଟ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରି ଓଡ଼ିଶା ଦଳ ଉଭୟ ବାଳିକା ଓ ବାଳକ ବର୍ଗରେ ରନରଅପ୍ ହୋଇଛି। ସେମିଫାଇନାଲ ପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶାର ବାଳକ ଦଳ ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ମହାରାଷ୍ଟ୍ରଠାରୁ ୨୯-୩୩ ଓ ବାଳିକା ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ନିକଟରୁ ୨୦-୨୪ରେ ପରାସ୍ତ ହୋଇଛି। ଓଡ଼ିଶାର ଲିସା ରାଣୀ ଶ୍ରେଷ୍ଠ ଆଟାକର ଏବଂ ବାପି ମୁର୍ମୁ ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ସେମିଫାଇନାଲରେ ଓଡ଼ିଶା ବାଳିକା ଦଳ କୋହ୍ଲାପୁରକୁ ୩୧-୨୧ ଓ ବାଳକ ଦଳ କର୍ନାଟକକୁ ୩୨-୨୦ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ